ଧରିତ୍ରୀ 52 Years
ଧରିତ୍ରୀ DHARITRI
ଭୁବନେଶ୍ୱର, ବୁଧବାର, ଡିସେମ୍ବର ୧୦/୨୦୨୫ (୧୪ ପୃଷ୍ଠା) | Bhubaneswar, Wednesday, December 10/2025 | Page 14 | ₹ 7.00 | BERHAMPUR
୫୨ଶ ଭାଗ ୧୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 52 ISSUE 17 | ମୂଲ୍ୟ ₹୭/-

# ବାରବାଟୀରେ ଭାରତର ଦମ୍‌ଦାର ବିଜୟ

କଟକ,୯।୧୨(ଅନାଦି କର)

ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଦ୍ରୁତ ଅର୍ଦ୍ଧଶତକ ପରେ ବୋଲରଙ୍କ ଚମତ୍କାର ପ୍ରଦର୍ଶନ ବଳରେ ଭାରତ ବାରବାଟୀ ଷ୍ଟାଡିୟମରେ ମଙ୍ଗଳବାର ଅନୁଷ୍ଠିତ ଦକ୍ଷିଣ ଆଫ୍ରିକା ବିପକ୍ଷ ଟି୨୦ କ୍ରିକେଟ ମ୍ୟାଚରେ ଦମ୍‌ଦାର ବିଜୟ ହାସଲ କରିଛି। ଭାରତ ୨୦ ଓଭରରେ ୬ ଉଇକେଟ ହରାଇ ୧୭୫ ରନ କରିଥିବାବେଳେ ଦକ୍ଷିଣ ଆଫ୍ରିକା ୧୨.୩ ଓଭରରେ ୭୪ ରନକରି ଅଲ୍‌ଆଉଟ ହୋଇଛି। ଫଳରେ ଭାରତ ୪୫ ବଲ୍ ବାକିଥାଇ ୧୦୧ ରନରେ ମ୍ୟାଚ ଜିତିଛି। ଏଥିସହ ବାରବାଟୀରେ ଦକ୍ଷିଣ ଆଫ୍ରିକାଠାରୁ ପରାଜୟଧାରା ଭାଙ୍ଗିଛି ଟିମ୍ ଇଣ୍ଡିଆ। ପୂର୍ବରୁ ଏଠାରେ ଅନୁଷ୍ଠିତ ୨ଟି ଯାକ ମ୍ୟାଚରେ ଦକ୍ଷିଣ ଆଫ୍ରିକା ବିଜୟୀ ହୋଇଥିଲା। ଭାରତୀୟ ବୋଲରଙ୍କୁ ମୁକାବିଲା କରି ନ ପାରି କ୍ୱିଣ୍ଟନ ଡି'କକ୍ ଖାତା ଖୋଲିପାରି ନ ଥିବାବେଳେ ☞ପୃଷ୍ଠା-୪


ବାରବାଟୀ ଷ୍ଟାଡିୟମରେ ମଙ୍ଗଳବାର ଅନୁଷ୍ଠିତ ଟି୨୦ କ୍ରିକେଟ ମ୍ୟାଚରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଭାରତର ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ବ୍ୟାଟିଂ ପ୍ରଦର୍ଶନ। (ଫଟୋ: ରାଜକିଶୋର ମହାନ୍ତି)

# ଏସ୍‌ଆଇଆର୍: ସମାଧାନ ନ କଲେ ଅରାଜକତା ହେବ

## କାର୍ଯ୍ୟଚାପରେ ବିଏଲ୍‌ଓଙ୍କ ମୃତ୍ୟୁକୁ ନେଇ ସୁପ୍ରିମକୋର୍ଟଙ୍କ ଉଦ୍‌ବେଗ

ସମ୍ପ୍ରତି ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍)ର ଦ୍ୱିତୀୟ ପର୍ଯ୍ୟାୟ ପଶ୍ଚିମବଙ୍ଗ ସମେତ ୯ ରାଜ୍ୟ ଓ ୩ କେନ୍ଦ୍ରଶାସିତ ଅଞ୍ଚଳରେ ଚାଲିଛି। ଏହି ଦାୟିତ୍ୱ ତୁଲାଇବାରେ ବୁଥ୍‌ସ୍ତରୀୟ ଅଧିକାରୀ (ବିଏଲ୍‌ଓ)ମାନେ ବିଫଳ ହେଲେ ସେମାନଙ୍କ ବିରୋଧରେ ମାମଲା ରୁଜୁ କରିବାକୁ ନିର୍ବାଚନ କମିଶନ (ଇସି)ଙ୍କ ଅଧିକାରୀମାନେ ଧମକ୍ ଦେଉଥିବା ଅଭିଯୋଗ ଆସୁଛି। ଏପରିକି ଅନେକ ସ୍ଥଳେ ବିଏଲ୍‌ଓ ଭାବେ ନିୟୋଜିତ ଶିକ୍ଷୟିତ୍ରୀ/ଶିକ୍ଷକ ଓ ଅଙ୍ଗନୱାଡି କର୍ମୀ ଆତ୍ମହତ୍ୟା କରୁଥିବା ମଧ୍ୟ ଦେଖିବାକୁ ମିଳୁଛି। ସୁପ୍ରିମକୋର୍ଟ ମଙ୍ଗଳବାର ଏ ସମ୍ପର୍କିତ ଆବେଦନର ଶୁଣାଣି କରି ଗଭୀର ଚିନ୍ତାବ୍ୟକ୍ତ କରିଛନ୍ତି। ଏସ୍‌ଆଇଆର୍ କାର୍ଯ୍ୟଚାପଜନିତ ସ୍ଥିତିର ମୁକାବିଲା ସହ ଏହାର ସମାଧାନ ନ କଲେ ଅରାଜକତା ସୃଷ୍ଟି ହେବ ବୋଲି ଭାରତର ପ୍ରଧାନ ବିଚାରପତି (ସିଜେଆଇ) ସୂର୍ଯ୍ୟକାନ୍ତଙ୍କ ଖଣ୍ଡପୀଠ ଇସିଙ୍କୁ କଡ଼ା ଚେତାବନୀ ଦେଇଛନ୍ତି।

ନୂଆଦିଲ୍ଲୀ,୯।୧୨(ପି.ଟି./ଲାଇଭ୍‌ଲ)

ପଶ୍ଚିମବଙ୍ଗରେ ଏସ୍‌ଆଇଆର୍ ବେଳେ ପର୍ଯ୍ୟାପ୍ତ କେନ୍ଦ୍ରୀୟ ସଶସ୍ତ୍ର ପୋଲିସ ବଳ (ସିଏପିଏଫ୍) ମୁତୟନ ପାଇଁ ସନାତନୀ ସଂସଦ ନାମକ ଏକ ସଙ୍ଗଠନ ପକ୍ଷରୁ ସୁପ୍ରିମକୋର୍ଟରେ ଏକ ପିଟିଶନ ଦାଖଲ ହୋଇଛି। ବିଏଲ୍‌ଓ ଏବଂ ଅନ୍ୟ ଅଧିକାରୀମାନଙ୍କୁ ଧମକ ଦିଆଯିବା ସହ ସେମାନଙ୍କ ଉପରେ ହିଂସାତ୍ମକ ଆଚରଣ ମଧ୍ୟ କରାଯାଉଛି। ତେଣୁ ଏସ୍‌ଆଇଆର୍ କାର୍ଯ୍ୟରେ ନିୟୋଜିତ ଅଧିକାରୀମାନଙ୍କୁ ସୁରକ୍ଷା ଦେବା ପାଇଁ ଇସିଙ୍କୁ ନିର୍ଦ୍ଦେଶ ଦେବା ସକାଶେ ସନାତନୀ ସଂସଦର ଓକିଲ ଭି. ଗିରି ଅଦାଲତଙ୍କୁ ନିବେଦନ କରିଛନ୍ତି। ସିଜେଆଇ ସୂର୍ଯ୍ୟକାନ୍ତ ଓ ଜଷ୍ଟିସ୍ ଜୟମାଲା ବାଗ୍‌ଚୀଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହାର ଶୁଣାଣି ବେଳେ କହିଛନ୍ତି, ତୃଣମୂଳସ୍ତରରେ ଭୋଟର ତାଲିକାର ତ୍ରୁଟିଶୂନ୍ୟ ଏସ୍‌ଆଇଆର୍ ସୁନିଶ୍ଚିତ କରାଇବାକୁ ଆମେ ଚାହୁଁଛୁ। ତେବେ ଏସ୍‌ଆଇଆର୍ କାର୍ଯ୍ୟ ଚାଲିଥିବା ସମୟରେ ବିଏଲ୍‌ଓମାନଙ୍କୁ ଧମକ ଦିଆଯାଉଥିବା ଅଭିଯୋଗ ଆମ ଦୃଷ୍ଟିକୁ ଅଣାଯାଇଛି। ସହଯୋଗର ଅଭାବ ଯୋଗୁ ବିଏଲ୍‌ଓମାନଙ୍କ କାର୍ଯ୍ୟରେ ବାଧା ଉପୁଜୁଥିବା ଜାଣିବାକୁ ମିଳିଛି। ଏହାର ତ୍ୱରିତ ସମାଧାନ କରା ନ କଲେ ଅରାଜକତା ସୃଷ୍ଟିହେବ। ଏହାକୁ ଏଡ଼ାଇବା ପାଇଁ ସୁପ୍ରିମକୋର୍ଟ ଉପଯୁକ୍ତ ରାୟ ପ୍ରକାଶ କରିବେ ବୋଲି ଇସିଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିବା ବରିଷ୍ଠ ଆଇନଜୀବୀ ରାକେଶ ଦ୍ୱିବେଦୀଙ୍କୁ ଖଣ୍ଡପୀଠ ତାଗିଦ୍ କରିଛନ୍ତି। ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**
ଗାନ୍ଧୀ ବିଭାଜନକାରୀ

# ବଢ଼ିବ ବିଧାୟକ, ମନ୍ତ୍ରୀଙ୍କ ଦରମା

## ଗୃହରେ ବିଲ୍ ପାରିତ, ରାଜ୍ୟପାଳଙ୍କ ମୋହରକୁ ଅପେକ୍ଷା

ବିଧାୟକ, ମନ୍ତ୍ରୀ ଓ ବାଚସ୍ପତିଙ୍କ ଦରମା ବଢ଼ିବ। ଦରମା ବୃଦ୍ଧି ନେଇ ଦୀର୍ଘଦିନ ଧରି ହୋଇଆସୁଥିବା ଦାବି ସମ୍ପର୍କିତ ବିଲ୍ ମଙ୍ଗଳବାର ଓଡ଼ିଶା ବିଧାନସଭାରେ ପାରିତ ହୋଇଛି। ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ ଗୃହରେ ସଦସ୍ୟଙ୍କ ଦରମା ବୃଦ୍ଧି ସମ୍ପର୍କିତ ବିଲ୍ ଉପସ୍ଥାପନ କରିବା ପରେ ଏହାକୁ ସବୁ ଦଳର ସଦସ୍ୟମାନେ ସମର୍ଥନ ଜଣାଇଥିଲେ। ତେବେ ରାଜ୍ୟପାଳଙ୍କ ମୋହର ବାଜିବା ପରେ ଏହାକୁ ଲାଗୁ କରାଯିବ। ବିଧାୟକ, ମନ୍ତ୍ରୀ, ବାଚସ୍ପତି ଏବଂ ଉପବାଚସ୍ପତିଙ୍କ ଦରମା ସହ ଭତ୍ତା, ପେନ୍‌ସନ ଆଦି ବୃଦ୍ଧି କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ବର୍ଦ୍ଧିତ ଦରମା ଅନୁସାରେ ଏବେ ବିଧାୟକମାନେ ୩ଲକ୍ଷ ୪୫ହଜାର ଟଙ୍କା ଦରମା ପାଇବେ। ଏହି ବିଲ୍ ପାରିତ ହେବା ପରେ ଗୃହକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ ରଖାଯାଇଛି।

### ବର୍ଦ୍ଧିତ ମୋଟ ଦରମା

- ବିଧାୟକ - ୩ ଲକ୍ଷ ୪୫ ହଜାର
- କ୍ୟାବିନେଟ୍ ମନ୍ତ୍ରୀ - ୩ ଲକ୍ଷ ୬୨ ହଜାର
- ରାଷ୍ଟ୍ରମନ୍ତ୍ରୀ - ୩ ଲକ୍ଷ ୫୬ ହଜାର
- ବାଚସ୍ପତି - ୩ ଲକ୍ଷ ୬୮ ହଜାର
- ଉପବାଚସ୍ପତି - ୩ ଲକ୍ଷ ୫୬ ହଜାର
- ମୁଖ୍ୟମନ୍ତ୍ରୀ - ୩ ଲକ୍ଷ ୭୪ ହଜାର
- ଉପମୁଖ୍ୟମନ୍ତ୍ରୀ- ୩ ଲକ୍ଷ ୬୮ ହଜାର
- ବିରୋଧୀ ଦଳ ନେତା - ୩ ଲକ୍ଷ ୬୨ ହଜାର
- ସରକାରୀ ମୁଖ୍ୟ ସଚେତକ - ୩ ଲକ୍ଷ ୬୨ ହଜାର
- ଉପ ମୁଖ୍ୟ ସଚେତକ - ୩ ଲକ୍ଷ ୫୦ ହଜାର
- ପୂର୍ବତନ ବିଧାୟକ - ୧ ଲକ୍ଷ ୨୦ ହଜାର




ଭୁବନେଶ୍ୱର,୯।୧୨(ରବିନାରାୟଣ ଜେନା)

ବିଧାନସଭାରେ ମଙ୍ଗଳବାର ମଧ୍ୟାହ୍ନରେ ସଂସଦୀୟ ବ୍ୟାପାର ମନ୍ତ୍ରୀ ମହାଲିଙ୍ଗ ପ୍ରଥମେ ଓଡ଼ିଶା ବିଧାନସଭା ସଦସ୍ୟମାନଙ୍କ ଦରମା, ଭତ୍ତା ଓ ପେନ୍‌ସନ ସଂଶୋଧନ ପ୍ରସ୍ତାବ ବିଧେୟକ-୨୦୨୫ ଆଗତ କରିଥିଲେ। ଏହାପରେ ବାଚସ୍ପତି, ଉପବାଚସ୍ପତି ଓ ମନ୍ତ୍ରୀଗଣଙ୍କ ଦରମା ଏବଂ ଭତ୍ତା ସଂଶୋଧିତ ବିଧେୟକ ଆଗତ କରିଥିଲେ। ଏହିସବୁ ବିଧେୟକ ଆଗତ କରି ମନ୍ତ୍ରୀ କହିଥିଲେ, ରାଜ୍ୟରେ ଶେଷଥର ପାଇଁ ୨୦୧୭ରେ ସଦସ୍ୟମାନଙ୍କ ଦରମା, ଭତ୍ତାର ସଂଶୋଧନ କରାଯାଇଥିଲା। ବର୍ତ୍ତମାନର ମୁଦ୍ରାସ୍ଫୀତି ହାର ବୃଦ୍ଧି, ଦରମା ଓ ଭତ୍ତାକୁ ଦୃଷ୍ଟିରେରଖି ଉପଦେଷ୍ଟା କମିଟିର ସୁପାରିସକ୍ରମେ ସରକାର ଉପରୋକ୍ତ ନିଷ୍ପତ୍ତି ନେଇଛନ୍ତି। ଏହା ପାରିତ ହେଲେ ସଦସ୍ୟ ଓ ଅନ୍ୟମାନେ ବିଶେଷ ଭାବେ ଉପକୃତ ହୋଇପାରିବେ। ପୂର୍ବତନ ବିଧାୟକମାନେ ଚିକିତ୍ସା କ୍ଷେତ୍ରରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି, ଏହାଦ୍ୱାରା ସେମାନେ ଉପକୃତ ହେବେ। ସଂଶୋଧିତ ବିଧେୟକ ଉପରେ ମତ ରଖି ଶାସକ ଦଳ ବିଧାୟକ ଭାସ୍କର ମଢ଼େଇ କହିଥିଲେ, ସରକାର ଯେଉଁ ପ୍ରସ୍ତାବ ଆଣନ୍ତି, ତାହା ସ୍ୱାଗତଯୋଗ୍ୟ। ବିଧାୟକମାନେ ତୃଣମୂଳସ୍ତରରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଜରୁରୀ ସମୟରେ ଲୋକଙ୍କୁ ସହାୟତା କରିପାରୁନାହାନ୍ତି। ସରକାର ଯେଉଁ ନିଷ୍ପତ୍ତିନେଇଛନ୍ତି, ଏହାଦ୍ୱାରା ସାଧାରଣ ଲୋକେ ବିଶେଷ ଭାବେ ଉପକୃତ ହେବେ। ଆଲୋଚନାରେ ଭାଗନେବା ସହିତ ବିଧେୟକକୁ ସମର୍ଥନ ଜଣାଇ ସଦସ୍ୟ ସନାତନ ବିଜୁଳି ଓ ପୂର୍ଣ୍ଣଚନ୍ଦ୍ର ସେଠୀ, ଗଣେଶ୍ୱର ବେହେରା, ଦାଶରଥି ଗମାଙ୍ଗ, ରାମଚନ୍ଦ୍ର କାଡାମ, ପ୍ରମିଳା ମଲ୍ଲିକ ପ୍ରମୁଖ କହିଥିଲେ, ଅର୍ଥନୈତିକ ଓ ସାମାଜିକ ପରିସ୍ଥିତିରେ ଏହା ବଢ଼ିବାର ଆବଶ୍ୟକତା ରହିଛି। ସରକାରଙ୍କ ଏହି ନିଷ୍ପତ୍ତି ସମୟୋଚିତ ବୋଲି ସଦସ୍ୟମାନେ କହିଥିଲେ। ଏହି ଅବସରରେ ବାଚସ୍ପତି ସୁରମା ପାଢ଼ୀ ଗୃହରେ ଗୋଟି ଗୋଟି କରି ବିଧାନସଭା ସଦସ୍ୟ, ବାଚସ୍ପତି, ଉପବାଚସ୍ପତି ଓ ମନ୍ତ୍ରୀମାନଙ୍କ ଦରମା, ଭତ୍ତା ବିଧେୟକକୁ ପାରିତ କରିଥିଲେ। ସେଥିମଧ୍ୟରେ ଓଡ଼ିଶା ବିଧାନସଭା ସଦସ୍ୟମାନଙ୍କ ଦରମା, ଭତ୍ତା ଓ ପେନ୍‌ସନ(ସଂଶୋଧନ)ବିଲ୍-୨୦୨୫ ପାରିତ ହୋଇଛି। ପୂର୍ବରୁ ସଦସ୍ୟମାନେ ୩୬ ହଜାର ମୂଳ ଦରମା ପାଉଥିବାବେଳେ ଏବେ ସେହି ସ୍ଥାନରେ ୯୦ ହଜାର ଟଙ୍କା ପାଇବେ। ଏହାବାଦ୍ ଗାଡ଼ିଖର୍ଚ୍ଚ ସାଙ୍ଗକୁ ଅନ୍ୟାନ୍ୟ ଆନୁଷଙ୍ଗିକ ବଢ଼ା ଭତ୍ତା ମିଶାଇ ୩ଲକ୍ଷ ୪୫ହଜାର ଟଙ୍କା ପାଇବେ। ସେହିପରି ଓଡ଼ିଶା ବିଧାନସଭା ମନ୍ତ୍ରୀଙ୍କ ଦରମା ଓ ଭତ୍ତା (ସଂଶୋଧନ) ଅଧିନିୟମ ବିଲ୍-୨୦୨୫ ପାରିତ ହୋଇଛି। ପୂର୍ବରୁ ରାଷ୍ଟ୍ର ମନ୍ତ୍ରୀମାନେ ୪୦ହଜାର ମୂଳ ଦରମା ପାଉଥିବାବେଳେ ଏବେ ତାହା ୯୪ ହଜାର ସହିତ ଅନ୍ୟାନ୍ୟ ଆନୁଷଙ୍ଗିକ ଦରମା ଓ ଭତ୍ତା ☞ପୃଷ୍ଠା-୪

# ଶିକାରୀ ଫାଶରେ ପଡ଼ି କଲରାପତରିଆ ବାଘ ମୃତ


ବନ୍ତଲା,୯।୧୨(ସୁଶିତ ସାହୁ)

ଅନୁଗୋଳ ରେଞ୍ଜ ପୁରୁଣାଗଡ଼ ସେକ୍ସନ କରତପଟା ବିଟ୍ ଅନ୍ତର୍ଗତ ଜଙ୍ଗଲରେ ଶିକାରୀ ଫାଶରେ ପଡ଼ି ଏକ କଲରାପତରିଆ ବାଘର ମଙ୍ଗଳବାର ମୃତ୍ୟୁ ହୋଇଛି। ସୋମବାର ରାତିରେ ବାଘଟି ଶିକାରୀ ଫାଶରେ ପଡ଼ିଥିବା ଖବରପାଇ ସକାଳେ ବନବିଭାଗ କର୍ମଚାରୀମାନେ ପହଞ୍ଚି ଟ୍ରାଙ୍କୁଲାଇଜ କରି ଉଦ୍ଧାର କରିଥିଲେ। ହେଲେ ଚିକିତ୍ସା ଚାଲିଥିବା ବେଳେ ବାଘର ମୃତ୍ୟୁ ଘଟିଥିଲା। ସୂଚନା ଅନୁଯାୟୀ, କରତପଟା ସେକ୍ସନର ଡିମିରିପାଳ ଜଙ୍ଗଲରେ ଅନେକ ☞ପୃଷ୍ଠା-୪


ଶିକାରୀଙ୍କ ଫାଶରେ ପଡ଼ିଥିବା କଲରାପତରିଆ ବାଘ।





# ନ୍ୟୁୟର୍କ ଟାଇମ୍ସ ଷ୍ଟାଇଲିଶ୍ ପିପୁଲ ତାଲିକାରେ ଶାହରୁଖ୍

ନୂଆଦିଲ୍ଲୀ,୯।୧୨(ପି.ଟି.)

ବଲିଉଡ୍ ଅଭିନେତା ଶାହରୁଖ୍ ଖାନ୍ ନ୍ୟୁୟର୍କ ଟାଇମ୍ସର ୬୭ ମୋଷ୍ଟ ଷ୍ଟାଇଲିଶ୍ ପିପୁଲ ତାଲିକାରେ ସ୍ଥାନିତ ହୋଇଛନ୍ତି। ୨୦୨୫ ବର୍ଷ ପାଇଁ ପ୍ରକାଶିତ ଏହି ତାଲିକାରେ ସର୍ବିନା କାର୍ପେଣ୍ଟର, ଦୋଏଚି, ଭିଭିଆନ୍ ୱିଲ୍‌ସନ, ନିକୋଲେ ସ୍କେର୍ଜିଙ୍ଗର, ୱାଲ୍ଟନ ଗୋଗିନ୍ସ, ଜେନିଫର ଲରେନ୍ସ, ଶାଇଗିଲ୍‌ଗେଅସ୍-ଆଲେକ୍‌ଜାଣ୍ଡାର, କୋଲେ ଏସ୍କୋଲା ଏବଂ ନୋଆହ ୱିଲେ ପ୍ରମୁଖ ସେଲିବ୍ରିଟି ରହିଥିବାବେଳେ ଭାରତରୁ କେବଳ ଶାହରୁଖ୍ ସ୍ଥାନ ପାଇଛନ୍ତି।

୬୦ ବର୍ଷୀୟ ସୁପରଷ୍ଟାର କିଙ୍ଗ୍ ଖାନ୍ ଚଳିତବର୍ଷ ଆୟୋଜିତ ମେଟ୍ ଗାଲାରେ ନଜର ଆସିଥିବାରୁ ତାଙ୍କୁ ଏହି ସ୍ୱୀକୃତି ପ୍ରଦାନ କରାଯାଇଛି। ମେଟ୍ ଗାଲା ଇଭେଣ୍ଟରେ ଯୋଗଦାନ ବେଳେ ଶାହରୁଖ୍ ଜଣାଶୁଣା ଡିଜାଇନର ସବ୍ୟସାଚୀ ମୁଖାର୍ଜୀଙ୍କ ଦ୍ୱାରା ପ୍ରସ୍ତୁତ ପୋଷାକ ପରିଧାନ କରିଥିଲେ। ବଲିଉଡ୍ ତଥା ବିଶ୍ୱର ଅନ୍ୟତମ ବଡ଼ ତାରକା ଭାବେ ପରିଚିତ ଏସ୍‌ଆର୍‌କେଙ୍କ ବହୁ ପ୍ରଶଂସକ ରହିଛନ୍ତି। ଏଥର ମେଟ୍ ଗାଲାରେ ତାଙ୍କୁ ଅତିଥି ଭାବେ ଦେଖିବାକୁ ମିଳିଥିଲା। ସେ ପିନ୍ଧିଥିବା ନେକ୍‌ଲେସ୍‌ରେ 'କେ' ଅକ୍ଷର ରହିଥିଲା। ଶାହରୁଖ୍‌ଙ୍କୁ ଆଗାମୀ ଫିଲ୍ମ 'କିଙ୍ଗ୍'ରେ ଦେଖିବାକୁ ମିଳିବ। ଏଥିରେ ତାଙ୍କ ଝିଅ ସୁହାନା ଖାନ୍ ଓ ଅଭିନେତ୍ରୀ ଦୀପିକା ପାଦୁକୋନ୍ ମଧ୍ୟ ଅଭିନୟ କରୁଛନ୍ତି। ୨୦୨୩ରେ ପଠାନ୍‌ର ନିର୍ଦ୍ଦେଶନା ଦେଇଥିବା ସିଦ୍ଧାର୍ଥ ଆନନ୍ଦ ଏହାର ଡାଇରେକ୍ଟର। ରେଡ୍ ଚିଲିଜ୍ ଏଣ୍ଟରଟେନ୍‌ମେଣ୍ଟ ଓ ମାର୍‌ଫ୍ଲିକ୍ସ ପିକ୍ଚର୍ସ ବ୍ୟାନରରେ ଏହି ହିନ୍ଦୀ ସିନେମା ନିର୍ମାଣ କରାଯାଉଛି।

## ଦିଲ୍ଲୀରେ ଆଜି




ରାଜାଜୀ, କୋର୍‌ବେଟ୍ ଏବଂ ଆମେର ଦୁର୍ଗରେ  ହାତୀ ସବାର ପଛର ନିଷ୍ଠୁରତାକୁ ବିରୋଧ କରି ଏହାକୁ ପ୍ରତ୍ୟାଖ୍ୟାନ ଦାବିରେ ନୂଆଦିଲ୍ଲୀର ଯନ୍ତରମନ୍ତରଠାରେ ପେଟା ଇଣ୍ଡିଆ ଏବଂ ଗୋଶାର୍ପନରର ସମର୍ଥକମାନେ ହାତୀମୁଖା ପିନ୍ଧି, ପାପୁଲିରେ ଲାଲ୍‌ରଙ୍ଗ ମାଖି ଓ ନିଜକୁ ଶିକୁଳିରେ ବାନ୍ଧି ଦେଶବାସୀଙ୍କୁ ଆହ୍ୱାନ ଦେଉଛନ୍ତି। (ଫଟୋ: ଚମନ ଗୌତମ)

# ୧୦% ଉଡ଼ାଣ ହ୍ରାସ ପାଇଁ ଇଣ୍ଡିଗୋକୁ ନିର୍ଦ୍ଦେଶ

ନୂଆଦିଲ୍ଲୀ,୯।୧୨

ସପ୍ତାହେରୁଊର୍ଦ୍ଧ୍ୱସମୟଧରିବିମାନସେବାରେ ବିଭ୍ରାଟର ସମ୍ମୁଖୀନ ହୋଇଥିବା ଦେଶର ସର୍ବବୃହତ୍ ଏୟାରଲାଇନ୍ସ ଇଣ୍ଡିଗୋକୁ ଶୀତଋତୁରେ ଏହାର ଉଡ଼ାଣ ୧୦ ପ୍ରତିଶତ ହ୍ରାସ କରିବାକୁ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ନିର୍ଦ୍ଦେଶ ଦେଇଛି। ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ରାମମୋହନ ନାଇଡୁ ମଙ୍ଗଳବାର ମନ୍ତ୍ରଣାଳୟର ସଚିବ ସମୀର ସିହ୍ନା ଏବଂ ଇଣ୍ଡିଗୋ ସିଇଓ ପିଟର ଏଲ୍‌ବର୍ସଙ୍କୁ ଭେଟିବା ପରେ ଉପରୋକ୍ତ ନିଷ୍ପତ୍ତି ନିଆଯାଇଛି।

ପାଇଲଟ୍ ଓ କର୍ମଚାରୀ ସଙ୍କଟକୁ ନେଇ ଗତ ୨ ତାରିଖରୁ ବିଭିନ୍ନ ଘରୋଇ ରୁଟ୍‌ରେ ଇଣ୍ଡିଗୋର ବିମାନ ଉଡ଼ାଣ ବାତିଲ ଏବଂ ବିଳମ୍ବିତ ହୋଇଆସୁଛି। ଫଳରେ ଦେଶବ୍ୟାପୀ ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଚଳିତ ବର୍ଷ ଶୀତଋତୁ ପାଇଁ ଇଣ୍ଡିଗୋ ଦୈନିକ ୨,୨୦୦ରୁ ଊର୍ଦ୍ଧ୍ୱ ବିମାନ ଉଡ଼ାଣ କରୁଥିବାବେଳେ ବୁଧବାର ସୁଦ୍ଧା ସଂଶୋଧିତ ଉଡ଼ାଉ କାର୍ଯ୍ୟସୂଚୀ ଦାଖଲ କରିବା ପାଇଁ ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ) କହିଛି।

ବିମାନ ସେବା ବ୍ୟାଘାତ ନେଇ ସ୍ପଷ୍ଟୀକରଣ ଦେବାକୁ ଡିଜିସିଏ ପୂର୍ବରୁ

### ଯାତ୍ରୀଙ୍କୁ ଅସୁବିଧାରେ ପଡ଼ିବାକୁ ଦିଆଯିବନାହିଁ: ମନ୍ତ୍ରୀ

ଇଣ୍ଡିଗୋ ମୁଖ୍ୟ କାର୍ଯ୍ୟନିର୍ବାହୀ ଏବଂ ମୁଖ୍ୟ ଅପରେଟିଂ ଅଫିସରଙ୍କୁ କାରଣଦର୍ଶାଅ ନୋଟିସ୍ ପଠାଇଥିଲେ। ବିମାନସେବା ବାଧାପ୍ରାପ୍ତ ପଛର ତ୍ରୁଟି ଖୋଜି ବାହାର କରିବା ପାଇଁ ସରକାର ଏକ ୪ ଜଣିଆ କମିଟି ଗଠନ କରିଛନ୍ତି। ଏୟାରଲାଇନ୍ସ ଯେତେ ବଡ଼ ହୁଅନ୍ତୁ ନା କାହିଁକି କୌଣସି ସ୍ଥିତିରେ ଯାତ୍ରୀମାନଙ୍କୁ ଅସୁବିଧାରେ ପକାଇବାକୁ ଦିଆଯିବ ନାହିଁ ବୋଲି ମନ୍ତ୍ରୀ ନାଇଡୁ ମଙ୍ଗଳବାର କହିଛନ୍ତି। ବିମାନସେବାରେ ବ୍ୟାଘାତ ପାଇଁ ଇଣ୍ଡିଗୋ ବିରୋଧରେ କଠୋର ଏବଂ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ଲୋକ ସଭାରେ କହିଛନ୍ତି। ମଙ୍ଗଳବାର ମଧ ଦେଶର ୬ଟି ମେଟ୍ରୋ ଏୟାରପୋର୍ଟରେ ଇଣ୍ଡିଗୋର ୪୨୨ଟି ବିମାନ ଉଡ଼ାଣ ବାତିଲ ହୋଇଛି। ଦିଲ୍ଲୀରେ ୧୫୨ ବିମାନ ଉଡ଼ାଣ ବନ୍ଦ ଥିବାବେଳେ ବେଙ୍ଗାଲୁରୁ ଏୟାରପୋର୍ଟରେ ୧୨୧, ହାଇଦ୍ରାବାଦରେ ୫୮, ଚେନ୍ନାଇରେ ୫୦ ଏବଂ ମୁମ୍ବାଇ ଏୟାରପୋର୍ଟରେ ୪୧ ବିମାନ ଉଡ଼ାଣ ବାତିଲ ହୋଇଛି। ସୋମବାର ଇଣ୍ଡିଗୋର ୫୬୦ ବିମାନ ଉଡ଼ାଣ ବାତିଲ ହୋଇଥିଲା।

# ଋଷିଆ ସାମରିକ ବିମାନ ଦୁର୍ଘଟଣା: ୭ ମୃତ ଆଶଙ୍କା

ମସ୍କୋ,୯।୧୨

ଋଷିଆ ସେନାର ଏକ ପରିବହନ ବିମାନ ମଙ୍ଗଳବାର କେନ୍ଦ୍ରୀୟ ଇନାନୋଭୋ ଅଞ୍ଚଳରେ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏହି ଦୁର୍ଘଟଣାରେ ୭ ଜଣଙ୍କ ମୃତ୍ୟୁ ଘଟିଥିବା ଆଶଙ୍କା କରାଯାଉଛି। ଆଣ୍ଟୋନୋଭ ଏଏନ୍-୨୨ ବିମାନରେ ୭ ଜଣ ଥିବାବେଳେ ତାହା ଏକ ଜନଶୂନ୍ୟ ସ୍ଥାନରେ ଦୁର୍ଘଟଣାଗ୍ରସ୍ତ ହୋଇଥିବା ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି। ବିମାନର ଭଗ୍ନାବଶେଷ ଉପକୂଳ ଏବଂ ଜଳରାଶି ମଧ୍ୟରୁ ମିଳିଥିବାବେଳେ ସେଥିରେ ଥିବା ଲୋକମାନଙ୍କ ପତ୍ତା ମିଳିନାହିଁ। ଋଷିଆ ବାୟୁସେନା ଓଜନଦାର ଅସ୍ତ୍ରଶସ୍ତ୍ର ପରିବହନ ପାଇଁ ଏହି ବିମାନକୁ ବ୍ୟବହାର କରୁଥିଲା।

# ୨୦୧୯ରୁ ୨୯ ଶୀର୍ଷ ମାଓବାଦୀ କମାଣ୍ଡର ନିହତ ହେଲେଣି

ନୂଆଦିଲ୍ଲୀ,୯।୧୨(ପି.ଟି.)

ଦେଶରେ ୨୦୧୯ରୁ ବର୍ତ୍ତମାନ ସୁଦ୍ଧା ୨୯ ଜଣ ଶୀର୍ଷ ମାଓବାଦୀ କମାଣ୍ଡର ନିହତ ହେଲେଣି, ଯାହା ମାଓବାଦୀମାନଙ୍କୁ ବଡ଼ ଝଟକା ଦେଇଛି। କେବଳ ଚଳିତବର୍ଷ କେନ୍ଦ୍ରୀୟ କମିଟି ଏବଂ ପଲିଟ୍‌ବ୍ୟୁରୋର ୧୪ ଜଣ ସଦସ୍ୟ ନିହତ ହୋଇଥିବା ସରକାରଙ୍କ ତରଫରୁ ମଙ୍ଗଳବାର ଲୋକ ସଭାକୁ ସୂଚନା ଦିଆଯାଇଛି। ପ୍ରଶ୍ନୋତ୍ତର କାଳରେ ଏକ ଅତିରିକ୍ତ ପ୍ରଶ୍ନର ଉତ୍ତର ଦେଇ ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟ କହିଛନ୍ତି, ୨୦୧୪ରେ ମାଓବାଦୀ ଅଧ୍ୟୁଷିତ ରାଜ୍ୟ ସଂଖ୍ୟା ୧୦ ଥିବାବେଳେ ୨୦୨୫ର ଅକ୍ଟୋବର ସୁଦ୍ଧା ଏହା ୫କୁ ହ୍ରାସ ପାଇଛି। ସେହିପରି ବାମଦଳ ମାଓବାଦୀ ପ୍ରଭାବିତ ଜିଲା ସଂଖ୍ୟା ୯୧ ପ୍ରତିଶତ ହ୍ରାସ ପାଇଛି। ଉପରୋକ୍ତ ସମୟ ମଧ୍ୟରେ ଏଭଳି ଜିଲା ସଂଖ୍ୟା ୧୨୬ରୁ ହ୍ରାସ ପାଇ ୧୧ରେ ପହଞ୍ଚିଛି। ସମ୍ପ୍ରତି ମାତ୍ର ୩ଟି ଜିଲା ଅତ୍ୟଧିକ ମାଓବାଦୀ ପ୍ରଭାବିତ ରହିଥିବା ମନ୍ତ୍ରୀ କହିଛନ୍ତି।

# ଭୋଟ ଚୋରି ସବୁଠୁ ବଡ଼ ଦେଶବିରୋଧୀ କାର୍ଯ୍ୟ

## ଭାଜପା-ଇସି ଅସାଧୁ ମେଣ୍ଟକୁ ରାହୁଲଙ୍କ ସମାଲୋଚନା

ନୂଆଦିଲ୍ଲୀ,୯।୧୨

ଭାଜପାର ଭୋଟ ଚୋରି ସବୁଠୁ ବଡ଼ ଦେଶବିରୋଧୀ କାର୍ଯ୍ୟ। ଏଥିରେ ନିର୍ବାଚନ କମିଶନ (ଇସି)ଙ୍କ ସମ୍ପୃକ୍ତି ରହିଛି। ଭାଜପା ଏବଂ ଇସିଙ୍କ ଅସାଧୁ ମେଣ୍ଟ ଭାରତକୁ ନଷ୍ଟ କରୁଛି ବୋଲି ମଙ୍ଗଳବାର ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ସମାଲୋଚନା କରିଛନ୍ତି। ପାର୍ଲାମେଣ୍ଟର ନିମ୍ନ ସଦନରେ ନିର୍ବାଚନୀ ସଂସ୍କାର ଉପରେ ଆଲୋଚନାରେ ଭାଗନେଇ କଂଗ୍ରେସ ନେତା ରାହୁଲ ୩ଟି ପ୍ରଶ୍ନ କରିଥିଲେ। ଏଥିସହ ଭାରତୀୟ ଗଣତନ୍ତ୍ରକୁ ନଷ୍ଟ କରିବା ପାଇଁ ଭାଜପା ଇସିଙ୍କୁ ନିର୍ଦ୍ଦେଶ ଦେଉଛି ଓ ବ୍ୟବହାର କରୁଛି ବୋଲି କହିଥିଲେ। ରାହୁଲ କହିଥିଲେ, ନିର୍ବାଚନର ମାସକ ପୂର୍ବରୁ ମେଶିନ୍ ପଢ଼ିପାରିବା ଭଳି ଭୋଟର ତାଲିକା ସବୁ ଦଳକୁ ଦେବା, ୪୫ ଦିନ ପରେ ସିସିଟିଭି ଫୁଟେଜ୍‌କୁ ନଷ୍ଟ କରିବା ପାଇଁ ଅନୁମତି ଦେଉଥିବା ଆଇନକୁ ପ୍ରତ୍ୟାହାର କରିବା ଏବଂ ଇଲେକ୍ଟ୍ରୋନିକ୍ ଭୋଟିଂ ମେଶିନ୍ (ଇଭିଏମ୍) ଯାଞ୍ଚ ପାଇଁ ସୁଯୋଗ ଦେବା ସହ ଇସିଙ୍କ ମନମୁଖି କାର୍ଯ୍ୟ ସମ୍ପର୍କିତ ଆଇନରେ



ଲୋକ ସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ବକ୍ତବ୍ୟ ରଖୁଛନ୍ତି।

ପରିବର୍ତ୍ତନ ଆଣିବା ଉପରେ ରାହୁଲ ପ୍ରସ୍ତାବ ଦେଇଥିଲେ। ରାହୁଲ ଆହୁରି କହିଥିଲେ, ଭାଜପା ସବୁଠୁ ବଡ଼ ଯେଉଁ ଦେଶବିରୋଧୀ କାର୍ଯ୍ୟ କରିପାରିବ, ତାହା ହେଲା ଭୋଟ ଚୋରି। କାରଣ ସେମାନେ ଭୋଟକୁ ନଷ୍ଟ କରିପାରିବେ। ଦେଶର ଆତ୍ମାକୁ ନଷ୍ଟ କରି ଆଧୁନିକ ଭାରତକୁ ଧ୍ୱଂସ କରିପାରିବେ ବୋଲି ଶାସକ ପକ୍ଷ ଆଡ଼କୁ ଚାହିଁ କହିଥିଲେ। ସେହିପରି ମୁଖ୍ୟ ନିର୍ବାଚନ କମିଶନର (ସିଇସି) ଏବଂ ନିର୍ବାଚନ କମିଶନରମାନଙ୍କ ନିଯୁକ୍ତି ପାଇଁ ଉଦ୍ଦିଷ୍ଟ ପ୍ୟାନେଲରୁ ଭାରତର ପ୍ରଧାନ ବିଚାରପତି (ସିଜେଆଇ)ଙ୍କୁ କାହିଁକି ହଟାଯାଇଛି ବୋଲି ସେ ପ୍ରଶ୍ନ କରିଥିଲେ। ସିଇସି-ଇସି ନିଯୁକ୍ତି ଏକ ତଥାକଥିତ ଗଣତାନ୍ତ୍ରିକ ନିଷ୍ପତ୍ତି। ତାଙ୍କୁ ଚୟନ କରାଯିବାବେଳେ ଗୋଟିଏପଟେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଥିବାବେଳେ ଅନ୍ୟପଟେ ଲୋକ ସଭାର ବିରୋଧୀ ଦଳ ନେତା ବସିଥାନ୍ତି। ସେହି ବୈଠକରେ ବିରୋଧୀ ଦଳ ନେତାଙ୍କ ମତାମତକୁ ଗୁରୁତ୍ୱ ଦିଆଯାଉନାହିଁ। ସେମାନେ ମନଇଚ୍ଛା ନିଯୁକ୍ତ କରୁଥିବାରୁ ଏପରି ପରିଣାମ ଆସୁଛି। ପରବର୍ତ୍ତୀ ନିର୍ବାଚନ କମିଶନର କିଏ ହେବେ ତାହା ନିର୍ଦ୍ଦିଷ୍ଟ ଭାବେ ସ୍ଥିର କରିବା ପାଇଁ ପ୍ରଧାନମନ୍ତ୍ରୀ ଓ ସ୍ୱରାଷ୍ଟ୍ରମନ୍ତ୍ରୀ ଏତେ ଆଗ୍ରହୀ କାହିଁକି?

ଭାରତର ଇତିହାସରେ କୌଣସି ପ୍ରଧାନମନ୍ତ୍ରୀ ଏପରି କରିନାହାନ୍ତି। ୨୦୨୩ ଡିସେମ୍ବରରେ ଏହି ସରକାର ନିଶ୍ଚିତ କରିଥିଲେ ଯେ କୌଣସି ନିର୍ବାଚନ କମିଶନରଙ୍କୁ ତାଙ୍କ କୌଣସି କାର୍ଯ୍ୟ ପାଇଁ ଦଣ୍ଡିତ କରାଯାଇପାରିବ ନାହିଁ। ନିର୍ବାଚନୀ ସଂସ୍କାର ଏକ ସରଳ କାମ। କିନ୍ତୁ ବର୍ତ୍ତମାନର ସରକାର ଏହାକୁ ଚାହୁଁ ନାହାନ୍ତି ବୋଲି ରାହୁଲ ସମାଲୋଚନା କରିଛନ୍ତି।

### ତୁମେ ଜିତିଲେ ଇଭିଏମ୍ ଠିକ୍, ହାରିଲେ ଜାଲିଆତି

ସଂସଦର ଶୀତ ଅଧିବେଶନ ବେଳେ ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ କେନ୍ଦ୍ର ସରକାର ଏବଂ ଇସିଙ୍କ ବିରୋଧରେ ଆଣିଥିବା ଅଭିଯୋଗକୁ ଶାସକ ଭାଜପା ଖଣ୍ଡନ କରିଛି। ନିର୍ବାଚନ କମିଶନରଙ୍କ ନିଯୁକ୍ତି ବେଳେ ରାହୁଲ ଗଠନମୂଳକ ଭାବେ ସହଯୋଗ କରିବା ପରିବର୍ତ୍ତେ ଡ୍ରାମା କରିବା ସହ ମିଛ କଥା କହୁଛନ୍ତି ବୋଲି ଭାଜପା ପକ୍ଷରୁ 'X' ରେ ସମାଲୋଚନା କରାଯାଇଛି। ସେହିପରି ଉପା ସରକାର ଅମଳରେ କଂଗ୍ରେସ ନେତ୍ରୀ ସୋନିଆ

#### ରାହୁଲ ମିଛ କହୁଛନ୍ତି: ଭାଜପା

ଗାନ୍ଧୀ କେଉଁ କ୍ଷମତା ବଳରେ ନବୀନ ଚାୱଲାଙ୍କୁ ନିର୍ବାଚନ କମିଶନର ନିଯୁକ୍ତ କରିଥିଲେ ବୋଲି ଏଥିରେ ପ୍ରଶ୍ନ କରାଯାଇଛି। ଭାଜପାର ସହଯୋଗୀ ତେଲୁଗୁ ଦେଶମ୍ ପାର୍ଟି (ଟିଡିପି) ଓ ସଂଯୁକ୍ତ ଜନତା ଦଳ (ଜେଡିୟୁ) ମଧ ରାହୁଲଙ୍କୁ ସମାଲୋଚନା କରିଛନ୍ତି। କଂଗ୍ରେସ ଜିତିଲେ ଇଭିଏମ୍ ଠିକ୍, ହାରିଲେ ଜାଲିଆତି ବୋଲି ଏନ୍‌ଡିଏର ୨ ପ୍ରମୁଖ ଅଂଶୀଦାର ଓଲଟା ପ୍ରଶ୍ନ କରିଛନ୍ତି।

# ଜାକର୍ତ୍ତାରେ ୭ ମହଲା ବିଲ୍ଡିଂରେ ନିଆଁ: ୨୨ ମୃତ

ଜାକର୍ତ୍ତା,୯।୧୨

ଇଣ୍ଡୋନେସିଆ ରାଜଧାନୀ ଜାକର୍ତ୍ତାର ଏକ ୭ ମହଲା ବିଶିଷ୍ଟ ଅଫିସ୍ ବିଲ୍ଡିଂରେ ମଙ୍ଗଳବାର ଭୟାବହ ଅଗ୍ନିକାଣ୍ଡ ଘଟି ଅନ୍ୟୂନ ୨୨ ଜଣଙ୍କ ମୃତ୍ୟୁ ହୋଇଛି। ସେମାନଙ୍କ ମଧ୍ୟରେ ଜଣେ ଗର୍ଭବତୀଙ୍କ ସମେତ ୧୫ ମହିଳା ଥିବା ପୋଲିସ କହିଛି। ସମ୍ପୂର୍ଣ୍ଣ ବିଲ୍ଡିଂ ଜଳିବା ସହ ବହଳ କଳାଧୂଆଁ ବହୁ ଉଚ୍ଚ ପର୍ଯ୍ୟନ୍ତ ଉଠୁଥିବା ଦେଖାଯାଇଛି। ମଧ୍ୟାହ୍ନ ସମୟରେ କେମାୟୋରାନ୍‌ସ୍ଥିତ ଉକ୍ତ ବିଲ୍ଡିଂର ପ୍ରଥମ ମହଲାରୁ ନିଆଁ ଲାଗି ପରେ ଅନ୍ୟ ସମସ୍ତ ମହଲାକୁ ବ୍ୟାପିଯାଇଥିବା ବିଶ୍ୱାସ କରାଯାଉଛି। ନିଆଁଲିଭା କାର୍ଯ୍ୟରେ ଶତାଧିକ କର୍ମଚାରୀ ଏବଂ ୨୯ଟି ଅଗ୍ନିଶମ ଗାଡ଼ିକୁ ନିୟୋଜିତ କରାଯାଇଛି। ନିଆଁ ଲାଗିବାର କାରଣ ଜଣାପଡ଼ିନାହିଁ। ତେବେ ଡ୍ରୋନ୍ ବ୍ୟାଟେରିରେ ଶର୍ଟସର୍କିଟ କିମ୍ବା ଥର୍ମାଲ ଫେଲ୍ୟୁର ଯୋଗୁ ନିଆଁ ଲାଗିଥିବା ବିଶ୍ୱାସ କରାଯାଉଛି। ଏକ ଡ୍ରୋନ୍ କମ୍ପାନୀର ସେଲ୍ସ ଆଣ୍ଡ ଷ୍ଟୋରେଜ୍ ଅଫିସ୍ ଭାବେ ଉକ୍ତ ବିଲ୍ଡିଂ ବ୍ୟବହୃତ ହେଉଥିଲା।

# ନାଇଟ୍ କ୍ଲବ୍ ଅଗ୍ନିକାଣ୍ଡ: ଲୁଥ୍ରା ଭ୍ରାତାଙ୍କ କ୍ଲବ୍ ଭଙ୍ଗାଗଲା



ନୂଆଦିଲ୍ଲୀ,୯।୧୨

ଗୋଆ ବିର୍ଚ ବାଇ ରୋମିଓ ଲେନ୍ ନାଇଟ୍ କ୍ଲବ୍‌ରେ ଅଗ୍ନିକାଣ୍ଡ ଘଟି ୨୫ ଜଣଙ୍କ ମୃତ୍ୟୁ ଘଟିବା ପରେ ଏହାର ୨ ମାଲିକ ସୌରଭ ଏବଂ ଗୌରବ ଲୁଥ୍ରା ଦେଶ ଛାଡ଼ି ଥାଇଲାଣ୍ଡ ପଳାଇଛନ୍ତି। ଏବେ ସରକାର ଲୁଥ୍ରା ଭ୍ରାତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଥିବାବେଳେ ସେମାନଙ୍କ ମାଲିକାନାରେ ଗୋଆର ଭାଗାଟର ଉପକୂଳରେ ଥିବା କ୍ଲବକୁ ଭାଙ୍ଗିଦିଆଯାଇଛି। ସରକାରୀ ଜମିରେ ବେଆଇନ ଭାବେ ଉକ୍ତ ଅସ୍ଥାୟୀ ଘର ନିର୍ମାଣ ହୋଇଥିବାବେଳେ ଏହାକୁ ଭାଙ୍ଗିବା ପାଇଁ ଗୋଆ ମୁଖ୍ୟମନ୍ତ୍ରୀ ପ୍ରମୋଦ ସାୱନ୍ତ ନିର୍ଦ୍ଦେଶ ଦେଇଥିଲେ। ଲୁଥ୍ରା ଭ୍ରାତାଙ୍କ ବିରୋଧରେ ବ୍ଲୁ କର୍ନର ନୋଟିସ ଜାରି ହୋଇଥିବା ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସ୍ପଷ୍ଟ କରାଯାଇଛି। ଫଳରେ ତଦନ୍ତକାରୀ ଅଧିକାରୀମାନେ ବିଭିନ୍ନ ଦେଶରୁ ସେମାନଙ୍କ ସମ୍ପର୍କରେ ତଥ୍ୟ ସଂଗ୍ରହ କରିପାରିବେ। ଅଗ୍ନିକାଣ୍ଡ ପରେ ପ୍ରଶାସନ ଭାଗାଟର ଉପକୂଳ ଘର ଓ ଆସାଗାଓରେ ଥିବା ଲୁଥ୍ରା ଭ୍ରାତାଙ୍କ ଅନ୍ୟ ସମ୍ପତ୍ତିକୁ ସିଲ୍ କରିଥିଲା।

# ଦୁର୍ନୀତି ମାମଲାରେ ଚାଇନାର ପୂର୍ବତନ ବ୍ୟାଙ୍କରଙ୍କୁ ଫାଶୀ

ନୂଆଦିଲ୍ଲୀ,୯।୧୨(ପି.ଟି.)



ବାଇ ଟିଆନହୁଇ

ଚାଇନା ହୁଆରୋଙ୍ଗ ଇଣ୍ଟରନ୍ୟାଶନାଲ ହୋଲ୍ଡିଂସ୍ (ସିଏଚ୍‌ଆଇଏଚ୍)ର ପୂର୍ବତନ ମହାପ୍ରବନ୍ଧକ ବାଇ ଟିଆନହୁଇ ୧୫୬ ନିୟୁତ ଡଲାର ଲାଞ୍ଚ ଗ୍ରହଣ ଅଭିଯୋଗରେ ଗତ ମେ'ରେ ଅଦାଲତ ତାଙ୍କୁ ଦୋଷୀସାବ୍ୟସ୍ତ କରିବା ସହ ମୃତ୍ୟୁ ଦଣ୍ଡାଦେଶ ଦେଇଥିଲେ। ଚାଇନାର ସୁପ୍ରିମ ପିପୁଲ୍ସ କୋର୍ଟ ଏହାକୁ ଅନୁମୋଦନ କରିବା ପରେ ଟିଆନଜିନ୍ ସହରର ଏକ ଅଦାଲତ ମଙ୍ଗଳବାର ତାଙ୍କୁ ଫାଶୀ ଦେଇଥିବା ଚାଇନା ସେଣ୍ଟ୍ରାଲ ଟେଲିଭିଜନ ଖବର ପ୍ରକାଶ କରିଛି।

ସିଏଚ୍‌ଆଇଏଚ୍ ହେଉଛି ଚାଇନା ହୌରଙ୍ଗ ଆସେଟ୍ ମ୍ୟାନେଜମେଣ୍ଟର ଉପ ସହକାରୀ ସଂସ୍ଥା। ଏହା ଦେଶର ଅନ୍ୟତମ ବୃହତ୍ ଆସେଟ୍ ମ୍ୟାନେଜମେଣ୍ଟ ଫର୍ମ ଭାବେ କାର୍ଯ୍ୟ କରିଥାଏ। ୨୦୧୪ରୁ ୨୦୧୮ ମଧ୍ୟରେ ବିଭିନ୍ନ ପ୍ରକଳ୍ପର ଅଧିଗ୍ରହଣ ଏବଂ ପାଣ୍ଠି ଯୋଗାଣରେ ଅନୁକମ୍ପା ପ୍ରଦାନ ଲାଗି ଏହାର ପୂର୍ବତନ ମହାପ୍ରବନ୍ଧକ ଟିଆନହୁଇ ୧୫୬ ନିୟୁତ ଡଲାରରୁ ଊର୍ଦ୍ଧ୍ୱ ଉତ୍କୋଚ ଗ୍ରହଣ କରିଥିଲେ। ହୌରଙ୍ଗ୍ ବହୁ ବର୍ଷ ହେଲା ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗଙ୍କ ଟାର୍ଗେଟରେ ରହିଆସିଛି। ଏହାର ପୂର୍ବତନ ଅଧ୍ୟକ୍ଷ ଲାଇ ଶିଆଓମିନ୍‌ଙ୍କୁ ୨୫୩ ନିୟୁତ ଡଲାର ଉତ୍କୋଚ ଗ୍ରହଣ ଅଭିଯୋଗରେ ୨୦୨୧ରେ ଫାଶୀ ଦିଆଯାଇଥିଲା।

# ଭାରତୀୟ ଚାଉଳ ଉପରେ ଟାରିଫ୍ ଲଗାଇବାକୁ ଟ୍ରମ୍ପଙ୍କ ଧମକ

ୱାଶିଂଟନ୍,୯।୧୨

ଭାରତ ସମେତ ବିଭିନ୍ନ ଦେଶରୁ ରପ୍ତାନି ହେଉଥିବା ଚାଉଳ ଉପରେ ଅତିରିକ୍ତ ଟାରିଫ୍ ଲଗାଇବା ପାଇଁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଧମକ ଦେଇଛନ୍ତି। ଭାରତ ଆମେରିକା ବଜାରରେ ଚାଉଳ ଗଦେଇବା ଉଚିତ ନୁହେଁ। ଟାରିଫ୍ ହିଁ ଏହି ସମସ୍ୟାର ସହଜ ସମାଧାନ ବୋଲି ଟ୍ରମ୍ପ କହିଛନ୍ତି।

ସୋମବାର ଟ୍ରମ୍ପ ହ୍ୱାଇଟ୍ ହାଉସ୍‌ରେ କୃଷି ସେକ୍ଟରର ପ୍ରତିନିଧି, ଟ୍ରେଜେରି ସଚିବ ସ୍କଟ୍ ବେସେଣ୍ଟ, କୃଷି ସଚିବ ବ୍ରୁକ୍ ରୋଲିନ୍‌ଙ୍କ ସମେତ ତାଙ୍କ କ୍ୟାବିନେଟ ସଦସ୍ୟମାନଙ୍କ ସହ ଏକ ବୈଠକରେ ଏକାଠି ହୋଇଥିଲେ। ସେ ଦେଶର କୃଷକମାନଙ୍କ ପାଇଁ ୧୨ ବିଲିୟନ ଡଲାର ସଂଘୀୟ ସହାୟତା ଘୋଷଣା କରିଛନ୍ତି। ଅନ୍ୟ ଦେଶଗୁଡ଼ିକର ଚାଉଳ ଆମେରିକା ବଜାରରେ ଭର୍ତ୍ତି ହୋଇଯାଉଥିବାରୁ ଆମେରିକା ଦକ୍ଷିଣ ଭାଗର ଧାନଚାଷୀମାନେ ଅସୁବିଧାରେ ପଡୁଥିବା ଲୁଇସିଆନାର କେନେଡି ରାଇସ୍ ମିଲ୍ ସିଇଓ ମେରିଲ୍ କେନେଡି କହିଥିଲେ। ଭାରତ, ଚାଇନା ଏବଂ ଥାଇଲାଣ୍ଡ ଆମେରିକାକୁ ଅଧିକ ଚାଉଳ ରପ୍ତାନି କରୁଛନ୍ତି। ଆମେରିକାର ସର୍ବବୃହତ୍ ଚାଉଳ ବଜାର ପୁଏର୍ଟୋ ରିକୋକୁ ଚାଇନା ଅଧିକ ଚାଉଳ ପଠାଉଥିବାରୁ ସ୍ଥାନୀୟ ବ୍ୟବସାୟୀମାନେ ଚଳିତବର୍ଷ ସେଠାକୁ ଚାଉଳ ପଠାଇପାରି ନାହାନ୍ତି ବୋଲି କେନେଡି କହିଥିଲେ। ତେଣୁ ଉପରୋକ୍ତ ଦେଶଗୁଡ଼ିକ ଉପରେ ଟାରିଫ୍ ଦୁଇଗୁଣ କରାଯିବା ଆବଶ୍ୟକ ବୋଲି ସେ ପ୍ରସ୍ତାବ ଦେଇଥିଲେ। ଅଧିକ ଚାଉଳ ପଠାଇବା ପାଇଁ ଭାରତକୁ କାହିଁକି ଅନୁମତି ଦିଆଯାଉଛି ବୋଲି ଟ୍ରମ୍ପ ବେସେଣ୍ଟଙ୍କୁ ପ୍ରଶ୍ନ କରିଥିଲେ। ଏହାର ସହଜ ସମାଧାନ ପାଇଁ ଭାରତ ଉପରେ ଟାରିଫ୍ ଲଗାଇବାକୁ ହେବ। ଭାରତ ବିରୋଧରେ ବିଶ୍ୱ ବାଣିଜ୍ୟ ସଂଗଠନ (ଡବ୍ଲ୍ୟୁଟିଓ) ମାମଲା ରହିଥିବା କେନେଡି ଟ୍ରମ୍ପଙ୍କୁ କହିଥିଲେ। ତେବେ ଟ୍ରମ୍ପଙ୍କ ଟାରିଫ୍ ଭାରତର ଚାଉଳ ବିଶେଷକରି ବାସମତି ରପ୍ତାନିକାରୀଙ୍କୁ ବିଶେଷ ପ୍ରଭାବିତ କରିବ ନାହିଁ। ବରଂ ଆମେରିକାର ବାସମତୀ ଚାଉଳ ଗ୍ରାହକମାନେ ଏହାଦ୍ୱାରା ଅଧିକ ପ୍ରଭାବିତ ହେବେ ବୋଲି ଅଖିଳ ଭାରତ ଚାଉଳ ରପ୍ତାନିକାରୀ ସଂଗଠନର ସାଧାରଣ ସମ୍ପାଦକ ଅଜୟ ଭାଲୋଟିଆ କହିଛନ୍ତି।

## ଫୁରସତ୍

# ବ୍ରୁନେଇରେ ଦେବାକୁ ପଡ଼େନାହିଁ ଆୟକର

ନୂଆଦିଲ୍ଲୀ

କୋଭିଡ୍ ମହାମାରୀ ପ୍ରାୟ ପ୍ରତ୍ୟେକ ଦେଶର ଅର୍ଥନୀତିକୁ ଶକ୍ତ ଆଘାତ ଦେଇଥିଲା। ଅନେକ ଦେଶରେ ସରକାର ଖର୍ଚ୍ଚ ବୃଦ୍ଧି, ଋଣ ନେବା ଏବଂ ବଜେଟ ବୃଦ୍ଧି କରିବାକୁ ବାଧ୍ୟ ହୋଇଥିଲେ। ତଥାପି ଏଭଳି ସମୟରେ ଏକ ଛୋଟ ଦେଶ ବ୍ରୁନେଇ ସମ୍ପୂର୍ଣ୍ଣ ଭାବରେ ଅବିଚଳିତ ମନେହେଉଥିଲା। ସାରା ବିଶ୍ୱ ବର୍ଦ୍ଧିତ ଋଣ ସହିତ ଲଢୁଥିବା ବେଳେ ବ୍ରୁନେଇର ସରକାରୀ ଋଣ ଜିଡିପି ତୁଳନାରେ ପ୍ରାୟ ୧.୯% ଥିଲା।

ଦକ୍ଷିଣ ପୂର୍ବ ଏସିଆରେ ଅବସ୍ଥିତ ଏହି




ଦେଶର ଜନସଂଖ୍ୟା ପ୍ରାୟ ୫ଲକ୍ଷ, କିନ୍ତୁ ଏହାର ସୁବିଧା କୌଣସି ବିକଶିତ ରାଷ୍ଟ୍ର ତୁଳନାରେ କମ୍ ନୁହେଁ। ଏହାର ନାଗରିକଙ୍କ ଉପରେ କୌଣସି ଆୟକର ଲାଗୁ ହୁଏନାହିଁ। ଏଠାରେ ଶିକ୍ଷାଠାରୁ ଆରମ୍ଭ କରି ଚିକିତ୍ସା ପର୍ଯ୍ୟନ୍ତ ସବୁକିଛି ମାଗଣା। ସରକାର ଅଭାବୀ ପରିବାରକୁ ଜମି ଏବଂ ବାସସ୍ଥାନ ମଧ ଯୋଗାଇ ଦିଅନ୍ତି। ଏହି କାରଣରୁ ବ୍ରୁନେଇର ସୁଲତାନଙ୍କୁ ବିଶ୍ୱର ସବୁଠାରୁ ଧନୀ ଶାସକଙ୍କ ମଧ୍ୟରୁ ଅନ୍ୟତମ ବିବେଚନା କରାଯାଏ। ରାଜଧାନୀ ବନ୍ଦର ସେରି ବେଗାୱାନ, ଏହାର ସ୍ୱଚ୍ଛ ଏବଂ ଶାନ୍ତିପୂର୍ଣ୍ଣ ଜୀବନଶୈଳୀ ଯୋଗୁ ବିଶ୍ୱର ଅନ୍ୟତମ ସୁରକ୍ଷିତ ସହର ପରିଗଣିତ ହୁଏ।

ଲଣ୍ଡନ ସ୍କୁଲ ଅଫ ଓରିଏଣ୍ଟାଲ ଆଣ୍ଡ ଆଫ୍ରିକାନ ଷ୍ଟଡିଜ୍‌ର ପ୍ରଫେସର ଉଲରିଚ ୱାଲ୍ଜଙ୍କ ଅନୁଯାୟୀ, ବ୍ରୁନେଇ ଏକ 'ପେଟ୍ରୋ-ଷ୍ଟେଟ', ଯାହାର ଅର୍ଥନୀତିର ପ୍ରାୟ ୯୦% ତେଲ ଏବଂ ପ୍ରାକୃତିକ ଗ୍ୟାସ୍ ଦ୍ୱାରା ପରିଚାଳିତ। ୨୦୧୭ ସୁଦ୍ଧା ଏହାର ତୈଳ ଭଣ୍ଡାର ଏକ ବିଲିୟନ ବ୍ୟାରେଲ ଅତିକ୍ରମ କରିଛି।



'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ'ର ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ ମଙ୍ଗଳବାର ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟଠାରେ ପରିବେଶ ସୁରକ୍ଷା ଦିଗରେ କାର୍ଯ୍ୟ କରୁଥିବା ମାଲକାନଗିରିର ଦୀପାରାଣୀ ନାୟକଙ୍କୁ ଧରିତ୍ରୀ ୟୁଥ୍ କନ୍‌କ୍ଲେଭ୍ -୨୦୨୫ର ବ୍ୟକ୍ତିଗତ ସ୍ତରରେ 'କ୍ଲାଇମେଟ୍ ଗ୍ରାଣ୍ଟ' ବିଜେତା ବାବଦରେ ୧ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରୁଛନ୍ତି।



'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ'ର ସମ୍ପାଦକ ତଥାଗତ ସତପଥୀ ଏବଂ ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ ମଙ୍ଗଳବାର ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟଠାରେ ପୁରୀ ଜିଲା ଗୋପର ପରିବେଶ ସୁରକ୍ଷା ଦିଗରେ କାର୍ଯ୍ୟ କରୁଥିବା 'ସବୁଜ ସଂକଳ୍ପ'ର ସଭାପତି ରମେଶ ବେହେରାଙ୍କୁ ଧରିତ୍ରୀ ୟୁଥ୍ କନ୍‌କ୍ଲେଭ୍ -୨୦୨୫ର 'କ୍ଲାଇମେଟ୍ ଗ୍ରାଣ୍ଟ' ବିଜେତା ବାବଦରେ ୧ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରୁଛନ୍ତି।

# ୧୮ ଦିନ ପୂର୍ବରୁ ସରିଲା ଶୀତ ଅଧିବେଶନ

## ରାଷ୍ଟ୍ରପତିଙ୍କ ମାର୍ଗଦର୍ଶନ ଗୃହରେ ସୁସ୍ଥ ଗଣତନ୍ତ୍ର ସ୍ଥାପନା କରିଛି: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୯।୧୨
(ରବିନାରାୟଣ ଜେନା)

ସପ୍ତଦଶ ବିଧାନସଭାର ପଞ୍ଚମ ତଥା ଶୀତକାଳୀନ ଅଧିବେଶନ ୧୮ ଦିନ ପୂର୍ବରୁ ମଙ୍ଗଳବାର ଅପରାହ୍ଣରେ ଶେଷ ହୋଇଛି। ଗୃହର କୌଣସି ସରକାରୀ କାର୍ଯ୍ୟ ନ ଥିବା ଦର୍ଶାଇ ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ ପ୍ରଧାନ ଏନେଇ ପ୍ରସ୍ତାବ ଆଗତ କରିଥିଲେ। ସେ କହିଥିଲେ, କୌଣସି ସରକାରୀ କାର୍ଯ୍ୟ ନ ଥିବା ଯୋଗୁ ଗୃହକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ ରଖିବା ଲାଗି ସମସ୍ତ ସଦସ୍ୟଙ୍କୁ ଅନୁରୋଧ କରୁଛି। ଏହି ପ୍ରସ୍ତାବକୁ ସମର୍ଥନ କରି ଭାଜପା ସଦସ୍ୟ ଭାସ୍କର ମଢ଼େଇ, ସନାତନ ବିଜୁଳି କହିଥିଲେ, ସରକାରଙ୍କ ପକ୍ଷରୁ ଯେଉଁ ପ୍ରସ୍ତାବ ଆସିଛି ତାହା ଯଥାର୍ଥ। ଗୃହର ସଦସ୍ୟମାନେ ବିଧାନସଭାର ଶୀତ ଅଧିବେଶନ ପାଇଁ ଦୀର୍ଘଦିନ ଧରି ଏଠାରେ ରହିବା ଯୋଗୁ ସ୍ଥାନୀୟ ଅଞ୍ଚଳ ଲୋକଙ୍କ ସମସ୍ୟା ପ୍ରତି ସେତେଟା ଗୁରୁତ୍ୱ ଦିଆଯାଇପାରୁନାହିଁ। ଏହାବାଦ୍ ସରକାରୀ ଅର୍ଥର ଅପବ୍ୟୟ ଯେପରି ନ ହେବ ତାକୁ ଦୃଷ୍ଟିରେ ରଖି ସରକାରଙ୍କ ପକ୍ଷରୁ ଯେଉଁ ମୁଲତବୀ ପ୍ରସ୍ତାବ ଆସିଛି, ତାହାକୁ ସମର୍ଥନ କରୁଛୁ। ଆଲୋଚନାରେ ଭାଗନେଇ ଭାଜପା ସଦସ୍ୟ ଗୌରୀ ଶଙ୍କର ମାଝୀ, ପୂର୍ଣ୍ଣଚନ୍ଦ୍ର ସେଠୀ, ସନ୍ତୋଷ ଖଟୁଆ, ବିଜେଡି ସଦସ୍ୟ ଗଣେଶ୍ୱର ବେହେରା, ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ପ୍ରମୁଖ ପ୍ରସ୍ତାବକୁ ସମର୍ଥନ ଜଣାଇବା ସହିତ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ କହିଲେ, ସରକାରଙ୍କ ପକ୍ଷରୁ 'ବନ୍ଦେ ମାତରମ୍' ସଂକଳ୍ପ ଯେଉଁ ଆସିଥିଲା ତାକୁ କେବଳ ଆମେ ନୁହେଁ, ସାରା ଦେଶର ପ୍ରତ୍ୟେକ ନାଗରିକ ହୃଦୟରେ ରଖିଛନ୍ତି। ଦେଶର ସମ୍ବିଧାନ ପ୍ରତି ଆମର ଯଥେଷ୍ଟ ସମ୍ମାନ ଓ ଶ୍ରଦ୍ଧା ରହିଛି। ହେଲେ ସମ୍ବିଧାନ ଯେଉଁ ୨ଟି ପଂକ୍ତିକୁ ସ୍ୱୀକୃତି ଦେଇଥିଲା ତାହା ବାଦ୍ ଗୃହରେ ସମସ୍ତ ପଂକ୍ତି ଗାନ କରାଯିବା କଥା ନୁହେଁ, ଏହା ସମ୍ବିଧାନର ଅବମାନନା। ସେଥିପାଇଁ ବିଜେଡି ଗୃହରେ ସେହି କିଛି ସମୟ ପାଇଁ ଅନୁପସ୍ଥିତ ଥିଲା। ତେବେ ଗୃହ ମୁଲତବୀ ପାଇଁ ଯେଉଁ ପ୍ରସ୍ତାବ ଆସିଛି, ତାହାକୁ ସମର୍ଥନ କରୁଛି। ଏଥିପାଇଁ ସମସ୍ତଙ୍କୁ ଧନ୍ୟବାଦ ଜଣାଉଛି ବୋଲି ଆଚାର୍ଯ୍ୟ କହିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଥିଲେ, ଏହି ଅଧିବେଶନଟି ଐତିହାସିକ ଥିଲା। ଦେଶର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ମାର୍ଗଦର୍ଶନ ଯୋଗୁ ଗୃହରେ ସୁସ୍ଥ ପରମ୍ପରା ବଜାୟ ରହିଛି। ରାଷ୍ଟ୍ରପତିଙ୍କ ପ୍ରତ୍ୟେକ ବାଣୀ ସମସ୍ତ ସଦସ୍ୟଙ୍କ ଉପରେ ପ୍ରଭାବ ପକାଇଛି, ଯେଉଁଥିପାଇଁ ଗୃହ ସୁରୁଖୁରୁରେ ଚାଲିପାରିଲା। ଏଥିପାଇଁ ବାଚସ୍ପତି ସୁରମା ପାଢ଼ୀ, ଉପବାଚସ୍ପତି ଭବାନୀ ଶଙ୍କର ଭୋଇ, ସମସ୍ତ ମନ୍ତ୍ରୀ ଓ ସଦସ୍ୟ, ବିଧାନସଭା ସଚିବ ଏବଂ ଗୃହ ପରିଚାଳନା ଦାୟିତ୍ୱରେ ଥିବା ସମସ୍ତ ସୁରକ୍ଷାକର୍ମୀ ଓ କର୍ମଚାରୀଙ୍କୁ ଧନ୍ୟବାଦ ଜଣାଉଛି। ଶେଷରେ ବାଚସ୍ପତି ସୁରମା ପାଢ଼ୀ ସମସ୍ତଙ୍କୁ ଧନ୍ୟବାଦ ଦେବା ସହ ଗୃହକୁ ଅନିର୍ଦ୍ଦିଷ୍ଟ କାଳ ଯାଏ ମୁଲତବୀ ଘୋଷଣା କରିଥିଲେ।

ସୂଚନାଯୋଗ୍ୟ, ନଭେମ୍ବର ୨୭ରୁ ଡିସେମ୍ବର ୩୧ ପର୍ଯ୍ୟନ୍ତ ଏହି ଅଧିବେଶନ ଚାଲିବାକୁ ବିଜ୍ଞପ୍ତି ଜାରି ହୋଇଥିଲା। ଗୃହ ୨୯ ଦିନ ଚାଲିବାକୁ ସ୍ଥିର ହୋଇଥିବାବେଳେ ୧୮ ଦିନ ପୂର୍ବରୁ ଅର୍ଥାତ୍ ୧୧ ଦିନରେ ବନ୍ଦ ହୋଇଯାଇଛି। ଏହି ଅବଧି ମଧ୍ୟରେ ୧,୫୪୬ଟି ତାରକା ପ୍ରଶ୍ନ ଗ୍ରହଣ ହୋଇଥିବାବେଳେ ୨୮ଟିର ଉତ୍ତର ଗୃହରେ ଦିଆଯାଇଛି। ସେହିପରି ୨୧୩୫ଟି ଅଣତାରକା ପ୍ରଶ୍ନ ନୋଟିସ୍ ବାଚସ୍ପତି ଗ୍ରହଣ କରିଥିବାବେଳେ ୬ଟି ମୁଲତବୀ ପ୍ରସ୍ତାବ ଉପରେ ଆଲୋଚନା ହୋଇଛି। ସେଥିମଧ୍ୟରେ ଚାଷୀ, ଆଇନଶୃଙ୍ଖଳା, ଦାଦନ ଭଳି ବିଭିନ୍ନ ପ୍ରସଙ୍ଗ ରହିଛି। ଏହାବାଦ୍ ୩୧ଟି କାଗଜ ଗୃହରେ ଉପସ୍ଥାପିତ(ଲେ) ହୋଇଥିବାବେଳେ ୪୪ ଜଣ ସଦସ୍ୟ ସବ୍‌ମିଶନରେ ଭାଗ ନେଇଥିଲେ। ୭ଟି ବିଧେୟକ ଉପସ୍ଥାପିତ ହେବା ସହିତ ସମସ୍ତ ବିଧେୟକ ଗୃହରେ ପାରିତ ହୋଇଛି। ଏହାସହିତ ୨ଟି ସରକାରୀ ସଂକଳ୍ପ ପାରିତ ହୋଇଥିବା ଜଣାପଡ଼ିଛି।

# ୧୨ ଯାଏ ଥରିବ ଓଡ଼ିଶା

## ୭ ଜିଲାକୁ କୋଲ୍ଡ ୱେଭ୍ ପାଇଁ ୟେଲୋ ୱାର୍ନିଂ

ଭୁବନେଶ୍ୱର, ୯।୧୨ (ବନ୍ଦନା ସେଠୀ)

ପ୍ରବଳ ଶୀତରେ ଥରୁଛି ସାରା ଓଡ଼ିଶା। ଆହୁରି ୩ ଦିନ ପର୍ଯ୍ୟନ୍ତ ଶୀତ ଲହରି ବା କୋଲ୍ଡ ୱେଭ୍ ଜାରି ରହିବ। ଉତ୍ତର-ପଶ୍ଚିମ ଦିଗରୁ ପ୍ରବାହିତ ହେଉଥିବା ଥଣ୍ଡା ଶୁଷ୍କ ବାୟୁ ପ୍ରଭାବରେ ୧୨ ତାରିଖ ଯାଏ ଶୀତ ଲହରି ଜାରି ରହିବ। ଏନେଇ ଆସନ୍ତା ୪୮ଘଣ୍ଟା ପର୍ଯ୍ୟନ୍ତ ୭ ଜିଲା ଝାରସୁଗୁଡ଼ା, ଅନୁଗୋଳ, ସୁନ୍ଦରଗଡ଼, ସୋନପୁର, କଳାହାଣ୍ଡି, କନ୍ଧମାଳ ଏବଂ କୋରାପୁଟକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ରାଜ୍ୟରେ ବର୍ତ୍ତମାନ କୌଣସି ପାଣିପାଗ ନିୟାମକ ସକ୍ରିୟ ନ ଥିବାବେଳେ ଆସନ୍ତା ୭ ଦିନ ଯାଏ ପାଗ ଶୁଖିଲା ରହିବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି।

ପାଣିପାଗ କେନ୍ଦ୍ର ନିର୍ଦ୍ଦେଶିକା ମନୋରମା ମହାନ୍ତି କହିଛନ୍ତି, କୋଲ୍ଡ ୱେଭ୍ ସହ ଘନ କୁହୁଡ଼ିର ପ୍ରଭାବ ଦେଖିବାକୁ ମିଳିବ। ଆସନ୍ତା ୨୪ଘଣ୍ଟା ପାଇଁ ସୁନ୍ଦରଗଡ଼, କନ୍ଧମାଳ ଏବଂ ଝାରସୁଗୁଡ଼ାରେ ଘନ କୁହୁଡ଼ି ଦୃଶ୍ୟମାନ ହେବା ନେଇ ୟେଲୋ ୱାର୍ନିଂ ଜାରି କରାଯାଇଛି। ଅନ୍ୟପକ୍ଷରେ ଗତ ୨୪ ଘଣ୍ଟାରେ ୧୦ଟି ସହରରେ ସର୍ବନିମ୍ନ ତାପମାତ୍ରା ୧୦ ଡିଗ୍ରୀ ତଳେ ରହିଛି। ଜି.ଉଦୟଗିରିରେ ସର୍ବନିମ୍ନ ତାପମାତ୍ରା ୪.୮ ଡିଗ୍ରୀ ରହିଥିବାବେଳେ ସେମିଳିଗୁଡ଼ାରେ ୬.୨ ଡିଗ୍ରୀ, ଫୁଲବାଣୀ ୬.୮, ଚିପିଲିମା ୭.୩, ରାଉରକେଲା ୭.୬, ଦାରିଙ୍ଗବାଡ଼ି ଓ ଝାରସୁଗୁଡ଼ାରେ ୮ଡିଗ୍ରୀ, ଅନୁଗୋଳ ଓ ଭବାନୀପାଟଣାରେ ୯ଡିଗ୍ରୀ ଏବଂ କିରେଇରେ ୯.୩ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି। ସେହିପରି ଭୁବନେଶ୍ୱରରେ ୧୩.୭ ଓ କଟକରେ ୧୨.୬ ଡିଗ୍ରୀ ତାପମାତ୍ରା ରହିଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।




# ଶ୍ରେଣୀଗୃହରେ ବିଷ ପିଇଲେ ଛାତ୍ରୀ

## ଗୁରୁତର ଅବସ୍ଥାରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି

କାଶୀନଗର/ ପାରଳାଖେମୁଣ୍ଡି, ୯।୧୨
(ପି.ମୁରଲୀ/ ଗରିଧାରୀ ପରିଚ୍ଛା)

ଗଜପତି ଜିଲା କାଶୀନଗର ଏନଏସିସ୍ଥିତ ବାରାଣସୀ ସରକାରୀ ହାଇସ୍କୁଲରେ ଜଣେ ଛାତ୍ରୀ ଆତ୍ମହତ୍ୟା ଉଦ୍ୟମ କରିବା ଘଟଣା ସ୍ଥାନୀୟ ଅଞ୍ଚଳରେ ଆଲୋଡ଼ନ ଖେଳାଇ ଦେଇଛି। ନିକଟସ୍ଥ ଗ୍ରାମର ନବମ ଶ୍ରେଣୀରେ ପଢୁଥିବା ଏହି ଛାତ୍ରୀ ଜଣକ ମଙ୍ଗଳବାର ଶ୍ରେଣୀଗୃହରେ ପାଠପଢ଼ା ଚାଲିଥିବା ବେଳେ ମୂଷାମରା ବିଷ ଖାଇଦେଇଥିଲେ। ସେ ବାନ୍ତି କରିବାରୁ ପାଠ ପଢ଼ାଉଥିବା ଶିକ୍ଷୟିତ୍ରୀ ତାଙ୍କ ପାଖକୁ ଯାଇ ପଚରାଉଚରା କରିଥିଲେ। ସେ ସମୟରେ ତାଙ୍କ ପାଖରେ ମୂଷାମରା ବିଷ ପଲିଥିନ ଜରି ପଡ଼ିଥିବା ଶିକ୍ଷୟିତ୍ରୀ ଦେଖିବାକୁ ପାଇଥିଲେ। ସଙ୍ଗେସଙ୍ଗେ ଛାତ୍ରୀଙ୍କୁ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ପାରଳାଖେମୁଣ୍ଡିସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଆତ୍ମହତ୍ୟା ଲାଗି ସେ କରିଥିବା ଉଦ୍ୟମ ସମ୍ପର୍କରେ କିଛି କାରଣ ସ୍ପଷ୍ଟ ହୋଇନହିଁ।

ଅନ୍ୟପକ୍ଷରେ ଘଟଣା ସମ୍ପର୍କରେ ଖବରପାଇ ଖବରଦାତାମାନେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚିଥିଲେ। ସେମାନଙ୍କୁ କିଛି ତଥ୍ୟ ଦେବାକୁ ସେଠାରେ ଥିବା ଶିକ୍ଷୟିତ୍ରୀ ମନା କରିଦେଇଥିଲେ। ଛାତ୍ରୀଙ୍କ ଫଟୋ ଉଠାଇବା ଓ ଭିଡିଓ କରିବାକୁ ସେ ମନା କରିଥିଲେ। ଘଟଣାକୁ ଚପାଇ ଦେବାକୁ ବିଦ୍ୟାଳୟ ପକ୍ଷରୁ ଚେଷ୍ଟା କରାଯାଉଛି ବୋଲି ଅଭିଯୋଗ ହେଉଛି। ଏନେଇ ସୂଚନା ପାଇ ଜିଲା ପରିଷଦ ଅଧ୍ୟକ୍ଷ ଜି. ତିରୁପତି ରାଓ ସମ୍ପୃକ୍ତ ବିଦ୍ୟାଳୟରେ ପହଞ୍ଚି ଘଟଣା ସମ୍ପର୍କରେ ଅନ୍ୟ ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରୀଛାତ୍ରମାନଙ୍କୁ ପଚାରି ବୁଝିଛନ୍ତି। ଏସମ୍ପର୍କରେ ଏବିଇଓ ନର୍ମଦା ଦାଶଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ସେ ବିଦ୍ୟାଳୟକୁ ଯାଇ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କ ସହ ଘଟଣା ନେଇ ଆଲୋଚନା କରିଥିବା କହିଛନ୍ତି। ଏ ବିଷୟରେ ଜିଲା ଶିକ୍ଷା ଅଧିକାରୀ (ଡିଇଓ) ମାୟାଧର ସାହୁଙ୍କୁ ଅବଗତ କରାଯାଇଛି। ତେବେ ଦାୟିତ୍ୱରେ ଥିବା ପ୍ରଧାନଶିକ୍ଷକ ଆର. ଦିଲିପ କୁମାରଙ୍କୁ ପଚାରିବାରୁ ସେ କହିଲେ, ଆଜି ମୁଁ ବିଦ୍ୟାଳୟରେ ନ ଥିଲି। ଜେଏନ୍‌ଭି ମିଟିଂକୁ ଆସିଥିଲି। ମିଟିଂରେ ଥିବାବେଳେ ଆମ ବିଦ୍ୟାଳୟରେ ଜଣେ ଛାତ୍ରୀ ବିଷପିଇ ଆତ୍ମହତ୍ୟା ଉଦ୍ୟମ କରିଥିବା ଖବର ପାଇଲି। ମିଟିଂ ପରେ ପାରଳାଖେମୁଣ୍ଡିସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଯାଇ ସମ୍ପୃକ୍ତା ଛାତ୍ରୀଙ୍କୁ ଦେଖିଥିଲି। ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ଡାକ୍ତରଙ୍କୁ ପଚାରିଥିଲି। ପରେ ଛାତ୍ରୀଙ୍କ ଘରକୁ ଯାଇ ତାଙ୍କ ମା'ଙ୍କୁ ଘଟଣା ବିଷୟରେ ସୂଚନା ଦେଇ ଏ ସମ୍ପର୍କରେ ପଚାରିଥିଲି। ଛାତ୍ରୀଙ୍କ ମାଆ କହିଥିଲେ, ସୋମବାର ରାତିରେ ମାଆ ଝିଅଙ୍କ ମଧ୍ୟରେ ବଚସା ହୋଇଥିଲା। ଏହାକୁ ନେଇ ସେ ଆଜି ସକାଳୁ ଘରେ ନ ଖାଇ ଘରୁ ପଇସା ମାଗି ନେଇ ବିଦ୍ୟାଳୟକୁ ପଢିବାକୁ ଯାଇଥିଲା। ସେହି ପଇସାରେ ମୂଷା ମରା ଔଷଧ କିଣି ନେଇ ଖାଇଦେଇଥିବ ବୋଲି ଛାତ୍ରୀଙ୍କ ମାଆ କହିଥିଲେ ବୋଲି ପ୍ରଧାନଶିକ୍ଷକ କୁମାର କହିଛନ୍ତି।

ଏ ସମ୍ପର୍କରେ ଡିଇଓ ସାହୁଙ୍କୁ ପଚାରିବାରୁ ସେ କହିଲେ, ଉକ୍ତ ଛାତ୍ରୀଙ୍କ ଘରେ ସୋମବାରଠାରୁ କୌଣସି କାରଣରୁ ବଚସା ହୋଇଥିଲା। ଏଥିଯୋଗୁ ସେ ସ୍କୁଲ ନିକଟରେ ଥିବା ଏକ ଦୋକାନରୁ ମୂଷା ମରା ଔଷଧ କିଣି ଆଣି ଖାଇ ଦେଇଛନ୍ତି। ଏହାର ତଦନ୍ତ ଚାଲିଛି ତଦନ୍ତ ପରେ ପ୍ରକୃତ କାରଣ ଜଣାପଡିବ ବୋଲି ସେ କହିଛନ୍ତି।




# ଯୁକ୍ତ୨ ପରୀକ୍ଷା ସୂଚୀରେ ପରିବର୍ତ୍ତନ

## ମାର୍ଚ୍ଚ ୧୧ ଓ ୨୧ ପରୀକ୍ଷା ୨୩ ଓ ୨୫ରେ ହେବ

ଭୁବନେଶ୍ୱର,୯।୧୨(ସୁଚିସ୍ମିତା ସାହୁ)

ଯୁକ୍ତ୨ ପରୀକ୍ଷା ସୂଚୀରେ ସାମାନ୍ୟ ପରିବର୍ତ୍ତନ ହୋଇଛି। ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍ଏସ୍ଇ) ପରିବର୍ତ୍ତିତ ସୂଚୀ ଅନୁଯାୟୀ, ମାର୍ଚ୍ଚ ୧୧ରେ ହେବାକୁ ଥିବା କଳା, ବିଜ୍ଞାନ ଓ ବାଣିଜ୍ୟ ପରୀକ୍ଷା ୨୩ ତାରିଖରେ ଅନୁଷ୍ଠିତ ହେବ। ସେହିପରି ମାର୍ଚ୍ଚ ୨୧ରେ ହେବାକୁ ଥିବା କଳା, ବାଣିଜ୍ୟ ଓ ଧନ୍ଦାମୂଳକ ପରୀକ୍ଷା ୨୫ ତାରିଖରେ ହେବ। ତେବେ ପୂର୍ବରୁ ପ୍ରକାଶିତ ଅବଶିଷ୍ଟ ପରୀକ୍ଷା ସୂଚୀ ଅପରିବର୍ତ୍ତିତ ରହିଛି। ପରୀକ୍ଷା ସୂଚୀରେ ଏହି ପରିବର୍ତ୍ତନ ହେବା ପରେ ଯୁକ୍ତ୨ ପରୀକ୍ଷା ମାର୍ଚ୍ଚ ୨୫ରେ ସରିବ ବୋଲି ପରୀକ୍ଷା ନିୟନ୍ତ୍ରକ ଡ. ପ୍ରଶାନ୍ତ କୁମାର ପରିଡ଼ା ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଆସନ୍ତା ଜାନୁଆରୀ ୨ରୁ ଯୁକ୍ତ୨ ପ୍ରାକ୍ଟିକାଲ ଆରମ୍ଭ ହୋଇ ୧୫ ତାରିଖ ଯାଏ ଚାଲିବ। ସେହିପରି ଫେବୃଆରୀ ୧୮ରୁ ଯୁକ୍ତ୨ ଥିଓରି ପରୀକ୍ଷା ଆରମ୍ଭ ହେବ।

# ଆଜିଠାରୁ ଯୁକ୍ତ୨ ଚତୁର୍ଥ ପର୍ଯ୍ୟାୟ ନାମଲେଖା ଆବେଦନ

ଭୁବନେଶ୍ୱର,୯।୧୨(ସୁଚିସ୍ମିତା ସାହୁ)

ଯୁକ୍ତ ୨ ନାମଲେଖା ପାଇଁ ବିଦ୍ୟାର୍ଥୀଙ୍କୁ ପୁଣି ଥରେ ସୁଯୋଗ ଦିଆଯାଇଛି। ଚତୁର୍ଥ ପର୍ଯ୍ୟାୟ ନାମଲେଖା ପାଇଁ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ମଙ୍ଗଳବାର ବିଜ୍ଞପ୍ତି ପ୍ରକାଶ ପାଇଛି। ଯେଉଁ ବିଦ୍ୟାର୍ଥୀମାନେ ନାମଲେଖାଇ ପାରିନାହାନ୍ତି ସେମାନେ ଆସନ୍ତା ୧୦ରୁ ୧୪ ତାରିଖ ପର୍ଯ୍ୟନ୍ତ ଆବେଦନ କରିପାରିବେ। ଆବେଦନ କରିବାରେ ୩ ଦିନ ଅର୍ଥାତ୍ ୧୭ ତାରିଖରେ ମେଧା ତାଲିକା ସହ ୱେଟିଂ ଲିଷ୍ଟ ପ୍ରକାଶ ପାଇବ। ମେଧା ତାଲିକାରେ ସ୍ଥାନ ପାଇଥିବା ପ୍ରାର୍ଥୀମାନେ ୧୮ ଓ ୧୯ ତାରିଖରେ ନାମଲେଖାଇବେ। ୱେଟିଂ ଲିଷ୍ଟରେ ଥିବା ଅବଶିଷ୍ଟ ପ୍ରାର୍ଥୀ ୨୦ରୁ ୨୨ ତାରିଖ ମଧ୍ୟରେ ପଞ୍ଜୀକରଣ କରିବେ ଏବଂ ସେମାନଙ୍କ ମେଧା ତାଲିକା ୨୨ ତାରିଖରେ ପ୍ରକାଶ ପାଇବ। ୨୪ ତାରିଖ ମଧ୍ୟରେ ନାମଲେଖା ପ୍ରକ୍ରିୟା ସରିବ ବୋଲି ବିଜ୍ଞପ୍ତିରେ ଉଲ୍ଲେଖ ରହିଛି। ପୂର୍ବରୁ ଆବେଦନ କରି ନାମଲେଖାଇ ନ ଥିବା ସମସ୍ତ ଛାତ୍ରୀଛାତ୍ର ଆବେଦନ କରିପାରିବେ ବୋଲି କୁହାଯାଇଛି।



# ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ହ୍ୟୁମାନ୍ ରାଇଟ୍ସ ଏଜୁକେଶନ୍ ଏବଂ ସିଭିଲ୍ ସୋଶାଇଟି ଫୋରମ୍ ପକ୍ଷରୁ ଇଣ୍ଟରନାଶନାଲ ହ୍ୟୁମାନ୍ ରାଇଟ୍ସ ଡେ' ପାଳନ, ସ୍ଥାନ: ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍ ୩, ସମୟ: ପୂର୍ବାହ୍ନ ୧୦ଟା।
- ବିଶ୍ୱ ମାନବାଧିକାର ଉଲଂଘନ ଉପଲକ୍ଷେ ଜନଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ: ଲୋହିଆ ଏକାଡେମୀ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ର୍‍ୟାଲି, ସ୍ଥାନ: ଲୋୟର୍ ପିଏମ୍‌ଜି, ସମୟ: ମଧ୍ୟାହ୍ନ ୧୨ଟା ୩୦।
- ଇଣ୍ଟରନାଶନାଲ ହ୍ୟୁମାନ୍ ରାଇଟ୍ସ ଡେ ପାଳନ, ସ୍ଥାନ: ସିଓ୍ୱାଇଏସ୍‌ଡି, ଫର୍ଚ୍ୟୁନ୍ ଟାୱାର ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା ୩୦।
- 'ମାନବାଧିକାର ମଞ୍ଚ' ଆନୁକୂଲ୍ୟରେ ବିଶ୍ୱ ମାନବାଧିକାର ଦିବସ ପାଳନ, ସ୍ଥାନ: ରେଡକ୍ରସ ଭବନ, ସମୟ: ଅପରାହ୍ନ ୫ଟା।
- କାବ୍ୟଲୋକ ପକ୍ଷରୁ ପୁସ୍ତକ ଲୋକାର୍ପଣ, ସ୍ଥାନ: ପ୍ରଦର୍ଶନୀ ପଡ଼ିଆ, ସମୟ: ସନ୍ଧ୍ୟା ୫ଟା ୩୦।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ୭ମ ରାଜ୍ୟସ୍ତରୀୟ ପୁସ୍ତକ ମହୋତ୍ସବ, ସ୍ଥାନ: ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍ ୩, ସମୟ: ସନ୍ଧ୍ୟା ୬ଟା।

**କଟକ**
- ଓଡ଼ିଶା ମାଷ୍ଟର୍ସ ବିଡବ୍ଲ୍ୟୁଏଫ୍ ଟୁର୍ ସୁପର ୧୦୦ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା ଦ୍ୱିତୀୟ ଦିବସ, ସ୍ଥାନ: ଜବାହରଲାଲ ନେହରୁ ଇନ୍‌ଡୋର ଷ୍ଟାଡିୟମ, ସମୟ: ସକାଳ ୮ଟା।
- ରଘୁନାଥ ଜୀଉ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ାର ଦ୍ୱିତୀୟ ଦିବସ, ସ୍ଥାନ: ବସୁନ୍ଧରା ପଡ଼ିଆ, ବିଡ଼ାନାସୀ, ସମୟ: ସକାଳ ୯ଟା।
- ଅଭୀପ୍ସା ପକ୍ଷରୁ ବିଶ୍ୱ ମାନବିକ ଅଧିକାର ଦିବସ ପାଳନ, ସ୍ଥାନ: ସେକେଣ୍ଡାରୀ ବୋର୍ଡ ହାଇସ୍କୁଲ, ବଜ୍ରକବାଟି ରୋଡ୍, ସମୟ: ଅପରାହ୍ନ ୨ଟା।
- ଉଦୟ ଓଡ଼ିଶା ଫାଉଣ୍ଡେସନ ପକ୍ଷରୁ କଟକ ଦିବସ, ସ୍ଥାନ: ସାରଳା ଭବନ, ସମୟ: ଅପରାହ୍ନ ୫ଟା ୩୦।

**ଭଦ୍ରକ**
- ଲିଙ୍ଗଭିତ୍ତିକ ହିଂସା ରୋକିବା ପାଇଁ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସଦ୍‌ଭାବନା ସଭାଗୃହ, ଭଦ୍ରକ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଚତୁର୍ଦ୍ଦଶ ଭଦ୍ରକ ମହୋତ୍ସବର ୯ମ ସନ୍ଧ୍ୟା, ସ୍ଥାନ: ଗାନ୍ଧୀପଡ଼ିଆ, ଭଦ୍ରକ, ସମୟ: ଅପରାହ୍ନ ୫ଟା।

**କେନ୍ଦୁଝର**
- ମାନବାଧିକାର ଦିବସ ପାଳନ, ସ୍ଥାନ:ମାଟକାମବେଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟ, ବଡ଼ବିଲ,ସମୟ: ପୂର୍ବାହ୍ନ ୧୦ଟା।

**ମୟୂରଭଞ୍ଜ**
- ଲେଟ୍‌କେଟ୍ କ୍ଲବ ଆନୁକୂଲ୍ୟରେ ୩୧ତମ ସର୍ବ ଭାରତୀୟ ଟି-୨୦ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ଷ୍ଟେଶନ ବଜାର ପଡ଼ିଆ, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ଚିତ୍ରଡ଼ା-କାକୁଡିହା ପ୍ରିମିୟର ଲିଗର କ୍ୱାଲିଫାୟର ମ୍ୟାଚ, ସ୍ଥାନ:ଚିତ୍ରଡ଼ା-କାକୁଡିହା କ୍ରିକେଟ ପଡ଼ିଆ, ମୋରଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ସାରସ୍ୱତ ମାଧ୍ୟମିକ ବିଦ୍ୟାଳୟ କୁଆଁମରାର ବାର୍ଷିକ ଉତ୍ସବ,ସ୍ଥାନ:କୁଆଁମରା କଲେଜ ପରିସର, ସମୟ:ପୂର୍ବାହ୍ନ ୧୦ଟା।
- ବାବୁଲାଲ ଅଗ୍ରୱାଲଙ୍କ ସ୍ମୃତିରେ ଚାଷୀଙ୍କୁ ସମ୍ବର୍ଦ୍ଧନା, ସ୍ଥାନ: ଷ୍ଟାଡିୟମ ସମ୍ମିଳନୀ କକ୍ଷ, ବାରିପଦା, ସମୟ: ପୂର୍ବାହ୍ନ ୧୧ଟା।
- ଆଇଓସିଏଲ୍ ପକ୍ଷରୁ ଖବରଦାତା ସମ୍ମିଳନୀ,ସ୍ଥାନ: ସର୍କିଟ ହାଉସ, ବାରିପଦା, ସମୟ: ଅପରାହ୍ନ ୧ଟା।
- ମୟୂରଭଞ୍ଜ ମହୋତ୍ସବର ଉଦ୍‌ଯାପନୀ ଉତ୍ସବ,ସ୍ଥାନ: ଛଉ ପଡ଼ିଆ, ବାରିପଦା,ସମୟ: ଅପରାହ୍ନ ୫ଟା।
- ରବି ଫସଲ ପାଇଁ ଜିଲା କମିଟିର ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ବାରିପଦା, ସମୟ: ଅପରାହ୍ନ ୪ଟା।
- ବଲିଉଡ୍ ସୁପରଷ୍ଟାର ଭାଗ୍ୟଶ୍ରୀ ଓ କଣ୍ଠଶିଳ୍ପୀ କୁମାର ରାଠୋରଙ୍କ ସଙ୍ଗୀତ ପରିବେଷଣ, ସ୍ଥାନ:ମୟୂରଭଞ୍ଜ ମହୋତ୍ସବ ଛଉ ପଡ଼ିଆ, ବାରିପଦା,ସମୟ:ସନ୍ଧ୍ୟା ୭ଟା।

**ବ୍ରହ୍ମପୁର**
- ଜିଲାସ୍ତରୀୟ ବିଜ୍ଞାନ ମେଳା, ସ୍ଥାନ: ଭିଭି ଗିରି ସ୍କୁଲ, ସମୟ: ଅପରାହ୍ନ ୩ଟା।

**କନ୍ଧମାଳ**
- ଦାରିଙ୍ଗବାଡି ବ୍ଲକସ୍ତରୀୟ କ୍ରୀଡା ଉତ୍ସବ, ସ୍ଥାନ: ହେଲିପ୍ୟାଡ଼ ପଡିଆ, ସମୟ: ପୂର୍ବାହ୍ନ ୧୦ଟା।
- କବିଜେଡିର ଖବରଦାତା ସମ୍ମିଳନୀ, ସ୍ଥାନ: ଦାରିଙ୍ଗବାଡି ପୂର୍ତ୍ତ ବିଭାଗ ଡାକ ବଙ୍ଗଳା, ସମୟ: ପୂର୍ବାହ୍ନ ୧୦ଟା ୩୦।
- ବିଶ୍ୱ ମାନବାଧିକାର ଦିବସ ପାଳନ, ସ୍ଥାନ: ଦାରିଙ୍ଗବାଡି ବ୍ଲକ ବ୍ରାହ୍ମଣୀଗାଁ ରାଜୀବ ଗାନ୍ଧୀ ସେବାକେନ୍ଦ୍ର, ସମୟ: ପୂର୍ବାହ୍ନ ୧୧ଟା।

**ଯାଜପୁର**
- ହସ୍ତତନ୍ତ ଓ ହସ୍ତଶିଳ୍ପ ମେଳା, ସ୍ଥାନ: ଯାଜପୁର ରୋଡ୍ କାଳୀମେଳଣ ପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା।
- ବରୀ ଲୋକ ମହୋତ୍ସବ -୨୦୨୫ର ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ବିଧାନ ଚନ୍ଦ୍ର ଏକାଡେମୀ ବାଲିଆପାଳ, ସମୟ: ସନ୍ଧ୍ୟା ୬ଟା।

**ନୟାଗଡ଼**
- ଘୋଡଲାଗି ପର୍ବର ୧୪ତମ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ: ସକାଳ ୭ ଟା। ସ୍ଥାନ: ଖଣ୍ଡପଡା ଜଗନ୍ନାଥ ମନ୍ଦିର ; ନୟାଗଡ଼ ଜଗନ୍ନାଥ ମନ୍ଦିର, ସମୟ: ସକାଳ ୭ ଟା ୩୦।
- ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର କଣ୍ଟିଲୋର ଭୂମି ପୂଜନ ଓ ଭିତ୍ତିପ୍ରସ୍ତର ସ୍ଥାପନ, ସ୍ଥାନ:କଣ୍ଟିଲୋ, ସମୟ:ପୂର୍ବାହ୍ନ ୧୦ଟା।
- ମା' ବରୁଣେଇ କ୍ରିକେଟ ଟୁର୍ନାମେଣ୍ଟର ୬ଷ୍ଠ ଦିବସରେ ବାଣପୁର ବନାମ କଣ୍ଟିଲୋ, ସ୍ଥାନ: କଣ୍ଟିଲୋ ମିନି ଷ୍ଟାଡିୟମ୍, ସମୟ: ପୂର୍ବାହ୍ନ ୧୦ଟା।
- ମହାଲକ୍ଷ୍ମୀ ପୂଜାର ସପ୍ତମ ଦିବସରେ ମହିଳା ବାଦିରାସ ସଂକୀର୍ତ୍ତନ, ସ୍ଥାନ:ଖଣ୍ଡପଡା ବ୍ଲକ ବାଇଗୁଣିଆ, ସମୟ:ଅପରାହ୍ନ ୩ ଟା।
- ସୁନାଖଳା ମହୋତ୍ସବର ୩ୟ ଦିବସ, ସ୍ଥାନ:ସିଟି ସ୍କୁଲ ପଡିଆ ସୁନାଖଳା, ସମୟ:ସନ୍ଧ୍ୟା ୬ଟା।

**ରାୟଗଡ଼ା**
- ଚଇତି କ୍ରୀଡା ମହୋତ୍ସବ ଉପଲକ୍ଷେ ଗଣଦୌଡ, ସ୍ଥାନ: ରିଲାଏନ୍ସ ମାର୍ଟ ଛକ, ସମୟ: ସକାଳ ୬ଟା।
- ଚଇତି ଉପଲକ୍ଷେ ବାସ୍କେଟ ବଲ ପ୍ରତିଯୋଗିତା, ସ୍ଥାନ: ସଦଭାବନା ସ୍ପୋର୍ଟସ କମ୍ପ୍ଲେକ୍ସ, ରାୟଗଡ଼ା, ସମୟ: ସକାଳ ୭ଟା।
- ଉପଖଣ୍ଡସ୍ତରୀୟ କୃଷି ଯନ୍ତ୍ରପାତି ମେଳା, ସ୍ଥାନ: ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ ପଡିଆ, ଗୁଣପୁର, ସମୟ: ପୂର୍ବାହ୍ନ ୧୦ଟା।
- ତାଲୁକ ଆଇନ ସେବା ସଂସ୍ଥା ପକ୍ଷରୁ ମାନବାଧିକାର ଦିବସ ପାଳନ, ସ୍ଥାନ: ଯୁକ୍ତ ଦୁଇ ଆୟାରାମା ମହିଳା ମହାବିଦ୍ୟାଳୟ, ଗୁଣପୁର, ସମୟ: ଅପରାହ୍ନ ୪ଟା ୩୦।

**ନବରଙ୍ଗପୁର**
- ବ୍ଲକସ୍ତରୀୟ ମଣ୍ଡେଇ ଉତ୍ସବ, ସ୍ଥାନ: ହାଇସ୍କୁଲ ପଡିଆ, ଝରିଗାଁ, ତେନ୍ତୁଲିଖୁଣ୍ଟି, ସମୟ: ସକାଳ ୯ଟା।

**କୋରାପୁଟ**
- ଆଞ୍ଚଳିକ ବିକାଶ ମଞ୍ଚ ପକ୍ଷରୁ ଯାତ୍ରୀବାହୀ ରେଳ ରୋକୋ, ସ୍ଥାନ: କାକିରିଗୁମ୍ମା ରେଲୱେ ଷ୍ଟେଶନ, ଲକ୍ଷ୍ମୀପୁର ବ୍ଲକ୍, ସମୟ: ସକାଳ ୮ଟା।
- ମାନବ ଅଧିକାର ଦିବସ ଅବସରରେ ସଚେତନତା ବୈଠକ, ସ୍ଥାନ: ନନ୍ଦପୁର ସର୍ବେଶ୍ୱର ମନ୍ଦିର ପ୍ରାଙ୍ଗଣ, ସମୟ: ସକାଳ ୯ଟା।
- ଭୀମଭୋଇ ସାମର୍ଥ୍ୟ ଶିବିର, ସ୍ଥାନ: କୋଟପାଡ଼ ବ୍ଲକ୍ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ଆଦିବାସୀ ବାଦ୍ୟ ପ୍ରତିଯୋଗିତା, ସ୍ଥାନ: ନିଶାଣିମୁଣ୍ଡା, କୋରାପୁଟ, ସମୟ: ପୂର୍ବାହ୍ନ ୧୦ଟା।
- ପର୍ଯ୍ୟଟନ ବିକାଶ ପରିଷଦର ବୈଠକ, ସ୍ଥାନ: ନନ୍ଦପୁର ବ୍ଲକ୍ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଅନ୍ତର୍ଜାତୀୟ ମାନବ ଅଧିକାର ଦିବସ ପାଳନ, ସ୍ଥାନ: ମହିଳା ମହାବିଦ୍ୟାଳୟ ପରିସର, ସୁନାବେଡ଼ା, ସମୟ: ପୂର୍ବାହ୍ନ ୧୧ଟା।

**ସମ୍ବଲପୁର**
- ସମ୍ବଲପୁରୀ ଧନୁଯାତ୍ରାର ଆଲୋଚନା, ସ୍ଥାନ : ସାମ୍ବାଦିକ ଭବନ, ସମୟ : ପୂର୍ବାହ୍ନ ୧୦ଟା।
- .ଲଜପତ ରାୟ ଆଇନ ମହାବିଦ୍ୟାଳୟ ପକ୍ଷରୁ ମାନବ ଅଧିକାର ଦିବସ କାର୍ଯ୍ୟକ୍ରମ, ସ୍ଥାନ : ମହାବିଦ୍ୟାଳୟ ସ୍ଥିତ ସମ୍ମିଳନୀ କକ୍ଷ, ସମୟ : ପୂର୍ବାହ୍ନ ୧୦ଟା।
- ମେହେରସ ମୋବାଇଲ ପକ୍ଷରୁ ଏକ ବର୍ଷ ପୂର୍ତ୍ତି କାର୍ଯ୍ୟକ୍ରମ, ସ୍ଥାନ : ଗଙ୍ଗାଧର ମେହେର ସ୍ଥିତ ଶୋରୁମ, ସମୟ : ଅପରାହ୍ନ ୪ଟା।

**ବଲାଙ୍ଗୀର**
- କୁଚ୍ ବିହାର ଟ୍ରଫି ଓଡ଼ିଶା-କର୍ଣ୍ଣାଟକ ମ୍ୟାଚ୍‌ର ଦ୍ୱିତୀୟ ଦିବସ, ସ୍ଥାନ ଗାନ୍ଧୀ ଷ୍ଟାଡିୟମ, ବଲାଙ୍ଗୀର, ସମୟ: ସକାଳ ୯ଟା।
- ଭାରତୀୟ ସମ୍ବିଧାନ ଓ ମାନବ ଅଧିକାର ସମ୍ପର୍କିତ କର୍ମଶାଳା, ସ୍ଥାନ: କଲେଜ ଛକ କଲ୍ୟାଣ ମଣ୍ଡପ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା।
- ସରକାରୀ ମହିଳା ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ସରକାରୀ ମହିଳା ମହାବିଦ୍ୟାଳୟ ପ୍ରାଙ୍ଗଣ, ବଲାଙ୍ଗୀର, ସମୟ: ଅପରାହ୍ନ ୨ଟା ୩୦।

**ରାଉରକେଲା**
- ସାଂସଦ ଖେଳ ମହୋତ୍ସବର ତୃତୀୟ ଦିବସ, ସ୍ଥାନ: ବିର୍ସା ମୁଣ୍ଡା ଆଥଲେଟିକ ଷ୍ଟାଡିୟମ, ସମୟ: ସକାଳ ୯ଟା।
- ଆଧ୍ୟାତ୍ମିକ ସାଧନା ଶିବିରର ଦ୍ୱିତୀୟ ଦିବସ କାର୍ଯ୍ୟକ୍ରମ, ସ୍ଥାନ: ସେକ୍ଟର-୭ ଶିବାନନ୍ଦ ଆଶ୍ରମ, ସମୟ: ସକାଳ ୯ଟା।
- ଏକତ୍ର ଆୟୋଜିତ ଇସ୍ପାତ ନାଟ୍ୟ ମହୋତ୍ସବି ୯ମ ସନ୍ଧ୍ୟା, ସ୍ଥାନ: ସିଭିକ ସେଣ୍ଟର, ସମୟ: ସନ୍ଧ୍ୟା ୬ଟା ୧୫।

**ବରଗଡ଼**
- ଜିଲାସ୍ତରୀୟ ଯୁବୋତ୍ସବ,ସ୍ଥାନ:ବିଜୁ ପଟ୍ଟନାୟକ ଟାଉନ ହଲ, ବରଗଡ଼, ସମୟ:ସକାଳ ୯ଟା।
- ବାର୍ଷିକ କ୍ରୀଡ଼ା ଉତ୍ସବ,ସ୍ଥାନ:ସରସ୍ୱତୀ ଶିଶୁ ମନ୍ଦିର (ଓଡ଼ିଆ), କେଶବ ନଗର, ବରଗଡ଼,ସମୟ:ପୂର୍ବାହ୍ନ ୧୦ଟା।
- ପଦ୍ମପୁର ଲୋକମହୋତ୍ସବର ସାଂସ୍କୃତିକ ଶୋଭାଯାତ୍ରା, ବାଣିଜ୍ୟ ମେଳା, ସ୍ଥାନ: ଅଶୋକ ପଡିଆ ପଦ୍ମପୁର,ସମୟ: ପୂର୍ବାହ୍ନ ୧୦ଟା।
- ଧନୁଯାତ୍ରା କଳାକାରଙ୍କ ପୂର୍ବାଭ୍ୟାସ, ସ୍ଥାନ:ଗାନ୍ଧିଛକ କଲ୍ୟାଣ ମଣ୍ଡପ, ବରଗଡ଼, ସମୟ: ପୂର୍ବାହ୍ନ ୧୦ଟା ୩୦।

**ସୁନ୍ଦରଗଡ଼**
- ସୁନ୍ଦରଗଡ଼ ବିଧାନସଭା ନିର୍ବାଚନମଣ୍ଡଳୀସ୍ତରୀୟ ସାଂସଦ ଖେଳ ଅଭିଯାନ, ସ୍ଥାନ: ଭବାନୀପୁର ସ୍ପୋର୍ଟ୍ସ କମ୍ପ୍ଲେକ୍ସ, ଯତରା ପଡିଆ ଓ ଭବାନୀଭବନ ଷ୍ଟାଡିୟମ, ସମୟ: ସକାଳ ୮ଟା।।
- ଜିଲା ଆଇନ ସେବା ପ୍ରାଧିକରଣ ତରଫରୁ ଆଇନ ସଚେତନତା ଶିବିର, ସ୍ଥାନ: କରମଡିହି ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ପୂର୍ବାହ୍ନ ୧୧ଟା।

**କଳାହାଣ୍ଡି**
- ଗ୍ରାମସଭା ସଂଘ ପକ୍ଷରୁ ଶୋଭାଯାତ୍ରା, ସ୍ଥାନ: ଭବାନୀପାଟଣା ଜିଲାପାଳଙ୍କ ଅଫିସ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।
- ସ୍ୱାଧୀନତା ସଂଗ୍ରାମୀ ଶହୀଦ ରେଣ୍ଡୋ ମାଝୀଙ୍କ ଶହୀଦ ଦିବସ ପାଳନ, ସ୍ଥାନ: ଭବାନୀପାଟଣା ବାନ୍ଦପଲା ଆଦିବାସୀ ଭବନ, ସମୟ: ପୂର୍ବାହ୍ନ ୧୦ଟା।

**ବୌଦ୍ଧ**
- ମାନବ ଅଧିକାର ଦିବସ ପାଳନ, ସ୍ଥାନ: ପଞ୍ଚାୟତ ମହାବିଦ୍ୟାଳୟ, ବୌଦ୍ଧ, ସମୟ: ସନ୍ଧ୍ୟା ୬ଟା।
- ଆଧ୍ୟାତ୍ମିକ ଧନୁଯାତ୍ରା ନାଟ୍ୟୋତ୍ସବ ଶୁଭାରମ୍ଭ, ସ୍ଥାନ: ଭୈରବୀ ଖେଳ ପଡିଆ, ବୌଦ୍ଧ, ସମୟ: ସନ୍ଧ୍ୟା ୭ଟା।

**ସୁବର୍ଣ୍ଣପୁର**
- ସନ୍ତୋଷୀ ମନ୍ଦିରର ବାର୍ଷିକ ଉତ୍ସବରେ ସୁନ୍ଦରାକାଣ୍ଡ ପରାୟଣ, ସ୍ଥାନ: ବିନିକା ଶିଶୁମନ୍ଦିର ସାମ୍ନା ସନ୍ତୋଷୀ ମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା।
- ସୁବର୍ଣ୍ଣା ନାରୀ ଜାଗରଣ କେନ୍ଦ୍ରର ବାର୍ଷିକୋତ୍ସବ, ସ୍ଥାନ: ସୁବର୍ଣ୍ଣପୁର ବ୍ଲକ ଛକ ସ୍ଥିତ ସୁବର୍ଣ୍ଣା ନାରୀ ଜାଗରଣ କେନ୍ଦ୍ର, ସମୟ: ପୂର୍ବାହ୍ନ ୧୦ଟା ୩୦।

**ନୂଆପଡ଼ା**
- ଲିଙ୍ଗଭିତ୍ତିକ ହିଂସା ଦିବସରେ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଜିଲା ମୁଖ୍ୟ ଚିକିତ୍ସାଳୟ ସମ୍ମିଳନୀ କକ୍ଷ ନୂଆପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା, ସ୍ଥାନ: ବିଜ୍ଞାପିତ ଅଞ୍ଚଳ ପରିଷଦ କଲ୍ୟାଣ ମଣ୍ଡପ-୨ ଖଡିଆଳ, ସମୟ: ପୂର୍ବାହ୍ନ ୧୦ଟା।
- ଗାଁରେ ପ୍ରଶାସନ କାର୍ଯ୍ୟକ୍ରମ, ସ୍ଥାନ: ଖଡିଆଳ ବ୍ଲକ ଲାଞ୍ଜି ପଞ୍ଚାୟତ ଡୁମେରଯୋର ଗାଁ, ସମୟ: ପୂର୍ବାହ୍ନ ୧୦ଟା।

**ଝାରସୁଗୁଡ଼ା**
- କୃଷି ଯନ୍ତ୍ରପାତି ମେଳା, ସ୍ଥାନ: ଝାରସୁଗୁଡ଼ା ମନମୋହନ ସ୍କୁଲପଡିଆ, ସମୟ: ପୂର୍ବାହ୍ନ ୧୧ଟା ୩୦।

# ୭ ମାସରେ ୮,୬୧୧ ସୂଚନା ଅଧିକାର ମାମଲା ସମାଧାନ

**ଭୁବନେଶ୍ୱର,୯।୧୨(ତ୍ରିନାଥ ମହାନ୍ତି)**

ରାଜ୍ୟ ସୂଚନା ଆୟୋଗ ଦ୍ୱାରା ରେକର୍ଡ ସଂଖ୍ୟକ ୮,୬୧୧ ମାମଲାର ସମାଧାନ ହୋଇଛି। ଗତ ୭ ମାସରେ ଆୟୋଗରେ ବିଚାରାଧୀନ ଅଭିଯୋଗ ସଂଖ୍ୟା ୨୨ ହଜାର ୬୧୧ରୁ କମି ୧୪ ହଜାରରେ ପହଞ୍ଚିଛି। କୋଭିଡ୍ ମହାମାରୀ ବେଳେ ମାମଲାର ଶୁଣାଣି ଧିମା ପଡ଼ିଥିଲା। ପରବର୍ତ୍ତୀ ସମୟରେ ରାଜ୍ୟ ମୁଖ୍ୟ ସୂଚନା କମିଶନର ପଦବୀ ଖାଲିପଡ଼ିବା ଓ ଆୟୋଗରେ କେବଳ ଦୁଇଜଣ ସୂଚନା କମିଶନର ଥିବାରୁ ଶୁଣାଣିରେ ସମସ୍ୟା ହୋଇଥିଲା। ତେବେ ନୂଆ ସରକାର ଦାୟିତ୍ୱ ଗ୍ରହଣ କରିବା ପରେ ଏପ୍ରିଲ ୨୦୨୫ରେ ରାଜ୍ୟ ମୁଖ୍ୟ ସୂଚନା କମିଶନରଙ୍କ ସହ ଚାରିଜଣ ସୂଚନା କମିଶନର ନିଯୁକ୍ତି ପ୍ରଦାନ କରିଥିଲେ। ଫଳରେ ମାମଲାଗୁଡିକର ଦ୍ରୁତ ସମାଧାନ ପାଇଁ ଆୟୋଗ ବିଶେଷ ଅଭିଯାନ ଆରମ୍ଭ କରିଥିବା ରାଜ୍ୟ ମୁଖ୍ୟ ସୂଚନା କମିଶନର ମନୋଜ ପରିଡ଼ା କହିଛନ୍ତି।

ଆୟୋଗର ସୂଚନା ଅନୁସାରେ, ଏକ ଗୁରୁତ୍ୱପୂର୍ଣ୍ଣ ରାୟରେ ରାଜ୍ୟ ମୁଖ୍ୟ ସୂଚନା କମିଶନର ମନୋଜ ପରିଡା ଓପିଏସ୍‌ସି ଦ୍ୱାରା ପରିଚାଳିତ ସମସ୍ତ ପରୀକ୍ଷାର ସାକ୍ଷାତ୍‌କାର ମାର୍କ ପ୍ରତ୍ୟେକ ପ୍ରାର୍ଥୀଙ୍କୁ ଦେବାକୁ ଆଦେଶ ଦେଇଛନ୍ତି। ଅତୀତରେ ଓପିଏସ୍‌ସି କେବଳ କିଛି ସୀମିତ ପରୀକ୍ଷାର ସାକ୍ଷାତ୍‌କାର ମାର୍କ ପ୍ରାର୍ଥୀମାନଙ୍କୁ ଦେଉଥିଲେ। ଏପରି ନିର୍ଦ୍ଦେଶ ଷ୍ଟାଫ୍ ସିଲେକ୍ସନ କମିଶନକୁ ମଧ୍ୟ ଦିଆଯାଇଛି। ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ମାମଲାରେ ସୂଚନା କମିଶନର ସୁଶାନ୍ତ କୁମାର ମହାନ୍ତି ଆର୍‌ଟିଆଇ ଆଇନକୁ ଦୁରୁପଯୋଗ କରି ଶହ ଶହ ମାମଲା ଆବେଦନ କରୁଥିବା ବ୍ୟକ୍ତିଙ୍କୁ ପ୍ରତିବନ୍ଧ ଲଗାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ଗତ କିଛିବର୍ଷ ମଧ୍ୟରେ ଆୟୋଗ ନିର୍ଦ୍ଦେଶକୁ ଅବହେଳା କରିଥିବା କର୍ମଚାରୀଙ୍କ ବିରୋଧରେ ୧ କୋଟି ୪୭ ଲକ୍ଷ ୭୬ ହଜାର ୨୫୦ଟଙ୍କାର ଜରିମାନା ଲାଗୁ କରାଯାଇଛି। ୧୮୫୭ଜଣ କର୍ମଚାରୀଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଲାଗି ସୁପାରିସ କରିବା ସହ ୧୬ ଲକ୍ଷ ୫୪ ହଜାର ଟଙ୍କାର କ୍ଷତିପୂରଣ ଦେବାକୁ ଆୟୋଗ ଆଦେଶ କରିଛନ୍ତି। ପଦକ୍ଷେପକୁ ଉଚ୍ଚ ନ୍ୟାୟାଳୟ ନ୍ୟାୟୋଚିତ ତଥା ଯଥାର୍ଥ ବୋଲି କହିଛନ୍ତି। ଏହାଦ୍ୱାରା ସୂଚନା ପାଇଁ ଆବେଦନକାରୀଙ୍କ ପ୍ରତୀକ୍ଷା ସମୟ ୩୦ ଦିନ ଅତିକ୍ରମ କରିବ ନାହିଁ ବୋଲି ଆୟୋଗ ପକ୍ଷରୁ କୁହାଯାଇଛି।


## ଡଗଡମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଡଗଡମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଅରୁଆ ଚାଉଳ ପେଯ କାଲି ଖାଇନାହିଁ ରହିଛି ଆଜି ମୁଖରେ ନାହିଁ ତ ତେଜ।**

ଖାଦ୍ୟ ମଣିଷକୁ ଶକ୍ତି ଓ ସାମର୍ଥ୍ୟ ଯୋଗାଇ ଦେଇଥାଏ। ବିନା ଖାଦ୍ୟପେୟରେ ମଣିଷ ସୁସ୍ଥ ସବଳ ରହିବା ନିହାତି ଅସମ୍ଭବ। ଏଭଳି ସ୍ଥିତିରେ ଭୋକ ଉପାସରେ ରହିଥିବା ବ୍ୟକ୍ତି ଦୁର୍ବଳ ଦିଶିବା ସହ ତେଜ ଓ ଶ୍ରୀହୀନ ହୋଇପଡ଼ିଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଅବଧାନିଆଣୀ, ବଡ଼ ମାଆ, ମାଉସୀ, ପିଉସୀ, ଶାଶୁ, ମାଈଁ, ନାନୀ, ଭାଉଜ ଏ ଆଠ ମାନ୍ୟ ଯାହା।**

ଭାରତୀୟ ସଂସ୍କୃତିରେ ନାରୀମାନଙ୍କୁ ଉଚ୍ଚାସନ ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ଉପର ବର୍ଣ୍ଣିତ ମହୀୟସୀ ତଥା ସମ୍ମାନାସ୍ପଦା ମହିଳାଙ୍କୁ ମାଆର ମାନ୍ୟତା ଦିଆଯିବା ନେଇ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଓଡ଼ିଆ ଡଗଡମାଳି ଓ ଲୋକଗୀତ - ଫ୍ରେଣ୍ଡସ ପବ୍ଲିଶର୍ସ**

ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

ପ୍ରଥମ ପୃଷ୍ଠାରୁ...

## ଏସ୍ଆଇଆର୍: ସମାଧାନ...

ଦ୍ୱିବେଦୀ ଯୁକ୍ତି ବାଢ଼ିଛନ୍ତି, ରାଜ୍ୟ ସରକାରମାନେ ଇସିଙ୍କୁ ସହଯୋଗ କରି ସୁରକ୍ଷା ଦେବା ଉଚିତ। ରାଜ୍ୟ ସରକାର ଏପରି ନ କଲେ ସ୍ଥାନୀୟ ପୋଲିସର ସହଯୋଗ ନେବା ବ୍ୟତୀତ ଆମ ପାଖରେ ଅନ୍ୟ ବିକଳ୍ପ ନାହିଁ। ଏହାସତ୍ତ୍ୱେ ସ୍ଥିତିରେ ଉନ୍ନତି ନ ଆସିଲେ ଆମେ କେନ୍ଦ୍ରୀୟ ବଳକୁ ଡକାଇବୁ। ଏହା ଶୁଣିବା ପରେ ଜଷ୍ଟିସ୍ ବାଗ୍‌ଚୀ କହିଥିଲେ, ନିର୍ବାଚନ ପ୍ରକ୍ରିୟା ଆରମ୍ଭ ନ ହେବା ପର୍ଯ୍ୟନ୍ତ ଇସି ପୋଲିସକୁ ନିଜ ଅଧୀନକୁ ନେଇପାରିବେ ନାହିଁ। ଏସ୍ଆଇଆର୍ କରାଇବା ପାଇଁ ବିଏଲ୍ଓ ଏବଂ ଅନ୍ୟ ଅଧିକାରୀମାନଙ୍କ କ୍ଷେତ୍ରରେ ଉପୁଜୁଥିବା ଅବ୍ୟବସ୍ଥାର ସମାଧାନ ଲାଗି ଇସିଙ୍କ ସାମ୍ବିଧାନିକ କ୍ଷମତା ରହିଛି। ଏହା ଶୁଣିବା ପରେ ସିଜେଆଇ ସୂର୍ଯ୍ୟକାନ୍ତ ଦ୍ୱିବେଦୀଙ୍କୁ କହିଥିଲେ, ସ୍ଥିତି ଅତ୍ୟନ୍ତ ଗମ୍ଭୀର ରହିଛି। ଏହାର ସମାଧାନ କରନ୍ତୁ। ନଚେତ୍ ଅରାଜକତା ସୃଷ୍ଟି ହେବ ବୋଲି ଖଣ୍ଡପୀଠ କହିଛନ୍ତି। ଏଥିସହ ଏସ୍ଆଇଆର୍ ଅଧୀନରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବା ପର୍ଯ୍ୟନ୍ତ ରାଜ୍ୟ ପୋଲିସ ମୁତୟନ କରାଇବା ଉପରେ ଇସି, କେନ୍ଦ୍ର ସରକାର ଓ ପଶ୍ଚିମବଙ୍ଗ ସରକାରଙ୍କୁ ଖଣ୍ଡପୀଠ ଜବାବ ମାଗିଛନ୍ତି।

## ଶିକାରୀ ଫାଶରେ...

ସମୟରେ ଶିକାରୀ ଫାଶ ବସାଇ ଜନ୍ତୁ ଶିକାର କରୁଥିବା ଅଭିଯୋଗ ହୋଇଆସୁଛି। ସୋମବାର ରାତିରେ ବନ୍ୟଜନ୍ତୁ ଶିକାର ପାଇଁ ଶିକାରୀମାନେ ଜିଆଇ ତାରରେ ଫାଶ ବିଛାଇଥିବା ବେଳେ ଡିମିରିପାଳ ଗାଁ ନିକଟ ଛଣମଳିଆ ନାଳଠାରେ ଏକ କଳରାପତରିଆ ବାଘ ଫାଶରେ ପଡ଼ିଯାଇଥିଲା। ମଙ୍ଗଳବାର ସକାଳୁ ବାଘର ଗର୍ଜନ ଶୁଣି ସ୍ଥାନୀୟ ଲୋକମାନେ ବନ ବିଭାଗକୁ ଖବର ଦେଇଥିଲେ। ବନ ବିଭାଗ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ପ୍ରଥମେ ଡ୍ରୋନ୍ କ୍ୟାମେରା ସାହାଯ୍ୟରେ ଫାଶରେ ପଡ଼ିଥିବା ବାଘର ସ୍ଥିତି ଅନୁଧ୍ୟାନ କରିଥିଲେ। ଫାଶରୁ ମୁକୁଳିବାକୁ ଉଦ୍ୟମ କରୁଥିବା ବାଘଟି ଅଚେତ ହୋଇଯିବା ପରେ ଟ୍ରାଙ୍କୁଲାଇଜ କରାଯାଇ ଉଦ୍ଧାର କରାଯାଇଥିଲା। ପରେ ଆହତ ବାଘକୁ ପୁରୁଣାଗଡ଼ ନିକଟ କୁଲାସିଙ୍ଗା ନର୍ସରୀକୁ ଅଣାଯାଇ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କ ଦ୍ୱାରା ଚିକିତ୍ସା କରାଯାଇଥିଲା। ତେବେ ଚିକିତ୍ସାଧୀନ ଅବସ୍ଥାରେ ବାଘଟିର ମୃତ୍ୟୁ ହୋଇଥିବା ଅନୁଗୋଳ ଡିଏଫ୍‌ଓ ନୀତୀଶ କୁମାର ସ୍ପଷ୍ଟ କରିଛନ୍ତି। ବ୍ୟବଚ୍ଛେଦ କରିଥିବା ବନ୍ତଲା ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ଦେବାଶିଷ ପଣ୍ଡା କହିଛନ୍ତି, ମଧ୍ୟବୟସ୍କ ଅଣ୍ଡିରା ବାଘଟି ଫାଶରୁ ମୁକୁଳିବାକୁ ଟାଣିଓଟାରି ହୋଇଥିଲା। ଅଣ୍ଟା ପାଖରେ ଚାପିହୋଇ ଭିତରେ ଅଧିକ ରକ୍ତସ୍ରାବ ହେବାରୁ ପ୍ରାଣ ହରାଇଛି।

## ବଢ଼ିବ ବିଧାୟକ...

ମିଶାଇ ୩ ଲକ୍ଷ ୫୬ ହଜାର ଟଙ୍କା ପାଇବେ। ଓଡ଼ିଶା ବିଧାନସଭା ବାଚସ୍ପତି ଓ ଉପବାଚସ୍ପତିଙ୍କ ଦରମା ଓ ଭତ୍ତା(ସଂଶୋଧନ)ବିଲ୍-୨୦୨୫ ପାରିତ ହୋଇଛି। ବାଚସ୍ପତି ୯୮ ହଜାର ମୂଳ ଦରମା ସହିତ ୩ ଲକ୍ଷ ୬୮ ହଜାର ଟଙ୍କା ପାଇବାକୁ ରହିଥିବାବେଳେ ଉପବାଚସ୍ପତି ୯୪ ହଜାର ମୂଳ ଦରମା ସହିତ ଅନ୍ୟାନ୍ୟ ଆନୁଷଙ୍ଗିକ ଭତ୍ତା ମିଶାଇ ୩ ଲକ୍ଷ ୫୬ ହଜାର ଟଙ୍କା ପାଇବେ। ଏହାବାଦ୍ ଉପମୁଖ୍ୟମନ୍ତ୍ରୀ ୯୮ ହଜାର ମୂଳ ଦରମା ସହିତ ଅନ୍ୟାନ୍ୟ ଭତ୍ତା ମିଶାଇ ୩ ଲକ୍ଷ ୬୮ ହଜାର ଟଙ୍କା ପାଇବାକୁ ରହିଥିବାବେଳେ ମୁଖ୍ୟମନ୍ତ୍ରୀ ୧ ଲକ୍ଷ ଦରମା ସହିତ ଅନ୍ୟାନ୍ୟ ଭତ୍ତା ମିଶାଇ ୩ ଲକ୍ଷ ୭୪ ହଜାର ଟଙ୍କା ପାଇବେ। ପୂର୍ବତନ ସଦସ୍ୟମାନେ ପେନ୍‌ସନ ବାବଦକୁ ୮୦ ହଜାର ଟଙ୍କା ସହିତ ଅନ୍ୟାନ୍ୟ ଭତ୍ତା ପାଇବେ।

ଗୃହରେ ଏହି ବିଧେୟକ ଆଗତ ହେବା ପୂର୍ବରୁ 'ବନ୍ଦେ ମାତରମ୍' ସଂକଳ୍ପ ଆଲୋଚନା ବେଳେ ସରକାରଙ୍କ ପକ୍ଷରୁ ସମସ୍ତ ପଂକ୍ତି ଆବୃତ୍ତ କରାଯାଇଥିବାରୁ ଏହାକୁ ବିରୋଧକରି ବିରୋଧୀ ବିଜେଡି ଓ କଂଗ୍ରେସ ସଦସ୍ୟ କକ୍ଷତ୍ୟାଗ କରିଥିଲେ। ସଂସଦୀୟ ବ୍ୟାପାର ମନ୍ତ୍ରୀ ଡ. ମୁକେଶ ସେମାନଙ୍କୁ ଗୃହକୁ ଅନୁରୋଧ କରିବା ପରେ ଗୃହକାର୍ଯ୍ୟ ସୁରୁଖୁରୁରେ ଚାଲିଥିଲା।

## ବାରବାଟୀରେ ଭାରତର...

ଅଧିନାୟକ ଏଡେନ ମାରକ୍ରମ ୧୪, ଟ୍ରିଷ୍ଟନ ଷ୍ଟବ୍ସ ୧୪, ଡେଭିଡ ମିଲର ୧, ଡୋନୋଭାନ ଫେରିରା ୫, ମାର୍କୋ ଜାନସେନ ୧୨, ଡେୱାଲ୍ଡ ବ୍ରେଭିସ ୨୨ ରନ, ଏନରିଚ୍ ନର୍କିଆ ୧ ଏବଂ କେଶବ ମହାରାଜ ଡକ୍ (୦)ରେ ଆଉଟ ହୋଇଛନ୍ତି। ଭାରତ ପକ୍ଷରୁ ଅର୍ଶଦୀପ ସିଂ, ଯଶପ୍ରୀତ୍ ବୁମ୍ରା, ବରୁଣ ଚକ୍ରବର୍ତ୍ତୀ ଓ ଅକ୍ଷର ପଟେଲ ୨ଟି ଲେଖାଏ ଏବଂ ହାର୍ଦ୍ଦିକ ପାଣ୍ଡ୍ୟା ଓ ଶିବମ୍ ଦୁବେ ଗୋଟିଏ ଲେଖାଏ ଉଇକେଟ ନେଇଛନ୍ତି।

ଭାରତୀୟ ଟେଷ୍ଟ ଓ ଦିନିକିଆ ଦଳର ଅଧିନାୟକ ଶୁବମନ ଗିଲ୍ ବେକଜନିତ ସମସ୍ୟାରୁ ମୁକୁଳିବା ପରେ ଦକ୍ଷିଣ ଆଫ୍ରିକା ବିପକ୍ଷ ପ୍ରଥମ ଟି୨୦ ମ୍ୟାଚ୍‌ଜରିଆରେ ପ୍ରତ୍ୟାବର୍ତ୍ତନ କରିଥିଲେ। ପ୍ରଥମ ବଲ୍‌ରେ ଚୌକା ଲଗାଇ ସେ ଖାତା ଖୋଲିଥିଲେ। ହେଲେ ଦ୍ୱିତୀୟ ବଲ୍‌କୁ ବୋଲରଙ୍କ ମୁଣ୍ଡ ଉପରେ ମାରିବାକୁ ଯାଇ ଲଙ୍ଗ ଅଫ୍ ଅଞ୍ଚଳରେ କ୍ୟାଚ୍‌ଆଉଟ୍ ହୋଇଥିଲେ। ତାଙ୍କ ପରେ ଭଲ ଟଚ୍‌ରେ ଜଣାପଡୁଥିବା ଅଧିନାୟକ ସୂର୍ଯ୍ୟକୁମାର ଯାଦବ ମଧ୍ୟ ଖରାପ ଶଟ୍ ସିଲେକ୍ସନର ଶିକାର ହୋଇଥିଲେ। ତୃତୀୟ ଓଭରରେ ଲଗାତର ଦୁଇ ବଲ୍‌ରେ ଚୌକା ଓ ଛକା ଲଗାଇବା ପରେ ସୂର୍ଯ୍ୟ ତୃତୀୟ ବଲ୍‌ରେ ମଧ୍ୟ ଶଟ୍ ଖେଳିବାକୁ ଉଦ୍ୟମ କରିଥିଲେ। ହେଲେ ସେ ୩୦ ୟାର୍ଡ ସର୍କଲ ମଧ୍ୟରେ ଲଙ୍ଗଅନ୍‌ରେ କ୍ୟାଚ୍‌ଆଉଟ୍ ହୋଇଥିଲେ। ସେ ଆଉଟ୍ ହେବା ପୂର୍ବରୁ ୧୨ ରନ୍‌କରିଥିଲେ। ଦୁଇ ବ୍ୟାଟର ଲୁଙ୍ଗି ଏନ୍‌ଗିଡିଙ୍କ ବଲ୍‌ରେ ଆଉଟ୍ ହୋଇଥିଲେ। ପ୍ରଥମ ୩ ଓଭରରେ ଦୁଇ ଉଇକେଟ୍‌ର ପତନ ଘଟିବାରୁ ଭଲ ଫର୍ମରେ ଥିବା ଭାରତୀୟ ଦଳର ବିସ୍ଫୋରକ ଓପନର ଅଭିଷେକ ଶର୍ମାଙ୍କଠାରୁ ଅଧିକ ଆଶା କରାଯାଉଥିଲା। ହେଲେ ପାୱାରପ୍ଲେ ଶେଷହେବା ପରେ ସପ୍ତମ ଓଭରରେ ଲଗାତର ଦୁଇ ଚୌକା ଲଗାଇବା ପରେ ଲୁଥୋ ସିପମଲାଙ୍କ ବଲ୍‌ରେ ଫାଇନ ଲେଗ୍ ଅଞ୍ଚଳରେ ମାର୍କୋ ଜାନସେନଙ୍କ ହାତରେ କ୍ୟାଚ୍‌ଆଉଟ୍ ହୋଇଥିଲେ। ସେ ଆଉଟ୍ ହେବା ପୂର୍ବରୁ ୧୨ ବଲ୍‌ରେ ୨ ଚୌକା ଓ ୧ ଛକା ସହିତ ୧୭ ରନ୍ କରିଥିଲେ। ତାଙ୍କ ପରେ କ୍ରିଜ୍‌ରେ ସେଟ୍ ହୋଇସାରିଥିବା ତିଲକ ବର୍ମା ପାଭିଲିଅନ ଫେରିଥିଲେ। ସେ ୩୨ ବଲ୍‌ରେ ୨ ଚୌକା ଓ ୧ ଛକା ସହ ୨୬ ରନ୍‌କରି ଏନ୍‌ଗିଡିଙ୍କ ବଲ୍‌ରେ ଆଉଟ୍ ହୋଇଯାଇଥିଲେ। ସେହିଭଳି ୧ ଛକା ସହ ୨୧ ବଲ୍‌ରେ ୨୩ ରନ୍‌କରି ସେଟ୍ ଜଣାପଡୁଥିବା ଅକ୍ଷର ଖରାପ ଶଟ୍ ଖେଳି ପଏଣ୍ଟରେ ଫେରିରାଙ୍କ ହାତରେ କ୍ୟାଚ୍‌ଆଉଟ୍ ହୋଇଥିଲେ।

### ଏକାକୀ ଲଢ଼ିଲେ ହାର୍ଦ୍ଦିକ

ଇଞ୍ଜୁରିରୁ ପ୍ରତ୍ୟାବର୍ତ୍ତନ କରିଥିବା ହାର୍ଦ୍ଦିକ ୧୩ତମ ଓଭରରେ କେଶବ ମହାରାଜଙ୍କୁ ଦୁଇ ଛକା ଲଗାଇ ମୋମେଣ୍ଟମ୍‌କୁ ଭାରତୀୟ ଦଳ ସପକ୍ଷକୁ ଆଣିଥିଲେ। ସେହିଭଳି ଏନ୍‌ରିଚ ନର୍କିଆଙ୍କ ୧୫ତମ ଓଭରରେ ହାର୍ଦ୍ଦିକ ୨ ଚୌକା ସହିତ ୧୭ ରନ୍ ଆଦାୟ କରିଥିଲେ। ୧୬ତମ ଓଭରରେ ହାର୍ଦ୍ଦିକଙ୍କ ବ୍ୟାଟ୍‌ରୁ ଏକ ଚୌକା ସତ୍ତ୍ୱେ ଭାରତ ମାତ୍ର ୬ ରନ୍ କରିବାକୁ ସକ୍ଷମ ହୋଇଥିଲା। ୧୭ତମ ଓଭରର ପ୍ରଥମ ବଲ୍‌ରେ ଶିବମ ଦୁବେ(୧୧ ରନ୍, ୨ ଚୌକା) କ୍ଲିନ୍‌ବୋଲ୍ଡ ହୋଇଥିଲେ। ୧୯ତମ ଓଭରରେ ପାଣ୍ଡ୍ୟା ଛକା, ଚୌକା ଲଗାଇ ଦର୍ଶକଙ୍କୁ ଉତ୍ସାହିତ କରିଥିଲେ। ଏପରିକି ପୂରା ଷ୍ଟାଡିୟମରେ ହାର୍ଦ୍ଦିକ୍... ହାର୍ଦ୍ଦିକ୍... ନାରା ଗୁଞ୍ଜରିତ ହୋଇଥିଲା। ୧୯ତମ ଓଭରରେ ଭାରତ ୧୮ ରନ୍ କରିଥିବା ବେଳେ ଅନ୍ତିମ ଓଭରରେ ୧୨ ରନ୍ କରିଥିଲା। ହାର୍ଦ୍ଦିକ ୨୮ ବଲ୍‌ରେ ୬ ଚୌକା ଓ ୪ ଛକା ସହ ୫୯ ରନ୍ କରିଥିଲେ। ଜୀତେଶ ଶର୍ମା ୧୦ ରନ୍‌କରି ଅପରାଜିତ ରହିଥିଲେ। ଦକ୍ଷିଣ ଆଫ୍ରିକା ପାଇଁ ଏନ୍‌ଗିଡି ୩ ଓ ସିପମଲା ୨ ଉଇକେଟ ନେଇଥିଲେ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**: ଆଜି ପାପଯୁକ୍ତ ଚନ୍ଦ୍ର କୋଣସ୍ଥାନରେ ରହିଥିବାରୁ ସନ୍ତାନଙ୍କ ସମସ୍ୟା ଦୁଶ୍ଚିନ୍ତାର କାରଣ ହେବ। ସ୍ୱାସ୍ଥ୍ୟ ସମସ୍ୟା ସୁଧୁରିଯିବାରୁ ଆଶ୍ୱସ୍ତି ଲାଭ କରିବେ। ଜଳ, ତୈଳ, ବିଦ୍ୟୁତ୍ ବ୍ୟବସାୟ ଓ ତେଜରାତି ଦୋକାନରୁ ଲାଭବାନ ହେବେ। ବନ୍ଧୁଙ୍କ ସହ ଫଳପ୍ରଦ ଆଲୋଚନା ସାଙ୍ଗକୁ ବିଳାସ ବ୍ୟସନ ମଧ୍ୟରେ ସମୟ ଅତିବାହିତ ହେବାର ସୂଚନା ରହିଛି।

**ବୃଷ**: ରାଶ୍ୟାଧିପ ଶୁକ୍ର ରାଶିକୁ ଦେଖୁଥିବାରୁ ସ୍ୱାସ୍ଥ୍ୟରେ ଉନ୍ନତି ହେବ। ପଡ଼ୋଶୀଙ୍କ ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାରେ ପଡ଼ିବେ। ଆନୁଷ୍ଠାନିକ କାମ କିମ୍ବା ସ୍ୱତନ୍ତ୍ରଭାବେ ନିମନ୍ତ୍ରିତ ସଭାସମିତିକୁ ଯିବା ସକାଶେ ଦୂରଯାତ୍ରା କରିବେ। ଶିଳ୍ପ, ବ୍ୟବସାୟ, ପରିବହନ, ସରକାରୀ କାମ, ପଦସ୍ଥବ୍ୟକ୍ତିଙ୍କୁ ସାକ୍ଷାତ କରିବା ପାଇଁ ମନ୍ଦ ହେବନି।

**ମିଥୁନ**: ଲାଭାଧିପ ମଙ୍ଗଳ ସପ୍ତମକେନ୍ଦ୍ରସ୍ଥ ଯୋଗୁ ଆଜିର ଯାତ୍ରା, ବାଣିଜ୍ୟ ଏବଂ ପ୍ରତିଯୋଗିତା କ୍ଷେତ୍ରରେ ସଫଳତା ପାଇବେ। ପାରିବାରିକ କ୍ଷେତ୍ରରେ ବୁଝାମଣା ଅଭାବରୁ ବିତର୍କ ଓ ମନାନ୍ତର ସୃଷ୍ଟି ହେବ। ବିବାଦୀୟ ସ୍ଥିତି ଦୂରେଇବାରେ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ। କଚେରି ମାମଲାର ପୂର୍ଣ୍ଣଚ୍ଛେଦ ସାମୟିକ ଆଶ୍ୱସ୍ତି ପ୍ରଦାନ କରିବ।

**କର୍କଟ**: ସ୍ୱାସ୍ଥ୍ୟ ସମସ୍ୟା ଲାଗି ରହିଥିବାରୁ ମାନସିକ ସ୍ଥିତି ବିଗିଡ଼ିପାରେ। ଅନାବଶ୍ୟକ ଖର୍ଚ୍ଚ ସଙ୍ଗକୁ କର୍ମକ୍ଷେତ୍ରରେ ସହକର୍ମୀଙ୍କ କାର୍ଯ୍ୟ ହିଁ ଅସୁବିଧାର ସମ୍ମୁଖୀନ କରାଇବ। ଟେନ୍‌ସନର ଲାଘବ ସକାଶେ ସ୍ତ୍ରୀଙ୍କ ସହ ଆଲୋଚନା କଲେ ଆଶଙ୍କା ଦୂର ହୋଇପାରିବ। ସାମାଜିକ ସ୍ତରରେ କିମ୍ବା ସଂଗଠନ କ୍ଷେତ୍ରରେ ପ୍ରତିବନ୍ଧକ ସୁଧୁରି ଯିବାର ସୂଚନା ରହିଛି।

**ସିଂହ**: ଆଜିର ଗ୍ରହସ୍ଥିତି ଅନୁକୂଳ ଯୋଗୁ କାର୍ଯ୍ୟ ହାସଲରେ ସମର୍ଥ ହେବେ। କିନ୍ତୁ ଚନ୍ଦ୍ର ଓ କେତୁଙ୍କ ସମ୍ପର୍କ ମାନସିକ ଅଶାନ୍ତି ଆପଣଙ୍କୁ ଗୋଲକ ଧନ୍ଦାରେ ପକାଇପାରେ। ଶାଶୁଘର ସମସ୍ୟା ତଥା ଅର୍ଥାଭାବ ହେତୁ ଧାର କରଜଜନିତ ବିବ୍ରତ ରହିବେ। ବନ୍ଧୁଙ୍କ ସହ ଆଳାପ ପରେ କୌଣସି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ସକାଶେ ମନସ୍ଥ କରିବେ।

**କନ୍ୟା**: ଭାଗ୍ୟସ୍ଥାନକୁ ତିନୋଟି ଗ୍ରହଙ୍କ ଦୃଷ୍ଟି ତୀର୍ଥାଟନ କିମ୍ବା ଧାର୍ମିକ କାର୍ଯ୍ୟ ସକାଶେ ଅନୁପ୍ରେରିତ କରାଇପାରେ। ଈର୍ଷା ମନୋଭାବ ପୋଷଣ କରୁଥିବା ବ୍ୟକ୍ତି ସମସ୍ୟାମୂଳକ ପରିସ୍ଥିତି ସୃଷ୍ଟି କରିପାରନ୍ତି। ଅପରିଚିତ ଲୋକଟିଏ ଯାତ୍ରାକାଳରେ ସାହାଯ୍ୟ କରିବ। ସାହିତ୍ୟ, ସାମ୍ବାଦିକତା କ୍ଷେତ୍ରରେ ବୁଦ୍ଧିଜୀବୀଙ୍କ ଦ୍ୱାରା ପ୍ରଶଂସିତ ହୋଇପାରନ୍ତି।

**ତୁଳା**: ଶନିଙ୍କ କ୍ଷେତ୍ରରେ ରାହୁଙ୍କ ସ୍ଥିତି ଆପଣଙ୍କ ବିଚାରଧାରାକୁ କଳୁଷିତ କରିପାରନ୍ତି। ଏଣେ ଅଧିକାଂଶ ସମୟ ସନ୍ତାନଙ୍କ ସ୍ୱାସ୍ଥ୍ୟ ଖରାପ ହେଉଥିବାରୁ ବ୍ୟସ୍ତତା ବଢ଼ିଯିବ। ଭଲକାମ କରି ମଧ୍ୟ ପରିବାର କିମ୍ବା ସାମାଜିକ ସ୍ତରରେ ଅଭିଯୋଗର ସମ୍ମୁଖୀନ ହେବେ। ମାତ୍ରାଧିକ ଭ୍ରମଣ ଯୋଗୁ ଆଳସ୍ୟ ଅନୁଭବ କରିପାରନ୍ତି।

**ବିଛା**: ରାଶ୍ୟାଧିପ ଧନସ୍ଥାନରେ ରହି ଧନାଧିପତି ବୃହସ୍ପତି ଦେଖୁଥିବାରୁ ଅର୍ଥଲାଭର ଯୋଗ ରହିଛି। ସପ୍ତମାଧିପ ଶୁକ୍ର ରାଶିରେ ଅବସ୍ଥାନ କରୁଥିବାରୁ ପାରିବାରିକ ଶାନ୍ତି ଅନୁଭବ କରିବେ। ବାଣିଜ୍ୟ, ପ୍ରଶାସନ, କଳା, ସାହିତ୍ୟ ଓ ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଲେ ପ୍ରଶଂସିତ ହେବେ। ବନ୍ଧୁଙ୍କ କଥାକୁ ପ୍ରତିବାଦ କରି ଟେନ୍‌ସନ୍‌କୁ ନିମନ୍ତ୍ରଣ କରିପାରନ୍ତି।

**ଧନୁ**: ମଙ୍ଗଳଙ୍କ ରାଶ୍ୟାବସ୍ଥାନ ଆପଣଙ୍କୁ ବାତ୍ସଲ୍ୟ ମମତା ପ୍ରଦାନ ସାଙ୍ଗକୁ ବନ୍ଧୁସମ୍ପର୍କ ବୃଦ୍ଧିରେ ସହାୟକ ହେବ। ଭୋଗସ୍ଥାନରେ ଶୁକ୍ରଙ୍କ ସ୍ଥିତିଜନିତ ବ୍ୟବସାୟ, କ୍ରୀଡ଼ା, ସଙ୍ଗୀତାଦି କ୍ଷେତ୍ରରେ ସଫଳତା ହାସଲ କରିବେ। ଶିଳ୍ପ, ବାଣିଜ୍ୟରେ ଉନ୍ନତି କରିବା କ୍ଷେତ୍ରରେ ଜଣେ ବନ୍ଧୁ ସାହାଯ୍ୟ କରିପାରନ୍ତି। ବନ୍ଧୁ ସାହାଯ୍ୟକୁ ମନା କରିପାରିବେ ନାହିଁ।

**ମକର**: ଗ୍ରହଙ୍କ ପ୍ରତିକୂଳସ୍ଥିତି ହେତୁ ଦୁର୍ଭାବନାରେ ମନ ବିଚଳିତ ରହିବାରୁ କୌଣସି କାମ ଶୃଙ୍ଖଳିତ ହେବନାହିଁ। ଅଟକି ରହିଥିବା କାମ ବନ୍ଧୁ କରାଇ ଦେଇପାରନ୍ତି। ଜମିଜମା କିମ୍ବା ଘରସୀମାକୁ କେନ୍ଦ୍ରକରି ଟଣାଓଟରା ଦେଖା ଦେଇପାରେ। ପରିଜନଙ୍କ ସହିତ ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ମିଳିବାର ଆଶା ରହିଛି।

**କୁମ୍ଭ**: କର୍ମାଧିପ ଏକାଦଶଭାବରେ ଅବସ୍ଥାନ କରିଥିବାରୁ ଆଶା ନିଶ୍ଚିତ ପୂରଣ ହେବ। କିନ୍ତୁ ନୀଚାରୋହୀ ଶନିଙ୍କ ପ୍ରଭାବରେ ଥଣ୍ଡା ଓ କାଶ ହେତୁକ ଅସୁସ୍ଥତା ଅନୁଭବ କରିବେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ସମ୍ମାନନୀୟ ବ୍ୟକ୍ତି ସହାୟତା କରିପାରନ୍ତି। ପଡ଼ୋଶୀଙ୍କ ସହ ସୁସମ୍ପର୍କ ରକ୍ଷା ଯୋଗୁ ପ୍ରତ୍ୟେକ କ୍ଷେତ୍ରରେ ସହଯୋଗ ଅବଶ୍ୟ ପାଇବେ।

**ମୀନ**: ବୃହସ୍ପତିଙ୍କ ପ୍ରତି ମଙ୍ଗଳଙ୍କ ପ୍ରତ୍ୟକ୍ଷ ଦୃଷ୍ଟି ଅର୍ଥଲାଭ ସହ କର୍ମକ୍ଷେତ୍ରରେ ପଦାଧିକାରୀଙ୍କ ପ୍ରିୟଭାଜନ କରାଇବ। ଆତ୍ମୀୟଙ୍କ ସ୍ୱାସ୍ଥ୍ୟରେ ଉନ୍ନତିରୁ ମନ ଖୁସି ରହିବ। ପରିବାର ସଦସ୍ୟଙ୍କ ସହିତ ଆଲୋଚନା ଅନୁଯାୟୀ ଆଜିର କାମଗୁଡ଼ିକ ସବୁ ଠିକ୍ ଠିକ୍ ହୋଇଯିବ। କର୍ମକ୍ଷେତ୍ରରେ ଚେଷ୍ଟା କରୁଥିବା କାମରେ ଅବଶ୍ୟ ସଫଳତା ପାଇବେ।


ଆଜି ଡିସେମ୍ବର ୧୦ ତାରିଖ। ବିଶ୍ୱ ମାନବାଧିକାର ଦିବସ, ପୌଷ କୃଷ୍ଣ ଷଷ୍ଠୀ ଯୁକ୍ତ ସପ୍ତମୀ ବୁଧବାର। ରାଶିନକ୍ଷତ୍ର-ମଘା/ସିଂହ, ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୬.୧୪ମି. ଗତେ ଘ.୦୮.୨୪ମି. ମଧ୍ୟେ, ଘ.୧୦.୩୪ମି. ଗତେ ଘ.୧୧.୩୯ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୧.୩୯ମି. ଗତେ ଘ.୦୧.୦୦ମି. ମଧ୍ୟେ ରାହୁ କାଳ।

# ୧୫୦ ଜଳାଶୟ ନଷ୍ଟ କରିବ ଜେଏସ୍‌ଡବ୍ଲ୍ୟୁ

## ଜେଏସ୍‌ଡବ୍ଲ୍ୟୁ ଉତ୍କଳ ଷ୍ଟିଲ ଲିଃର ସ୍ଲରି ପାଇପ୍ ଲାଇନ୍

ଯାଜପୁର,୯।୧୨
(ହର୍ଷବର୍ଦ୍ଧନ ବେହେରା)

ଜେଏସ୍‌ଡବ୍ଲ୍ୟୁ ଉତ୍କଳ ଷ୍ଟିଲ ଲିଃ ଲୁହାପଥର ପରିବହନ ପାଇଁ କେନ୍ଦୁଝର ଜିଲା ଯୋଡ଼ା ଅଞ୍ଚଳରୁ ପାରାଦୀପସ୍ଥିତ ନିଜସ୍ୱ ଷ୍ଟିଲ୍ ପ୍ଲାଣ୍ଟକୁ ସ୍ଲରି ପାଇପ୍ ଲାଇନ ବିଛାଇବା ନିମନ୍ତେ ୨୦୧୯ରେ ରାଜ୍ୟ ଜଳସମ୍ପଦ ବିଭାଗର ଅନୁମତି ପାଇଥିଲା। ଏବେ ଏହି ପାଇପ୍ ଲାଇନ୍‌କୁ ଯୋଡ଼ାଠାରୁ ପଛକୁ ସୁନ୍ଦରଗଡ଼ ଜିଲାର କଳମଙ୍ଗ ପର୍ଯ୍ୟନ୍ତ ବଢ଼ାଯାଇଛି। ଅର୍ଥାତ୍ କଳମଙ୍ଗଠାରୁ ଯୋଡ଼ା ହୋଇ ପାରାଦୀପ ପର୍ଯ୍ୟନ୍ତ ବିଛାଯିବ ସ୍ଲରି ପାଇପ୍ ଲାଇନ। ଏହି ପ୍ରସ୍ତାବକୁ ଜଳ ସମ୍ପଦ ବିଭାଗ ପକ୍ଷରୁ ମଞ୍ଜୁରୀ ମିଳିଥିବାବେଳେ ଅନୁସଚିବ ସସ୍ମିତା ମିଶ୍ର ୫।୧୨।୨୦୨୫ରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ବିଭାଗୀୟ ଚିଫ୍ ଇଞ୍ଜିନିୟରଙ୍କୁ ନିର୍ଦ୍ଦେଶ ଜାରି କରିଛନ୍ତି। ତେବେ ଏହି ସ୍ଲରି ପାଇପ୍ ଲାଇନ୍ ଦ୍ୱାରା ୧୫୦ଟି ବିଭିନ୍ନ ଜଳାଶୟ ସିଧାସଳଖ ପ୍ରଭାବିତ ହେବ ବୋଲି ସୂଚନା ମିଳିଛି।



Government of Odisha
Department of Water Resources
*****

No. 33751 /WR., Date: 05/12/2025
Irr.-II-WRC-174/2025(Physical File No.)
WR-MAJII-WRC-0009-2019(OSWAS File No.)

From
Smt. Sasmita Mishra.
Under Secretary to Government.

To
The OSD-cum-Engineer-in-Chief,
Water Resources, Odisha, Bhubaneswar

Sub: ROW permission in favour of M/s JSW Utkal Steel Ltd. for laying 32" 86 24" Dia. Iron Ore Slurry pipeline across various water bodies (River/ Nallah/Canal) from its beneficiation plant at Nuagaon, Keonjhar District & Kalamanga to Palashponga in Keonjhar District.

Sir,

In inviting reference to your Letter No. 30101/WE dated 16.10.2025 on the subject noted above, I am directed to say that M/s JSW Utkal Steel Ltd. was given permission for laying slurry pipeline from slurry pump station at Gobardhanpur to steel plant at Paradeep with total 136 nos. of water body crossings from Joda, Keonjhar to Paradeep Plant vide DoWR letter no.19557 dtd.04.09.2019.

In the meantime, M/s JSW Utkal Steel Ltd. shifted the beneficiation plant from Gobardhanpur under Joda block, Keonjhar to Nuagaon, Keonjhar & Kalamanga, Sundergarh for which the industry has sought permission for additional 14 nos. of new water body crossings for laying Iron Ore Slurry pipeline.

The details of the water body crossing location of pipeline are given below.

| Controlling officer | Division Name | Pipeline crossing water bodies | | | |
|---|---|---|---|---|---|
| | | River | Canal | Nalla | Total |
| CE&BM, Baitarani Basin | Baitarani Irrigation Division, Salapada | 3 | 0 | 8 | 11nos. |
| CE, Minor Irrigation | M. I. Division, Keonjhar | 0 | 3 | 00 | 3nos. |
| | Total | 3 | 3 | 8 | 14nos. |

Page 1 of 7

"Every drop of water is precious. Use optimally by adopting recycle, reuse and zero discharge technology".

ଦିନକୁ ଦିନ ଭୂତଳ ଜଳସ୍ତର କମିବାରେ ଲାଗିଛି। ବିଭିନ୍ନ ଖଣି ଓ ଶିଳ୍ପ କାରଖାନା ବୃଦ୍ଧି ସାଙ୍ଗକୁ ମୋରମ ଓ ପଥର ଖାଦାନରେ ବେଆଇନ ବିସ୍ଫୋରଣ ଭୂତଳ ଜଳକୁ ବି ପ୍ରଦୂଷିତ କରିଛି। ସେଣ୍ଟ୍ରାଲ ଗ୍ରାଉଣ୍ଡ ୱାଟର ବୋର୍ଡ(ସିଜିଡବ୍ଲ୍ୟୁବି) ପକ୍ଷରୁ ଗତ ଜୁନରେ ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ (ଏନ୍‌ଜିଟି)ରେ ଦାଖଲ ହୋଇଥିବା ରିପୋର୍ଟ ଅନୁସାରେ ସୁକିନ୍ଦା ଖଣି ଅଞ୍ଚଳର ଭୂତଳ ଜଳରେ ପରମିଶିବୁଲ ଲିମିଟ୍ ଲିଟର ପ୍ରତି ୦.୦୫ ମିଲିଗ୍ରାମ(ଏମ୍‌ଜି)ଠାରୁ ପ୍ରାୟ ୧୪ ଗୁଣ ଅଧିକ ବିଷାକ୍ତ କ୍ରୋମିୟମ ଅଂଶ ରହିଥିବା ପ୍ରମାଣିତ ହୋଇଛି। ଏପରି ସ୍ଥିତିରେ ଜଳାଶୟ କିସମ ଜମି ହ୍ରାସ ପର୍ଯ୍ୟାବରଣ ପାଇଁ ବିପଦ ସୃଷ୍ଟି କରିଛି। ପୋଖରୀ ପୁନରୁଦ୍ଧାର ଅବା ଖୋଳାଯିବା ପରିବର୍ତ୍ତେ ପୁରାତନ ପୋଖରୀକୁ ପୋତା ଚାଲିଛି। ଏପରି କି ବିଭିନ୍ନ ଜଳାଶୟ ପ୍ରଭାବିତ ହେଉ ପଛେ ଶିଳ୍ପପତିମାନଙ୍କ ସ୍ୱାର୍ଥ ଆଗ ନୀତିରେ ସ୍ଲରି ପାଇପ୍ ଲାଇନ୍ ବିଛାଇବାକୁ ଅନୁମତି ଦିଆଯାଉଛି। ସୂଚନା ଅନୁସାରେ, ଜେଏସ୍‌ଡବ୍ଲ୍ୟୁ ଷ୍ଟିଲ ଲିଃର ନାମ ପରିବର୍ତ୍ତନ କରାଯାଇ ଜେଏସ୍‌ଡବ୍ଲ୍ୟୁ ଉତ୍କଳ ଷ୍ଟିଲ ଲିଃ ରଖାଯାଇଛି। ଏହାର ପାରାଦୀପ ଷ୍ଟିଲ୍ ପ୍ଲାଣ୍ଟର ବାର୍ଷିକ ଉତ୍ପାଦନ କ୍ଷମତା ୧୦ ମେଟ୍ରିକ ଟନ୍‌ରୁ ୧୨ ମେଟ୍ରିକ ଟନ୍‌କୁ ବୃଦ୍ଧି କରାଯାଇଛି। ଏଥିପାଇଁ ଜେଏସ୍‌ଡବ୍ଲ୍ୟୁ ପାରାଦୀପ ପର୍ଯ୍ୟନ୍ତ ପ୍ରାୟ ୩୫୦ କି.ମି. ପାଇପ୍ ବିଛାଇ ଲୁହାପଥର ପରିବହନ କରିବାକୁ ଅନୁମତି ପାଇଛି। ପୂର୍ବରୁ ଜେଏସ୍‌ଡବ୍ଲ୍ୟୁ ବୈତରଣୀ ନଦୀକୂଳ କେନ୍ଦୁଝର ଜିଲା ଯୋଡ଼ା ବ୍ଲକ ଗୋବର୍ଦ୍ଧନପୁରରେ ସ୍ଲରି ପମ୍ପ୍ ଷ୍ଟେଶନ ନିର୍ମାଣ କରିବାକୁ ନିଷ୍ପତ୍ତି ନେଇଥିଲା। ଏଥିପାଇଁ ୧୩୬ଟି ବିଭିନ୍ନ ଜଳାଶୟ ଅତିକ୍ରମ କରି ଯୋଡ଼ା, କେନ୍ଦୁଝରଠାରୁ ପାରାଦୀପ ଷ୍ଟିଲ ପ୍ଲାଣ୍ଟ ପର୍ଯ୍ୟନ୍ତ ସ୍ଲରି ପାଇପ୍ ଲାଇନ୍ ବିଛାଇବାକୁ ୪।୯।୨୦୧୯ରେ ଅନୁମତି ମିଳିଥିଲା। ଏବେ ପୁଣି ଗୋବର୍ଦ୍ଧନପୁରଠାରୁ ବିପରୀତ ଦିଗରେ କେନ୍ଦୁଝର ଜିଲା ନୂଆଗାଁ ଦେଇ ସୁନ୍ଦରଗଡ଼ ଜିଲା କଳମଙ୍ଗ ପର୍ଯ୍ୟନ୍ତ ସ୍ଲରି ପାଇପ୍ ଲାଇନ୍ ବଢ଼ାଯିବା ପ୍ରସ୍ତାବକୁ ଜଳ ସମ୍ପଦ ବିଭାଗ ପକ୍ଷରୁ ଅନୁମତି ମିଳିଛି। ଏଥିଲାଗି ଅତିରିକ୍ତ ଭାବେ ୧୪ଟି ବିଭିନ୍ନ ଜଳାଶୟ ଅତିକ୍ରମ କରିବ ବୋଲି ପ୍ରସ୍ତାବ ଦିଆଯାଇଛି। ଏନେଇ ଜଳ ସମ୍ପଦ ବିଭାଗ ପକ୍ଷରୁ ଜେଏସ୍‌ଡବ୍ଲ୍ୟୁ ଉପରେ ୩୦ ଦଫା ସର୍ତ୍ତ ରଖାଯାଇଛି। ତଦନୁଯାୟୀ, ଜଳାଶୟ ନିକଟରେ ସ୍ଲରି ପାଇପ୍ ଲାଇନ୍ ଯଦି ଫାଟିଯାଏ, ତେବେ କମ୍ପାନୀ ତୁରନ୍ତ ମରାମତି ସହ ଆଇନ ଅନୁସାରେ କ୍ଷତିଗ୍ରସ୍ତ ଲୋକଙ୍କୁ କ୍ଷତିପୂରଣ ପ୍ରଦାନ କରିବ। ପାଇପ୍ ଲାଇନ୍ ବିଛା କାର୍ଯ୍ୟ ସମୟରେ ଜଳସେଚନ ଉପରେ କୌଣସି ବାଧା ଯେପରି ନ ଉପୁଜେ କିମ୍ବା ଜଳସେଚନ ଭିତ୍ତିଭୂମି ଓ ଜଳାଶୟ ଯେପରି ନଷ୍ଟ ନ ହୁଏ, ସେଥିପ୍ରତି କମ୍ପାନୀ କର୍ତ୍ତୃପକ୍ଷ ଧ୍ୟାନ ରଖିବେ। ଏଭଳି କେତେକ ସର୍ତ୍ତ ରହିଥିଲେ ମଧ୍ୟ ଜଳାଶୟଗୁଡ଼ିକ ନିଶ୍ଚିତ ଭାବେ ପ୍ରଭାବିତ ହେବ ବୋଲି ସମ୍ପୃକ୍ତ ଅଞ୍ଚଳବାସୀ ଆଶଙ୍କା ବ୍ୟକ୍ତ କରିଛନ୍ତି। ଏହାବାଦ କେନ୍ଦୁଝର, ଯାଜପୁର, କେନ୍ଦ୍ରାପଡ଼ା ଓ ଜଗତ୍‌ସିଂହପୁର ଜିଲାର ବ୍ୟାପକ ଜଙ୍ଗଲ ଧ୍ୱଂସ ହେବା ସହ ଗରିବ ଆଦିବାସୀ ଲୋକଙ୍କ ଚାଷଜମି ନଷ୍ଟ ହେବ। ପାଇପ୍ ଲାଇନ୍ ପ୍ରାୟ ୭୦ କି.ମି. ସଂରକ୍ଷିତ ଜଙ୍ଗଲ, ୩୦ କି.ମି. ସୁରକ୍ଷିତ ଜଙ୍ଗଲ ଓ ୨୦ କି.ମି. ଅନ୍ୟାନ୍ୟ ଜଙ୍ଗଲ ଦେଇ ଯାଉଥିବା କୁହାଯାଉଛି। ବଡ଼ବିଲ, ରିମୁଲି, କେନ୍ଦୁଝର, ଆନନ୍ଦପୁର, କଳିଙ୍ଗନଗର, ଚଣ୍ଡିଖୋଲ ଦେଇ ପାରାଦୀପକୁ ପାଇପ୍ ବିଛା ହେବ। ଏହି ପ୍ରକଳ୍ପ ପାଇଁ ବୈତରଣୀ ନଦୀରୁ ଦୈନିକ ୧୦ ହଜାରରୁ ଊର୍ଦ୍ଧ୍ୱ କ୍ୟୁବିକ ମିଟର ପାଣି ଆବଶ୍ୟକ।

ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଜଳାଶୟ କିସମ ଜମିକୁ ସୁରକ୍ଷା କରିବାକୁ ୨୦୧୮ରେ ଆରଡିସିଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ ହୋଇଥିଲା। ଏଥିରେ ଜିଲାପାଳ ଆବାହକ, ଏସ୍‌ପିସିବିର ଆଞ୍ଚଳିକ ଅଧିକାରୀ, ନିର୍ବାହୀ ଅଧିକାରୀ, ଉନ୍ନୟନ ପରିଷଦର ଯୋଜନା ଅଧିକାରୀ ପ୍ରମୁଖ ସଭ୍ୟ ରହିଥିଲେ। ଏହି ନିଷ୍ପତ୍ତିର ୭ ବର୍ଷ ଅତିକ୍ରାନ୍ତ ହୋଇସାରିଛି। ହେଲେ ସୁରକ୍ଷା ଓ ସଂରକ୍ଷଣ ଦିଗରେ ଧ୍ୟାନ ନ ଦେଇ ସ୍ଲରି ପାଇପ୍ ଲାଇନ୍ ବିଛା ନାମରେ ଜଳାଶୟଗୁଡ଼ିକର ଅସ୍ତିତ୍ୱ ହରାଇବାକୁ ଯୋଜନା କରାଯାଉଛି ବୋଲି ମତପ୍ରକାଶ ପାଇଛି।

# ଗୃହ ଦେଲା ସୁସ୍ଥ ଗଣତନ୍ତ୍ରର ବାର୍ତ୍ତା



ଭୁବନେଶ୍ୱର,୯।୧୨
(ରବିନାରାୟଣ ଜେନା)

ଚଳିତବର୍ଷର ଶୀତ ଅଧିବେଶନ ୧୮ ଦିନର ଅବଧି ପୂର୍ବରୁ ମଙ୍ଗଳବାର ଶେଷ ହୋଇଛି। ଏହି ଅଧିବେଶନଟି ବିଭିନ୍ନ ଦୃଷ୍ଟିକୋଣରୁ ବହୁ ଗୁରୁତ୍ୱ ବହନ କରୁଛି। କେବଳ ଯେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଐତିହାସିକ ଉଦ୍‌ବୋଧନ ଓ ହୃଦୟସ୍ପର୍ଶୀ ମାର୍ଗଦର୍ଶନ ଗୃହକୁ ଗୌରବମଣ୍ଡିତ କରିଛି ତାହା ନୁହେଁ, ଦୀର୍ଘ ଦୁଇ ଦଶନ୍ଧି ପରେ ଗୃହରେ ଏକପ୍ରକାର ସୁସ୍ଥ ବାତାବରଣ ଭିତରେ ଅଧିବେଶନଟି ଶେଷ ହୋଇଛି। ରାଜ୍ୟର ବିକାଶ ପାଇଁ ବିରୋଧୀମାନେ ଆକ୍ରମଣାତ୍ମକ ଢଙ୍ଗରେ ତାଙ୍କ ସ୍ୱର ନ ଉଠାଇ ଗୃହର ପରମ୍ପରା ଅନୁଯାୟୀ ଗୃହକାର୍ଯ୍ୟରେ ସହଯୋଗ କରିଥିବା ପରିଲକ୍ଷିତ ହୋଇଛି। ତେବେ ପୂର୍ବ ଅଧିବେଶନ ସହ ଯଦି ଶୀତ ଅଧିବେଶନକୁ ତୁଳନା କରାଯିବ, ତେବେ ଆକାଶ ପାତାଳ ଫରକ୍ ମିଳିବ। ପୂର୍ବ ଅଧିବେଶନରେ ଅଧିକାଂଶ ସମୟ ଗୃହ ଆରମ୍ଭ ହେବାଠାରୁ ପ୍ରାୟ ୩ରୁ ୪ ଦିନ ପର୍ଯ୍ୟନ୍ତ ଗୃହକାର୍ଯ୍ୟ ଚାଲିପାରେ ନାହିଁ। କେତେବେଳେ ୫ ମିନିଟ୍‌ରେ ମୁଲତବୀ ହୋଇଯାଇ ଥାଏ ତ ଆଉ କେତେବେଳେ ଥରକୁ ଥର ମୁଲତବୀ ଓ ସର୍ବଦଳୀୟ ବୈଠକରେ ଅଟକିଯାଏ। ମାତ୍ର ଚଳିତ ଅଧିବେଶନ କାଳରେ ଏସବୁ ଦେଖିବାକୁ ମିଳି ନ ଥିଲା। ଏପରିକି ସର୍ବଦଳୀୟ ବୈଠକ ପର୍ଯ୍ୟନ୍ତ କଥା ଯାଇନାହିଁ। ଚଳିତବର୍ଷ ଫେବୃଆରୀରେ ପ୍ରଥମ ବଜେଟ ଅଧିବେଶନ କାଳରେ କଂଗ୍ରେସ ନାରୀ ନ୍ୟାୟକୁ ନେଇ ଗୃହରେ କୌଣସି ସ୍ପଷ୍ଟ ମତ ରଖିପାରି ନ ଥିବାବେଳେ ମୌସୁମୀ ଅଧିବେଶନରେ ଅନାସ୍ଥା ପ୍ରସ୍ତାବ ଆଣି ହଟହଟା ହୋଇଥିଲା। ଏଥର ଆଦିବାସୀ ସଂକଳ୍ପ ଆଣିଥିଲେ ହେଁ ତାହା ବାଚସ୍ପତି ଗ୍ରହଣ କରି ନ ଥିଲେ। ଏସବୁ ସତ୍ତ୍ୱେ କଂଗ୍ରେସ ତା'ର ରଣନୀତିରେ ପରିବର୍ତ୍ତନ କରି ଗୃହକାର୍ଯ୍ୟରେ ସହଯୋଗ କରିଥିବା ପରିଲକ୍ଷିତ ହୋଇଥିଲା।

ସେହିପରି ପ୍ରମୁଖ ବିରୋଧୀ ବିଜେଡି ମଉକା ଦେଖି ଛକା ମାରିବା ନ୍ୟାୟରେ କେତେବେଳେ ହଟ୍ଟଗୋଳ କରି ଚୁପ୍ ରହିଯାଉଥିଲା ତ ଆଉ କେତେବେଳେ ବୃହତ୍ ସ୍ୱାର୍ଥକୁ ଦୃଷ୍ଟିରେ ରଖି କଂଗ୍ରେସ ସହ ସ୍ୱର ମିଳାଇ ବାହାବା ନେଉଥିବା ପରିଲକ୍ଷିତ ହୋଇଥିଲା। ଅନ୍ୟପକ୍ଷରେ ଶାସକ ଦଳ ପକ୍ଷରୁ ଗୃହ ଚଳାଇବାର ରଣକୌଶଳ ଏଥର ଏକପ୍ରକାର ସଫଳ ହୋଇଥିବା ଜଣାଯାଇଛି। ତେବେ ଏଥର ଗୃହରେ ବିଧାୟକମାନଙ୍କ ଦରମା ବୃଦ୍ଧିକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଗୃହ ସୁରୁଖୁରୁରେ ଚାଲିବା ପଛରେ ଦରମା ବଢ଼ା ଅନ୍ୟତମ କାରଣ ନୁହେଁ ତ ବୋଲି ବୁଦ୍ଧିଜୀବୀମାନେ କହୁଛନ୍ତି।

### ତାରାଙ୍କୁ ଖୋଜାପଡ଼ିଲା

ଚଳିତ ଅଧିବେଶନରେ କଂଗ୍ରେସର ବରିଷ୍ଠ ସଦସ୍ୟ ତାରାପ୍ରସାଦ ବାହିନୀପତିଙ୍କୁ ଖୋଜାପଡ଼ିଥିଲା। ଯଦିଓ ସେ ଅଧିବେଶନର ପ୍ରଥମ ଦିବସ ତଥା ରାଷ୍ଟ୍ରପତିଙ୍କ ଗସ୍ତ ଦିନ ଉପସ୍ଥିତ ରହିଥିଲେ, ଏହାପରେ ସେ ଅନୁପସ୍ଥିତ ଥିଲେ। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ଥିବାରୁ ସେ ଅନୁପସ୍ଥିତ ରହିଥିବା ଜଣାପଡ଼ିଛି। ତେବେ ତାରା ଥିଲେ ନିଶ୍ଚିତଭାବେ ଥରୁଟିଏ ହେଲେ ବି ଗୃହ ମୁଲତବୀ କରିଥାନ୍ତେ ବୋଲି ବହୁ ବିଧାୟକ କହିଛନ୍ତି।

### ଭାଜପାକୁ ଅଡୁଆ ଆଉଟ୍‌ସୋର୍ସିଂ ବିଜେଡି ସଦସ୍ୟ

ଚଳିତ ଅଧିବେଶନ କାଳରେ ଗୃହକାର୍ଯ୍ୟ ଚାଲିଥିବା ବେଳେ ଶାସକ ଦଳ ଭାଜପା ପାଇଁ ବିଜେଡିରୁ ଆଉଟ୍‌ସୋର୍ସିଂ ହୋଇ ଆସିଥିବା ସଦସ୍ୟଙ୍କୁ ନେଇ ଅଡୁଆ ବଢ଼ିଥିଲା। ସଦସ୍ୟ ସନ୍ତୋଷ ଖଟୁଆ ଗୃହରେ ଗାନ୍ଧୀଙ୍କୁ ଦେଶ ବିଭାଜନକାରୀ ବୋଲି କହିବା ପରେ ସରକାରଙ୍କୁ କଂଗ୍ରେସ ଓ ବିଜେଡି ଏକଜୁଟ୍ ହୋଇ ଘେରିଯାଇଥିଲେ। ଏହି ଘଟଣା ଏତେ ତୀବ୍ର ହୋଇଥିଲା ଯେ ଗୃହକାର୍ଯ୍ୟ ପ୍ରାୟ ୨ଘଣ୍ଟା ଧରି ଚାଲିପାରି ନ ଥିଲା। ବିରୋଧୀ ସଦସ୍ୟମାନେ ଗାନ୍ଧୀ ମୂର୍ତ୍ତିତଳେ ଧାରଣା ଦେବା ଯୋଗୁ ସଂସଦୀୟ ବ୍ୟାପାର ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ ପ୍ରଧାନ ଏପରିକି ବାଚସ୍ପତି ସୁରମା ପାଢ଼ୀ ଏକପ୍ରକାର ନାକେଦମ୍ ହେବା ପର୍ଯ୍ୟନ୍ତ ସ୍ଥିତି ଉପୁଜିଥିଲା।

### କାଡାମକୁ ଲଲିପପ୍


କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ଚଳିତ ଅଧିବେଶନରେ ଆଦିବାସୀ ଓ ପଛୁଆବର୍ଗଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଏକ ସଂକଳ୍ପ ଆଣିଥିଲେ। ବେସରକାରୀ ବିଲ୍ ଆଗତ କରିବା ଲାଗି ବାଚସ୍ପତି ଓ ସଂସଦୀୟ ବ୍ୟାପାର ମନ୍ତ୍ରୀ ଥରକୁ ଥର ସମୟ ଗଡ଼ାଇଥିଲେ। ଏପରିକି ଡିସେମ୍ବର ୧୨ରେ ବେସରକାରୀ ବିଲ୍ ଆଲୋଚନା ଦିନ ଏହା ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ହେଲେ ଏହାପୂର୍ବରୁ ଗୃହ ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ ଘୋଷଣା ହୋଇଯାଇଛି। କାଡାମଙ୍କ ସଂକଳ୍ପ ଗ୍ରହଣ ଓ ଆଲୋଚନା କେବଳ କଥାରେ ରହିଯାଇଛି। ତେବେ ଏହି ପରିପ୍ରେକ୍ଷୀରେ ପିସିସି ସଭାପତି ଭକ୍ତ ଚରଣ ଦାସ ଓ ଅନ୍ୟମାନେ ଏନେଇ ଏକ ଦାବିପତ୍ର ବାଚସ୍ପତିଙ୍କୁ ପ୍ରଦାନ କରିଛନ୍ତି।

# ରାଜ୍ୟ ସରକାରଙ୍କୁ ହାଇକୋର୍ଟ ନୋଟିସ୍

### ଓଏଏସ୍, ଓଆର୍‌ଏସ୍ ଅଧିକାରୀଙ୍କ ଆନ୍ଦୋଳନକୁ ନେଇ ମାମଲା

କଟକ,୯।୧୨(କାର୍ତ୍ତିକ ସାହୁ)

ସରକାରୀ କର୍ମଚାରୀ ତଥା ଓଏଏସ୍ ଏବଂ ଓଆର୍‌ଏସ୍ ଅଧିକାରୀଙ୍କ ଆନ୍ଦୋଳନକୁ ନେଇ ରୁଜୁ ଜନସ୍ୱାର୍ଥ ମାମଲାରେ ହାଇକୋର୍ଟ କ୍ଷୋଭ ପ୍ରକାଶ କରିଛନ୍ତି। ହାଇକୋର୍ଟ ମୁଖ୍ୟ ବିଚାରପତି ହରିଶ୍ ଟଣ୍ଡନ ଓ ବିଚାରପତି ମୁରାହରି ଶ୍ରୀ ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ମଙ୍ଗଳବାର ମାମଲାର ଶୁଣାଣି କରି ଏ ସଂକ୍ରାନ୍ତରେ ଜବାବ ଦାଖଲ ପାଇଁ ରାଜ୍ୟ ସରକାରଙ୍କୁ ନୋଟିସ୍ ଜାରି କରିଛନ୍ତି। ଆସନ୍ତା ସପ୍ତାହରେ ପରବର୍ତ୍ତୀ ଶୁଣାଣି ନିମନ୍ତେ ଧାର୍ଯ୍ୟ କରାଯାଇଛି। ଆବେଦନକାରୀ ପ୍ରତାପ ଚନ୍ଦ୍ର ସାହୁଙ୍କ ପକ୍ଷରୁ ମଙ୍ଗଳବାର ଶୁଣାଣି ବେଳେ ଅଦାଲତଙ୍କୁ ଦର୍ଶାଯାଇଥିଲା ଯେ, ସରକାରୀ କର୍ମଚାରୀମାନେ ଆନ୍ଦୋଳନ କରିବା ଦ୍ୱାରା ସାଧାରଣ ଲୋକେ ପ୍ରଭାବିତ ହେଉଛନ୍ତି। ଆବେଦନକାରୀ ରାଜ୍ୟରେ ଓଏଏସ୍ ଏବଂ ଓଆର୍‌ଏସ୍ ଅଧିକାରୀମାନଙ୍କ ଆନ୍ଦୋଳନକୁ ଉଦାହରଣ ଭାବେ ଉପସ୍ଥାପନ କରି ତଜ୍ଜନିତ ସମସ୍ୟା ସଂକ୍ରାନ୍ତରେ ଅଦାଲତଙ୍କୁ ଅବଗତ କରାଯାଇଥିଲା। ଏଥିସହ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକମାନେ ଦୀର୍ଘ ଦିନ ହେବ ଆନ୍ଦୋଳନ କରୁଛନ୍ତି। ବିଦ୍ୟାଳୟରେ ପରୀକ୍ଷା ପାଖେଇ ଆସୁଥିବାରୁ ଛାତ୍ରୀଛାତ୍ରମାନଙ୍କ ପାଠପଢ଼ା ବ୍ୟାହତ ହେଉଛି। ଏହାକୁ ନେଇ ଅଦାଲତ ଅସନ୍ତୋଷ ପ୍ରକାଶ କରିଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଅନୁପ କୁମାର ମହାପାତ୍ର ମାମଲା ପରିଚାଳନା କରୁଛନ୍ତି। ମାମଲାର ବିବରଣୀ ଅନୁଯାୟୀ, ସରକାରୀ କର୍ମଚାରୀ ବିଶେଷକରି ଓଏଏସ୍ ଏବଂ ଓଆର୍‌ଏସ୍ ଅଧିକାରୀମାନେ ଆନ୍ଦୋଳନ କରୁଛନ୍ତି। ଏହାଦ୍ୱାରା ଓଡ଼ିଶା ସରକାରୀ କର୍ମଚାରୀ କଣ୍ଡକ୍ଟ ରୁଲ୍ସ ୧୯୫୯ର ଉଲ୍ଲଂଘନ ହେଉଛି। ତେଣୁ ସରକାର ଉକ୍ତ ନିୟମାନୁସାରେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେବାକୁ ଆବେଦନକାରୀ ପ୍ରାର୍ଥନା କରିଛନ୍ତି। ରାଜ୍ୟ ସରକାରଙ୍କ ମୁଖ୍ୟ ଶାସନ ସଚିବ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ପ୍ରମୁଖ ଶାସନ ସଚିବ, ଓଡ଼ିଶା ପ୍ରଶାସନିକ ସେବା ସଂଘର ସଭାପତି ଏବଂ ଓଡ଼ିଶା ଅମଲା ସଂଘର ସଭାପତିଙ୍କୁ ଏହି ମାମଲାରେ ପକ୍ଷଭୁକ୍ତ କରାଯାଇଛି।




# ଅଭିଳାଷ ଯୁବ, ଐଶ୍ୱର୍ଯ୍ୟା ମହିଳା ମୋର୍ଚ୍ଚା ସଭାପତି

- ୭ ମୋର୍ଚ୍ଚା ସଭାପତିଙ୍କ ନାଁ ଘୋଷଣାକଲା ଭାଜପା
- ଯୁବ, ମହିଳା ବ୍ୟତୀତ ଅନ୍ୟ ମୋର୍ଚ୍ଚାର ସଭାପତି ନୂଆ ଚେହେରା

ଭୁବନେଶ୍ୱର, ୯।୧୨
(ସୁନିତ୍ ମିଶ୍ର)

ଭାଜପା ପକ୍ଷରୁ ମଙ୍ଗଳବାର କେତେକ ସାଙ୍ଗଠନିକ ନିଯୁକ୍ତି ଦିଆଯାଇଛି। ଦଳର ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଅନୁମୋଦନକ୍ରମେ ୭ଟି ମୋର୍ଚ୍ଚା ସଭାପତିଙ୍କ ନାଁ ଘୋଷଣା କରାଯାଇଛି। ମନମୋହନ ତାଙ୍କର ଦ୍ୱିତୀୟ ତାଲିକାରେ ନିଜ ଟିମ୍ ଗଠନ ପ୍ରକ୍ରିୟାକୁ ଆଉ ପାଦେ ଆଗକୁ ନେଇଥିବା ଚର୍ଚ୍ଚା ହେଉଛି। ଏହା ପୂର୍ବରୁ କେତେଜଣ ନେତାଙ୍କୁ ସେ ଉପସଭାପତି ଏବଂ ସାଧାରଣ ସମ୍ପାଦକ ଭାବେ ନିଯୁକ୍ତି ଦେଇଥିଲେ। ତେବେ ଏହି ତାଲିକାରେ ଯୁବ ଓ ମହିଳା ମୋର୍ଚ୍ଚା ସଭାପତିଙ୍କୁ ଛାଡ଼ିଦେଲେ ବାକି ପ୍ରାୟ ସମସ୍ତ ମୋର୍ଚ୍ଚାରେ ନୂଆ ଚେହେରାଙ୍କୁ ସଭାପତି ଦାୟିତ୍ୱ ଦିଆଯାଇଛି। ଭାଜପା ଯୁବମୋର୍ଚ୍ଚା ସଭାପତି ଭାବେ ଅଭିଳାଷ ପଣ୍ଡାଙ୍କୁ ନିଯୁକ୍ତି ମିଳିଥିବା ବେଳେ ମହିଳା ମୋର୍ଚ୍ଚା ସଭାପତି ଭାବେ ଐଶ୍ୱର୍ଯ୍ୟା ବିଶ୍ୱାଳ, ଶୁଭ୍ରାଂଶୁ ମୋହନ ପାଢ଼ୀ କୃଷକ ମୋର୍ଚ୍ଚା ସଭାପତି, କାନ୍ଦ୍ରା ସୋରେନ ଏସ୍‌ଟି ମୋର୍ଚ୍ଚା ସଭାପତି, ବାଇଧର ମଲିକ ଏସ୍‌ସି ମୋର୍ଚ୍ଚା ସଭାପତି, ପ୍ରଦ୍ୟୁମ୍ନ ନାଏକ ଓବିସି ମୋର୍ଚ୍ଚା ସଭାପତି ଏବଂ ସୁରିନ୍ଦର ସିଂଙ୍କୁ ସଂଖ୍ୟାଲଘୁ ମୋର୍ଚ୍ଚା ସଭାପତି ଭାବେ ନିଯୁକ୍ତି ଦିଆଯାଇଛି।


ଅଭିଳାଷ ପଣ୍ଡା


ଐଶ୍ୱର୍ଯ୍ୟା ବିଶ୍ୱାଳ

ସେହିପରି ସୁନ୍ଦରଗଡ଼, କଳାହାଣ୍ଡି ଏବଂ ଖୋର୍ଦ୍ଧାର ୩ ଜଣ ନେତାଙ୍କୁ ବିଭିନ୍ନ ପ୍ରକୋଷ୍ଠର ପ୍ରଭାରୀ ଦାୟିତ୍ୱ ଦିଆଯାଇଛି। ଓଡ଼ିଶା ଭାଜପା ସଙ୍ଗଠନରେ ପ୍ରଥମ ଥର ଲାଗି ପ୍ରକୋଷ୍ଠ ପ୍ରଭାରୀ ପଦ ସୃଷ୍ଟି କରାଯାଇଛି। ରଞ୍ଜନ କୁମାର ପଟେଲ, ରାଜ୍ୟ ସଭା ସଦସ୍ୟ ସୁଜିତ କୁମାର ଏବଂ ସୁଦୀପ୍ତ କୁମାର ରାୟ ଏହି ନୂତନ ଦାୟିତ୍ୱ ମିଳିଛି। କାର୍ଯ୍ୟାଳୟ ସମ୍ପାଦକ ଭାବେ ଯାଜପୁରର ଦେବେନ୍ଦ୍ର କୁମାର ନନ୍ଦ ଏବଂ ଆଇଟି ବିଭାଗ ଦାୟିତ୍ୱ ଜ୍ୟୋତି ରଞ୍ଜନ ନାଏକଙ୍କୁ ଦିଆଯାଇଛି। ସେହିପରି ୩୭ଟି ସାଙ୍ଗଠନିକ ଜିଲାର ପ୍ରଭାରୀ ଦାୟିତ୍ୱ ମଧ୍ୟ ବଣ୍ଟାଯାଇଛି। ଗୋଲକ ପ୍ରସାଦ ମହାପାତ୍ରଙ୍କୁ ଅନୁଗୋଳ, ଗୌତମ ରାଏ ବାଲେଶ୍ୱର, ଉମାକାନ୍ତ ମହାପାତ୍ର ଉତ୍ତର ଭୁବନେଶ୍ୱର, ବାସୁଦେବ ବାରିକ ବରଗଡ଼, ସଞ୍ଜୀବ ମହାନ୍ତି ଭଦ୍ରକ, ସରୋଜ କୁମାର କର ଭୁବନେଶ୍ୱର, ପର୍ଶୁରାମ ମାଝୀ ବଲାଙ୍ଗୀର, ଗୋବିନ୍ଦ ଅଗ୍ରୱାଲ ବୌଦ୍ଧ, ଜ୍ଞାନଦେବ ବେଉରା କଟକ, କିଶୋର କୁମାର ପଣ୍ଡା କଟକ ଗ୍ରାମାଞ୍ଚଳ, ସୁଦର୍ଶନ ଜିଅଳ ଦେବଗଡ଼, ସ୍ମୃତି ପଟ୍ଟନାୟକ ଢେଙ୍କାନାଳ, ବିଶ୍ୱେଶ୍ୱର ଟୁଡୁ ଗଜପତି, ସାରଦା ପ୍ରସାଦ ଶତପଥୀ ଗଞ୍ଜାମ, ପ୍ରକାଶ ମଙ୍ଗରାଜ ଘୁମୁସୁର(ଆସ୍କା), ଭଗବାନ ମହାନ୍ତି ଘୁମୁସୁର(ଭଞ୍ଜନଗର), ସୁବାସ ଜେନା ଜଗତ୍‌ସିଂହପୁର, ଯତୀନ ମହାନ୍ତି ଯାଜପୁର, ସୀମାଞ୍ଚଳ ଖଟେଇ ଝାରସୁଗୁଡ଼ା, ଶିବାଜୀ ମହାନ୍ତି କଳାହାଣ୍ଡି, ପୃଥ୍ୱୀରାଜ ମହାପାତ୍ର କନ୍ଧମାଳ, ଅଶୋକ କୁମାର ମିଶ୍ର କେନ୍ଦ୍ରାପଡ଼ା, ବିରଞ୍ଚି ନାରାୟଣ ତ୍ରିପାଠୀ କେନ୍ଦୁଝର, ପବିତ୍ର ମୋହନ ଦାସ ଖୋର୍ଦ୍ଧା, ଭବେନ୍ଦ୍ର ପଣ୍ଡା କୋରାପୁଟ, ରମେଶ ଚନ୍ଦ୍ର ସାହୁ ମାଲକାନଗିରି, ସିପ୍ରା ବାଜପେୟୀ ମୟୂରଭଞ୍ଜ(ଇଷ୍ଟ), ଅଂଶୁମାନ ସବୁଜ ମହନ୍ତ ବର୍ମା ମୟୂରଭଞ୍ଜ(ୱେଷ୍ଟ), ପୂର୍ଣ୍ଣିମା ପ୍ରିୟଦର୍ଶିନୀ ନାଏକ ନବରଙ୍ଗପୁର, ସୁରଥ ବିଶ୍ୱାଳ ନୟାଗଡ଼, ଆର୍ତ୍ତତ୍ରାଣ ମହାପାତ୍ର ନୂଆପଡ଼ା, ବିଷ୍ଣୁ ଦାସ ପୁରୀ, ବଟକିଶୋର ମିଶ୍ର ରାଉରକେଲା, କେ.ନାରାୟଣ ରାଓ ରାୟଗଡ଼ା, କାଳନ୍ଦୀ ସାମଲ ସମ୍ବଲପୁର, ସୁରେଶ୍ୱର ଶତପଥୀ ସୋନପୁର ଏବଂ ରାମଚନ୍ଦ୍ର ହାଁସଦାଙ୍କୁ ସୁନ୍ଦରଗଡ଼ ପ୍ରଭାରୀ ଭାବେ ଦାୟିତ୍ୱ ମିଳିଛି। ଏନେଇ ଭାଜପା ରାଜ୍ୟ ସାଧାରଣ ସମ୍ପାଦକ(ସଙ୍ଗଠନ) ମାନସ ମହାନ୍ତିଙ୍କ ଦସ୍ତଖତ ସମ୍ବଳିତ ଏକ ତାଲିକା ଦଳ ପକ୍ଷରୁ ପ୍ରକାଶ ପାଇଛି।

# କେନ୍ଦ୍ରାପଡ଼ାରେ ୩ ଅନୁପ୍ରବେଶକାରୀ ଚିହ୍ନଟ

କେନ୍ଦ୍ରାପଡ଼ା, ୯।୧୨ (ଜଗନ୍ନାଥ ଧଳ)

ଦୀର୍ଘଦିନର କସରତ ପରେ କେନ୍ଦ୍ରାପଡ଼ା ଜିଲା ପୋଲିସ ଉକ୍ତ ଜିଲାରେ ରହୁଥିବା ୩ ଜଣ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କରିଛି। ସେମାନଙ୍କ ପ୍ରମାଣ ପତ୍ର ଯାଞ୍ଚ ଚାଲିଥିବାବେଳେ ଆଠଗଡ଼ ଅବରୋଧ ଗୃହକୁ ମଙ୍ଗଳବାର ପଠାଯାଇଛି। ଅନୁପ୍ରବେଶକାରୀଙ୍କ ମଧ୍ୟରୁ ୨ ଜଣ କେନ୍ଦ୍ରାପଡ଼ା ସଦର ଥାନା ଅନ୍ତର୍ଗତ ଗରାପୁର ଅଞ୍ଚଳରେ ରହୁଥିଲେ। ସେହିପରି ଅନ୍ୟ ଜଣେ ଜମ୍ବୁ ସାମୁଦ୍ରିକ ଥାନା ଅନ୍ତର୍ଗତ ଛପାଲିରେ ରହୁଥିଲେ। ଗତ ଅଗଷ୍ଟ ମାସରୁ ଅନୁପ୍ରବେଶକାରୀଙ୍କ ସମ୍ପର୍କରେ ଜିଲା ପୋଲିସ ତନାଘନା ଆରମ୍ଭ କରିଥିଲା। ରାଜ୍ୟରେ ଚିହ୍ନଟ ହୋଇଥିବା ୪୮ ଜଣଙ୍କୁ ଦେଶାନ୍ତର କରାଯାଇଥିବା ବେଳେ ରାଜ୍ୟର କେନ୍ଦ୍ରାପଡ଼ା ଜିଲାରେ ସର୍ବାଧିକ ଅନୁପ୍ରବେଶକାରୀ ରହୁଥିଲେ ମଧ୍ୟ ଜଣେ ହେଲେ ଚିହ୍ନଟ ହୋଇ ପାରି ନ ଥିଲେ। ତେବେ ୨୦୦୪ରେ ଏହି ଜିଲାରେ ମୋଟ ୧୬୪୯ ଜଣ ଅନୁପ୍ରବେଶକାରୀ ଚିହ୍ନଟ ହୋଇଥିଲେ। ୨୦୦୫ରେ ଏହି ଚିହ୍ନଟ ଅନୁପ୍ରବେଶକାରୀଙ୍କ ମଧ୍ୟରୁ ମହାକାଳପଡାର ୧୫୫୧ ଜଣ ଅନୁପ୍ରବେଶକାରୀଙ୍କୁ ଦେଶାନ୍ତର ନୋଟିସ ଦିଆଯାଇଥିଲା। ମାତ୍ର ସେମାନେ କୋର୍ଟର ଦ୍ୱାରସ୍ଥ ହୋଇ ଅଦ୍ୟାବଧି ଦେଶାନ୍ତର ହୋଇନାହାନ୍ତି। ଏ ସମ୍ପର୍କରେ ଏସ୍‌ଡିପିଓ ଜ୍ୟୋତିରଞ୍ଜନ ଗୌଡଙ୍କୁ ପଚାରିବାରେ ଅନୁପ୍ରବେଶକାରୀଙ୍କ ସମ୍ପର୍କରେ ତଦନ୍ତ ଜାରି ରହିଛି। ଚିହ୍ନଟ ହୋଇଥିବା ଅନୁପ୍ରବେଶକାରୀମାନେ ଅଦ୍ୟାବଧି ସେମାନଙ୍କ ଭାରତୀୟ ପ୍ରମାଣପତ୍ର ଦେଖାଇ ନାହାନ୍ତି ବୋଲି ସେ କହିଛନ୍ତି।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

WANTED
One Computer Operator for office and one Sales man for filed work with Graduation
- WhatsApp -
9338205137 / 9861404151
Bhubaneswar

WANTED
1) Mali (Bagicha Kama)
2) Lady Office Assistant
Phulanakhara, Cuttack
Rahiba, Khaiba Free
Plus 10000 Each
Contact : 7809525452

Sales Executive For Angul Location Requires
Min. 1yr Exp. in Sales. Salary - 15k To 25k + Incentive
Interview Date :15/12/2025. Contact : 9124614408.
Saurashakti Enterprises Private Limited
Add : B/16, ID Market, Nayapalli, BBSR.

ପାରାଦୀପ ବନ୍ଦର ପାଇଁ କ୍ରିକେଟ ପ୍ରଶିକ୍ଷକ ନିମନ୍ତେ ଆବେଦନ
No.PPT/GKS/Cricket Coach/2025/119 Date: 03.12.2025
ପାରାଦୀପ ବନ୍ଦର ପ୍ରାଧିକରଣ ରେ ଠିକା କର୍ମଚାରୀ ହିସାବରେ ୧ ବର୍ଷ ପାଇଁ କ୍ରିକେଟ ପ୍ରଶିକ୍ଷକ ର ଆବଶ୍ୟକ। ପାରାଦୀପ ବନ୍ଦର ରେ ଥିବା କ୍ରିକେଟ ଟ୍ରେନିଙ୍ଗ୍, ପାରାଦୀପ ବନ୍ଦର ର କ୍ରିକେଟ ଟିମ୍‌ର ଖେଳାଳୀ ଏବଂ ପାରାଦୀପ ବନ୍ଦର ର ଷ୍ଟାଡିୟମ ରେ ଆସୁଥିବା ଯୁବ ଖେଳାଳୀ (ପୁଅ ଓ ଝିଅ)ଙ୍କୁ ଖେଳ ପ୍ରଶିକ୍ଷଣ ଦେବେ। ଆବେଦନର ଶେଷ ତାରିଖ ୧୭.୧୨.୨୦୨୫। ଏହା ପରେ ସାକ୍ଷାତକାର ପାଇଁ ଜଣାଇଦିଆଯିବ।
For further details, visit our website- https://paradipport.gov.in/ Carrer.aspx.
Sd/ Working president
Gopabandhu Kreeda Sansad, Paradip port Authority
PPA/PR/55/2025-2026 05/12/2025

ଧରିତ୍ରୀ 52 Years
ଭୁବନେଶ୍ୱର, ବୁଧବାର
୧୦ ଡିସେମ୍ବର, ୨୦୨୫

ଭଗବାନ ତାଙ୍କର ଦୁଇପ୍ରକାର ଭୃତ୍ୟଙ୍କ କାର୍ଯ୍ୟକୁ ଖୁବ୍ ପସନ୍ଦ କରନ୍ତି- ଯେଉଁ ଭୃତ୍ୟ ପରମଶ୍ରଦ୍ଧାରେ ଖୁବ୍ ନୀରବ ଶାନ୍ତ ମନରେ ତାଙ୍କ ମନ୍ଦିରର ପ୍ରାଙ୍ଗଣ ସମାର୍ଜନ କରୁଥାଏ ଏବଂ ଯେଉଁ ଜଣକ ତାଙ୍କ ସହିତ ପୃଥିବୀର ଯୁଦ୍ଧ ଭୂମିରେ ବୀରତ୍ୱର ସହିତ ଯୁଦ୍ଧ କରୁଥାଏ ଈଶ୍ୱରଙ୍କ ବିଜୟ ସମାପନ ହେବା ଯାଏ। -ଶ୍ରୀଅରବିନ୍ଦ



# ଗାନ୍ଧୀ ବିଭାଜନକାରୀ

ଭାରତ ୨୦୪୭ ସୁଦ୍ଧା ବିକଶିତ ହେବ ବୋଲି କେନ୍ଦ୍ର ସରକାର ବାରମ୍ବାର ଦୋହରାଉଛନ୍ତି। ବିକଶିତ ଦେଶ ଗଢ଼ିବାର ସ୍ୱପ୍ନ ଦେଖାଯିବା ନିଶ୍ଚିତ ଭାବେ ସ୍ୱାଗତଯୋଗ୍ୟ। କିନ୍ତୁ ପ୍ରଶ୍ନ ଉଠୁଛି ସେହି ଲକ୍ଷ୍ୟ ହାସଲ ଦିଗରେ ଦେଶବାସୀଙ୍କୁ କେତେ ମାତ୍ରାରେ ପ୍ରସ୍ତୁତ କରାଯାଉଛି। ଏହା ପୂର୍ବରୁ ପ୍ରଶ୍ନ ହେଉଛି ପ୍ରତ୍ୟେକ ନାଗରିକ ପାଇଁ 'ବିକଶିତ' ଶବ୍ଦର ଅର୍ଥ କେଉଁ ପ୍ରକାର ବୁଝାପଡ଼ିବ। ଶିକ୍ଷା, ସ୍ୱାସ୍ଥ୍ୟ ଭଳି ମୌଳିକ ଭିତ୍ତିଭୂମିକୁ ସୁଦୃଢ଼ କରିବା ସହ ଯୁବଶକ୍ତିଙ୍କୁ ନିଯୁକ୍ତି ସୁଯୋଗ ଦେବା, ଯୋଜନା ଓ ନୀତିକୁ ଜନମଙ୍ଗଳ ଦିଗରେ ଅଭିମୁଖ କରାଇବା ସହିତ ଜନଗଣଙ୍କୁ ସମସ୍ତଙ୍କୁ ଦେଖି ସମସ୍ତଙ୍କ ଜୀବନକୁ ସୁରକ୍ଷିତ ରଖିବାର ସରକାରୀ ପ୍ରଚେଷ୍ଟାର ସଫଳତା ବିକଶିତ ଆଡ଼କୁ ଅଗ୍ରସର ହୋଇଥାଏ। ଭୋଟ ରାଜନୀତିକୁ ଦେଖି ବିଭାଜନ ସୃଷ୍ଟିକାରୀ ପ୍ରସଙ୍ଗ ଉଠାଇଲେ ବା କାର୍ଯ୍ୟ କଲେ ତାହା ରାଷ୍ଟ୍ରର ଗତିକୁ ପଶ୍ଚାତ୍‌ପଦ କରେ। କେନ୍ଦ୍ରରେ ଭାଜପା ନେତୃତ୍ୱାଧୀନ ସରକାର ବହୁ କଥାରେ ଅତୀତ ଓ ଅତୀତର ବ୍ୟକ୍ତିବିଶେଷଙ୍କୁ ଆକ୍ଷେପ କରିଆସୁଛନ୍ତି। ଏଭଳି ଅନେକ ପ୍ରସଙ୍ଗ ମଧ୍ୟରୁ ଭାରତର ବିଭାଜନକୁ ନେଇ ଗୋଟେ ବଡ଼ ବର୍ଗ ଓକିଲାତି କରିଥାଏ। ଭାରତ ଓ ପାକିସ୍ତାନ ବିଭାଜିତ ହୋଇ ନ ଥିଲେ ଆମ ଦେଶ ବିଶାଳ ରୂପ ଧାରଣ କରିଥାଆନ୍ତା ବୋଲି କହିଥାଆନ୍ତି। ଆଉ ଥରେ 'ଅଖଣ୍ଡ ଭାରତ' କଥା ଉଠାଇ ଏବେ ମଧ୍ୟ ସେହି ସ୍ୱପ୍ନକୁ ସାକାର କରିବାକୁ ଚେଷ୍ଟିତ। ଏଠି ପ୍ରଶ୍ନ କରାଯାଇପାରେ ଆଜିର ଭୂରାଜନୈତିକ ସ୍ଥିତିରେ ବିକଶିତ ଭାରତ ନା ଅଖଣ୍ଡ ଭାରତ କେଉଁଟି ଆଗ ଦରକାର। ପ୍ରକୃତ କାର୍ଯ୍ୟରେ ବିକଶିତ ହେବା ଦିଗରେ ନିଜକୁ ପ୍ରସ୍ତୁତ କରିପାରିଲେ ଦେଶ ଆଗକୁ ବଢ଼ିପାରିବ। ଅନ୍ୟପକ୍ଷରେ ଅଖଣ୍ଡ ଭାରତ ଚିନ୍ତା ରହିଲେ ତାହା ସମଗ୍ର ଦେଶକୁ ଜୋରି ଖାଇବାର ସବୁ ସଙ୍କେତ ଏଠି ବିଦ୍ୟମାନ। ଏ ବିଷୟରେ ବିସ୍ତୃତ ଅଲୋଚନା କରିବା ପୂର୍ବରୁ 'ଅଖଣ୍ଡ ଭାରତ'ର ସ୍ୱରୂପ ଉପରେ ଦୃଷ୍ଟିପାତ କରିବା। ଅଖଣ୍ଡ ଅର୍ଥାତ୍ ଅବିଭକ୍ତ ଭାରତ ବୋଇଲେ ଦକ୍ଷିଣ-ପୂର୍ବ ଏସିଆର କିଛି ଅଂଶ ସହିତ ଏକ ବୃହତ୍ ଏକୀକୃତ ଭାରତର ପରିକଳ୍ପନା। ଆଜିର ଆଫଗାନିସ୍ତାନ, ବାଂଲାଦେଶ, ପାକିସ୍ତାନ, ଭୁଟାନ, ମାଳଦ୍ୱୀପ, ମ୍ୟାନ୍ମାର, ନେପାଳ, ଶ୍ରୀଲଙ୍କା, ତିବ୍ବତ ଓ ଭାରତକୁ ଏକାଠି ମିଶାଇ ଯେଉଁ ଭୂଖଣ୍ଡ ହେବ ତାହା 'ଅଖଣ୍ଡ ଭାରତ'କୁ ବୁଝାଇବ।

ମନେରଖିବାକୁ ହେବ ଯେ, ଏହି ଅଖଣ୍ଡ ଭାରତ ମାନଚିତ୍ରକୁ ପ୍ରଥମେ ବ୍ରିଟିଶ ଶାସକ ସୃଷ୍ଟି କରିଥିଲେ। ଜଣେ ବ୍ୟକ୍ତି ଭାଇସରାଏ ପଦବୀରେ ରହି ଏହି ସମଗ୍ର ଅଞ୍ଚଳକୁ ଶାସନ କରୁଥିଲେ ବୋଲି ଏହାକୁ ଅଖଣ୍ଡ ଭାରତର ଆଖ୍ୟା ଦିଆଯାଉଛି। ବ୍ରିଟିଶ ଶାସନ ପୂର୍ବର ମୋଗଲ, ଆଫଗାନ କିମ୍ବା ହିନ୍ଦୁ ରାଜାମାନଙ୍କ ରାଜତ୍ୱ ଦେଖିଲେ ଏହି ବିରାଟକାୟ ଅଞ୍ଚଳ କେହି ଦଖଲ କରିପାରି ନ ଥିଲେ। ତେଣୁ ଅଖଣ୍ଡ ଭାରତର ମାନଚିତ୍ରକୁ କୌଣସି ଭାରତୀୟ ସୃଷ୍ଟି କରି ନ ଥିଲେ। ଭାରତର ସ୍ୱାଧୀନତା ଆନ୍ଦୋଳନ ବେଳେ ବିଶିଷ୍ଟ ଜନନାୟକ କେ.ଏମ୍. ମୁନ୍‌ସୀ 'ଅଖଣ୍ଡ ଭାରତ ବା ଅଖଣ୍ଡ ହିନ୍ଦୁସ୍ତାନ' କଥା ଉଠାଇଥିଲେ। ଇଂଲିଶମାନଙ୍କୁ ତଡ଼ିବା ଲାଗି ସମ୍ଭବତଃ ସେହି ସମୟରେ ଏଭଳି ଏକ ଚିନ୍ତନ ଆସିଥିବ। ହେଲେ ଆଜିର ସ୍ଥିତିକୁ ଦେଖିଲେ ତାହା ଭାରତ ପାଇଁ ବୁମେରାଂ ହେବା ଥୟ। ବିଭାଜନକୁ ନେଇ ବହୁ ସମୟରେ ମହାତ୍ମା ଗାନ୍ଧୀ, କଂଗ୍ରେସ, ମହମ୍ମଦ ଅଲ୍ଲୀ ଜିନା ଓ ଲର୍ଡ ମାଉଣ୍ଟବ୍ୟାଟେନଙ୍କୁ ଅନେକେ ଦାୟୀ କରିଆସୁଛନ୍ତି। କିନ୍ତୁ ଗଭୀରକୁ ଯାଇ ଚିନ୍ତା କରାଗଲେ ଅତୀତର ନିଷ୍ପତ୍ତି ଯାହା ହୋଇଯାଇଥିଲା ତାହାକୁ ଗ୍ରହଣ କରାଯିବା ବୁଦ୍ଧିମାନର କାର୍ଯ୍ୟ। ଆଜିର ସ୍ଥିତିକୁ ଦେଖିଲେ ଏପରି ମନ୍ତବ୍ୟକୁ ଖୁଣି ହେବ ନାହିଁ। କାରଣ ପଡ଼ୋଶୀ ପାକିସ୍ତାନ ଅଲଗା ହୋଇଥିଲେ ମଧ୍ୟ ଭାରତ ସହ ଶତ୍ରୁତା ସୀମା ନିକଟରେ ବେଶି ଅନୁଭୂତ ହେଉଛି। ସାଥୀରେ ସେହି ମୁସଲମାନ ଜନସଂଖ୍ୟା ରହିଥିଲେ ଦେଶ ଭିତରେ ପ୍ରତି ମୁହୂର୍ତ୍ତରେ ଅରାଜକତା ସୃଷ୍ଟି ହୋଇଥାଆନ୍ତା। ଯଦି ପରିସଂଖ୍ୟାନକୁ ଦେଖିବା ଏବେ ଭାରତରେ ପ୍ରାୟ ୧୫୦ କୋଟି ଲୋକ ଅଛନ୍ତି ବୋଲି ଆକଳନ କରାଯାଇଛି। ଏମାନଙ୍କ ମଧ୍ୟରେ ମୁସଲମାନଙ୍କ ସଂଖ୍ୟା ୨୩ କୋଟି କୁହାଯାଉଛି। ପାକିସ୍ତାନରେ ୨୪ କୋଟିରୁ ଊର୍ଦ୍ଧ୍ୱ ମୁସଲମାନ ଅଛନ୍ତି। ସେହିପରି ବାଂଲାଦେଶରେ ଏମାନଙ୍କ ସଂଖ୍ୟା ୧୫ କୋଟିରୁ ଅଧିକ ଥିବା ବେଳେ ଆଫଗାନିସ୍ତାନରେ ୩ କୋଟି ୮୦ ଲକ୍ଷ, ମାଳଦ୍ୱୀପରେ ୩ ଲକ୍ଷ ୭୫ ହଜାର, ମ୍ୟାନମାରରେ ୧୪ ଲକ୍ଷ ରୋହିଙ୍ଗ୍ୟା, ନେପାଳରେ ୧୪ ଲକ୍ଷରୁ ଊର୍ଦ୍ଧ୍ୱ ମୁସଲମାନ, ଶ୍ରୀଲଙ୍କାରେ ୧୯ ଲକ୍ଷରୁ ଅଧିକ ଓ ଭୁଟାନରେ ୨,୦୦୦ ମୁସଲମାନ ରହିଛନ୍ତି। ଭାରତର ମୁସଲମାନଙ୍କ ସହ ଉପରଲିଖିତ ଦେଶର ମୁସଲମାନଙ୍କ ସଂଖ୍ୟାକୁ ଏକତ୍ର କଲେ ପ୍ରାୟ ୬୬ କୋଟିରୁ ଅଧିକ ହେବେ। ଏମାନେ ସମସ୍ତେ ଭାରତରେ ରହିଲେ ସେମାନେ ସ୍ୱତନ୍ତ୍ର ଅଧିକାର ଦାବି କରି ସ୍ଥଳବିଶେଷରେ ଅରାଜକତା ସୃଷ୍ଟି କରିବା ବିଷୟକୁ ଏଡ଼ାଇ ଦିଆଯାଇ ନ ପାରେ। ଏଠାରେ ସବୁ ମୁସଲମାନଙ୍କ ସ୍ୱଭାବକୁ ନୁହେଁ, ବରଂ ସଂଖ୍ୟାତ୍ମକ ଦୃଷ୍ଟିକୁ ହିସାବକୁ ନେଲେ ଏପରି ଆଶଙ୍କା ଉପୁଜିବା ସ୍ୱାଭାବିକ। ସେହିସବୁ ଦେଶର ଅଳ୍ପାଂଶ ଧର୍ମ ବା ସମ୍ପ୍ରଦାୟକୁ ମିଶାଇ ଦେଲେ ଅଖଣ୍ଡ ଭାରତର ଜନସଂଖ୍ୟା କାହିଁରେ କେତେ ବଢ଼ିଯିବ। ସେଥିପାଇଁ ଯେଉଁମାନେ ଗାନ୍ଧୀଙ୍କୁ 'ବିଭାଜନକାରୀ' ଭାବେ ଆଖ୍ୟା ଦେଉଛନ୍ତି ଓ ତାଙ୍କୁ ଗାଳି ଦେଲା ଭଳି କହୁଛନ୍ତି; କାରଣ ସେମାନଙ୍କର ଏହି ମୌଳିକ ଜ୍ଞାନର ଅଭାବ ରହିଛି। ଏହା ସତ୍ୟ ଯେ, ଭାରତର ବିଭାଜନରେ ଗାନ୍ଧୀଙ୍କ ସକ୍ରିୟ ଭୂମିକା ରହିଥିଲା। ତାଙ୍କୁ ସେଥିପାଇଁ ଧନ୍ୟବାଦ ଦେବା ସହିତ କୃତଜ୍ଞତା ମଧ୍ୟ ଅର୍ପଣ କରିବା ଦରକାର। କାରଣ ତାଙ୍କ ଯୋଗୁ ଆଜି ଆମେ ଏକପ୍ରକାର ଶାନ୍ତିରେ ରହିପାରୁଛେ। ଗାନ୍ଧିଜୀ ଶେଷବାସୀଙ୍କ ନାଡ଼ି ଚିପି ଥିବାରୁ ଅଳ୍ପ ଅଶାନ୍ତିରେ ବିଭାଜନ ସମ୍ଭବ ହୋଇଥିଲା। କୁହାଯାଉଥାଏ-ଅନ୍ତିରେ ନିଆଁକୁ ଢାଙ୍କି ରଖିଲେ ତାହା ନିଜକୁ ଜାଳିଦିଏ। ବରଂ ଭଲ ସେହି ନିଆଁକୁ ଦୂରେଇ ଦେଇ ପ୍ରଶ୍ୱାସ ନେବା।

## su do ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 6 | | | | | | | | |
| | | 5 | | 1 | 3 | 2 | | |
| | | 1 | | | | | 4 | |
| | 1 | 7 | | | | | 3 | |
| 4 | 8 | | 2 | | 5 | | | |
| | | 2 | | | 6 | | | |
| | 6 | 3 | | 4 | | | | |
| | | | | | | 9 | | |
| | | | 6 | | 9 | | | 8 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 5 | 7 | 8 | 1 | 4 | 6 | 2 | 3 |
| 8 | 3 | 6 | 7 | 9 | 2 | 4 | 5 | 1 |
| 2 | 4 | 1 | 5 | 3 | 6 | 8 | 7 | 9 |
| 4 | 2 | 9 | 1 | 8 | 7 | 5 | 3 | 6 |
| 3 | 7 | 8 | 2 | 6 | 5 | 9 | 1 | 4 |
| 6 | 1 | 5 | 3 | 4 | 9 | 7 | 8 | 2 |
| 5 | 9 | 3 | 6 | 2 | 8 | 1 | 4 | 7 |
| 1 | 8 | 4 | 9 | 7 | 3 | 2 | 6 | 5 |
| 7 | 6 | 2 | 4 | 5 | 1 | 3 | 9 | 8 |

ଗତକାଲିର ଉତ୍ତର



# ମାନବାଧିକାର, ଆମର ଦୈନନ୍ଦିନ ଆବଶ୍ୟକତା

ଡ. ସମୀର କୁମାର ନନ୍ଦ

ଆଜି ସାରା ବିଶ୍ୱରେ ଅନ୍ତର୍ଜାତୀୟ ମାନବାଧିକାର ଦିବସ ପାଳନ ହେଉଛି। ଚଳିତ ବର୍ଷ ଜାତିସଂଘ ତରଫରୁ ଏହି ଦିବସ ପାଇଁ ସ୍ଲୋଗାନ ରହିଛି ''ମାନବାଧିକାର, ଆମର ଦୈନନ୍ଦିନ ଆବଶ୍ୟକତା''। ୧୯୪୮ ମସିହାର ଆଜିର ଦିନରେ ଜାତିସଂଘ ମହାସଭାରେ ମାନବାଧିକାର ଘୋଷଣାନାମାକୁ ପାରିତ କରାଯାଇଥିଲା। ଓଡ଼ିଶାରେ କାରାଗାର ପାଇଁ 'ପ୍ରତିଷ୍ଠା ଦିବସ' ପାଳନ କରିବାର ଧାରଣା ସାମ୍ପ୍ରତିକ ବର୍ଷଗୁଡ଼ିକରେ ପ୍ରଚଳିତ ହୋଇଥିଲା। ଅନ୍ତର୍ଜାତୀୟ ମାନବାଧିକାର ଦିବସ ସହିତ ସମନ୍ୱୟ ରଖିବା ପାଇଁ ୨୦୨୦ଠାରୁ ଡିସେମ୍ବର ୧୦କୁ ବାଛି ନିଆଯାଇଥିଲା, ଏହିପରି କାରାଗାର ପ୍ରଶାସନକୁ ମାନବାଧିକାର ଆଲୋଚନା ସହିତ ଯୋଡିଥିଲା। ପ୍ରଥମ ପାଳନରେ, ରାଜ୍ୟ ସରକାର ଆନୁଷ୍ଠାନିକ ଭାବରେ ନିର୍ଦ୍ଦେଶ ଦେଇଥିଲେ ଯେ ଓଡ଼ିଶାର କାରାଗାର ଏବଂ ସଂଶୋଧନ ସେବା ପ୍ରତିବର୍ଷ ଏହି ଦିନକୁ ବିଶେଷ ଉତ୍ସବ, କାର୍ଯ୍ୟକ୍ରମ ଏବଂ ସ୍ୱୀକୃତି ସହିତ ପାଳନ କରିବେ। ମାନବାଧିକାର ଦିବସ ସହିତ ସମନ୍ୱୟ ରଖି, ରାଜ୍ୟ ଏକ ବାର୍ତ୍ତା ପଠାଏ ଯେ କଏଦୀମାନେ ଅଧିକାର ପରିସର ବାହାରେ ନୁହନ୍ତି ଏବଂ ମାନବିକ ବ୍ୟବହାର, ମର୍ଯ୍ୟାଦା ଏବଂ ପୁନର୍ବାସ ସଂଶୋଧନ ଦର୍ଶନର କେନ୍ଦ୍ରବିନ୍ଦୁ। କିନ୍ତୁ ଯେଉଁ ଗୁରୁତ୍ୱପୂର୍ଣ୍ଣ ମାନବାଧିକାର ରହିଛି ସେସବୁକୁ ଠିକ୍‌ଭାବରେ ଅବଲମ୍ବନ କରିବା ନିମନ୍ତେ ଆମ କାରାଗାରଗୁଡ଼ିକରେ ଉପଯୁକ୍ତ ଭିତ୍ତିଭୂମି ରହିଛି କି ନାହିଁ ତାକୁ ତର୍ଜମା କରିବାର ଆବଶ୍ୟକତା ରହିଛି।

ଇଣ୍ଡିଆ ଜଷ୍ଟିସ୍ ରିପୋର୍ଟ- ୨୦୨୫ର ସାମଗ୍ରିକ ର୍‍ୟାଙ୍କିଂରେ ଓଡ଼ିଶା ଅଷ୍ଟମ ସ୍ଥାନରେ ରହିଛି। ରାଜ୍ୟଗୁଡ଼ିକର ନ୍ୟାୟ ବିତରଣର ଚାରିଟି ଅଙ୍ଗ ପୋଲିସ, ଜେଲ, ନ୍ୟାୟପାଳିକା ଓ ଆଇନଗତ ସହାୟତାର ତର୍ଜମା କରାଯାଇ ଟାଟା ଟ୍ରଷ୍ଟ ସମେତ ୮ଟି ସଂସ୍ଥାର ମିଳିତ ପ୍ରୟାସରେ ଏହି ରିପୋର୍ଟ ପ୍ରସ୍ତୁତ କରାଯାଇଛି। ଏହି ରିପୋର୍ଟ ଅନୁଯାୟୀ ଓଡ଼ିଶା ଜେଲ ର୍‍ୟାଙ୍କିଂରେ ଷଷ୍ଠ ସ୍ଥାନରେ ରହିଛି। ଓଡ଼ିଶାରେ ଜେଲଗୁଡ଼ିକରେ ଧାର୍ଯ୍ୟ କ୍ଷମତାଠାରୁ ଅଧିକ ସଂଖ୍ୟକ କଏଦୀ ରହିବା ମାମଲା ହ୍ରାସ ପାଇଥିବା, ଜେଲ ବଜେଟରେ ୩୦% ବୃଦ୍ଧି ଓ ୯୦% ଉପଯୋଗ କରାଯାଇଥିବା ଉଲ୍ଲେଖ କରାଯାଇଛି। ରାଜ୍ୟରେ ଥିବା ୮୭ଟି ଜେଲର ମୁଖ୍ୟ ସମସ୍ୟା ହେଉଛି ୪୦% ଖାଲି ଥିବା ୱାର୍ଡନ ପଦବୀ ସମେତ ଅନ୍ୟାନ୍ୟ ପଦବୀ। ଉକ୍ତ ପଦବୀଗୁଡ଼ିକରେ ସେନାର ଅବସରପ୍ରାପ୍ତ ଯବାନମାନଙ୍କୁ ନିଯୁକ୍ତି ଦେବାର ପ୍ରସ୍ତାବ କାର୍ଯ୍ୟକାରୀ ହୋଇ ନ ପାରିବାରୁ ବର୍ତ୍ତମାନ ଉକ୍ତ ୬୦୦ ପଦବୀ ପୂର୍ଣ୍ଣ ହେବା ପର୍ଯ୍ୟନ୍ତ ଗୃହରକ୍ଷୀମାନଙ୍କୁ ଦାୟିତ୍ୱ ଦେବାପାଇଁ ଯୋଜନା ଚାଲିଛି। ହେଲେ ଗୃହରକ୍ଷୀମାନଙ୍କ ପରି ଅନଭିଜ୍ଞ କର୍ମଚାରୀଙ୍କ ହାତରେ ଜେଲଗୁଡିକ କେତେ ସୁରକ୍ଷିତ ରହିବ ତାହା ସମୟ କହିବ। ଗତ ୯ବର୍ଷରେ ଜେଲ ପାଚେରି ଡେଇଁ ୬୭ ଜଣ କଏଦୀ ଫେରାର ହୋଇଯିବା ଏକ ଚିନ୍ତାଜନକ ଘଟଣା ହୋଇଛି। ରାଜ୍ୟରେ ୧୯୭୬ରୁ ଏହି ପାଚେରିଡିଆଁ ପ୍ରକ୍ରିୟା ଆରମ୍ଭ ହୋଇଛି।

ଜେଲ ବିଭାଗ ଆସନ୍ତା ୫୦ ବର୍ଷକୁ ଦୃଷ୍ଟିରେ ରଖି କଏଦୀଙ୍କ ସଂଖ୍ୟା ବୃଦ୍ଧି ସମସ୍ୟାକୁ ଏଡ଼ାଇବା ପାଇଁ ଅତ୍ୟାଧୁନିକ ଜେଲ ନିର୍ମାଣ କରିବାକୁ ରୋଡ୍‌ମ୍ୟାପ ପ୍ରସ୍ତୁତ କରିଛି। ଏଥିପାଇଁ ୧୩ଟି ଜେଲକୁ ସ୍ଥାନାନ୍ତର କରିବାକୁ ନିଷ୍ପତ୍ତି ହୋଇଥିଲାବେଳେ ୬ଟି ଜେଲ ପାଇଁ ନିର୍ମାଣ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି, ଭୁବନେଶ୍ୱର ସ୍ୱତନ୍ତ୍ର କାରାଗାରକୁ ଜାମୁଝରୀକୁ ଓ ବାରିପଦା,ସୁନ୍ଦରଗଡ଼ ଓ କେନ୍ଦୁଝର ଜେଲ ପାଇଁ ଜମି ସ୍ଥିର ହୋଇସାରିଛି। ଜେଲ ପାଚେରି ଡେଇଁ ଭିତରକୁ ଆସୁଥିବା ନିଶା ସାମଗ୍ରୀକୁ ପ୍ରତିହତ କରିବା ପାଇଁ ଚୌଦ୍ୱାର, କୋରାପୁଟ, ସମ୍ବଲପୁର, ବ୍ରହ୍ମପୁର ଓ ଖାରପଡ଼ା ଜେଲରେ ଡ୍ରୋନ୍ କ୍ୟାମେରା ଉଡ଼େଇବାର ବ୍ୟବସ୍ଥା କରାଯିବାର ପ୍ରସ୍ତାବ ରହିଛି। କିନ୍ତୁ ଏସବୁ ଯୋଜନା କାର୍ଯ୍ୟକାରୀ ହେବକି କେବଳ ପ୍ରସ୍ତାବରେ ରହିଯିବ ସେକଥା ବିଚାର ସାପେକ୍ଷ।

ଯଦିଓ, ବ୍ରିଟେନ୍ ଟିମ୍‌ର ତିହାର ଜେଲ ପରିଦର୍ଶନ ସମୟରେ ଜୁଲାଇରେ ଜେଲ ବ୍ୟବସ୍ଥାକୁ ଭଲ ଓ ଅନ୍ତର୍ଜାତୀୟ ମାନଦଣ୍ଡର ନିକଟତର ବୋଲି ପ୍ରକାଶ କରିଛନ୍ତି,ହେଲେ ମଧ୍ୟ, ଦେଶର ବିଭିନ୍ନ ଜେଲରେ ବନ୍ଦୀ ଥିବା ପ୍ରାୟ ୪.୫ ଲକ୍ଷ ବିଚାରାଧୀନ କଏଦୀଙ୍କ ଭୋଟ ଅଧିକାରକୁ ସ୍ୱୀକୃତି ଦେବା ପାଇଁ ଏକ ଜନସ୍ୱାର୍ଥ ମାମଲା ଉପରେ ୨୪ ଅକ୍ଟୋବରରେ ଶୁଣାଣି କରି ସୁପ୍ରିମକୋର୍ଟ କେନ୍ଦ୍ର ସରକାର ଓ ନିର୍ବାଚନ ଆୟୋଗଙ୍କୁ ଜବାବ ମାଗିଛନ୍ତି। କୋର୍ଟଙ୍କ ଅନୁସାରେ ଜନପ୍ରତିନିଧି ଆଇନ ୧୯୫୧ର ଧାରା ୬୨(୫)ଅନୁଯାୟୀ ଲାଗୁ ହୋଇଥିବା ବର୍ତ୍ତମାନର ନିଷେଧାଦେଶ ସାମ୍ବିଧାନିକ ଗ୍ୟାରେଣ୍ଟି ଓ ଅନ୍ତର୍ଜାତୀୟ ଗଣତନ୍ତ୍ର ନିୟମର ଉଲ୍ଲଂଘନ କରୁଛି। ତା'ସହିତ ଜେଲଗୁଡ଼ିକରେ ଭିନ୍ନକ୍ଷମ ସମେତ କଏଦୀଙ୍କୁ ନିଜ ପସନ୍ଦର ଖାଦ୍ୟ ନ ମିଳିବା ମୌଳିକ ଅଧିକାରର ଉଲ୍ଲଂଘନ ନୁହେଁ ବୋଲି ସୁପ୍ରିମକୋର୍ଟ ପ୍ରକାଶ କରିଛନ୍ତି। ସମ୍ବିଧାନର ଧାରା-୨୧ ଅନୁଯାୟୀ ଜୀବନର ଅଧିକାର ସମସ୍ତ କଏଦୀଙ୍କ ପାଇଁ ରହିଛି, କିନ୍ତୁ ଏହି ଆଇନ ବ୍ୟକ୍ତିଗତ କିମ୍ବା ବିଳାସପୂର୍ଣ୍ଣ ଖାଦ୍ୟ ପସନ୍ଦ ଦାବି କରିବାର ଅଧିକାର ଦେଇନାହିଁ। ଜେଲଗୁଡିକ ସୁଧାର ଗୃହ ବୋଲି କୁହାଯାଇଛି, ନାଗରିକ ସମାଜର ସୁବିଧାର ସମ୍ପ୍ରସାରଣ ନୁହେଁ। ଜେଲଗୁଡିକ ପ୍ରାୟତଃ ଐତିହାସିକ ଭାବରେ କଠୋର ଶୃଙ୍ଖଳା, କଠୋର ପରିସ୍ଥିତି ଓ ସର୍ବନିମ୍ନ ସ୍ୱାଧୀନତା ପାଇଁ ଡିଜାଇନ କରାଯାଇଛି। ଯଦିଓ ଆଧୁନିକ ନୀତି ପ୍ରତିଶୋଧ ଅପେକ୍ଷା ଅନ୍ୟମାନଙ୍କୁ ସମର୍ଥନ କରେ, କିନ୍ତୁ ଭାରତରେ ବର୍ତ୍ତମାନର ଜେଲ ଭିତ୍ତିଭୂମି ଓ ପରିଚାଳନା ବ୍ୟବସ୍ଥା ପର୍ଯ୍ୟାପ୍ତ ନୁହେଁ ବୋଲି ସୁପ୍ରିମକୋର୍ଟ କହିଛନ୍ତି।

ଚୌଦ୍ୱାର ଜେଲର ଅଘଟଣ ପରେ ସରକାର ଜେଲ ପ୍ରଶାସନକୁ କଡ଼ାକଡ଼ି କରିବା ପାଇଁ ବିଭିନ୍ନ ସମୟରେ ଡିଆଇଜି ଓ ଏସ୍‌ପିମାନେ ଜେଲକୁ ଅକସ୍ମାତ୍ ପରିଦର୍ଶନରେ ଯିବା ଓ ଲ୍ୟାଣ୍ଡଲାଇନ ଫୋନରେ ଅଧିକାରୀମାନଙ୍କୁ ଫୋନ କରି ସେମାନଙ୍କ ଅବସ୍ଥିତିକୁ ଯାଞ୍ଚ କରିବା ପାଇଁ ଚିନ୍ତା କରୁଛନ୍ତି। ଅବ୍ୟବସ୍ଥିତ ଓ ଅସୁରକ୍ଷିତ କାରାଗାର ଗଣତନ୍ତ୍ର, ନ୍ୟାୟତନ୍ତ୍ର ଓ ମାନବାଧିକାର ପାଇଁ ଏକ ବଡ଼ ଆହ୍ୱାନ। ତେଣୁକରି, ଦେଶର ବିଭିନ୍ନ ଜେଲରେ ଥିବା ବିଚାରାଧୀନ ବନ୍ଦୀଙ୍କ ସଂଖ୍ୟା ହ୍ରାସ କରିବା ନିମନ୍ତେ ଅଜିମ ପ୍ରେମ୍‌ଜୀ ଫାଉଣ୍ଡେଶନ ତରଫରୁ ୨୦୨୪ରୁ ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ ଓଡ଼ିଶା କଟକ ମିଳିତ ସହଭାଗିତାରେ ଏକ କାରାଗାର ପକ୍ଷପୋଷଣ ପ୍ରକଳ୍ପ ସ୍ଥାପନ କରି ମଣ୍ଡଳ କାରାଗାର ଚୌଦ୍ୱାର, ସ୍ୱତନ୍ତ୍ର କାରାଗାର ଭୁବନେଶ୍ୱର, ଜିଲା କାରାଗାର ଖୋର୍ଦ୍ଧା ଓ ଉପକାରାଗାର ବାଙ୍କୀରେ ଅବସ୍ଥିତ ବିଚାରାଧୀନ ବନ୍ଦୀଙ୍କୁ ନିଃଶୁଳ୍କ ଆଇନ ସେବା ପ୍ରଦାନ କରିବା ସହିତ ଜାମିନ କରାଇବା ପାଇଁ ଅଣ୍ଟା ଭିଡିଛି। ଏହି କାର୍ଯ୍ୟକ୍ରମ ଯୋଜନାରେ ଉକ୍ତ ପ୍ରକଳ୍ପ ସମ୍ପୃକ୍ତ ଜେଲଗୁଡିକରେ ଥିବା ବନ୍ଦୀଙ୍କୁ ଜାମିନ ପ୍ରଦାନ କରିବାରେ ସଫଳତା ହାସଲ କରିବା ସହ ମାସିକ ଗୋଟିଏ ଲେଖାଏ ଆଇନ ସଚେତନତା କାର୍ଯ୍ୟକ୍ରମର ଆୟୋଜନ କରି ଜେଲ ଅନ୍ତେବାସୀଙ୍କୁ ବିଭିନ୍ନ ବିଷୟରେ ସଚେତନ କରିବାରେ ସଫଳତା ହାସଲ କରିଛି। ଏହା ଏକ ପାଇଲଟ୍ ପ୍ରକଳ୍ପ ଭାବରେ କାର୍ଯ୍ୟ କରୁଛି।

ଜେଲଗୁଡ଼ିକରେ ଥିବା ଅଧିକାଂଶ ବନ୍ଦୀ ପୋକ୍‌ସୋ ଆଇନର ବିଭିନ୍ନ ଦଫାରେ ଗିରଫ ହୋଇ ରହିଛନ୍ତି। ସେମାନେ ଏହି ଆଇନ, ନାବାଳିକାମାନଙ୍କ ସହିତ ଶାରୀରିକ ସମ୍ପର୍କ ଓ ବିବାହର ପରିଣାମ ସମ୍ପର୍କରେ ଅନଭିଜ୍ଞ ବୋଲି ମତବ୍ୟକ୍ତ କରନ୍ତି। ତେଣୁ ଏହି ଆଇନ ଉପରେ ନିୟମିତ ଭାବରେ ଯଦି ସଚେତନତା କାର୍ଯ୍ୟକ୍ରମ କରାଯିବ ତେବେ ବାଲ୍ୟବିବାହ, ନାବାଳିକାଙ୍କ ସହିତ ଯୌନ ସମ୍ପର୍କ ମାମଲା ହ୍ରାସ ପାଇବ ବୋଲି ବିଶ୍ୱାସ। ମାନବାଧିକାର ଆୟୋଗଙ୍କ ହସ୍ତକ୍ଷେପ ପରେ କାରାଗାରଗୁଡ଼ିକ ବର୍ତ୍ତମାନ କେବଳ ବନ୍ଦୀଗୃହ ନ ହୋଇ ସଂସ୍କାର କେନ୍ଦ୍ର ପାଲଟିଛି। କିନ୍ତୁ ପ୍ରଶାସନିକ ସଂସ୍କାର ନ ହେବାରୁ କାରାଗାରଗୁଡିକରେ ଆବଶ୍ୟକ ଭିତ୍ତିଭୂମିର ଅଭାବ ଦୃଷ୍ଟିଗୋଚର ହେଉଛି। ଦୁର୍ବଳ ଭିତ୍ତିଭୂମି କେବେହେଲେ ମାନବାଧିକାରକୁ ଦୈନନ୍ଦିନ ଅବଶ୍ୟକତା ଭାବରେ ବନ୍ଦୀମାନଙ୍କୁ ପ୍ରଦାନ କରିପାରିବ ନାହିଁ, ଏକଥା ସ୍ୱୀକାରଯୋଗ୍ୟ।

ମୋ: ୯୪୩୭୨୧୮୯୧୭

ବିଶ୍ୱ ମାନବ ଅଧିକାର ଦିବସ ଉପଲକ୍ଷେ



# ଦରମା ଦେଇପାରୁନି ଆମେରିକା




ଲଳିତେନ୍ଦୁ ପଲାଉରୀ

ବିଶ୍ୱର ବିକଶିତ ଦେଶ ଆମେରିକାରେ ଅଚଳାବସ୍ଥା। ୧୪ ଲକ୍ଷରୁ ଅଧିକ ଫେଡେରାଲ କର୍ମଚାରୀଙ୍କୁ ବେତନ ନ ମିଳିବା , ୪୧ ଲକ୍ଷ ନିମ୍ନ ଆୟକାରୀ ଆମେରିକୀୟଙ୍କ ପାଇଁ ଖାଦ୍ୟ ସୁରକ୍ଷା ଯୋଜନା ବିଫଳ ହେବା, ଅଧିକାଂଶ କର୍ମଚାରୀ ଛଟେଇ ହେବା, ଦରମା ନ ପାଇ କର୍ମଚାରୀମାନେ ସାମୂହିକ ଛୁଟିରେ ରହିବା, କିଛି କର୍ମଚାରୀ ବିନା ଦରମାରେ କାମ କରିବା ଭଳି ସ୍ଥିତି ଚଳିତବର୍ଷ ଅକ୍ଟୋବର ୧ରୁ ନଭେମ୍ବର ୧୨ ପାଖାପାଖି ୪୨ଦିନ ଆମେରିକାରେ ଦେଖା ଦେଇଥିଲା। ଆମେରିକା ଇତିହାସରେ ଏଭଳି ଦୀର୍ଘ ଦିନର ଅଚଳାବସ୍ଥା ପ୍ରଥମ ଥର ଦେଖିବାକୁ ମିଳିଥିଲା। ଏହି ଅଚଳାବସ୍ଥାକୁ ଆମେରିକାର ସଂଘୀୟ ସରକାର ବ୍ୟବସ୍ଥାର ସବୁଠୁ ଦୀର୍ଘକାଳୀନ ଶଟ୍‌ଡାଉନ ବୋଲି କୁହାଯାଉଛି। କାରଣ ଥିଲା ଆମେରିକା କଂଗ୍ରେସରେ ବ୍ୟୟ ମଞ୍ଜୁରୀ ବିଲ୍ ପାସ ହୋଇ ପାରିନଥିଲା। ଆମେରିକାର ନୂଆ ଆର୍ଥିକ ବର୍ଷ ଅକ୍ଟୋବର ୧ରୁ ଆରମ୍ଭ ହୋଇଥିବା ବେଳେ ଫେଡେରାଲ ସରକାର ଓ ସିନେଟ ମଧ୍ୟରେ ବିବାଦ ଏବଂ ତାଳମେଳ ଅଭାବ ଏଭଳି ସ୍ଥିତି ସୃଷ୍ଟି କରିଥିଲା। ସିନେଟର ଡେମୋକ୍ରାଟ ସାଂସଦମାନେ ସରକାରଙ୍କ ଖର୍ଚ୍ଚଦାବି ବିଲ୍‌କୁ ସମର୍ଥନ କରିନଥିଲେ। ତେଣୁ ବିଲ୍ ପାସ୍‌ରେ ସରକାରଙ୍କୁ ବାଧା ଉପୁଜିଥିଲା।

ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଦ୍ୱିତୀୟ ପାଳି ଶାସନରେ ସିନେଟ୍‌ରେ ତାଙ୍କ ଦଳ ରିପବ୍ଲିକାନଙ୍କ ସଂଖ୍ୟା କମ୍। ତେଣୁ ଆମେରିକାର ପ୍ରତିନିଧି ସଭାରେ ବିଲ୍ ସହଜରେ ପାସ୍ ହେଉଥିବା ବେଳେ ଏହା ସିନେଟରେ ଅଟକି ରହୁଛି। ବ୍ୟୟ ମଞ୍ଜୁରୀ ବିଲ୍‌ରେ ଅସାମଞ୍ଜସ୍ୟ ଦର୍ଶାଇ ୧୪ଥର ସିନେଟ୍‌ର ବିରୋଧୀ ସଦସ୍ୟମାନେ ବିଲ୍‌କୁ ଖାରଜ କରି ଦେଇଥିଲେ। ଟ୍ରମ୍ପ ପ୍ରଶାସନ ସାଧାରଣତଃ ଆମେରିକୀୟଙ୍କ ସ୍ୱାସ୍ଥ୍ୟ, ଦେଶରେ ମୁଦ୍ରାସ୍ଫୀତି ନିୟନ୍ତ୍ରଣରେ ବିଫଳ ଓ ଜରୁରୀ କ୍ଷେତ୍ରରେ ଅଧିକ ବ୍ୟୟ ବରାଦ କରିନଥିବାରୁ ବିଲ୍‌ଗୁଡ଼ିକୁ ବାରମ୍ବାର ସିନେଟର ବିରୋଧୀ ସଦସ୍ୟମାନେ ପାସ୍ କରାଇ ଦେଉନଥିଲେ। ଡେମୋକ୍ରାଟ୍ ସାଂସଦଙ୍କ ଅସହମତ କାରଣରୁ କୌଣସି ବିକାଶ କାର୍ଯ୍ୟ ତ୍ୱରାନ୍ୱିତ ହୋଇ ପାରୁନଥିଲା। ବିଭିନ୍ନ ବିଭାଗଗୁଡ଼ିକ ପାଇଁ ଅର୍ଥ ବରାଦ ଅଟକି ଥିଲା। ଏଭଳି ଅଚଳାବସ୍ଥା ଆମେରିକାର ଶାସନ ନେତୃତ୍ୱ ପ୍ରତି ମଧ୍ୟ ବିରୋଧାଭାଷର ଏକ ସଂକେତ। କେତେକ ଅତ୍ୟାବଶ୍ୟକ ସେବାକୁ ଛାଡ଼ିଦେଲେ ଅନ୍ୟ ସବୁ ବିଭାଗ ଅର୍ଥ ଅଭାବରୁ ପ୍ରଭାବିତ ହୋଇଥିଲେ। ଫେଡେରାଲ ଏଭିଏସନ୍ ଏଜେନ୍ସି ପ୍ରତିଦିନ ହଜାର ହଜାର ବିମାନ ଉଡ଼ାଣ ବାତିଲ କରିବାକୁ ବାଧ ହୋଇଥିଲା। ତଥ୍ୟ କହୁଛି ଚଳିତ ଅକ୍ଟୋବରରୁ ନଭେମ୍ବର ମଧ୍ୟରେ ପାଖାପାଖି ୩୫ ଲକ୍ଷ ବିମାନଯାତ୍ରୀ ଏହି ଅଚଳାବସ୍ଥା ଦ୍ୱାରା ପ୍ରଭାବିତ ହୋଇଥିଲେ। ଏହି ଅଚଳାବସ୍ଥାକୁ ଆମେରିକା ଇତିହାସରେ ୨୧ତମ ବ୍ୟୟବରାଦ ବିଲ୍ ଅଚଳାବସ୍ଥା ବୋଲି ବିବେଚନା କରାଯାଇଛି। ଏହାସହ ଆମେରିକା ଫେଡେରାଲ ଇତିହାସରେ ଏହା ୧୧ତମ ସରକାରୀ ଅଚଳାବସ୍ଥା ଥିଲା। ୨୦୧୮ ଡିସେମ୍ବରରୁ ୨୦୧୯ ଜାନୁଆରୀ ଯାଏ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରଥମ ପାଳି ସରକାରରେ ମଧ୍ୟ ଏମିତି ଅଚଳାବସ୍ଥା ଉପୁଜିଥିଲା। ସେତେବେଳେ ୩୪ଦିନ ପାଇଁ ଆମେରିକାରେ ଶଟ୍‌ଡାଉନ ସ୍ଥିତି ଉପୁଜିଥିଲା। ପୂର୍ବରୁ ୨୦୧୩ରେ ୧୬ଦିନ ଓ ୧୯୯୫ରେ ବିଲ୍ କ୍ଲିଣ୍ଟନ୍‌ଙ୍କ ରାଷ୍ଟ୍ରପତିତ୍ୱ ସମୟ ମଧ୍ୟରେ ୨୧ଦିନ ପାଇଁ ଆମେରିକାରେ ଶର୍ଟଡାଉନ ଦେଖିବାକୁ ମିଳିଥିଲା। ତେବେ ବର୍ତ୍ତମାନ ଆମେରିକାରେ ସ୍ଥିତି ସ୍ୱାଭାବିକ ହୋଇଛି। ଦୁଇ ସପ୍ତାହ ଧରି ଆଲୋଚନା ପର୍ଯ୍ୟାଲୋଚନା ପରେ ଆମେରିକାରେ ଶଟ୍‌ଡାଉନରେ ବିରାମ ଲାଗିଛି। ଡେମୋକ୍ରାଟ୍ ସାଂସଦଙ୍କ ଏକ ଗୋଷ୍ଠୀ ରିପବ୍ଲିକାନ୍‌ଙ୍କ ସହ କିଛି ମାତ୍ରାରେ ସହମତ ପରେ ସ୍ଥିତି ସୁଧୁରିଥିଲା। ୨୦୨୬ ଆର୍ଥିକବର୍ଷ ପାଇଁ ବଜେଟ ପାସ୍ ଜରୁରୀ ଭାବି ଡେମୋକ୍ରାଟ୍‌ମାନେ ଶେଷରେ ଫେଡେରାଲ ସରକାରଙ୍କୁ ସମର୍ଥନ କରିଥିଲେ। ବର୍ତ୍ତମାନ ଫେଡେରାଲ ସରକାର ସିନେଟ୍‌ରେ କୌଣସି ବିଲ୍ ପାସ କରିବାକୁ ଅତିକମ୍‌ରେ ୬୦ଟି ଭୋଟ ଆବଶ୍ୟକ କରୁଛି। ରିପବ୍ଲିକାନ୍‌ଙ୍କ ହାତରେ ରହିଛି ୫୩, ଆଉ ଡେମୋକ୍ରାଟ୍‌ଙ୍କ ହାତରେ ୪୭ଖଣ୍ଡ ଭୋଟ। ତେଣୁ ପ୍ରତି ବିଲ୍ ପାସ ପାଇଁ ଡେମୋକ୍ରାଟ୍‌ଙ୍କ ୮ଖଣ୍ଡ ଭୋଟ ଜରୁରୀ। ବର୍ତ୍ତମାନ ପାଇଁ ବ୍ୟୟ ମଞ୍ଜୁରୀ ବିଲ୍ ରିପବ୍ଲିକାନ୍ ଦଳ ସହ ୮ ଡେମୋକ୍ରାଟ୍‌ଙ୍କ ସମର୍ଥନ ପାଇବା ପରେ ୪୨ ଦିନର ଅଚଳାବସ୍ଥା ଦୂର ହୋଇଛି ସତ, କିନ୍ତୁ ଆଗକୁ ମଧ୍ୟ ଏଭଳି ଅଚଳାବସ୍ଥା ଆସିପାରେ।

ଆମେରିକାରେ ଏଭଳି ଶଟ୍‌ଡାଉନ ସ୍ଥିତି ବେଶ ପୁରୁଣା, କିନ୍ତୁ ଏତେଦିନ କେବେ ହୋଇନଥିଲା। ଅଚଳାବସ୍ଥା ଭିତରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କିନ୍ତୁ ଏହାର ସ୍ଥାୟୀ ସମାଧାନ କଥା ନ ଉଠାଇ ବିଶ୍ୱରେ ଆମେରିକା ଲାଗୁ କରିଥିବା ଉଚ୍ଚ ଟାରିଫ୍ ଅନେକ କୋଟି ଡଲାର ରାଜସ୍ୱ ସୃଷ୍ଟି କରିବ ବୋଲି କହି ପ୍ରସଙ୍ଗକୁ ଏଡ଼ାଇ ଯାଇଥିଲେ। ଧନୀ ଆମେରିକୀୟଙ୍କୁ ଛାଡ଼ି ନିମ୍ନ ଓ ମଧ୍ୟମ ବର୍ଗ ଆମେରିକୀୟଙ୍କୁ ସର୍ବାଧିକ ୨ ହଜାର ଡଲାରର ଲାଭାଂଶ ଦେବେ ବୋଲି କହିଥିଲେ ଟ୍ରମ୍ପ। ଆମେରିକା ଟାରିଫ୍‌କୁ ସମାଲୋଚନା କରୁଥିବା ବ୍ୟକ୍ତିଙ୍କୁ ଟ୍ରମ୍ପ ମୂର୍ଖ ବୋଲି କହିଥିଲେ। ତେବେ ବିଶ୍ୱର ସର୍ବଶକ୍ତିମାନ୍ ଆମେରିକାରେ କେବଳ ଚଳିତବର୍ଷ ବ୍ୟୟ ମଞ୍ଜୁରୀ ବିଲ୍‌କୁ ନେଇ ଗୋଟିଏ ମାତ୍ର ଅଚଳାବସ୍ଥା ନୁହେଁ, ଦିନକୁ ଦିନ ବିଶ୍ୱ ମାନଚିତ୍ରରେ ଆମେରିକାର ନୀତି ନୈତିକତାକୁ ସମାଲୋଚନା କରାଯାଉଛି। ଟ୍ରମ୍ପଙ୍କ ନେତୃତ୍ୱରେ ଆମେରିକାରେ ସାଧାରଣ ନାଗରିକ ନିଜକୁ ସୁରକ୍ଷିତ ମଣୁନାହାନ୍ତି। ଟ୍ରମ୍ପ ଓ ରିପବ୍ଲିକାନ୍‌ଙ୍କ ବିରୋଧରେ ପ୍ରତିଫଳନ ହେଉଛି ନଭେମ୍ବର ୪ରେ ନ୍ୟୁୟର୍କ ମେୟର ନିର୍ବାଚନରେ ଡେମୋକ୍ରାଟ୍ ପ୍ରାର୍ଥୀ ଜୋହରାନ ମାମଦାନି ରିପବ୍ଲିକାନ୍ କୁର୍ତ୍ତିସ ସ୍ଲିୱାଙ୍କୁ ପରାସ୍ତ କରି ଟ୍ରମ୍ପ ପ୍ରଶାସନ ପ୍ରତି ଚ୍ୟାଲେଞ୍ଜ ସୃଷ୍ଟି କରିଛନ୍ତି। ବିଶ୍ୱରେ ଯୁଦ୍ଧ ବନ୍ଦ ପାଇଁ ଟ୍ରମ୍ପ ବିଫଳ ହୋଇଛନ୍ତି। ଆମେରିକାର ଟ୍ରମ୍ପ ପ୍ରଶାସନ ତା'ର କଠୋର ଟାରିଫ୍ ନୀତି ପାଇଁ ନିନ୍ଦିତ ହେଉଥିବା ବେଳେ ବିଶ୍ୱରେ ଆମେରିକା ଦ୍ରବ୍ୟର ଗ୍ରହଣୀୟତା ମଧ୍ୟ କମିଛି। ଏହାସହ ଆମେରିକା ଡଲାରର ବିକଳ୍ପ ସୃଷ୍ଟି ପାଇଁ ବିଶ୍ୱ ଏକଜୁଟ ହେବା ଆମେରିକାକୁ ଚିନ୍ତାରେ ପକାଇଛି।

ବାଲିପନ୍ତାଳ, ନଗର, ଅସ୍ତରଙ୍ଗ, ପୁରୀ
ମୋ: ୯୭୭୮୬୯୭୦୩୬



## ଏଇ ଭାରତରେ

ଆଧୁନିକ ପ୍ରଣାଳୀ ଚାଷରେ ମାଟି ପରୀକ୍ଷାର ଗୁରୁତ୍ୱ ରହିଛି କାରଣ କେଉଁ ମାଟିରେ କି ଫସଲ କଲେ ଉତ୍ପାଦନ ଅଧିକ ହେବ, ତାହା ଏଥିରୁ ଜଣାପଡ଼ିଥାଏ। କିନ୍ତୁ ଏଥିପାଇଁ ଭାରତରେ ବ୍ୟାପକ ସୁଯୋଗ ନ ଥିବାରୁ କୃଷକମାନେ ତାହା କରିପାରୁନାହାନ୍ତି। ତେବେ ଏଭଳି ସମସ୍ୟା ଦୂର କରିଛନ୍ତି ଆଇଆଇଟି, ବମ୍ବେର ବୈଜ୍ଞାନିକ ଡ. ରଜୁଲ ପାଟକର। ଡ. ପାଟକର ହେଉଛନ୍ତି ପ୍ରକ୍ସିମାଲ ସଏଲସେନ୍ସ ଟେକ୍ନୋଲୋଜିର ସହ ପ୍ରତିଷ୍ଠାତା ଓ ସିଇଓ। ସେ ବିଶ୍ୱର ସବୁଠୁ ଛୋଟ 'ନ୍ୟୁଟ୍ରିସେନ୍ସ' ନାମକ ମାଟି ପରୀକ୍ଷା ଉପକରଣ ବିକାଶ କରିଛନ୍ତି। ଏଥିରେ ସହଜରେ, କମ୍ ସମୟରେ ଏବଂ ଶସ୍ତାରେ ମାଟି ପରୀକ୍ଷା କରାଯାଇପାରୁଛି। ନ୍ୟୁଟ୍ରିସେନ୍ସରେ ଥିବା କାଗଜ ଆଧାରିତ ସେନ୍‌ସରରେ ମାଟିର ୬ଟି ଗୁରୁତ୍ୱପୂର୍ଣ୍ଣ ମାନକ ପରୀକ୍ଷା କରାଯାଉଛି। ନ୍ୟୁଟ୍ରିସେନ୍ସ ୧ ଗ୍ରାମ ମାଟିକୁ ୫ ମିନିଟରୁ କମ୍ ସମୟ ମଧ୍ୟରେ ପରୀକ୍ଷା କରିଦେଇପାରୁଛି। ଫଳରେ କମ୍ ରାସାୟନିକ ସାରରେ ଅଧିକ ଉତ୍ପାଦନ ସମ୍ଭବ ହେଉଛି। ଏବେସୁଦ୍ଧା ଆସାମ, ପଞ୍ଜାବ, ତେଲଙ୍ଗାନା, ଗୁଜରାଟ, ଝାଡ଼ଖଣ୍ଡ, ମଧ୍ୟପ୍ରଦେଶ ଓ ରାଜସ୍ଥାନ ଆଦି ରାଜ୍ୟର ୧୦,୦୦୦ରୁ ୧୫,୦୦୦ କୃଷକ ଉପକୃତ ହୋଇସାରିଲେଣି। ଡ. ପାଟକର ନ୍ୟୁଟ୍ରିସେନ୍ସକୁ ସବୁ ରାଜ୍ୟର କୃଷକଙ୍କ ନିକଟରେ ପହଞ୍ଚାଇବା ଲକ୍ଷ୍ୟ ରଖିଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୧୦ ଡିସେମ୍ବର ୧୯୭୬

- ସୁପରିଚିତ ହିନ୍ଦୀ ଲେଖକ ସ୍ୱର୍ଗତ ମୁନ୍‌ସି ପ୍ରେମଚନ୍ଦ୍ରଙ୍କର ବିଧବା ପତ୍ନୀ ଶିବରାଣୀ ଦେବୀଙ୍କ ପରଲୋକ।
- ବିଶ୍ୱବିଦ୍ୟାଳୟ ମଞ୍ଜୁରୀ କମିଶନ ଦେଶର ୭୭ ଜଣ ହରିଜନ ଓ ଆଦିବାସୀ ପ୍ରାର୍ଥୀଙ୍କୁ ଜୁନିୟର ଗବେଷଣା ଛାତ୍ରବୃତ୍ତି ଦେବା ଲାଗି ମନୋନୀତ କରିଛନ୍ତି।

## ପାଠକ ଶ୍ରେଷ୍ଠ ବିଚାରକ

### ଅପ୍ରୀତିକର ପରିସ୍ଥିତି ନ ଘଟୁ

ମହାଶୟ,

ନିକଟରେ କଲମ୍ବୋରେ ଅନୁଷ୍ଠିତ ଦୃଷ୍ଟିବାଧିତ ମହିଳା ଟି-୨୦ କ୍ରିକେଟ ବିଶ୍ୱକପ୍ ଚାମ୍ପିୟନ ଭାରତୀୟ ଦଳରେ ସାମିଲ ଓଡ଼ିଶାର ୪ ଖେଳାଳି ଫୁଲ, ପାର୍ବତୀ, ଯମୁନା ଓ ବାସନ୍ତୀଙ୍କୁ ପ୍ରଥମେ ରାହୁଲ ଗାନ୍ଧୀ ତା'ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଶେଷରେ ମୋହନ ଚରଣ ମାଝୀ ଭେଟିଛନ୍ତି। ଭାରତ ବର୍ଷରେ କ୍ରିକେଟର ଚମକ ଅନ୍ୟ ଖେଳଠୁ ବହୁତ ଆଗରେ। ବିଗତ ଏସିଆ କପ୍‌ରେ ଭାରତ ଚାମ୍ପିୟନ ହୋଇଥିବା ବେଳେ ଭାରତ ପାକିସ୍ତାନ ୩ ଥର ପରସ୍ପରକୁ ଭେଟିଥିଲେ। ଆଇସିସି କ୍ରିକେଟକୁ ଅଧିକ ରୋଚକ କରିବା ଉଦ୍ଦେଶ୍ୟରେ ଭାରତ ଓ ପାକିସ୍ତାନକୁ ଗୋଟିଏ ଗ୍ରୁପରେ ରଖିଛି। ଏସିଆ କପ୍ ଟ୍ରଫି ପ୍ରଦାନ ସମୟରେ ଘଟିଥିବା ଅପ୍ରୀତିକର ପରିସ୍ଥିତି ଆଗକୁ ଯେଭଳି ନ ଘଟେ ଆଇସିସି ସୁନିଶ୍ଚିତ କରିବା ଦରକାର। ଭାରତ ହକିଦଳର ମହିଳା ଓ ପୁରୁଷ ଖେଳାଳି ଇଂଲିଶରେ ଓଡ଼ିଶା ଲେଖାଥିବା ଜର୍ସି ପିନ୍ଧୁଛନ୍ତି। ଓଡ଼ିଶା ଟୁରିଜମ୍ ଲେଖାଗଲେ ଭଲ ହୁଅନ୍ତା।

-ମନୋରଞ୍ଜନ ପାତ୍ର, ସୁନହଟ, ବାଲେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ବିରହ ମିଳନ ଶୁଭଇ ଛଳନା ସମ
ତଥାପି ତୋ ରୂପେ ଲୋଲୁପ ପରାଣ ମମ
ତଥାପି ରସନା ଡାକିବାକୁ ଖୋଜେ ତୋତେ
''ଜୀବନ ଦୋସର ପରାଣର ପ୍ରିୟତମ ।''
-(ରୂପର ମୋହ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ଜବରଦଖଲରେ ଥିବା ୪ ପରିବାରକୁ ନୋଟିସ

ପାରଳାଖେମୁଣ୍ଡି,୯।୧୨
(ଗିରିଧାରୀ ପରିଚ୍ଛା)

ଗଜପତି ଜିଲା ଗୋଷାଣି ବ୍ଲକ ବାଘଶାଳା ପଞ୍ଚାୟତ ଅନ୍ତର୍ଗତ ସାତମାଇଲ ଛକ ଗ୍ରାମର ୪ଟି ପରିବାର ସରକାରୀ ଜାଗା ଜବରଦଖଲ କରି ରହି ଆସୁଛନ୍ତି। ସେମାନଙ୍କୁ ଏବେ ଜବରଦଖଲରୁ ହଟାଇବା ପାଇଁ ପ୍ରଶାସନ ନୋଟିସ ଦେଇଛି। ପାରଳାଖେମୁଣ୍ଡି ତହସିଲଦାର ନାରାୟଣ ବେହେରାଙ୍କ ସହ ପ୍ରଶାସନିକ ଅଧିକାରୀ ଓ ଗୁରାଣ୍ଡି ପୋଲିସ ପହଞ୍ଚି ଜବରଦଖଲ ଉଚ୍ଛେଦ ପାଇଁ ସେମାନଙ୍କୁ ନୋଟିସ ଦେଇଥିଲେ। ମାସକ ମଧ୍ୟରେ ଜବରଦଖଲ ଜାଗା ଛାଡିଦେବାକୁ ନୋଟିସରେ କୁହାଯିବା ସହ ଏହି ସମୟ ମଧ୍ୟରେ ଜାଗା ନ ଛାଡିଲେ ପ୍ରଶାସନ ପକ୍ଷରୁ ସେମାନଙ୍କୁ ଉଚ୍ଛେଦ କରାଯିବ ବୋଲି କୁହାଯାଇଛି। ଏପରି ନୋଟିସ ପାଇବା ପରେ ସେହି ସମ୍ପୃକ୍ତ ୪ ପରିବାର ହତାଶ ହୋଇପଡିଛନ୍ତି। ସାତମାଇଲ ଛକ ଗ୍ରାମରେ ଆମେ ଦୀର୍ଘ ବର୍ଷ ଧରି ରହିଆସୁଛୁ। ଲକ୍ଷାଧିକ ଟଙ୍କା ଧାରକରଜ କରି ପକ୍କାଘର କରିଛୁ। ଏବେ ପ୍ରଶାସନ ଉଠାଇଲେ ଆମେ ଯିବୁ କୁଆଡେ ବୋଲି ଏହି ପରିବାରର ସଦସ୍ୟମାନେ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ଉଚ୍ଛେଦ ତାଲିକାରେ ଥିବା ଗୁଲାବି ମୂଳି ପରିବାରଙ୍କୁ ପ୍ରଶାସନ ଆବାସ ଯୋଜନାରେ ସାମିଲ କରି ପକ୍କାଘର ନିର୍ମାଣ କରି ଦେଇଥିବା ସେ ଜଣାଇଛନ୍ତି । ଯଦି ଜବରଦଖଲ ହୋଇଥାନ୍ତା ତେବେ ଆବାସିକ ଯୋଜନାରେ କିପରି ଆବାସ ମିଳିଲା ବୋଲି ପ୍ରଶ୍ନ ଉଠିଛି। ସେହିପରି ଟି. ସୁନୀଲ, ସୁରେଶ ମୂଳି ଓ ଜହନ ନାୟକ ଆମେ ବହୁ ଗରିବ ପରିବାର । ବହୁ କଷ୍ଟରେ ବିଭିନ୍ନ କାର୍ଯ୍ୟ କରି ପରିବାର ଚଳାଉଛୁ। ଆମକୁ ସରକାର ଘର ଯୋଗାଇ ଦେବାକୁ ନିବେଦନ କରିଛନ୍ତି।



ଉଚ୍ଛେଦ ନୋଟିସ ପାଇଥିବା ୪ ପରିବାର।

## ୧୬ ବର୍ଷ ପରେ ହତ୍ୟା ଅଭିଯୁକ୍ତ ଗିରଫ

ଭଞ୍ଜନଗର,୯।୧୨
(ବାବୁଲା ପ୍ରଧାନ)

ଗଞ୍ଜାମ ଜିଲ୍ଲା ଭଞ୍ଜନଗର ଥାନା ଅନ୍ତର୍ଗତ ନୂଆଁପଲ୍ଲୀ ଗ୍ରାମର ରୁକୁନା ନାଇକଙ୍କୁ ପୋଲିସ ଏକ ହତ୍ୟା ମାମଲାରେ ସୋମବାର ଗିରଫ କରିଛି । ଏହାପରେ ତାଙ୍କୁ ଭଞ୍ଜନଗର କୋର୍ଟ ଚାଲାଣ କରାଯାଇଥିଲା । ସେ ଆଜକୁ ୧୬ ବର୍ଷ ତଳେ ତାଙ୍କରି ଗ୍ରାମର ଜଣଙ୍କୁ ଅନ୍ୟ ଜଣଙ୍କ ସହ ମିଶି ହତ୍ୟା କରିଥିବା ଅଭିଯୋଗ ହୋଇଥିଲା । ଏହାପରେ ସେ ଫେରାର ହୋଇଯାଇଥିଲେ । ଦୀର୍ଘ ୧୬ ବର୍ଷ ପରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସକ୍ଷମ ହୋଇଛି । ଏନେଇ ଜିଆର ୪୫/୨୦୦୯ ରେ ଏକ ମାମଲା ସେ ସମୟରେ ହୋଇଥିଲା । ହତ୍ୟା ଭଳି ଏକ ଗୁରୁତ୍ୱପୂର୍ଣ୍ଣ ମାମଲାରେ ପୋଲିସ ଦୀର୍ଘ ବର୍ଷ ଧରି ଅଭିଯୁକ୍ତଙ୍କୁ ଗିରଫ କରିପାରିନଥିଲା । କିନ୍ତୁ ଶେଷରେ ୱାରେଣ୍ଟ ବଳରେ ଆସାମୀ ଗିରଫ ହୋଇଛନ୍ତି । ଅନ୍ୟ ଜଣେ ଆସାମୀ ପୂର୍ବରୁ ଗିରଫ ହୋଇଥିଲେ।

## କଳିଙ୍ଗ ମହାବିଦ୍ୟାଳୟ ଓଡ଼ିଆ ବିଭାଗ ପକ୍ଷରୁ ଆଲୋଚନାଚକ୍ର
# ପ୍ରଗତିବାଦୀ ଚେତନା ମାନବୀୟ ମୂଲ୍ୟବୋଧର ପରିଚୟ ଦିଏ




ଜି.ଉଦୟଗିରି,୯।୧୨
(ଚିନ୍ମୟ କୁମାର ସେଠୀ)

କଳିଙ୍ଗ ମହାବିଦ୍ୟାଳୟ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ପକ୍ଷରୁ 'ଓଡ଼ିଆ କବିତାରେ ପ୍ରଗତିବାଦୀ ଚେତନା' ଶୀର୍ଷକ ଏକ ଆଲୋଚନାଚକ୍ର ବିଭାଗୀୟ ମୁଖ୍ୟ ସୁପ୍ରିୟା ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଅଧକ୍ଷ ପ୍ରସନ୍ନ ନାୟକ ଯୋଗଦେଇ ଓଡ଼ିଆ କବିତାର ବିଭିନ୍ନ ଧାରା ଉପରେ ସୂଚନା ଦେଇଥିଲେ। ମୁଖ୍ୟବକ୍ତା ଭାବେ ଶଙ୍କରାଖୋଲ ମହାବିଦ୍ୟାଳୟ ଓଡ଼ିଆ ବିଭାଗ ଅଧ୍ୟାପକ ରାମକୃଷ୍ଣ ମହାନ୍ତି ଯୋଗଦେଇ ଓଡ଼ିଆ କବିତାରେ ପ୍ରଗତିବାଦୀ ଚେତନା ସମ୍ପର୍କରେ ବିଶଦ ଆଲୋଚନା କରି ବିଭିନ୍ନ ସମୟରେ କବିମାନେ ପ୍ରଗତିବାଦୀ ଚେତନାକୁ ନିଜ ସାରସ୍ୱତ ସୃଷ୍ଟିରେ କିଭଳି ପ୍ରୟୋଗ କରିଥିଲେ ତାହାକୁ ଉଦାହରଣ ମାଧ୍ୟମରେ କହିଥିଲେ। ପ୍ରାଧ୍ୟାପକ ନିରଞ୍ଜନ ପାଣ୍ଡିଆଙ୍କ ତତ୍ତ୍ୱାବଧାନରେ ଦ୍ୱିତୀୟ ବର୍ଷ ଛାତ୍ରୀ ସୁଶ୍ରୀ ସବନମ ସାହୁ ପ୍ରସ୍ତୁତ କରିଥିବା ଭିତ୍ତିପତ୍ର ପାଠ କରିଥିଲେ। ପ୍ରଗତିବାଦୀ ଚେତନା ମାନବୀୟ ମୂଲ୍ୟବୋଧର ଅସଲ ପରିଚୟ ବୋଲି ଆଲୋଚନାରେ ଅଂଶଗ୍ରହଣ କରି ଅଧ୍ୟାପିକା ସୁପ୍ରିୟା ମହାନ୍ତି, ପ୍ରାଧ୍ୟାପକ ନିରଞ୍ଜନ ପାଣ୍ଡିଆ, ଅଧ୍ୟାପକ ଡ. ନଳିନୀ ପାଣିଗ୍ରାହୀ ମତ ରଖିଥିଲେ। ତୃତୀୟ ବର୍ଷ ଛାତ୍ର ଅଜୟ କୁମାର ପ୍ରଧାନ ପ୍ରସ୍ତାବନା ରଖିଥିବା ବେଳେ ପ୍ରଥମ ବର୍ଷ ଛାତ୍ର ବିକାଶ ପ୍ରଧାନ ଧନ୍ୟବାଦ ଦେଇଥିଲେ।

## ଗଞ୍ଜେଇ ମାମଲା : ଜଣଙ୍କୁ ଗିରଫ କଲା ଗୁଜରାଟ ପୋଲିସ

ବାଲିଗୁଡ଼ା,୯।୧୨(ସଞ୍ଜୟ କୁମାର ପାଣିଗ୍ରାହୀ)–ଏକ ଗଞ୍ଜେଇ ଚାଲାଣ ମାମଲାରେ ଗୁଜରାଟ ପୋଲିସ ବାଲିଗୁଡା ଥାନା ଅଞ୍ଚଳରୁ ଜଣଙ୍କୁ ଗିରଫ କରି ନେଇଛି। ସେ ହେଲେ ବାଲିଗୁଡା ଥାନା ଅନ୍ତର୍ଗତ ସୁଡ୍ରା ପଞ୍ଚାୟତ ପରୁଭଙ୍ଗା ଗ୍ରାମର ସଚିନ କହଁର। ଗୁଜୁରାଟ ରାଜକୋଟ ରୁରାଲ ଥାନା ପୋଲିସ ୨୦୨୨ରେ ଜଣେ ଗଞ୍ଜେଇ ମାଫିଆକୁ ଗିରଫ କରିଥିଲା। ଗିରଫ ମାଫିଆ କେଉଁଠୁ ଗଞ୍ଜେଇ ଆଣିଥିଲେ ତାହାର ତଦନ୍ତ ହୋଇଥିଲା। ଅଭିଯୁକ୍ତ ଜଣଙ୍କ ବାଲିଗୁଡା ଥାନା ଅନ୍ତର୍ଗତ ସୁଡ୍ରା ପଞ୍ଚାୟତ ପରୁଭଙ୍ଗା ଗ୍ରାମର ସଚିନଙ୍କ ଠାରୁ ଗଞ୍ଜେଇ କିଣିଥିବା ନେଇ କହିବା ପରେ ଗୁଜରାଟ ପୋଲିସ ବାଲିଗୁଡାରେ ପହଞ୍ଚି ସ୍ଥାନୀୟ ପୋଲିସ ସହାୟତାରେ ସଚିନଙ୍କୁ ଗିରଫ କରି ନେଇଥିବା ନେଇଛି।

## ଆଇନଜୀବୀଙ୍କ ବିୟୋଗ

ବୁଗୁଡା,୯।୧୨(କାଳିଚରଣ ଦାଶ)

ବୁଗୁଡା ଓକିଲ ସଂଘର ସଦସ୍ୟ ପ୍ରକାଶ ଚନ୍ଦ୍ର ଭୂୟାଁ(୫୭)ଙ୍କ ବିୟୋଗରେ ଶୋକର ଛାୟା ଖେଳିଯାଇଛି। ମଙ୍ଗଳବାର ଅପରାହ୍ନରେ ସେ କୋର୍ଟ ପରିସରରେ ଥିବାବେଳେ ହୃଦଘାତର ଶିକାର ହୋଇଥିଲେ। ତାଙ୍କୁ ତୁରନ୍ତ ବୁଗୁଡା ମେଡିକାଲକୁ ଅଣାଯାଇଥିଲା। ସେଠାରେ ପ୍ରକାଶଙ୍କୁ ଡ଼ାକ୍ତର ମୃତ ଘୋଷଣା କରିଥିଲେ।

# ସିକିସୁଡ଼ା ଜଙ୍ଗଲରୁ ବିସ୍ଫୋରକ ସାମଗ୍ରୀ ଜବତ




ଜବତ ବିସ୍ଫୋରକ ସାମଗ୍ରୀ ଓ ଯବାନମାନେ।

ଫୁଲବାଣୀ,୯।୧୨(ରାକେଶ କୁମାର ରାଉତ)–

କନ୍ଧମାଳ ଜିଲା ବାଲିଗୁଡା ଥାନା ଅଞ୍ଚଳରୁ ବିଏସ୍ଏଫ୍ ଯବାନମାନେ ମଙ୍ଗଳବାର ବିପୁଳ ପରିମାଣର ବିସ୍ଫୋରକ ଜବତ କରିଛନ୍ତି। ଜବତ ବିସ୍ଫୋରକ ମଧ୍ୟରେ ଜିଲେଟିନ ଷ୍ଟିକ, ଡିଟୋନେଟର,ବ୍ୟାଟେରି, ବିଦ୍ୟୁତ୍ ତାର, ସୋଲାର ପ୍ଲେଟ ଓ ଅନ୍ୟାନ୍ୟ ସାମଗ୍ରୀ ରହିଛି। ବିଏସଏଫର ୧୩୬ ବାଟାଲିୟନ ପକ୍ଷରୁ ବାଲିଗୁଡା ଥାନା ଅଞ୍ଚଳରେ ସର୍ଚ୍ଚ ଅପରେଶନ କରାଯାଇଥିଲା। ଏହି ସମୟରେ ସିକିସୁଡା ଗ୍ରାମ ନିକଟସ୍ଥ ଜଙ୍ଗଲରେ ଯବାନମାନେ ମାଓବାଦୀଙ୍କ ଦ୍ୱାରା ବ୍ୟବହୃତ ବିପୁଳ ପରିମାଣର ବିସ୍ଫୋରକ ସାମଗ୍ରୀ ଠାବ କରିଥିଲେ। ଏହାକୁ ଜବତ କରି ସମ୍ପୃକ୍ତ ଅଞ୍ଚଳରେ ସର୍ଚ୍ଚ ଅପରେଶନକୁ ଜୋରଦାର କରାଯାଇଛି। ସୂଚନାଯୋଗ୍ୟ, ଏହି ଅଞ୍ଚଳ ଏକଦା ମାଓବାଦୀଙ୍କ ଗଡ ରୂପେ ପରିଚିତ ଥିଲା। ଏଠାରେ ଆଇଇଡି ପ୍ରସ୍ତୁତ କରି ସୁରକ୍ଷାବାହିନୀ ବିରୋଧରେ ବ୍ୟବହାର କରାଯାଉଥିଲା। ତେବେ ବିଏସ୍ଏଫ୍ କ୍ୟାମ୍ପ ସ୍ଥାପନ ପରେ ଏଠାରେ ମାଓବାଦୀଙ୍କ ଗତିବିଧି କମିବାରେ ଲାଗିଛି। ବିଏସ୍ଏଫ୍ ପକ୍ଷରୁ ମଧ୍ୟ ଲଗାତର ମାଓବାଦୀ ବିରୋଧୀ ଅଭିଯାନ ଜାରି ରହିଛି।

# ହୋଟେଲରୁ ନାବାଳକ ଉଦ୍ଧାର

ପାରଳାଖେମୁଣ୍ଡି,୯।୧୨(ଗିରିଧାରୀ ପରିଚ୍ଛା)

ଗଜପତି ଜିଲା ଗୁମ୍ମା ବ୍ଲକ ଅନ୍ତର୍ଗତ ସେରଙ୍ଗ ବସଷ୍ଟାଣ୍ଡର ଏକ ହୋଟେଲରେ ଶିଶୁ ଶ୍ରମିକ ଭାବେ କାର୍ଯ୍ୟରତ ଜଣେ ନାବାଳକ(୧୩)ଙ୍କୁ ମଙ୍ଗଳବାର ଜିଲା ଶିଶୁ ସୁରକ୍ଷା ଶାଖା, ଚାଇଲ୍ଡ ହେଲ୍ପ ଲାଇନ, ଜିଲା ଶ୍ରମ ବିଭାଗ ପକ୍ଷରୁ ସେରଙ୍ଗ ଥାନା ପୋଲିସଙ୍କ ମିଳିତ ସହଯୋଗରେ ଉଦ୍ଧାର କରାଯାଇଛି। ଶିଶୁଟି ଉକ୍ତ ହୋଟେଲରେ ଶିଶୁ ଶ୍ରମିକ ଭାବେ କାର୍ଯ୍ୟ କରୁଥିବା କୌଣସି ସୂତ୍ରରୁ ଖବର ପାଇ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଏକ ଟିମ ଗଠନ କରିଥିଲେ। ଏହି ଟିମ୍ ଶିଶୁଟିକୁ ଉଦ୍ଧାର କରିଛି। ଶିଶୁଟି ଉଦ୍ଧାର ହେବା ପରେ ତାର ପ୍ରାଥମିକ ଚିକିତ୍ସା ଓ କାଉନସେଲିଂ କରାଯାଇଥିଲା। କାଉନ ସେଲିଂ ବେଳେ ଶିଶୁଟି ସପ୍ତମ ଶ୍ରେଣୀରୁ ପାଠ ଛାଡିଥିବା କହିଛି। ପରେ ତାକୁ ଜିଲା ଶିଶୁ ମଙ୍ଗଳ ସମିତିରେ ହାଜର କରାଯାଇଥିଲା। ପ୍ରଶାସନ ପକ୍ଷରୁ ତା'ର ଥଇଥାନ କରାଯିବ ବୋଲି ଜଣାପଡିଛି।

## ଚାଇଲ୍ଡ ଟ୍ରାକିଂ ମିଶନ ସର୍ଭେ,
# ଅଧାରୁ ପାଠ ଛାଡ଼ିଥିବା ପିଲା ଗଲେ ସ୍କୁଲ



ବ୍ଲକ ଶିକ୍ଷାଧିକାରୀ ଓ ନାମ ଲେଖାଇଥିବା ଛାତ୍ରୀଛାତ୍ର ବୃନ୍ଦ

ଦିଗପହଣ୍ଡି,୯।୧୨(ଅଶେଷ ନାଥ ମିଶ୍ର)

ବିଭିନ୍ନ କାରଣରୁ ଅଧାରୁ ପାଠ ଛାଡିଥିବା ପିଲାଙ୍କୁ ପୁଣି ଶିକ୍ଷାଦାନ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଚାଇଲ୍ଡ ଟ୍ରାକିଂ ମିଶନ ସର୍ଭେ କାର୍ଯ୍ୟକ୍ରମ ଚାଲିଛି। ଗଞ୍ଜାମ ଜିଲାପାଳ ଭି.କୀର୍ତ୍ତି ଭାସନ୍ ଏବଂ ଜିଲା ଶିକ୍ଷାଧିକାରୀ ଅଜୟ କୁମାର ପାତ୍ରଙ୍କ ନିର୍ଦ୍ଦେଶକ୍ରମେ ସାନଖେମୁଣ୍ଡି ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ କୋରେଶୁ ସେଠୀଙ୍କ ତତ୍ତ୍ୱାବଧାନରେ ୧୮ ବର୍ଷରୁ କମ ବୟସର ଡ୍ରପ ଆଉଟ୍ ଛାତ୍ରୀଛାତ୍ରଙ୍କୁ ଗାଁ ସ୍କୁଲରେ ଶିକ୍ଷାଦାନ କରାଯାଇ ସେମାନଙ୍କୁ ଗୁଣାତ୍ମକ ଶିକ୍ଷା ସ୍ରୋତରେ ସାମିଲ କରିବାକୁ ଉଦ୍ୟମ ଆରମ୍ଭ କରାଯାଇଛି। ସାନଖେମୁଣ୍ଡି ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ପ୍ରତି କ୍ଲଷ୍ଟର ସ୍ତରରେ ସିଆର୍ସିସି, ଶିକ୍ଷକ ଏବଂ ପଞ୍ଚାୟତ ସରପଞ୍ଚ ମାନଙ୍କୁ ନେଇ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି। ଏହା ମାଧ୍ୟମରେ ଅଧାରୁ ପାଠ ଛାଡିଥିବା କିମ୍ବା ଆଦୌ ପାଠ ପଢ଼ି ନଥିବା ପ୍ରାୟ ୨୨୦ ପିଲା ବିଭିନ୍ନ ବିଦ୍ୟାଳୟ ତଥା ଓଡ଼ିଶା ରାଜ୍ୟ ମୁକ୍ତ ବିଦ୍ୟାଳୟରେ ପୁଣି ନାମ ଲେଖାଇଛନ୍ତି। ଶିକ୍ଷା ଅଭିଯାନ 'ମିଶନ ସର୍ଭେ' ମାଧ୍ୟମରେ ଗୋଷ୍ଠୀ ଶିକ୍ଷାଧିକାରୀ ସ୍ୱତନ୍ତ୍ର ଟିମ୍ ସହ ଟି.ଗୋବିନ୍ଦପୁର ପଞ୍ଚାୟତର ପ୍ରାୟ ୭ କିମି ପାହାଡ଼ ଜଙ୍ଗଲ ରାସ୍ତା ଅତିକ୍ରମ କରି ଆଦିବାସୀ ଅଧ୍ୟୁଷିତ ଦୁର୍ଗମ ଗାଁ କାଳିବୋରେଇ, କପାବାଡ, କନ୍ଧ ଜକର, ଶାନ୍ତି ନଗର, ପାଲୁଖଳା, ଖେମୁଣ୍ଡିଖୋଲ ପ୍ରଭୃତି ଗ୍ରାମରେ ପହଞ୍ଚିବା ପରେ ସେଠାକାର ଅଭିଭାବକମାନଙ୍କୁ ସଚେତନ କରାଇବା ସହ ଅଧାରୁ ପାଠ ଛାଡିଥିବା ସେମାନଙ୍କ ପିଲାମାନଙ୍କୁ ପୁଣି ଥରେ ସ୍କୁଲକୁ ପଠାଇବା ସହ ସେମାନଙ୍କୁ ଶିକ୍ଷା ସ୍ରୋତରେ ସାମିଲ କରାଇଛନ୍ତି। ପ୍ରାୟ ୭ ଜଣ ଛାତ୍ରୀ ଛାତ୍ର ଟି. ଗୋବିନ୍ଦପୁର ପଞ୍ଚାୟତ ସରପଞ୍ଚ ପ୍ରତିନିଧି ମଙ୍ଗଳା ଗମାଙ୍ଗ, ପ୍ରଧାନଶିକ୍ଷୟିତ୍ରୀ ସରସ୍ୱତୀ ବିଶ୍ୱାଳ, ପ୍ରଧାନଶିକ୍ଷକ ଶ୍ରୀଧର ରଥ, ସିଆରସିସି ବିଜୟ ଗୌଡ଼, ଶିକ୍ଷକ ସନ୍ତୋଷ କୁମାର ପ୍ରଧାନ, ମନୋଜ କୁମାର ନାୟକ, ସନାତନ ସେଠୀଙ୍କ ଉପସ୍ଥିତିରେ ମଙ୍ଗଳବାର ଟି.ଗୋବିନ୍ଦପୁର ପ୍ରାଥମିକ ବିଦ୍ୟାଳୟରେ ନାମ ଲେଖାଇଥିଲେ। ବିଆର୍ସିସି ରିତାଞ୍ଜଳି ରଥ, ଏବିଓ ଶୁକଦେବ ମଲ୍ଲିକଙ୍କ ସମେତ ସମସ୍ତ ସିଆର୍ସିସି, ପ୍ରଧାନଶିକ୍ଷୟିତ୍ରୀ, ପ୍ରଧାନଶିକ୍ଷକ ଓ ଶିକ୍ଷୟିତ୍ରୀ ଶିକ୍ଷକ ପ୍ରମୁଖ ଏକାଧିକ ଟିମ୍ ଉକ୍ତ କାର୍ଯ୍ୟକ୍ରମରେ ସାମିଲ ଥିବା ସେ ଜଣାଇଛନ୍ତି।


## ଦେବୋତ୍ତର ବିଭାଗ, ଢେଙ୍କାନାଳ

ଢେଙ୍କାନାଳ ଦେବୋତ୍ତର ବିଭାଗ ତରଫରୁ ଓଡ଼ିଶାର ଅଗଣିତ ଭକ୍ତମାନଙ୍କୁ ସ୍ୱାଗତ କରାଯାଉଛି । ଢେଙ୍କାନାଳ ଓ କାମାକ୍ଷାନଗର ଉପଖଣ୍ଡ ଅଞ୍ଚଳରେ ଥିବା ବିଭିନ୍ନ ମନ୍ଦିର-ତଥା-ପର୍ଯ୍ୟଟନସ୍ଥଳୀଗୁଡିକୁ ଆସି ସେଠାକାର ଐତିହ୍ୟ ପରମ୍ପରା ସମ୍ବନ୍ଧରେ ଜାଣିବା ସହିତ ସଂପୃକ୍ତ ଠାକୁରଙ୍କର କୃପା ଲାଭ କରିବା ପାଇଁ ଦେବୋତ୍ତର ବିଭାଗ ତରଫରୁ ଅନୁରୋଧ । ଢେଙ୍କାନାଳ ଜିଲ୍ଲାର ପ୍ରମୁଖ ମନ୍ଦିରଗୁଡିକ ମଧ୍ୟରେ ଶ୍ରୀ ଶ୍ରୀ ଚନ୍ଦ୍ରଶେଖର ଜୀଉ ବିଜେ କପିଳାସ, ଶ୍ରୀ ଶ୍ରୀ ବଳଦେବ ଜୀଉ ବିଜେ ଢେଙ୍କାନାଳ ଟାଉନ୍, ଶ୍ରୀ ଶ୍ରୀ ରାମଚନ୍ଦ୍ର ଜୀଉ ବିଜେ ସପ୍ତଶଯ୍ୟା, ଶ୍ରୀ ଶ୍ରୀ ରାମଚଣ୍ଡୀ ଠାକୁରାଣୀ ବିଜେ ନାଧରା, ଶ୍ରୀ ଶ୍ରୀ ପଞ୍ଚୁମେଶ୍ୱର ମହାଦେବ ବିଜେ ଗଙ୍ଗାଧରପ୍ରସାଦ, ଶ୍ରୀ ଶ୍ରୀ ବୁଦ୍ଧେଶ୍ୱର ମହାଦେବ ବିଜେ ଭୁବନ, ଶ୍ରୀ ଶ୍ରୀ ରଘୁନାଥ ଜୀଉ ବିଜେ ବାଲିବୋ, ଶ୍ରୀ ଶ୍ରୀ କପିଳେଶ୍ୱର ମହାଦେବ ବିଜେ ହାଟୁଆରୀ, ଶ୍ରୀ ଶ୍ରୀ ରାମେଶ୍ୱର ମହାଦେବ ବିଜେ ତେନ୍ତୁଳିସିଂହା, ଶ୍ରୀ ଶ୍ରୀ ସ୍ୱପ୍ନେଶ୍ୱର ମହାଦେବ ବିଜେ ଶିବୁଳାପଶି ଓ ଶ୍ରୀ ଶ୍ରୀ ଅଷ୍ଟଶମ୍ଭୁ ମହାଦେବ ବିଜେ କୁଆଳୋ ପ୍ରସିଦ୍ଧ ଦେବ ପୀଠ ଅଟେ । ପ୍ରତ୍ୟେକ ସ୍ଥାନର ମହତ୍ତ୍ୱ ସ୍ୱତନ୍ତ୍ର ଏବଂ ଏହି ସ୍ୱତନ୍ତ୍ରତା ସମ୍ବନ୍ଧରେ ଜାଣିବା ପାଇଁ ପ୍ରତ୍ୟେକ ପୀଠକୁ ପରିଦର୍ଶନ କରିବା ଅତ୍ୟନ୍ତ ଆବଶ୍ୟକ ।

କୌଣସି ପୀଠ ସମ୍ବନ୍ଧରେ ନିଜର ମତାମତ ଲିଖିତ ଆକାରରେ ପ୍ରଦାନ କଲେ ସଂପୃକ୍ତ ପୀଠର ମର୍ଯ୍ୟାଦା ବୃଦ୍ଧି ପାଇଁ ଦେବୋତ୍ତର ବିଭାଗ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ ।

ଯୋଗାଯୋଗ ନଂ.୯୩୩୭୮୪୭୨୫୬, ୬୩୭୧୬୨୫୮୦୩ ।

ସ୍ୱା./– ବିବୁଧ ଗଡ଼ନାୟକ
ଉପ-ଜିଲ୍ଲାପାଳ-ତଥା-ନିର୍ବାହୀ ଅଧିକାରୀ,
ଦେବୋତ୍ତର, ଢେଙ୍କାନାଳ



**NATIONAL LAW UNIVERSITY ODISHA, CUTTACK**
(Established by Odisha Act IV of 2008)
Kathajodi Campus, Sector 13, CDA, Cuttack-753015, Odisha

**QUOTATION CALL NOTICE**

Sealed quotations in prescribed format are invited from eligible bidders for "Supply, Installation, Testing, and Commissioning of Gym Equipment at NLUO Cuttack" and "Repair of Existing Gym Equipment at NLUO Cuttack". Last date & time of receipt is **23-12-2025** at **11.00 A.M.** For details please visit-For details please visit website-https://nluo.ac.in/tenders/.
Sd/- Registrar



**SHREE JAGANNATH TEMPLE OFFICE, PURI**

RFP No.17446 dt.08.12.25 RFP for "Providing Air conditioning facilities with Design, Fabrication, Supply, Installation, Testing and Commissioning of a VRF Type AC System along with 6 years O&M and 5 years Comprehensive Maintenance for Natamandap of SJTA, Puri."
Visit Website : www.shreejagannatha.in
**Last date : 23.12.2025 by 5 P.M.**

Sd./- Administrator
Shri Jagannath Temple, Puri



**कार्यपालक अभियन्ता का कार्यालय**
**लघु सिंचाई प्रमण्डल, चाईबासा**

पत्रांकः–.......................चाईबासा / दिनांकः–......../....../2025

**CORRIGENDUM**

ई० निविदा आमंत्रण सूचना संख्या– WRD/MID/CHAIBASA/F2-06/2025-26 जिसका PR-No- 366214 (West Singhbhum) 25-26*D है। जिसमें SPECIAL CONDIT ION के कंडिका 25 को विलोपित किया जाता है।

ह०/–
कार्यपालक अभियन्ता
लघु सिंचाई प्रमण्डल, चाईबासा

PR 368063 West Singhbhum(25-26).D



**ପୂର୍ବ ତଟ ରେଳପଥ**
**'ଇ' କ୍ରୟ ପ୍ରଣାଳୀ**

ଟେଣ୍ଡର ବିଜ୍ଞପ୍ତି ସଂ. SDMM/KUR/EP/2025-26/ E-procurement Tender Notice/14, ତା.05.12.2025ରିଖ

ନିମ୍ନଲିଖିତ ଟେଣ୍ଡରଗୁଡ଼ିକ ୱେବ୍‌ସାଇଟ : www.ireps.gov.in ରେ ଅପଲୋଡ କରାଯାଇଛି।

କ୍ରମ ସଂ. 01 : ଟେଣ୍ଡର ସଂ. 81256552, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : CCTV କ୍ୟାମେରା ର ଯୋଗାଣ ଓ ସଂସ୍ଥାପନ, ପରିମାଣ : 261 ସଂଖ୍ୟକ।

କ୍ରମ ସଂ. 02 : ଟେଣ୍ଡର ସଂ. 81256563, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : ବ୍ୟାଟେରୀ ଚାଳିତ ରେଲ କୋର ଡ୍ରିଲିଙ୍ଗ ମେସିନ୍‌ର ଯୋଗାଣ, ପରିମାଣ : 80 ସଂଖ୍ୟକ।

କ୍ରମ ସଂ. 03 : ଟେଣ୍ଡର ସଂ. 81256543A, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : RDSO ବିନିର୍ଦ୍ଦେଶ ସଂ.-TM-58 ଅନୁଯାୟୀ ଡିଜିଟାଲ ଗେଜ୍ କମ୍ ଲେଭେଲ ର ଯୋଗାଣ, ପରିମାଣ : 72 ସଂଖ୍ୟକ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : 29.12.2025, 1500 ଘଟିକାରେ (ସମସ୍ତ ଟେଣ୍ଡର ନିମନ୍ତେ)।

ବରିଷ୍ଠ ମଣ୍ଡଳ ସାମଗ୍ରୀ ପ୍ରବନ୍ଧକ/ ଖୋର୍ଦ୍ଧା ରୋଡ୍
PR-886/Q/25-26


See Career Appointment on every Wednesday & Saturday


**GOVERNMENT OF CHHATTISGARH, WATER RESOURCES DEPARTMENT**
**OFFICE OF THE CHIEF ENGINEER,**
**GODAWARI BASIN, JAGDALPUR, (CHHATTISGARH)**
**e-PROCUREMENT TENDER NOTICE**
**eProcurement Portal:https://eproc.cgstate.gov.in**
**(Second Call)**

**System Tender No.181201/NIT No:16/SAC/25-26** **Dated:08.12.2025**
**Online Tenders are invited for the following work upto 26.12.2025 at 17.30 hours**
**Name of Work- Renovation of Headwork, Canal and Cement Concrete lining of Korkotti Tank in Block Keshkal, District Kondagaon.**
Probable Amount of Contract :- **Rs.294.59 Lakhs**
**(As per S.O.R. dated 01.08.2010 and amended upto dated 22.08.2022).**

The details can be viewed and downloaded online directly from the Government of Chhattisgarh Integrated e-Procurement Portal **(https://eproc.cgstate.gov.in) from Date 15.12.2025, at 17.31 Hours (IST) onwards.**

**NOTE:-** All eligible/interested contractors/bidders are mandated to get enrolled on the Integrated e-procurement portal (**https://eproc.cgstate.gov.in**) and get approval on specific vendor class from PWD under Centralized Contractor/Supplier Registration in order to download the tender documents and participate in the subsequent bidding process. Prequalification Certificates issued by Water Resources Department whose validity is upto 30.09.2026 is applicable in this tender.

**Sd./- Executive Engineer**
**Water Resources Division, Kondagaon**
**For, Chief Engineer, Godawari Basin, Jagdalpur (C.G.)**

**G-252605322/5**



**STEEL AUTHORITY OF INDIA LIMITED**
Rourkela Steel Plant
Rourkela - 769 011, Odisha, India

**CSR DEPARTMENT**

**SUB: FINANCIAL ASSISTANCE TO STUDENTS FOR PURSUING PROFESSIONAL STUDIES (AY 2025-26 JOINING)**

ABRIDGED VERSION OF CIRCULAR NO. CSR/2025-26/200 Dtd. 09/10/2025

**LAST DATE FOR SUBMISSION OF APPLICATION EXTENDED UP TO- 31/12/2025**

Applications in the prescribed format are invited for grant of the above financial assistance from the eligible students as per details given below.

**Eligibility criteria for application:**

- The student should belong to Scheduled Caste or Scheduled Tribe/others, and should be a resident of Sundargarh district, Odisha.
- The applicant should have taken admission in academic year 2025-26:
  **Graduation course in Engineering, Medical or Agriculture (including integrated/dual degree M.Tech. Course) OR**
  **Post Graduation course of at least two years duration in Engineering/ Medical/ Agriculture/ Business Administration.**
- Details of professional course, in the academic year 2025-26 in a recognized institution should be as follows,–
  i. For Graduation Courses of at least four years duration (B.Tech./B.Sc(Engg.)/B.Sc(Ag) etc.).
  ii. For Graduation Courses of less than 4-years duration (e.g. Lateral entry in B.Tech./B.Sc(Engg.) after Diploma in Engg.).
  iii. For Graduation courses of more than 4-years duration (e.g. 5 yrs MBBS, 5-yr integrated/dual degree M.Tech.). **OR**
  iv. For Post Graduate course of at least two years duration (e.g. M.Tech./MD/MS M.Sc.(Ag)/MBA etc.)
- The student, whose parents (taken together) are having annual income from all sources **not exceeding Rs.2,50,000/- (Rupees Two Lakhs Fifty Thousand)**, shall be eligible for the financial assistance.

**Basis of Selection:** The best twenty students (10 boys and 10 girls) separately for the graduation courses including 5-yr MBBS/5-yr integrated/dual degree M.Tech.) and best 10 students (5 boys and 5 girls) for Post-graduation courses will be selected from amongst the eligible applicants. In case there is a shortfall in number of selected candidates in either of the categories i.e Boys or Girls for which merit lists are prepared separately, then the applicants from the merit list of the other category may be additionally selected for the scholarship keeping the total number of scholarships as 20 in case of Graduation courses and 10 in case of Post-Graduation courses.

**Financial assistance amount:** The amount of financial amount is Rs.1,20,000/- (Rupees One Lakh Twenty Thousand Only) for the graduation courses of 4-year duration, Rs. 90,000/- (Rupees Ninety Thousand only) for the graduation courses of less than 4 years (e.g. lateral entry in B.Tech./B Sc (Engg.) after Diploma in Engg., Rs.1,50,000/- (Rupees One Lakh Fifty Thousand Only) for courses of 5-yr duration and Rs. 60,000/- (Rupees Sixty Thousand Only) for the post-graduation courses, per student for entire duration of the course. The amount will be released in equal yearly installments @ Rs. 30.000/- (Rupees Thirty Thousand Only) per Academic Year based on documentary evidence of admission and continuation in the course.

For further details on the basis of selection, financial assistance amount and mode of payment, application format etc., the main circular as referred above may be referred to. The details along with application format are available in the 'News' section of "Career" page at our company's website **www.sail.co.in** or **www.sailcareers.co.in**. The duly completed application along with required documents are to be submitted in a sealed envelope at the office of the **General Manager I/c, CSR Department, IPD Building, Sector-20, Rourkela - 769 005 is here by extended up to 31/12/2025.**

**General Manager I/c (CSR)**

Registered Office: Ispat Bhawan, Lodi Road, New Delhi 110 003
Corporate Identity Number: L27109DL1973GOI006454, Website: www.sail.co.in
There's a little bit of SAIL in everybody's life



**बैंक ऑफ़ बड़ौदा Bank of Baroda**

**କ୍ଷେତ୍ରୀୟ ଋଣଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା**
ପ୍ଲଟ୍ ନଂ.: ୮୩୧/୩୮୨୩, ସାମପୁର,
କଳିଙ୍ଗ ନଗର, ଭୁବନେଶ୍ୱର-୦୩

**ଦଖଲ ବିଜ୍ଞପ୍ତି**
**(ସ୍ଥାବର ସମ୍ପତ୍ତିଗୁଡିକ ନିମନ୍ତେ)**

(ପରିଶିଷ୍ଟ ୪ ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ)ରୁଲ୍ସ ୨୦୦୨ର ରୁଲ୍ ୮(୧) ଅନୁସାରେ)

ନିମ୍ନସ୍ୱାକ୍ଷରକାରୀ **ବ୍ୟାଙ୍କ ଅଫ୍ ବରୋଦାର** କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟସ୍ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ନିୟମ ଆକ୍ଟ ୨୦୦୨ ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ର ନିୟମ ୩ ସହିତ ଧାରା ୧୩(୧୨) ରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରାଯାଇ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ମାଧ୍ୟମରେ ନିମ୍ନଲିଖିତ ନୋଟିସ୍ ଦର୍ଶିତ ଅର୍ଥ ରାଶି ସହିତ ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ତତ୍‌ପରବର୍ତ୍ତି ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ ନୋଟିସ୍ ପାଇବାର ୬୦ ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା ।

ଯେହେତୁ ଋଣଗ୍ରହୀତା ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣମାନଙ୍କୁ ଜଣାଇ ଦିଆଯାଉଅଛି ଯେ ନିମ୍ନସ୍ୱାକ୍ଷରକାରୀ ଉପରକଥିତ ନିୟମର ଧାରା ୧୩ (୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୮ ଅନୁସାରେ ନିମ୍ନ ଦର୍ଶିତ ତାରିଖରେ ନିମ୍ନ ବର୍ଣ୍ଣିତ ସମ୍ପତ୍ତିଗୁଡ଼ିକୁ **ଦଖଲକୁ** ନେଇଛନ୍ତି। ତେଣୁ ବିଶେଷ କରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣମାନଙ୍କୁ ଏତଦ୍‌ଦ୍ୱାରା ସତର୍କ କରାଇ ଦିଆଯାଉଅଛି ଯେ, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ବକେୟା ରାଶି ସହିତ ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ତତ୍‌ପରବର୍ତ୍ତି ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ ନିମନ୍ତେ **ବ୍ୟାଙ୍କ ଅଫ୍ ବରୋଦା** ନିକଟରେ ଉତ୍ତରଦାୟୀ ରହିବେ। **ଋଣଗ୍ରହୀତାଙ୍କର ଦୃଷ୍ଟି ଆକର୍ଷଣ କରାଯାଉଛି କି ସେ କଥିତ ଆକ୍ଟର ଧାରା ୧୩ର ଉପଧାରା (୮)ର ବ୍ୟବସ୍ଥା ଅନୁଯାୟୀ ସମୟ ମୁତାବକ ତାଙ୍କର ସୁରକ୍ଷିତ ସମ୍ପତ୍ତିକୁ ବନ୍ଧକମୁକ୍ତ କରନ୍ତୁ।**

| ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କ ନାମ ଏବଂ ଠିକଣା | ସ୍ଥାବର ସମ୍ପତ୍ତିଗୁଡିକର ବିବରଣୀ | ଡିମାଣ୍ଡ /ଦଖଲ ନୋଟିସ୍ ତାରିଖ | ବକେୟା ପରିମାଣ |
|---|---|---|---|
| **ଋଣଗ୍ରହୀତା: ମେସର୍ସ ହରେକୃଷ୍ଣ ଷ୍ଟୋନ କ୍ରସର, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ଦିବାକର ମହାରଥୀ,** ସା/ପୋ: ଡିହପୁର, ବାଜପୁର, ଖୋର୍ଦ୍ଧା, ଜିଲ୍ଲା: ଖୋର୍ଦ୍ଧା, ପିନ୍-୭୫୨୦୬୦ / **ଗ୍ୟାରେଣ୍ଟିଦାତା: ଶ୍ରୀ ଲୋକନାଥ ହରିଚନ୍ଦନ,** ପିତା: ବାନାମ୍ବର ହରିଚନ୍ଦନ, ସା: ଦୁର୍ଗାପୁର, ବେଗୁନିଆ, ଥାନା: ଖୋର୍ଦ୍ଧା, ଜିଲ୍ଲା: ଖୋର୍ଦ୍ଧା, ପିନ୍-୭୫୨୦୫୫ | **ଶ୍ରୀ ଲୋକନାଥ ହରିଚନ୍ଦନ,** ପିତା: ବାନାମ୍ବର ହରିଚନ୍ଦନ (ଗ୍ୟାରେଣ୍ଟିଦାତା)ଙ୍କ ନାମରେ ଥିବା ଆଇନ୍‌ଗତ ବନ୍ଧକପ୍ରାପ୍ତ ଜମି ଯାହାର ମୌଜା: ଦୁର୍ଗାପୁର, ଖାତା ନଂ.: ୨୮୬, ପ୍ଲଟ୍ ନଂ.: ୧୯୫, କ୍ଷେତ୍ର: ଏକର ୦.୧୩୫ ଡ଼ିସିମିଲି, ସାବିକ ଖାତା ନଂ.: ୨୮୯, ପ୍ଲଟ୍ ନଂ.: ୧୩୭, କିସମ: ଘରବାରୀ ଏହାର ଚାରିପାର୍ଶ୍ୱରେ ପୂର୍ବ: ରାସ୍ତା, ପଶ୍ଚିମ: ରାସ୍ତା, ଉତ୍ତର: ଭଗତ ସାମନ୍ତସିଂହାର, ଦକ୍ଷିଣ: ବାଇଧର ସୁନରା | ୧୭.୦୧.୨୦୨୫ / ୦୯.୧୨.୨୦୨୫ | ତା.୧୭.୦୧.୨୦୨୫ରିଖ ସୁଦ୍ଧା ଟ.୧୬,୦୭,୮୭୫.୨୫ + ତା.୧୮.୦୧.୨୦୨୫ରିଖ ଠାରୁ ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ସେବାବଦ ତତ୍‌ପରବର୍ତ୍ତୀ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ |

ସ୍ଥାନ: ଭୁବନେଶ୍ୱର, ତାରିଖ: ୦୯.୧୨.୨୦୨୫ ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ବରୋଦା

## ସଂକ୍ଷେପରେ

### ଶ୍ରୀଜଗନ୍ନାଥ ମନ୍ଦିର ନୂତନ ପରିଚାଳନା ଟ୍ରଷ୍ଟି ଗଠିତ

ବାଲିଗୁଡା,୯।୧୨(ସଞ୍ଜୟ କୁମାର ପାଣିଗ୍ରାହୀ)
କନ୍ଧମାଳ ଜିଲା ବାଲିଗୁଡ଼ାସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିରର ନୂତନ ପରିଚାଳନା ଟ୍ରଷ୍ଟି ଗଠନ କରାଯାଇଛି। ଏଥିରେ ସ୍ଥାନୀୟ ଉପଜିଲାପାଳ, ଥାନା ଅଧିକାରୀଙ୍କ ସମେତ ଟ୍ରଷ୍ଟି ଭାବେ ମଧୁସୁଦନ ଦାସ, ଗଙ୍ଗାଧର ସାହୁ, ଟି.ଶ୍ରୀନିବାସ ରାଓ, ଭଗବାନ ପଣ୍ଡା, ରଞ୍ଜିତ କୁମାର ସାହୁ, ପ୍ରକାଶ ଚନ୍ଦ୍ର ନାୟକ ଓ ନବ କିଶୋର ପାଣିଗ୍ରାହୀ ନିଜ ନିଜ ଦାୟିତ୍ୱ ଗ୍ରହଣ କରିଛନ୍ତି। ସମସ୍ତ ସଦସ୍ୟ ତଥା ଗ୍ରାମବାସୀଙ୍କ ସହଯୋଗରେ ମନ୍ଦିରର ରୀତିନୀତି ଓ ଉନ୍ନତି କରାଯିବ ବୋଲି ସେମାନେ ପ୍ରକାଶ କରିଛନ୍ତି।

### ଚିତ୍ରାଙ୍କନ ପ୍ରତିଯୋଗିତାରେ କବିସୂର୍ଯ୍ୟନଗରର ୨ ସଫଳ

କବିସୂର୍ଯ୍ୟନଗର,୯।୧୨(କୃପାସିନ୍ଧୁ ସ୍ୱାଇଁ):
ରାଜ୍ୟ ଆଇନସେବା ପ୍ରାଧିକରଣ ନିର୍ଦ୍ଦେଶକ୍ରମେ ଗଞ୍ଜାମ ଜିଲାରେ ୧୭ଟି କୋର୍ଟରେ ଗତ ୨୩ ତାରିଖରେ ଚିତ୍ରାଙ୍କନ ପ୍ରତିଯୋଗିତା ହୋଇଥିଲା । ସେଥିମଧ୍ୟରୁ ୬ଜଣ ସଫଳ ପ୍ରତିଯୋଗୀ ମନୋନୀତ ହୋଇଥିଲେ । କବିସୂର୍ଯ୍ୟନଗର କୋର୍ଟରେ ଅନୁଷ୍ଠିତ ପ୍ରତିଯୋଗିତାରେ ୨ ପ୍ରତିଯୋଗୀ ସଫଳତା ପାଇଛନ୍ତି । ବରିଷ୍ଠ ବିଭାଗରେ ଟଙ୍କାଛାଇ ସରକାରୀ ୟୁଜି ହାଇସ୍କୁଲର ଦଶମ ଶ୍ରେଣୀ ଛାତ୍ର ଉଗ୍ରନାରାୟଣ ଜେନା ଦ୍ୱିତୀୟ ସ୍ଥାନ ଓ ବରିଷ୍ଠ ବିଭାଗ କବିସୂର୍ଯ୍ୟନଗର ଓଏଭିର ନବମ ଶ୍ରେଣୀ ଛାତ୍ରୀ ସ୍ନେହାଶ୍ରୀ ପ୍ରଧାନ ତୃତୀୟ ସ୍ଥାନ ହାସଲ କରି ବ୍ଲକ ପାଇଁ ଗୌରବ ଆଣିଛନ୍ତି। କବିସୂର୍ଯ୍ୟନଗର କୋର୍ଟ ଏବଂ ବାର ଆସୋସିଏସନ ପକ୍ଷରୁ ୨ ପ୍ରତିଯୋଗୀ, ସ୍କୁଲ କର୍ତ୍ତୃପକ୍ଷଙ୍କୁ ଧନ୍ୟବାଦ ଦିଆଯାଇଛି।

### ହାଇୱା ଧକ୍କାରେ ସ୍କୁଟିଚାଳକ ମୃତ

ଆସିକା,୯।୧୨(ସୁରେନ୍ଦ୍ର ନାଥ ସାହୁ):
ଆସିକା ଚିନିଶିଳ୍ପ ମୁଖ୍ୟରାସ୍ତାର କଇଁଫୁଲିଆ ଛକ ଠାରେ ସୋମବାର ସକାଳେ ଏକ ହାଇୱା ଧକ୍କାରେ ଜଣେ ସ୍କୁଟି ଚାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଆସିକା ଥାନା ଅନ୍ତର୍ଗତ ମୁକୁନ୍ଦପୁର ଗ୍ରାମର ଶିବରାମ ବିଶ୍ୱାଳ। ଶିବରାମ ସ୍କୁଟିରେ ଗାଁରୁ କଲେଜ ଛକ ଯାଉଥିବା ବେଳେ ଆସିକା ପଟକୁ ଆସୁଥିବା ପିଛୁ ବୋଝେଇ ହାଇୱା ଧକ୍କା ଦେଇଥିଲା । ଗୁରୁତର ଅବସ୍ଥାରେ ଶିବରାମଙ୍କୁ ପ୍ରଥମେ ଆସିକା ସରକାରୀ ଡାକ୍ତରଖାନା ନିଆଯାଇଥିଲା। ସେଠାରୁ ବ୍ରହ୍ମପୁର ବଡ ମେଡିକାଲକୁ ସ୍ଥାନ୍ତର ବେଳେ ରାସ୍ତାରେ ଶିବରାମଙ୍କର ମୃତ୍ୟୁ ଘଟିଛି। ଖବର ପାଇ ପୋଲିସ ଘଟଣାର ତଦନ୍ତ କରୁଛି।

### ବାଇକ୍ ଧକ୍କାରେ କୁଟୁରା ମୃତ

ଭଞ୍ଜନଗର,୯।୧୨(ବାବୁଲା ପ୍ରଧାନ )
ଗଞ୍ଜାମ ଜିଲା ଭଞ୍ଜନଗର ଦୁର୍ଗାପ୍ରାସାଦ ମୁଖ୍ୟ ରାସ୍ତାର ସୋରଦେବୀ ମନ୍ଦିର ନିକଟରେ ମଙ୍ଗଳବାର ସକାଳେ ଏକ ବାଇକ୍ ଧକ୍କାରେ ଗୋଟିଏ କୁଟୁରାର ମୃତ୍ୟୁ ଘଟିଛି। ଏଥିରେ ବାଇକ୍ ଚାଳକ ଓ ପଛରେ ବସିଥିବା ଅନ୍ୟ ଜଣେ ବ୍ୟକ୍ତି ଗୁରୁତର ଆହତ ହୋଇଛନ୍ତି। ସେମାନେ କନ୍ଧମାଳ ଜିଲା ଜି. ଉଦୟଗିରି ଥାନା ଅନ୍ତର୍ଗତ ମାଲିକପୁର ଗ୍ରାମର ସୁରଜ ପ୍ରଧାନ ଓ ଗୋକୁଳାନନ୍ଦ ନାୟକ। ଖବରପାଇ ଭଞ୍ଜନଗର ପୋଲିସ ପହଞ୍ଚି ଉଭୟଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଭଞ୍ଜନଗର ହସ୍ପିଟାଲରେ ଭର୍ତ୍ତି କରିଛି। ବନ ବିଭାଗ ମୃତ କୁଟୁରାକୁ ଜବତ କରି ବ୍ୟବଚ୍ଛେଦ ପାଇଁ ସ୍ଥାନୀୟ ପ୍ରାଣୀ ଚିକିତ୍ସାଳୟକୁ ପଠାଇଛି। ସୁରଜ ଓ ଗୋକୁଳାନନ୍ଦ ଗ୍ରାମରୁ ଭଞ୍ଜନଗର ଅଭିମୁଖେ ଆସୁଥିବା ବେଳେ ହଠାତ୍ ଜଙ୍ଗଲ ଭିତରୁ ଏକ କୁଟୁରା ଦୌଡି ଆସି ରାସ୍ତା ପାର ହୋଇଥିଲା। ବାଇକ୍ ଚାଳକ ଭାରସାମ୍ୟ ରକ୍ଷା କରି ନ ପାରି କୁଟୁରାଙ୍କୁ ଧକ୍କା ଦେଇଥିଲେ।

# ୨୫ ହଜାର କୁଇଣ୍ଟାଲ ମାଣ୍ଡିଆ କ୍ରୟ ଲକ୍ଷ୍ୟ

## ଜିଲାସ୍ତରୀୟ ମାଣ୍ଡିଆ, ହରଡ଼ ସଂଗ୍ରହ କମିଟି ବୈଠକ



ପାରଳାଖେମୁଣ୍ଡି,୯।୧୨(ଗିରିଧାରୀ ପରିଛା)
ଗଜପତି ଜିଲା ସଦରସ୍ଥିତ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଜିଲାସ୍ତରୀୟ ମାଣ୍ଡିଆ ଓ ହରଡ଼ ସଂଗ୍ରହ କମିଟି ବୈଠକ ଅନୁଷ୍ଠିତ ହୋଇଛି। ଭାରପ୍ରାପ୍ତ ଜିଲାପାଳ ମୁନୀନ୍ଦ୍ର ହୋନେଗା ଅଧ୍ୟକ୍ଷତା କରିଥିଲେ। ଜିଲା ପରିଷଦ ସଭାପତି ଜି.ତିରୁପତି ରାଓ, ପ୍ରକଳ୍ପ ପ୍ରଶାସକ ଅଂଶୁମାନ ମହାପାତ୍ର, ଜିଲା ମୁଖ୍ୟ କୃଷି ଅଧିକାରୀ ଏମ.ପ୍ରକାଶ ରାଓ ଉପସ୍ଥିତ ଥିଲେ। ବୈଠକରେ ଚଳିତ ଖରିଫ ଋତୁ ପାଇଁ ମାଣ୍ଡିଆ ଓ ହରଡ କିଣା ଯାଇପାରିବ ସେନେଇ ଆଲୋଚନା ହୋଇଥିଲା। ମାଣ୍ଡିଆ ଓ ହରଡର କ୍ରୟ ନୀତି, ଏମ୍ଏସ୍ପି ବିବରଣୀ, ଏମ୍ପିଏଏସ୍ ଅନ୍ଲାଇନ ପୋର୍ଟାଲରେ କୃଷକ ନିବନ୍ଧନ ପ୍ରଗତି, ମଣ୍ଡି ପ୍ରସ୍ତୁତି ଏବଂ ବ୍ଲକଭିତ୍ତିକ ଲକ୍ଷ୍ୟ ସମ୍ପର୍କରେ ବୈଠକରେ ଅଲୋଚନା ହୋଇଥିଲା। ଖରିଫ ମାର୍କେଟିଂ ୨୦୨୫-୨୬ ପାଇଁ ମାଣ୍ଡିଆର କୁଇଣ୍ଟାଲ ପ୍ରତି ଦର ୪୮୮୬ ଟଙ୍କା ଓ ହରଡର କୁଇଣ୍ଟାଲ ପ୍ରତି ଦର ୮ହଜାର ଟଙ୍କା ନିର୍ଦ୍ଧାରିତ ହୋଇଛି। ଏଫ୍ଏକ୍ୟୁ ନମୁନା ଅନୁସାରେ ଚାଷୀଙ୍କଠାରୁ ସରକାର ମାଣ୍ଡିଆ ଓ ହରଡ କିଣିବା ପାଇଁ ଧାର୍ଯ୍ୟ କରାଯାଇଛି। ମାଣ୍ଡିଆ ଓ ହରଡ ସଂଗ୍ର ଲାଗି ଜିଲାର ୬ଟି ବ୍ଲକରେ ୨୩ଟି କେନ୍ଦ୍ର ସ୍ଥାପିତ ହେବ। ଏଠାରେ କ୍ରୟ ଦାୟିତ୍ୱ ବ୍ଲକସ୍ତରରେ ୯ଟି ସଂସ୍ଥା ବୁଝିବେ। ଚଳିତବର୍ଷ ପାଇଁ ଜଲାରୁ ୨୫ହଜାର କୁଇଣ୍ଟାଲ ମାଣ୍ଡିଆ କ୍ରୟ ନେଇ ଲକ୍ଷ୍ୟ ରଖାଯାଇଛି। ସେହିପରି ହରଡ ସଂଗ୍ରହ ପାଇଁ ୫ଟି ସ୍ଥାନରେ ୫ଟି ମଣ୍ଡି ହେବ। ମଣ୍ଡି ଖୋଲିବା ପାଇଁ ଜାନୁୟାରୀ ୨୦୨୬ ପ୍ରଥମ ସପ୍ତାହ ପ୍ରସ୍ତାବ ରଖାଯାଇଥିବା ବୈଠକରେ ଆଲୋଚନା ହୋଇଛି। କ୍ରୟ ପରେ ସବୁ ମାଣ୍ଡିଆକୁ ସରକାରଙ୍କ କେନ୍ଦ୍ରୀୟ ଗୃହ ଓ ବିଭିନ୍ନ କେନ୍ଦ୍ରୀୟ ଗୋଦାମକୁ ଗାଡ଼ି ମାଧ୍ୟମରେ ପଠାଯିବା ଏବଂ ଚାଷୀ ମାଣ୍ଡିଆ ଦେବାର ସପ୍ତାହକୁ ମଧ୍ୟରେ ବ୍ୟାଙ୍କ ଖାତା ମାଧ୍ୟମରେ ପ୍ରାପ୍ୟ ପାଇବା ନେଇ ସ୍ଥିର ହୋଇଥିଲା। ଅନ୍ୟପକ୍ଷରେ ସ୍ଥାନୀୟ ସ୍ୱୟଂ ସହାୟକ ଗୋଷ୍ଠୀ ଓ ଅନ୍ୟ ବିଭାଗ ଦ୍ୱାରା ମାଣ୍ଡିଆ ଓ ହରଡ ସଂଗ୍ରହ କରିବା ପାଇଁ ବ୍ୟବସ୍ଥା କରାଯାଇଛି। ମାଣ୍ଡିଆ ଓ ହରଡ କ୍ରୟ ଓ ପରିବହନ ବେଳେ ବ୍ଲକ ଗୋଷ୍ଠୀ କୃଷି ଅଧିକାରୀମାନେ ନୋଡାଲ ଅଧିକାରୀ ଭାବେ ଦାୟିତ୍ୱ ତୁଲାଇବେ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିଲା। ସେହିପରି ଆଞ୍ଚଳିକ ସ୍ତରରେ କୃଷି ଓ ଯନ୍ତ୍ରପାତି ମେଳା ୨୦୨୫-୨୬ ସମ୍ପର୍କରେ ମଧ୍ୟ ମଧ୍ୟ ବୈଠକରେ ଆଲୋଚନା ହୋଇଥିଲା। ଏହି ମେଳା ଆସନ୍ତା ଜାନୁୟାରୀ ୬ତାରିଖ ଠାରୁ ୧୦ ତାରିଖ ପର୍ଯ୍ୟନ୍ତ ଗଜପତି ଷ୍ଟାଡିୟମଠାରେ ହେବ। ଏଥିପାଇଁ ଶହେ ଷ୍ଟଲ ଖୋଲିବ। କୃଷକମାନଙ୍କୁ ବିଭିନ୍ନ କୃଷି ଯନ୍ତ୍ରପାତି ସଂପର୍କରେ ଜଣାଇବା ଏବଂ କିଭଳି ଏହା ସେମାନଙ୍କୁ ସହଜରେ ଉପଲବ୍ଧ କରାଇବା ନେଇ ଗୁରୁତ୍ୱାରୋପ କରାଯାଇଥିଲା। ଜିଲାର ବିଭିନ୍ନ ବିଭାଗ ଉଦାନ କୃଷି, ମସ୍ତ, ପ୍ରାଣୀ ସମ୍ପଦ ବିକାଶ, ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା, ଓଡିଶା କୃଷି ଶିଳ୍ପ ନିଗମ, ମିଶନ ଶକ୍ତି ଓ ଓଡିଶା ମିଲେଟ ମିଶନର ଯନ୍ତ୍ରପାତି ପ୍ରଦର୍ଶିତ କରାଯିବାକୁ ସ୍ଥିର ହୋଇଥିଲା। ବୈଠକରେ ଅତିରିକ୍ତ କୃଷି ଅଧିକାରୀ ଶୁଭଶ୍ରୀ ପ୍ରିୟଦର୍ଶିନୀ ଓ ସଂଘମିତ୍ରା ପ୍ରଧାନ, ନାବାର୍ଡ ବ୍ୟାଙ୍କ ଅଧିକାରୀ ପ୍ରତୀକ ପଣ୍ଡା, ସହକାରୀ କୃଷି ଅଧିକାରୀ କେ.ସୁରୋଜ ସାହୁଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

# ଆନ୍ତଃ ମହାବିଦ୍ୟାଳୟ କ୍ରୀଡାରେ ଛାତ୍ରୀଙ୍କ ସଫଳତା



ଅଧ୍ୟକ୍ଷଙ୍କ ସହ ସୋନାଲି।

ଆସିକା,୯।୧୨(ସୁରେନ୍ଦ୍ର ନାଥ ସାହୁ) :
ବ୍ରହ୍ମପୁର ବିଶ୍ୱ ବିଦ୍ୟାଳୟ ପକ୍ଷରୁ ହୋଇଥିବା ଆନ୍ତଃ ମହାବିଦ୍ୟାଳୟ ସ୍ତରୀୟ କ୍ରୀଡାରେ ଆସିକା ବ୍ଲକ କେନ୍ଦୁପଦରସ୍ଥିତ ଏନବିସି କଲେଜର ଛାତ୍ରୀ ସୋନାଲି ବଡେଇ ଦେଢ଼ଶହ ମିଟର, ଦୁଇଶହ ମିଟର ଦୌଡ, ଉଚ୍ଚ ଡିଆଁରେ ପ୍ରଥମ ସ୍ଥାନ ଅଧିକାର କରି ଚାମ୍ପିୟନ ହୋଇଛନ୍ତି। ସେହିଭଳି ରିଲେ ରେସରେ ସୋନାଲିଙ୍କ ସହ ନମିତା ସ୍ୱାଇଁ, ଚିନ୍ମୟି ମହାପାତ୍ର ଓ ରୂପାଲି ନାୟକ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ମହାବିଦ୍ୟାଳୟର ଛାତ୍ରୀମାନଙ୍କ ବିଶ୍ୱ ବିଦ୍ୟାଳୟ ସ୍ତରରେ ସଫଳତା ଲାଗି କଲେଜ ଅଧ୍ୟକ୍ଷ ଅମର ପ୍ରସାଦ ବିଷୋୟୀ ଏବଂ ଅଧାପିକା ଅଧ୍ୟାପକ ଓ କର୍ମଚାରୀଙ୍କ ପକ୍ଷରୁ ଶୁଭେଚ୍ଛା ଜଣାଯାଇଛି । ସୋନାଲି ୨୦୨୬ ଜାନୁଆରୀରେ ହେବାକୁ ଥିବା ଆନ୍ତଃ ବିଶ୍ୱବିଦ୍ୟାଳୟ ସ୍ତରୀୟ ବାର୍ଷିକ କ୍ରୀଡାରେ ଅଂଶ ଗ୍ରହଣ ଲାଗି ମନୋନୀତ ହୋଇଛନ୍ତି।

# ଦଣ୍ଡନୃତ୍ୟ, ପ୍ରହ୍ଲାଦ ନାଟକକୁ ୟୁନେସ୍କୋ ମାନ୍ୟତା ପାଇଁ ଅଣ୍ଟା ଭିଡ଼ିଲା ପ୍ରଶାସନ


ବୈଠକରେ ଆଲୋଚନା ଚାଲିଛି।


ଛତ୍ରପୁର,୯।୧୨(ଦିଲୀପ ସାମଲ):
ଗଞ୍ଜାମ ଜିଲାର ଲୋକକଳା ଓ ଲୋକନୃତ୍ୟକୁ ଦେଶ ବିଦେଶରେ ପ୍ରଶଂସା ମିଳୁଛି। ଗଞ୍ଜାମର ଲୋକକଳାଗୁଡିକ ମଧ୍ୟରୁ ଦଣ୍ଡନୃତ୍ୟ ଓ ପ୍ରହ୍ଲାଦ ନାଟକକୁ ଜାତୀୟ ସ୍ତରରେ ୟୁନେସ୍କୋ ମାନ୍ୟତା ପାଇଁ ଜିଲା ପ୍ରଶାସନ ଅଣ୍ଟା ଭିଡିଛି। ଜିଲାରେ ୬୦ରୁ ଉର୍ଦ୍ଧ୍ୱ ଲୋକକଳା ରହିଥିବା ବେଳେ ଏହି ୨ ଲୋକକଳାକୁ ଜାତୀୟ ସ୍ତରରେ ମାନ୍ୟତା ପାଇଁ ଜିଲା ପ୍ରଶାସନ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଜିଲାପାଳ ଭି. କୀର୍ତ୍ତୀଭାସନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବହୁ ସଂସ୍କୃତି ବିଶେଷଜ୍ଞ ଓ ଗବେଷକ ଯୋଗ ଦେଇ ଏହି ନୃତ୍ୟକୁ କିଏ ରଚନା କରୁଥିଲେ, ଜିଲାରେ ଥିବା ସମସ୍ତ ଦଳ କିପରି ଏହି ନୃତ୍ୟ ପରିବେଷଣ କରୁଛନ୍ତି ସେନେଇ ଜିଲାପାଳଙ୍କୁ ଅବଗତ କରାଇଥିଲେ । ଏଥିସହ ଏହି ନୃତ୍ୟ ବିଷୟରେ ତାଳପତ୍ର ପୋଥିରେ ଥିବା ବିଭିନ୍ନ ତଥ୍ୟ ସଂଗ୍ରହ କରିଥିବା କହିଥିଲେ। ପୂର୍ବରୁ ମୟୁରଭଞ୍ଜର ଛଉ ନୃତ୍ୟ, ପୁରୀର ରଥଯାତ୍ରା ଓ କଟକର ବାଲିଯାତ୍ରାକୁ ୟୁନେସ୍କୋ ମାନ୍ୟତା ପ୍ରଦାନ କରାଯାଇଛି। ଗଞ୍ଜାମ ଜିଲାରେ ସମସ୍ତେ ମିଳିମିଶି କାର୍ଯ୍ୟ କରି ଉପରୋକ୍ତ ୨ ଲୋକକଳା ବିଷୟରେ ବିଭିନ୍ନ ତଥ୍ୟକୁ ନେଇ ଡକ୍ୟୁମେଣ୍ଟାରୀ ଭିଡିଓ ପ୍ରସ୍ତୁତ କରାଯିବ। ସେଗୁଡିକୁ ଏକ୍ସପର୍ଟ ମାନଙ୍କ ପାଖକୁ ପଠାଯିବ ଏବଂ ସେମାନଙ୍କ ପରାମର୍ଶ କ୍ରମେ ଏହାକୁ ପ୍ରସ୍ତୁତ କରିବା ପାଇଁ ଜିଲାପାଳ ସମସ୍ତଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏନେଇ ସମସ୍ତ ଲୋକକଳା ନିର୍ଦ୍ଦେଶକ ଓ ସଂଘ ସହ ଆଭାସୀ ବୈଠକ କରି ସେମାନଙ୍କ ପରାମର୍ଶ ନେବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଜିଲ୍ଲାର ବିଭିନ୍ନ ସ୍ଥାନରୁ ଆସିଥିବା ସଂସ୍କୃତି ଗବେଷକ ଯୋଗ ଦେଇଥିବା ବେଳେ ଜିଲ୍ଲା ସଂସ୍କୃତି ଅଧିକାରୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ୨ ପୋଡ଼ାଇଟା ଭାଟି ଭାଙ୍ଗିଲା ତହସିଲ ପ୍ରଶାସନ

ଧରାକୋଟ,୯।୧୨(ବିଷ୍ଣୁ କେଶରୀ ଆଚାର୍ଯ୍ୟ):
ଧରାକୋଟ ତହସିଲ ପକ୍ଷରୁ ପୋଡ଼ାଇଟା ଭାଟି ଭାଙ୍ଗିବା ଅଭିଯାନ ଜାରି ରହିଛି। ମଙ୍ଗଳବାର ଏହି ତହସିଲ ଅନ୍ତର୍ଗତ ବାହାରପୁର ଓ ମହୁଲପଲ୍ଲୀ ଅଞ୍ଚଳର ୨ଟି ଇଟାଭାଟିରେ ବୁଲଡୋଜର ବୁଲିଛି । ସପ୍ତାହକ ତଳେ ମାଣିକପୁର ଅଞ୍ଚଳରେ ଇଟା ଭାଟି ଭଙ୍ଗା ଯାଇଥିବା ବେଳେ ମଙ୍ଗଳବାର ମହୁଲପଲି ଓ କେନ୍ଦୁପଲି ଗ୍ରାମ ନିକଟରେ ଆରମ୍ଭ ହୋଇଥିବା ଇଟାଭାଟିକୁ ଭଙ୍ଗା ଯାଇଛି। ତହସିଲଦାର ଲମ୍ବୋଦର ମାରାଣ୍ଡି, ଅତିରିକ୍ତ ତହସିଲଦାର ଗଣେଶ ଦଳାଇ, ସୁପରଭାଇଜର ସୁଜ୍ଞାନି ବେହେରା, ରାଜସ୍ୱ ନୀରିକ୍ଷକ ରବୀନ୍ଦ୍ର ଗୌଡ଼, ଏସ ଯଜେୟା ଙ୍କ ଉପସ୍ଥିତିରେ ଉଭୟ ଭାଟିରେ ୫୦ ହଜାର ଇଟା ନଷ୍ଟ କରାଯାଇଛି । ପରିବେଶ ପ୍ରଦୂର୍ଷଣ କରୁଥିବା ବେଆଇନ ଇଟା ଭାଟିକୁ ପ୍ରଶ୍ରୟ ଦିଆଯିବ ନାହିଁ ବୋଲି ତହସିଲଦାର ମାରାଣ୍ଡି ପ୍ରକାଶ କରିଛନ୍ତି।

# ପ୍ରଦ୍ୟୁମ୍ନ ଭାଜପା ରାଜ୍ୟ ଓବିସି ମୋର୍ଚ୍ଚା ସଭାପତି

ଭଞ୍ଜନଗର,୯।୧୨(ବାବୁଲା ପ୍ରଧାନ):


ପ୍ରଦ୍ୟୁମ୍ନ କୁମାର ନାୟକ।

ଭଞ୍ଜନଗର ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକଙ୍କୁ ଭାଜପା ରାଜ୍ୟ ଓବିସି ମୋର୍ଚ୍ଚା ସଭାପତି ଭାବେ ମଙ୍ଗଳବାର ନିଯୁକ୍ତି ଦିଆଯାଇଛି। ଏହି ଖବର ଜଣାପଡିବା ପରେ ପ୍ରଦ୍ୟୁମ୍ନଙ୍କ ସମର୍ଥକଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି। ଅପରପକ୍ଷେ ପ୍ରଦ୍ୟୁମ୍ନଙ୍କ ନିଯୁକ୍ତି ପରେ ରାଜ୍ୟରେ ଓବିସି ମୋର୍ଚ୍ଚା ଆହୁରି ଶକ୍ତିଶାଳୀ ହେବ ବୋଲି ଆଶା କରାଯାଉଛି। ନୂତନ ଦାୟିତ୍ୱ ମିଳିବା ପରେ ପ୍ରଦ୍ୟୁମ୍ନ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଦଳର ରାଜ୍ୟ ସଭାପତି ମନମୋହନ ସାମଲ ପ୍ରମୁଖଙ୍କୁ କୃତଜ୍ଞତା ଜଣାଇଛନ୍ତି। ସୂଚନାଯୋଗ୍ୟ, ପ୍ରଦ୍ୟୁମ୍ନ ଭଞ୍ଜନଗର ନିର୍ବାଚନ ମଣ୍ଡଳୀରୁ ପ୍ରଥମଥର ପାଇଁ ବିଧାୟକ ହୋଇଛନ୍ତି। ଏହା ପୂର୍ବରୁ ସେ ୧୦ ଥର ଭଞ୍ଜନଗର ବାର ଆସୋସିଏଶନ ସଭାପତି ନିର୍ବାଚିତ ହୋଇଥିଲେ । ଭଞ୍ଜନଗର କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟରୁ ଦୁଇଥର ଛାତ୍ର ସଂସଦ ସଭାପତି ମଧ୍ୟ ହୋଇଥିଲେ । ଏଥିସହ କୁର୍ମି କ୍ଷତ୍ରିୟ ପ୍ରଦେଶ ସଂସ୍ଥାର ବହୁ ପଦ ପଦବୀରେ ବହୁବର୍ଷ ହେବ ରହି ଆସିଛନ୍ତି।

## ଆଞ୍ଚଳିକ ଉଚ୍ଚଶିକ୍ଷା ନିର୍ଦ୍ଦେଶକଙ୍କ ଭଞ୍ଜନଗର ଗସ୍ତ

# ୩ ମହାବିଦ୍ୟାଳୟ ପରିଦର୍ଶନ, ଶିକ୍ଷା ବ୍ୟବସ୍ଥା ତଦାରଖ


ଉଚ୍ଚଶିକ୍ଷା ନିର୍ଦ୍ଦେଶକ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ପରିଦର୍ଶନ କରୁଛନ୍ତି।

ଭଞ୍ଜନଗର,୯।୧୨(ବାବୁଲା ପ୍ରଧାନ)
ବ୍ରହ୍ମପୁର ଆଞ୍ଚଳିକ ଉଚ୍ଚଶିକ୍ଷା ନିର୍ଦ୍ଦେଶକ ପ୍ରଫେସର ଡ. ନାରାୟଣ ବେହେରା ମଙ୍ଗଳବାର ଭଞ୍ଜନଗର ସହରରେ ଥିବା ୩ ପ୍ରମୁଖ କଲେଜ ପରିଦର୍ଶନ କରିଛନ୍ତି। କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ, କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟ ଏବଂ ସାବିତ୍ରୀ ମହିଳା ମହାବିଦ୍ୟାଳୟ ସେ ପରିଦର୍ଶନ କରିଥିଲେ। ଏହି ସମୟରେ ନିର୍ଦ୍ଦେଶକ ବେହେରା କଲେଜ କ୍ୟାସବୁକ, ଉପସ୍ଥାନ ଖାତା ସମେତ ଅନ୍ୟାନ୍ୟ କାଗଜପତ୍ର ଯାଞ୍ଚ କରିଥିଲେ। ଉପସ୍ଥାନ ଖାତାର ନକଲ ସେ ନେଇଥିବା ଜଣାପଡିଛି। ନିର୍ଦ୍ଦେଶକ ବେହେରା ପ୍ରଥମେ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟକୁ ଯାଇଥିଲେ। ସେଠାରେ ସମସ୍ତ ବିଭାଗ ପରିଦର୍ଶନ କରି ମହାବିଦ୍ୟାଳୟ ସମ୍ପର୍କରେ କର୍ମଚାରୀଙ୍କୁ ପଚାରି ବୁଝିଥିଲେ। ଏହି ସମୟରେ ସେ ଛାତ୍ରୀଛାତ୍ରଙ୍କ ସହ ମଧ୍ୟ କଥା ହୋଇଥିଲେ। ଗୁଣାତ୍ମକ ଶିକ୍ଷାର ବିକାଶ କିଭଳି ହୋଇପାରିବ ସେଥିପ୍ରତି ଧ୍ୟାନ ଦେବାକୁ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ। ପରେ ନିର୍ଦ୍ଦେଶକ ବେହେରା ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟ ଏବଂ ସାବିତ୍ରୀ ମହିଳା ମହାବିଦ୍ୟାଳୟ ପରିଦର୍ଶନ କରିଥିଲେ। ପରିଦର୍ଶନ କରେ ସେ ବ୍ରହ୍ମପୁର ଅଭିମୁଖେ ଫେରିଯାଇଥିବା ଜଣାପଡିଛି । କିଛିଦିନ ତଳେ ନିର୍ଦ୍ଦେଶକ ବେହେରା ଦାୟିତ୍ୱ ନେବାପରେ ଏହା ତାଙ୍କର ପ୍ରଥମ ଭଞ୍ଜନଗର କଲେଜ ଗସ୍ତ। ଏହି ସମୟରେ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ଅଧ୍ୟକ୍ଷ ରାଜେନ୍ଦ୍ର ଦାସ, ପ୍ରଶାସନିକ ଅଧିକାରୀ ବିଭାସ ଦାସ, ପ୍ରାଧ୍ୟାପକ କୁମୁଦ ଚନ୍ଦ୍ର ମହାପାତ୍ର, ସାବିତ୍ରୀ ମହିଳା ମହାବିଦ୍ୟାଳୟ ଅଧ୍ୟକ୍ଷା ଡ. ସ୍ମିତା ରାଣୀ ପଣ୍ଡା, ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଦିଲୀପ ଖୁଣ୍ଟିଆ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

## ପ୍ରାଣୀ ଚିକିତ୍ସା ଶିବିର

ଧରାକୋଟ,୯।୧୨(ବିଷ୍ଣୁ କେଶରୀ ଆଚାର୍ଯ୍ୟ):
ଧରାକୋଟ ବ୍ଲକର ଦୁର୍ଗମ ସାବା ପଞ୍ଚାୟତ କୁଟୁଣିଗଣ୍ଡା ଗାଁରେ ନିକଟବର୍ତ୍ତୀ ଗାଁଗୁଡ଼ିକରେ ଥିବା ଗୃହପାଳିତ ପ୍ରାଣୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ସ୍ଥାନୀୟ ପ୍ରାଣୀ ଚିକିତ୍ସାଳୟ ତରଫରୁ ଏକ ଶିବିର ଅନୁଷ୍ଠିତ ହୋଇଯାଇଛି। ଧରାକୋଟ ପ୍ରାଣୀ ଚିକିତ୍ସାଳୟର ଡାକ୍ତର ମାନସ ରଞ୍ଜନ ପଲେଇଙ୍କ ନେତୃତ୍ୱରେ ମାଣିକପୁର ପ୍ରାଣିଧନ ନିରୀକ୍ଷକ ରଞ୍ଜନ କୁମାର ବିଶ୍ୱାଳ, ସାବା ମୈତ୍ରୀ ଧୀରେନ୍ଦ୍ର ନାୟକ,ସହାୟକ ରମେଶ ଚନ୍ଦ୍ର ସେଠୀ, ମଙ୍ଗୁଲୁ ଗୌଡ଼ ପ୍ରମୁଖ ଏହି ଶିବିରରେ ଉପସ୍ଥିତ ରହି ପ୍ରାଣୀ ଚିକିତ୍ସା କରିଥିଲେ। ଉକ୍ତ ଅଞ୍ଚଳରେ ଅଜଣା ରୋଗରେ ୩୦ରୁ ଅଧିକ ବଳଦ ଆକ୍ରାନ୍ତ ହୋଇଥିବା ଜାଣିବା ପରେ ଏହି ଶିବିର ଆୟୋଜନ ପାଇଁ ପ୍ରାଣୀ ଚିକିତ୍ସକ ମାନଙ୍କ ତରଫରୁ ନିଷ୍ପତ୍ତି ନିଆଯାଇଥିଲା। ତେବେ ବଳଦଗୁଡିକ କୃମିଜନିତ ରୋଗରେ ଆକ୍ରାନ୍ତ ହୋଇଥିବା ପରୀକ୍ଷା ପରେ ଜଣାଯାଇଥିଲା। ବଳଦଙ୍କୁ କୃମି ନାଶକ ଖୁଆଇ ଚିକିତ୍ସା କରାଯାଇଛି। ଏହାପରେ ନିକଟସ୍ଥ ଅଶୋକ ପଲ୍ଲୀ, ପିଲୀପଦର, ନାକତିରି, ଘୋଡାଆମ୍ବ, ଶାଗକିଆରୀ, ଫଟା ଚାଞ୍ଚରା ଆଦି ଗ୍ରାମରୁ ଅଣା ଯାଇଥିବା ପ୍ରାୟ ୧୫୦ରୁ ଅଧିକ ବଳଦଙ୍କ ଟୀକା କରଣ କରାଯାଇଥିଲା ।

# ଭଲିବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ


ଉପସ୍ଥିତ ଅତିଥି ଓ ଖେଳାଳି।

ଚକାପାଦ,୯।୧୨(ପ୍ରତାପ କିଶୋର ବେହେରା):
କନ୍ଧମାଳ ଜିଲା ଚକାପାଦ ବ୍ଲକ କୁସୁମେଣ୍ଡି ଗ୍ରାମପଞ୍ଚାୟତ ଖୁଡୁତେନ୍ତୁଳି ଗ୍ରାମଠାରେ ମଙ୍ଗଳବାର ୧୮ତମ ରାଜ୍ୟସ୍ତରୀୟ ଭଲିବଲ ଟୁର୍ନାମେଣ୍ଟ ଉଦଘାଟିତ ହୋଇଛି। ସରପଞ୍ଚ ସୁନିତା କହଁର, ପୂର୍ବତନ ସରପଞ୍ଚ କିଶୋର ଚନ୍ଦ୍ର କହଁର, ବପଲମେଣ୍ଡି ପୂର୍ବତନ ନାଏବ ସରପଞ୍ଚ ପ୍ରତାପ କିଶୋର ବେହେରା, ଉପଦେଷ୍ଟା ସୁଧୀର ଡିଗାଲ, ଗୋପବନ୍ଧୁ ଦାଶ ଉପସ୍ଥିତ ରହି ଟୁର୍ନାମେଣ୍ଟ ଉଦଘାଟନ କରିଥିଲେ। ପ୍ରଥମ ରାଉଣ୍ଡରେ କନ୍ଧମାଳ ସିକ୍ସ ଓ ସଞ୍ଜୟ ସିକ୍ସ ମଧ୍ୟରେ ପ୍ରତିଯୋଗିତା ହୋଇଥିଲା। ଏଥିରେ କନ୍ଧମାଳ ସିକ୍ସ ବିଜୟ ଲାଭ କରିଥିଲା। ପରବର୍ତ୍ତି ମ୍ୟାଚ କୋଟଗଡ ଓ ଉଦୟଗିରି ସେମ ସିକ୍ସ ମଧ୍ୟରେ ହୋଇଥିଲା। ଜିଲା କଂଗ୍ରେସ ସଭାପତି ଚନ୍ଦ୍ର ପରିଡା, ବ୍ଲକ ସଭାପତି ଗୋବିନ୍ଦ ଆମତ୍ୟ, ପ୍ରଫୁଲ୍ଲ ଦାସ, ମାଲେଶ୍ୱର କହଁର, ତନ୍ମୟ ଭୋଇଙ୍କ ଉପସ୍ଥିତିରେ ଖେଳ ଆରମ୍ଭ ହୋଇଥିଲା। ଶେଷରେ କନ୍ଧମାଳ ସିକ୍ସ ଓ ଉଦୟଗିରି ସେମ ସିକ୍ସ ସେମି ଫାଇନାଲରେ ପ୍ରବେଶ କରିଛନ୍ତି। ଟୁର୍ନାମେଣ୍ଟ ଆସନ୍ତା ୧୪ ତାରିଖରେ ଶେଷ ହେବ ବୋଲି ସଭାପତି ଚିତ୍ତରଞ୍ଜନ ଡିଗାଲ ସୂଚନା ଦେଇଛନ୍ତି। ସମ୍ପାଦକ କାହ୍ନୁ ଚରଣ ପୃଷ୍ଟି, କୋଷାଧ୍ୟକ୍ଷ ରଙ୍ଗନିଧି ଡିଗାଲ ଓ ଗୌରୀଶଙ୍କର ଯୁବକ ସଂଘର ସମସ୍ତ କର୍ମ କର୍ତ୍ତା ପରିଚାଳନାରେ ସହଯୋଗ କରିଥିଲେ।

# ବାଲାଜୀ କଲେଜର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ

ଟିକିଟ,୯।୧୨(ପ୍ରକାଶ ଚନ୍ଦ୍ର ସାହୁ):
ଟିକିଟି ବ୍ଲକ ନୂଆପଡା ଗ୍ରାମସ୍ଥିତ ବାଲାଜୀ ମହାବିଦ୍ୟାଳୟର ବାର୍ଷିକ କ୍ରୀଡା ମହୋତ୍ସବ ମଙ୍ଗଳବାର ଉଦଯାପିତ ହୋଇଯାଇଛି। କ୍ରୀଡ଼ାର ଉଦଯାପନୀରେ ମୁଖ୍ୟ ଅତିଥି ଭାବେ ରାମଚନ୍ଦ୍ର ମର୍ଦ୍ଦରାଜ ମହାବିଦ୍ୟାଳୟର ଅବସରପ୍ରାପ୍ତ ଓଡ଼ିଆ ପ୍ରାଧ୍ୟାପକ ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ ଯୋଗ ଦେଇଥିଲେ। ଉଦଘାଟନୀରେ ମୁଖ୍ୟ ଅତିଥି ଭାବେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼. ସୁଦର୍ଶନ ପଟ୍ଟନାୟକ ଯୋଗ ଦେଇଥିଲେ । ଏହି ୪ ଦିନିଆ କ୍ରୀଡା ମହୋତ୍ସବରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ହୋଇଥିଲା । କୃତୀ ପ୍ରତିଯୋଗୀମାନଙ୍କୁ ମୁଖ୍ୟ ଅତିଥି ଦ୍ୱାରା ପୁରସ୍କାର ବିତରଣ କରାଯାଇଥିଲା। ଯୁକ୍ତ ୩ ତୃତୀୟ ବର୍ଷର ଛାତ୍ର ସୁମିତ ଷଡ଼ଙ୍ଗୀ ଏବଂ ଯୁକ୍ତ ୨ ଛାତ୍ରୀ ଜ୍ୟୋସ୍ନା ରାଣୀ ପାଇକ ଚାମ୍ପିୟନ ହୋଇଥିଲେ। ଦିଗପହଣ୍ଡି ବ୍ଲକ ଅନ୍ତର୍ଗତ ଗୌଡ଼ଗାଁ ନୋଡାଲହାଇ ସ୍କୁଲ କ୍ରୀଡା ଶିକ୍ଷକ ସନ୍ତୋଷ କୁମାର ଗୌଡ଼ କ୍ରୀଡା ପରିଚାଳନା କରିଥିଲେ। ମହାବିଦ୍ୟାଳୟ କ୍ରୀଡା ସଂଯୋଜକ ଅୟସ କାନ୍ତି ମହାନ୍ତି ସଂଯୋଜନା କରିଥିବା ବେଳେ ଅଧାପକ ଡାନିଏଲ ମାରାଣ୍ଡି, ପିଙ୍କୁ ପ୍ରଧାନ, ଦିଲ୍ଲୀପ କୁମାର ବେହେରାଙ୍କ ସମେତ ମହାବିଦ୍ୟାଳୟର ସମସ୍ତ ଅଧାପିକା ଅଧାପକ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ।



# ପର୍ଯ୍ୟଟନସ୍ଥଳକୁ ପ୍ଲାଷ୍ଟିକମୁକ୍ତ କରିବାକୁ ଛାତ୍ରୀଛାତ୍ରଙ୍କ ଶପଥ

## ଜାଗୃତି ପକ୍ଷରୁ ସଚେତନତା କର୍ମଶାଳା



ଦାରିଙ୍ଗବାଡି,୧୨।୮(ଅରୁଣ ସାହୁ)
ଓଡିଶାର କାଶ୍ମୀର ଦାରିଙ୍ଗବାଡିକୁ ପ୍ରତ୍ୟହ ବହୁ ସଂଖ୍ୟାରେ ପର୍ଯ୍ୟଟକ ବୁଲିବାକୁ ଆସୁଛନ୍ତି। ସେମାନେ ପ୍ଲାଷ୍ଟିକରେ ଥିବା ସାମଗ୍ରୀ କିଣି ବ୍ୟବହାର କରି ଏଣେତେଣେ ପକାଉଛନ୍ତି। ପ୍ଲାଷ୍ଟିକର ଏପରି ବ୍ୟବହାର ପର୍ଯ୍ୟଟନକ୍ଷେତ୍ରର ପରିବେଶ ଉପରେ କୁପ୍ରଭାବ ପକାଉଛି। ଏହି ପ୍ରରିପ୍ରେକ୍ଷୀରେ ପ୍ଲାଷ୍ଟିକମୁକ୍ତ ପିକନିକ ଚ୍ୟାଲେଞ୍ଜ ନେଇ ଏକ କର୍ମଶାଳା ଜାଗୃତି କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଛି। ଜାଗୃତି ସମ୍ପାଦକ କୈଳାସ ଚନ୍ଦ୍ର ଦଣ୍ଡପାଟ ଅଧ୍ୟକ୍ଷତା କରିଥିଲେ। ଉପସ୍ଥିତ ଛାତ୍ରୀଛାତ୍ର ଓ ଅନ୍ୟମାନେ ପ୍ଲାଷ୍ଟିକମୁକ୍ତ ପିକ୍ନିକ୍ ପାଇଁ ଶପଥ ନେଇଥିଲେ। ମୁଖ୍ୟଅତିଥି ଭାବେ ଓଡିଶାର ଜଳକର୍ମୀ ରଞ୍ଜନ ପଣ୍ଡା ଯୋଗଦେଇ ଉପସ୍ଥିତ ଯୁବପିଢ଼ିଙ୍କୁ 'ପ୍ଲାଷ୍ଟିକମୁକ୍ତ ପିକନିକ ଏକ ଚାଲେଞ୍ଜ' ଶୀର୍ଷକ ଆଲୋଚନାରେ ଏସମ୍ପର୍କରେ ବିସ୍ତୃତ ଭାବେ ବୁଝାଇଥିଲେ। ପ୍ଲାଷ୍ଟିକ ପରିବେଶକୁ ନଷ୍ଟ କରୁଥିବାରୁ ଏକକ-ବ୍ୟବହୃତ ପ୍ଲାଷ୍ଟିକ ପରିହାର କରିବା, ପରିବେଶ-ଅନୁକୂଳ ବିକଳ୍ପ ବ୍ୟବହାର ଓ ପ୍ଲାଷ୍ଟିକ ବଦଳରେ ଶାଳପତ୍ରକୁ ବ୍ୟାପକ ବ୍ୟବହାର କରିବାକୁ ଏଥିପାଇଁ ଲୋକଙ୍କୁ ସଚେତନ କରିବାକୁ କର୍ମଶାଳାରେ ମତ ପ୍ରକାଶ ପାଇଥିଲା। କାର୍ଯ୍ୟକ୍ରମରେ ଦାରିଙ୍ଗବାଡିର ବହୁ ଯୁବପିଢ଼ି ଅଂଶଗ୍ରହଣକାରୀ ରୂପେ ଯୋଗଦେଇଥିଲେ। ଅଞ୍ଚଳରେ ଅନେକ ଯୁବପିଢ଼ି କାମଧନ୍ଦା ପାଇଁ ରାଜ୍ୟ ବାହାରକୁ ନିର୍ଯାତନା ସହ ବିଭିନ୍ନ ରୋଗର ଶିକାର ହେବା ଏବଂ ସାଇବର ଠକେଇ ଉପରେ କର୍ମଶାଳାରେ ଅତିଥିମାନେ ବହୁ ଉପାଦେୟ ପରାମର୍ଶ ଦେଇଥିଲେ। ଜାଗୃତିର ପ୍ରୋଗ୍ରାମ ମ୍ୟାନେଜର ସଦାନନ୍ଦ ସିଂ କର୍ମଶାଳା ପରିଚାଳନା କରିଥିଲେ।

# ପୋଲ ତଳକୁ ବାଇକ୍ ଖସି ୨ ମୃତ

ଓଡ଼ଗାଁ,୯।୧୨
(ଆଦର୍ଶ କୁମାର ପଟ୍ଟନାୟକ)

ନୟାଗଡ଼ ଜିଲା ଗିରିଡିପଲ୍ଲୀ ପଞ୍ଚାୟତ ଧଖୋଲା ଗ୍ରାମର ଫକୀର ନାୟକ(୪୫) ଓ ରାଜେନ୍ଦ୍ର ନାୟକ(୪୦)ଙ୍କର ବାଇକ୍ ଦୁର୍ଘଟଣାରେ ମୃତ୍ୟୁ ହୋଇଛି। ଉଭୟେ ସୋମବାର ରାତିରେ ନିକଟସ୍ଥ ବେଲଦୁଆର ଗ୍ରାମରୁ ଗୋଟିଏ ବାଇକ୍‌ରେ ଫେରୁଥିବା ବେଳେ ତୋଦିଗାଡ଼ିଆ ଗ୍ରାମ ନିକଟରେ ରାସ୍ତାରେ ଥିବା ଏକ ଶଙ୍ଖରେ ପିଟିହୋଇ ପୋଲ ତଳକୁ ଖସି ପଡ଼ିଥିଲେ। ଉଭୟେ ଦୁର୍ଘଟଣାଗ୍ରସ୍ତ ହୋଇ ଚେତାଶୂନ୍ୟ ଅବସ୍ଥାରେ ରାତି ସାରା ପୋଲ ତଳେ ପଡ଼ି ରହିଥିଲେ। ମଙ୍ଗଳବାର ସକାଳୁ ଏନେଇ ବାହାଡାଖୋଲା ଫାଣ୍ଡି ପୋଲିସ ସୂଚନା ପାଇ ସ୍ଥାନୀୟ ଦମକଳ ବାହିନୀ ସାହାଯ୍ୟରେ ଉଭୟଙ୍କୁ ଓଡ଼ଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିବା ବେଳେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ଦୁର୍ଘଟଣାଗ୍ରସ୍ତ ବାଇକ୍ ଜବତ କରିବା ସହିତ ଏକ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରିଛି।

# ଗଛରେ ପିଟିହେଲା ବାଇକ୍, ୨ ମୃତ

ବାଲିଗୁଡ଼ା,୯।୧୨
(ସଞ୍ଜୟ କୁମାର ପାଣିଗ୍ରାହୀ)

କନ୍ଧମାଳ ଜିଲା ବାଲିଗୁଡ଼ା ଥାନା ଅନ୍ତର୍ଗତ ବିରାଗୁଡ଼ା ଗ୍ରାମ ନିକଟରେ ମଙ୍ଗଳବାର ଏକ ବାଇକ୍ ଗଛରେ ପିଟି ହୋଇଥିବାରୁ ୨ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ମୃତକମାନେ ହେଲେ ବାଟାଗୁଡ଼ା ପଞ୍ଚାୟତ ପୁରୁଣା ବାଟାଗୁଡ଼ା ଗ୍ରାମର ଆଜାଦ ମଲ୍ଲିକ (୧୬) ଓ ଜୀବନ କୁମାର ନାୟକ (୧୯)। ଆହତ ସେହି ଗ୍ରାମର ଆସ୍ତିର ମଲ୍ଲିକ ବୋଲି ଜଣାପଡିଛି। ଅପରାହ୍ନରେ ୩ ଯୁବକ କେଟିଏମ୍ ବାଇକ୍ (ନଂ.ଓଡି ୧୨ ଜି ୩୧୬୮)ରେ ବାରଖମା ଅଞ୍ଚଳରୁ ବାଲିଗୁଡ଼ା ଅଭିମୁଖେ ଦ୍ରୁତଗତିରେ ଆସୁଥିଲେ। ବିରାଗୁଡ଼ା ନିକଟସ୍ଥ ବୁଲାଣିରେ ବାଇକ୍‌ଟି ଭାରସାମ୍ୟ ହରାଇ ରାସ୍ତାକଡ଼ରେ ଥିବା ଏକ ଗଛରେ ପିଟି ହେଇଥିବାରୁ ଘଟଣାସ୍ଥଳରେ ୨ଜଣଙ୍କ ମୃତ୍ୟୁ ଘଟିଥିଲା। ବାଲିଗୁଡ଼ା ପୋଲିସ ଦୁର୍ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ତଦନ୍ତ ଆରମ୍ଭ କରିଛି। ଗୁରୁତର ଆସ୍ତିରଙ୍କୁ ସ୍ଥାନୀୟ ଲୋକଙ୍କ ସହାୟତାରେ ବାଲିଗୁଡ଼ା ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

# ମହିଳାଙ୍କ ମୁଣ୍ଡବିହୀନ ମୃତଦେହ ଜବତ ଘଟଣା | ଭୟରେ ଗାଁ ଛାଡୁଛନ୍ତି ଗ୍ରାମବାସୀ

## ଆଉ ୧୨ ଘଣ୍ଟା ବନ୍ଦ ରହିବ ଇଣ୍ଟରନେଟ୍ ସେବା

ମାଲକାନଗିରି/ କୋରୁକୋଣ୍ଡା,୯।୧୨
(ଦୁର୍ଯ୍ୟୋଧନ ପାତ୍ର/ ଶିବଦତ୍ତ ସାହୁ)

ମାଲକାନଗିରି ଜିଲା କୋରୁକୋଣ୍ଡା ଥାନା ଅନ୍ତର୍ଗତ ଢୁଡ଼ାମେଟଲା ନଦୀ ନିକଟରୁ ଜଣେ ମହିଳାଙ୍କ ମୁଣ୍ଡବିହୀନ ମୃତଦେହ ଜବତ ଘଟଣାରେ ଏମ୍‌ଭି–୨୬ ଗ୍ରାମରେ ୩–୪ ଦିନ ଧରି ଲାଗି ରହିଥିବା ଚାପା ଉତ୍ତେଜନାରେ ମଙ୍ଗଳବାର ସୁଧାର ଦେଖିବାକୁ ମିଳିଛି। ଗ୍ରାମରେ ଶାନ୍ତି ବଜାୟ ରଖିବାକୁ ଜିଲାରେ କରାଯାଇଥିବା ଇଣ୍ଟରନେଟ୍ ସେବା ବନ୍ଦ ସହ ବିଦେଶୀ ମଦଦୋକାନ ବନ୍ଦକୁ ଆଉ ୧୨ ଘଣ୍ଟା ପାଇଁ ବୃଦ୍ଧି କରାଯାଇଛି। ବିଭିନ୍ନ ଗ୍ରାମର ଲୋକେ ପୁଣି ଗଣ୍ଡଗୋଳର ଆଶଙ୍କାକରି ଭୟରେ ଜିନିଷପତ୍ର ଧରି ଗାଁ ଛାଡ଼ି ଅନ୍ୟତ୍ର ଚାଲିଯାଉଥିବା ଦେଖିବାକୁ ମିଳିଛି। ଘଟଣାରେ ଅଭିଯୁକ୍ତ ସୁଖ ମଣ୍ଡଳଙ୍କୁ ଗିରଫ କରାଯାଇ ସନ୍ଧ୍ୟାରେ କୋର୍ଟ ଚାଲାଣ କରାଯିବ ବୋଲି ମାଲକାନଗିରି ଆଇଆଇସି ରିଗାମ୍ କିଣ୍ଡୋ ସୂଚନା ଦେଇଛନ୍ତି।

ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହାୟତା ପାଣ୍ଠିରୁ ମୃତକଙ୍କ ପରିବାରକୁ ୪ ଲକ୍ଷ ଟଙ୍କା ପ୍ରଦାନ କରିବା ଘୋଷଣା କରାଯାଇଛି। ଜିଲା ପ୍ରଶାସନ ପକ୍ଷରୁ ରେଡ୍‌କ୍ରସ୍ ପାଣ୍ଠିରୁ ମୃତଦେହ ସତ୍କାର ବାବଦକୁ ୩୦ ହଜାର ଟଙ୍କା ପ୍ରଦାନ କରାଯାଇଛି। ଏଥିସହ ମୃତାଙ୍କ ପରିବାର ଲୋକଙ୍କୁ ୩ ଲକ୍ଷ ଟଙ୍କା ଅନୁକମ୍ପା ରାଶି ପ୍ରଦାନ କରାଯିବ ବୋଲି ଜିଲାପାଳ ସୋମେଶ ଉପାଧ୍ୟାୟ କହିଛନ୍ତି। ସୁରକ୍ଷାକୁ ଦୃଷ୍ଟିରେ ରଖି ଏମ୍‌ଭି–୨୬ ଗ୍ରାମରେ ସିସିଟିଭି ସହ ଷ୍ଟ୍ରିଟ୍ ଲାଇଟ୍ ଲଗାଯାଇଛି। ଗାଁର ଗତିବିଧି ଉପରେ ବିଏସ୍‌ଏଫ୍, ସିଆର୍‌ପିଏଫ୍, ପୋଲିସ ମୁତୟନ ହୋଇ କଡ଼ା ନଜର ରଖିଛନ୍ତି। ଘଟଣାସ୍ଥଳରେ କୋରାପୁଟ ଡିଆଇଜି, ଏସ୍‌ପି ବିନୋଦ ପାଟିଲ ଓ ଜିଲାପାଳ ସୋମେଶ ଉପାଧ୍ୟାୟ ଉପସ୍ଥିତ ଥିବା ସୂଚନା ରହିଛି। ସୂଚନା ମୁତାବକ, ଜିଲା ପ୍ରଶାସନ ଓ ଆଦିବାସୀ ସମାଜର ନେତୃମଣ୍ଡଳୀ ଆପୋସ ଆଲୋଚନାକରି ସର୍ବସହମତିରେ କୋରାପୁଟରୁ ଡାକ୍ତରୀ ଟିମ୍ ଆସି ସୋମବାର ମୃତଦେହ ବ୍ୟବଚ୍ଛେଦ କରିଥିଲେ। ଜିଲା ପ୍ରଶାସନ ଓ ଆଦିବାସୀ ସଂଘର ଉପସ୍ଥିତିରେ ଶାନ୍ତିପୂର୍ଣ୍ଣ ଭାବେ ରାଖେଲଗୁଡ଼ା ଗ୍ରାମରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ମୃତାଙ୍କ ମୁଣ୍ଡ ମିଳି ନ ଥିବାରୁ ତାଙ୍କ ପରିବାର ଲୋକେ ସମ୍ମାନ ଦୃଷ୍ଟିରୁ ମାଟିରେ ଏକ ମୁଣ୍ଡ ତିଆରିକରି ବିଭିନ୍ନ ସୁନା ଅଳଙ୍କାର ପିନ୍ଧାଇ ମୃତଦେହ ପାଖରେ ରଖି ପୋତିଥିବା ଦେଖିବାକୁ ମିଳିଛି। ରାଖେଲଗୁଡ଼ା ଗ୍ରାମବାସୀଙ୍କ ସମେତ ଜିଲାପାଳ ସୋମେଶ ଉପାଧ୍ୟାୟ, ଦକ୍ଷିଣାଞ୍ଚଳ ଡିଆଇଜି ଡ.କନୱର ବିଶାଲ ସିଂହ, ଏସ୍‌ପି ବିନୋଦ ପାଟିଲ, ମାଲକାନଗିରି ବିଧାୟକ ନରସିଂହ ମାଡକାମି ପ୍ରମୁଖ ଉପସ୍ଥିତ ଥିଲେ। ଆଦିବାସୀ ସଂଘ ପକ୍ଷରୁ ଜିଲାପାଳଙ୍କୁ ୭ ଦଫା ଦାବି ସମ୍ବଳିତ ଏକ ଲିଖିତ ଦାବିପତ୍ର ପ୍ରଦାନ କରାଯାଇଥିଲା। ହତ୍ୟାକାଣ୍ଡରେ ଲିପ୍ତଥିବା ଅଭିଯୁକ୍ତମାନଙ୍କୁ ଫାଶୀଦଣ୍ଡରେ ଦଣ୍ଡିତ କରିବା, ମୃତ ବ୍ୟକ୍ତିଙ୍କ ପରିବାରକୁ ୩୦ ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ, ବେଆଇନ ଅନୁପ୍ରବେଶକାରୀଙ୍କୁ ଚିହ୍ନଟକରି ତୁରନ୍ତ ବାହାରକରିବା, ଜବରଦଖଲ ଜମିକୁ ଗ୍ରାମସଭାକୁ ଫେରସ୍ତ ଦେବା, ଏଭଳି ନୃଶଂସ ହତ୍ୟା କରୁଥିବା ବ୍ୟକ୍ତିଙ୍କୁ ଜିଲାରୁ ବହିଷ୍କାର କରିବା, ଏମ୍‌ଭି–୨୬ ଗ୍ରାମକୁ ସବୁଦିନ ପାଇଁ ଜିଲାରୁ ବାଦ୍ ଦେବାକୁ ଦାବିପତ୍ରରେ ଉଲ୍ଲେଖ ରହିଛି। ଗାଁରେ ୧୮୮ ଘର ମଧ୍ୟରୁ ୧୬୩ ଘର ପୋଡ଼ି ନଷ୍ଟ ହୋଇଥିବା ଜଣାପଡ଼ିଛି।


**ODISHA ECOTOURISM SOCIETY**
O/o PRINCIPAL CHIEF CONSERVATOR OF FOREST WILDLIFE & CHIEF WILDLIFE WARDEN, ODISHA
PRAKRUTI BHAWAN, SAHEED NAGAR, BHUBANESWAR

**Invitation of Tender for Empanelment of Agencies for supply of Linen Items & Promotional Merchandise.**

No.OETS/01/2025-26 Dt.06.12.2025
No.MM-349: Odisha Ecotourism Society invites sealed bids from eligible agencies for empanelment for supply of Linen Items and Promotional Merchandise.
Bid Start Date-08.12.2025
Bid end Date- 22.12.2025 upto 1.00 P.M.
For more details visit www.wildlife.odisha.gov.in
Bid must be submitted either physically or by Speed Post/ Registry Post only in the below address.
O/o PCCF (WL) & CWLW, Odisha
Plot No.-1459, Prakruti Bhawan, Saheed Nagar, Bhubaneswar, Odisha-751007
OIPR-08141/11/0025/2526 Sd./- Dy. Conservator of Forests (ET)

**COUNCIL OF HIGHER SECONDARY EDUCATION ODISHA**
C/2 PRAJNAPITHA, SAMANTAPUR, BHUBANESWAR-13
NOTIFICATION
Bhubaneswar, Dated 06th December, 2025
Extension of Timeline for Central Sector Scheme of Scholarship

**No.N-224** : No.S.W.116/2025/6474/CHSE(O), This is for information of the Students and INO/DNO that timeline for all Post Matric/Top class Central Sector Schemes of Scholarship has been extened as under.

| Particulars | Extension Granted Upto |
|---|---|
| Last date for filling up of applications forms | 15.12.2025 |
| Last date for first level (L1) verification of application forms | 31.12.2025 |
| Last date for second level (L2) verification of application forms | 15.01.2026 |

Please visit the web-site (NSP) www.scholarships.gov.in for further information.
By order of the Chairman
OIPR-11003/11/0027/2526 Sd./- Secretary

**ODISHA LIFT IRRIGATION CORPORATION LIMITED**
(A GOVERNMENT OF ODISHA UNDERTAKING)
**OFFICE OF THE EXECUTIVE ENGINEER, LIFT IRRIGATION DIVISION, BALASORE**
No.CAD-2604: E-mail: eelidvnbls@yahoo.com
e-Procurement Notice
Bid Identification No.05/2025-26/Dt.05.12.2025
1.Name of the Tender inviting officer: Executive Engineer, L.I.Division, Balasore representing Odisha Lift Irrigation Corporation Ltd.,Bhubaneswar. 2.Name of the Work: Installation, Energisation of 155 nos. (New BKVY-155 nos.) CLIP in Sadar, Remuna, Nilagiri, Oupada, Bahanaga, Soro, Khaira & Simulia Block of Balasore District. 3. No. of Packages: 155 nos. (BKVY-2025-26). 4. Cost of Tender Amount: Varies from Rs.27,36,173/- to Rs.33,50,122/-. 5. Date and time of availability of bid document in portal for online bidding from 11.12.2025 at 11.00 hrs. to dated 23.12.2025 at 17.00 hrs. 6. Last date and time of receipt of bid in the portal dated 23.12.2025 upto 17.00 hrs. 7. Last date & time to seek clarification dated 22.12.2025 upto 17.00 hrs. 8. Date of opening of Technical bid (Cover-1) dated 24.12.2025 at 11.00 hrs. 9. Date of opening of Financial bid will be informed after evaluation of Technical bid. 10. Further details can be seen from the e-procurement portal of Govt. of Odisha i.e. www.tenderodisha.gov.in.11. Subsequent Corrigendum/ addendum/ Cancellation if required shall be available in above portal.
Sd./- Er. S.C. Munda
OIPR-32150/11/0007/2526 Executive Engineer, L.I. Division, Balasore

ତା.୨୬.୧୧.୨୦୨୫ରିଖ
**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ**
No.ପ୍ର-୩୦: ଏତଦ୍ଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣ ତଥା ମଧୁବାବୁ ପେନସନ୍ ହିତାଧିକାରୀମାନଙ୍କୁ ସୂଚିତ କରାଯାଉଅଛି ଯେ, ଚଳିତ ୨୦୨୫ ମସିହା ଅଗଷ୍ଟ ମାସଠାରୁ ମଧୁବାବୁ ପେନସନ୍ ଯୋଜନାରେ ଅନ୍ତର୍ଭୁକ୍ତ ସମସ୍ତ ବର୍ଦ୍ଧିତ ୩୫୦୦ ଟଙ୍କା ହିତାଧିକାରୀମାନଙ୍କର ଭତ୍ତା ବଣ୍ଟନ ସମୟରେ ମୋବାଇଲ application ଜରିଆରେ ଫଟୋ ଉତ୍ତୋଳନ କରାଯାଉଅଛି। ଏହି application ସମସ୍ତ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ (Executive Officer) ଙ୍କ ମୋବାଇଲରେ ଉପଲବ୍ଧ ଅଛି।
ମାତ୍ର, ଏହା ପରିଲକ୍ଷିତ ହେଉଅଛି ଯେ, କିଛି ହିତାଧିକାରୀମାନେ କ୍ରମାଗତ ଭାବେ ଫଟୋ ଉତ୍ତୋଳନ ନିମନ୍ତେ ସହଯୋଗ ନ କରିବା କାରଣରୁ ସେମାନଙ୍କର ଫଟୋ ଉତ୍ତୋଳନ କରାଯାଇପାରୁ ନାହିଁ। ଏଣୁ ସମସ୍ତ ୩୫୦୦ ଟଙ୍କା ଭତ୍ତା ହିତାଧିକାରୀମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଯେଉଁମାନେ ଏ ପର୍ଯ୍ୟନ୍ତ ନିଜର ଫଟୋ ଉତ୍ତୋଳନ କରାଇ ନାହାନ୍ତି, ସେମାନଙ୍କୁ ଆସନ୍ତା ଡିସେମ୍ବର ମାସରେ ନିଜର ଫଟୋ ଉତ୍ତୋଳନ ନିଶ୍ଚିତ ରୂପରେ କରାଇବାକୁ ହେବ। ଯେଉଁ ବର୍ଦ୍ଧିତ ୩୫୦୦ ଟଙ୍କା ଭତ୍ତା ହିତାଧିକାରୀମାନେ କୌଣସି କାରଣରୁ ଉକ୍ତ ମାସରେ ଭତ୍ତା ଗ୍ରହଣ କରୁଅଛନ୍ତି, ସେମାନଙ୍କୁ ମଧ୍ୟ ନିଜ ଫଟୋ ଉତ୍ତୋଳନ ଉକ୍ତ ଡିସେମ୍ବର ମାସରେ କରାଇବା ନିମନ୍ତେ ଅନୁରୋଧ କରାଯାଉଅଛି।
ବିଶେଷ ଏତଦ୍ଦ୍ୱାରା ଘୋଷଣା କରାଯାଉଅଛି ଯେ, ଯେଉଁମାନେ ନିଜର ଫଟୋ ଉତ୍ତୋଳନ କରାଇ ନାହାଁନ୍ତି ଏବଂ ଆସନ୍ତା ମାସ ମଧ୍ୟରେ ଫଟୋ ଉତ୍ତୋଳନ ନିମନ୍ତେ ସହଯୋଗ କରିବେ ନାହିଁ, ସେମାନଙ୍କ ନାମ ହିତାଧିକାରୀ ତାଲିକାରୁ ବାଦ୍ କରାଯିବ ଏବଂ ଜାନୁଆରୀ ୨୦୨୬ ମସିହା ଠାରୁ ସେମାନଙ୍କୁ ସରକାରଙ୍କ ତରଫରୁ ମାସିକ ୩୫୦୦ ଟଙ୍କା ଭତ୍ତା ରାଶି ଯୋଗାଇ ଦିଆଯିବ ନାହିଁ।
OIPR-46001/11/0076/2526 Sd./- ନିର୍ଦ୍ଦେଶିକା

**[GOVERNMENT OF ODISHA]**
**BLOCK DEVELOPMENT OFFICER PANCHAYAT SAMITI, NUAGAON**
E-mail : ori-snuagaon@nic.in
INVITATIONS FOR BIDS (I.F.B.)
e-Procurement Notice
IDENTIFICATION NO. SNG 01/2025-26
No.2845/PSNuagaon Dt.03.12.2025
e-Tender Notice Bid Identification No. PSNuagaon-01/2025-26
No.i-414 : The BDO, Nuagaon Panchayat Samiti on behalf of Governor of Odisha invites Percentage Rate bids in online mode for Construction of the work as detailed below.

| | | |
|---|---|---|
| 1. | Number of works | 1 (One) |
| 2. | Nature of work | Civil Construction work |
| 3. | Class of Contractor | C & D |
| 4. | Period of completion | 6 (Six) Calendar Months |
| 5. | Estimated cost | Rs.1682095/- lakh |
| 6. | Date & time of online availability of details of this notice and the Tender Documents | 06.12.2025, 11.00 A.M. to 18.12.2025 upto 5.00 P.M. in the Site www. tendersorissa.gov.in and in the office of the BDO, Nuagaon Panchayat Samiti (on working days) |
| 7. | Last date of receipt of online Bid | 18.12.2025 upto 5.00 P.M. |
| 8. | Mode of submission of Tender documents | The documents should be uploaded through online |
| 9. | The date of opening of Bids received on-line | 19.12.2025 at 11.00 A.M. in the office of the BDO, Nuagaon Panchayat Samiti |
| 10. | Designation and address of the authority inviting Bids | BDO, Nuagaon Panchayat Samiti |

The bidders have to participate through online bidding only.
Sd./- Block development Officer
OIPR-19358/11/0010/2526 Nuagaon Panchayat Samiti

**"e" PROCUREMENT NOTICE REFERENCE NO-E.E.(A), MAYURBHANJ DIVISION, BARIPADA-04/25-26**
No.3287 Date : 06.12.2025
No.L-27 : Bid documents consisting of work, estimate cost, cost of Tender Papers, EMD/BID Security Declaration, Time of Completion, Class of Contractors and the set of term and conditions of contract and other necessary documents can be seen/downloaded from Govt. website i.e. https://tenderodisha.gov.in.
1. No. of work : 20
2. Estimated cost : Rs.2,25,764.00 To Rs.39,52,939.00
3. Period of completion : 30 days to 90 days
4. Date & time of availability of the Bid documents in the portal : Dt.08.12.2025 at 10.30 A.M. to Dt.19.12.2025 at 5.30 P.M.
5. Online Submission Last date in portal : Dt.19.12.2025 at 5.30 P.M.
6. Last date & time receipt of bids in offline drop : Dt.09.12.2025 at 10.30 A.M. to Dt.20.12.2025 at 5.30 P.M.
7. Bids received online shall be opened on : Dt.22.12.2025 at 11.00 A.M.
8. Name and address of the officer inviting Bids : Executive Engineer (Agril.) Mayurbhanj Division, Baripada

Further details can be seen/downloaded from the procurement portal i.e. https://tenderodisha.gov.in.
Sd./- Executive Engineer (Agril.)
OIPR-01474/11/0014/2526 Mayurbhanj Division, Baripada

**Odisha State Road Transport Corporation**
Paribahan Bhawan, Sachivalaya Marg
Bhubaneswar, Odisha 751009
Email: osrtc@od.gov.in, Phone No.0674-2530908
No.14538, Date:06/12/2025
No.CAD-2620
**EXPRESSION OF INTEREST**
EXPRESSION OF INTEREST (EOI) MASTER CONCESSIONAIRE FOR REVENUE GENERATION THROUGH ADVERTISEMENTS IN VIDEO WALLS/ HOARDINGS/ OPEN SPACES IN OSRTC BUS STANDS/ DEPOTS AS WELL AS IN ATAL BUS STANDS UNDER OSRTC.
Odisha State Road Transport Corporation (OSRTC) invites Proposal from interested agencies for the above-mentioned EoI. Please refer to the EoI document for details.
- The EoI document shall be available from 08.12.2025 onwards in the following web portal: www.osrtc.org and https://tendersodisha.gov.in. **Any further intimation (i.e. Corrigendum/ Addendum/ Responses to the queries/ Clarifications) shall be uploaded in the above website only.**
- Applicants are required to submit a duly filled EoI Proposal as per the prescribed formats online on or before 29.12.2025 by 05.00 P.M. The EoI Proposals received shall be opened at 04.30 PM on 30.12.2025.
- In case of any queries/ clarifications, E-mail at osrtc@od.gov.in
- OSRTC reserves the right to accept or reject bid process without assigning any reasons thereof.

Sd./- General Manager (Admin)
OIPR-38002/11/0035/2526 OSRTC, Bhubaneswar

**GOVERNMENT OF ODISHA** No.B-808
**OFFICE OF THE SUPERINTENDING ENGINEER, SAMBALPUR (R&B) DIVISION NO. II, SAMBALPUR**
E-mail - eesbprnbdivision2@gmail.com, Phone : 0663-2410104
BID IDENTIFICATION No. SE / R and B / SBP II / 06 (online) / 2025-26
No. 5321 /Dated. 04.12.2025
E-procurement notice

| | | |
|---|---|---|
| 1 | The **Superintending Engineer, Sambalpur (R&B) Division No.II, Sambalpur** on behalf of Governor of Odisha, invites Percentage Rate bids in **Double/Single cover System** in ONLINE MODE. | |
| 2 | No. of works | **3 nos works** **Road works - 2 nos.** **Building work - 1 no.** |
| 3 | Tender Cost | Rs.10,000/- & Rs. 6,000/- Each paper |
| 4 | Class of Contractor | **'C', & 'B' Class Contractor** |
| 5 | Availability of bid document in the website | **11:00 Hours 09.12.2025 to 17:00 Hours of 20.12.2025** |
| 6 | Date of Opening of Tenders | **11:30 Hours** on dated **22.12.2025** |
| 7 | The Bidders have to participate in ONLINE bidding only. Further details can be seen from the Website **www.tendersodisha.gov.in** only. Any Corrigendum / Addendum / Cancellation of tender will be displayed in the website said only. | |

Sd./- Superintending Engineer
OIPR-34136/11/0021/2526 Sambalpur (R&B) Division No.II

ଓଡ଼ିଶା ଗ୍ରାମ୍ୟ ଉନ୍ନୟନ ଓ ବିପଣନ ସମିତି
ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ, ଓଡ଼ିଶା ସରକାର
ORMAS BHUBANESWAR
**Odisha Rural Development & Marketing Society**
*creating competence and values in rural Odisha*
Panchayati Raj and DW Department, Government of Odisha
No.3679 Date : 06.12.2025
File No. :
Request For Proposal (RFP)
**Selection of agency for Tentage and Allied Works for Sisir Saras-2026 in Bhubaneswar, Odisha**
**No.CAD-2627** : ORMAS under the Panchayati Raj & Drinking Water Department, Government of Odisha (The Client) invites sealed proposals (under two bid systems) from the eligible bidders through e-tender process for "Selection of agency for Tentage and Allied Works for Sisir Saras-2026 in Bhubaneswar, Odisha". Bidders fulfilling the prescribed eligibility criteria of the RFP can access and download the complete RFP Document and other details from www.ormas.org/panchayat.odisha.gov.in/www.tendersodisha.gov.in
The major events under the bid process are :

| Sr. No. | List of Key Events | Critical Dates |
|---|---|---|
| 1 | Date of Issue of RFP | 06.12.2025 |
| 2 | Date of Pre-proposal Meeting | 16.12.2025 (at 11:30 A.M.) |
| 3 | Last Date for Submission of Proposal | 26.12.2025 (by 10:00 A.M.) |
| 4 | Date of Opening of Technical Bid & Technical presentation | 26.12.2025 (at 10:30 A.M.) |
| 5 | Date of Opening of financial proposal | 26.12.2025 at 04:30 P.M. |
| 6 | Method of Selection | Quality cum Cost Based Selection (QCBS) |

The bidders must apply their proposal through e-tender process latest by 26.12.2025 at 10:00 A.M. clearly mentioning "Request For Proposal - Selection of agency for Tentage and Allied Works for Sisir Saras-2026 in Bhubaneswar, Odisha". The proposals received beyond the last date and time will be rejected without assigning any reason. The authority reserves all the rights to reject any/all proposals at any stage without assigning any reason thereof.
By order of CEO, ORMAS
OIPR-19004/11/0033/2526 Sd./- Additional CEO (Finance), ORMAS

**ZILLA SWASTHYA SAMITI, JHARSUGUDA**
Office of the CDM&PHO-cum-Dist. Mission Director
Jharsuguda, Odisha-768204
No.3865/NHM/IEC/25 Dt:06.12.25
**TENDER CALL NOTICE**
No.E-578: Sealed tenders are invited from reputed registered firms/agencies/ dealers having adequate experience in taking up the works of printing of forms, Booklets, Poster, Calendar, Leaflets, Banner, Sun Board with vinyl print, Standee, Flex Printing for hoarding & fixing IEC Materials, forms etc. of ZSS, Jharsuguda. The willing Agencies/ firms are requested to submit sealed tenders on or before 29.12.2025 till 5.00 PM through Speed Post/ Registered Post/ Courier only. The detailed Tender document and terms conditions is available in the district website www.jharsuguda.odisha.gov.in. This office will not entertain any tender after the due date/time fixed for in any circumstances. The undersigned reserves the right to reject any or whole RFP without assigning any reason thereof.
Sd./- CDM&PHO cum District
OIPR-10037/11/0023/2526 Mission Director, NHM, Jharsuguda

**GOVERNMENT OF ODISHA**
**OFFICE OF THE ADDITIONAL CHIEF ENGINEER UPPER INDRAVATI DAM CIRCLE**
AT/PO-KHATIGUDA, DIST-NABARANGPUR, PIN-764085
No.A-1084: Email I.D.: add.ceuidc@gmail.com
e-Procurement Notice
Bid Identification No.ACEUIDC-01(04)/2025-26, Dated:- 06.12.2025
Bid documents consisting of work, Estimated Cost of bid document, time of completion, Class of Contractors and the set of terms and conditions of contract and other necessary documents can be seen in Govt. website i.e. www.tendersodisha.gov.in.

| | | |
|---|---|---|
| 1. | Name of the Work | Road Works |
| 2. | No. of Works | Four Numbers |
| 3. | Estimated Cost | Rs.2.37 Crore to Rs.2.38 Crore (Four number of works) |
| 4. | Class of Contractor | 'B' & 'A' |
| 5. | Period of Completion | Two Calendar Months (Four number of works) |
| 6. | Date of Clarification | 11.12.2025 to 17.12.2025 only During Office Hour |
| 7. | Time for Receipt of Bid in the Portal | From 11.12.2025 11.00 AM to 25.12.2025 (upto 5.00 PM) |
| 8. | Date & Place of Opening of the Technical Bid online | 26.12.2025 (11.30 AM) O/o. Additional Chief Engineer, Upper Indravati Dam Circle, Khatiguda, Nabarangpur, Odisha |
| 9. | Name of the Tender Inviting Authority (TIA) | Additional Chief Engineer, Upper Indravati Dam Circle, Khatiguda |

Further details can be seen from the e-procurement portal http://tendersodisha.gov.in.
Sd./- Additional Chief Engineer
OIPR-32075/11/0002/2526 Upper Indravati Dam Circle, Khatiguda

**GOVERNMENT OF ODISHA**
**OFFICE OF THE DEPUTY DIRECTOR, GEOLOGY GROUND WATER DEVELOPMENT DIVISION, BOLANGIR**
Jyotinagar, Laitikra, P.O.:Rajendra College, Dist-Bolangir, PIN-767002
e-mail: srgeologistbolangir@gmail.com
No.A-1067: Letter No.992, Date: 04.12.2025
National Competitive Bidding Through e-Procurement
Identification No.03/GWDBLGR/CHHATA/ARUA 2025-26 of 2025-26, Dt.08.12.25
e-Procurement Notice
01. Name of the Work : 05 Nos. Work
02. Type of Bid : Single System
03. Estimated Cost : Rs.07.77 Lakh to 18.21 Lakhs
04. Period of Completion : 01 Calendar Month
05. Date & Time of availability of bid document in the Portal : From 11.00 AM of dt.08.12.2025 to 5.00 P.M. of 18.12.2025
06. Last date/time of receipt of bids in the Portal : 5.00 P.M. of 18.12.2025
07. Date & Time of opening of technical Bids : At 11.30 AM of 19.12.2025
08. Name and address of the Officer Inviting Bid : Deputy Director, Geology Ground Water Development Division, Jyotinagar, Laitikra, P.O.-Rajendra College 767002, Bolangir, Dist-Bolangir

Further details can be seen from the website www.tendersodisha.gov.in.
Sd./- Deputy Director, Geology
OIPR-32471/11/0009/2526 G.W.D. Division, Bolangir

**DIRECTORATE OF MINOR MINERALS**
**STEEL AND MINES DEPARTMENT, GOVT. OF ODISHA**
**LOKSEVA BHAWAN, BHUBANESWAR-751001**
Tel No.0674-2532113, E-mail : dirmms-rev@od.gov.in
No.DOMM-DMM-ESTT-0012-2023 3160 Date : 08.12.2025
TENDER NOTICE FOR PROVIDING OFFICE ASSISTANT SERVICE & PEON/ ATTENDANT/OFFICE SUPPORT STAFF SERVICE IN DIRECTORATE OF MINOR MINERALS, ODISHA, BHUBANESWAR THROUGH OUTSOURCING
**No.G-44** : Bids in sealed cover are invited under two-bid system from reputed and experienced manpower service provider for **providing Office Assistant service and Peon/Attendant/Office support staff in the Directorate of Minor Minerals, Odisha, Bhubaneswar-751001 on outsourcing basis**.
The details of the bidding process are as follows :

| SL. NO. | BIDDING SCHEDULE | DATELINE |
|---|---|---|
| 1 | Date of commencement of Sale of Tender Paper | 09.12.2025 |
| 2 | Last date of Issue of Tender Paper | 23.12.2025 |
| 3 | Cost of Tender document / Bid processing fee | Rs.1180/- (including GST) |
| 4 | Last date of Receipt of Tender paper (Only through Regd. Post/Speed Post) | 23.12.2025, 5.00 P.M. |
| 5 | Date of Opening of the Tender i. Technical bid ii. Financial bid of eligible bidders | 24.12.2025, 11.45 A.M. 29.12.2025, 11.45 A.M. |
| 6 | Place of opening tender paper | Directorate of Minor Minerals, Block No.06, Ground Floor, Lokseva Bhawan, Odisha, Bhubaneswar-751001 |
| 7 | Address to receipt of Bid documents | Directorate of Minor Minerals, Block No.06, Ground Floor, Lokseva Bhawan, Odisha, Bhubaneswar-751001 |

Bidders are required to submit the Technical and Financial Bids separately. The bids in sealed **Cover-I** containing **"Technical Bid"** and sealed **Cover-II** containing **"Financial Bid"** should be placed in a third sealed cover superscribed **"BID FOR PROVIDING OFFICE ASSISTANT SERVICE & PEON/ATTENDANT/OFFICE SUPPORT STAFF SERVICE IN DIRECTORATE OF MINOR MINERALS, ODISHA, BHUBANESWAR THROUGH OUTSOURCING"** must reach the undersigned on or before **dt.23.12.2025 by 5.00 P.M. by Speed Post/Registered Post only**. Manually submitted (in-person/hand-delivered) bid documents shall be rejected. In case the closing date for sale of tender paper or/and last date for receipt of tender document happens to be a holiday, the activity will be held on the immediate next working day at the same time and place.
The bid documents containing eligibility criteria, scope of the work, terms and conditions of the tender and draft agreement can be downloaded from www.odishaminerals.gov.in
Complete address for submission of bid :
**The Director of Minor Minerals, Block No.06, Ground Floor, Lokseva Bhawan, Odisha, Bhubaneswar-751001**
Sd./- DIRECTOR OF MINOR MINERALS
OIPR-30001/11/0018/2526 ODISHA, BHUBANESWAR

**OFFICE OF THE DIVISIONAL FOREST OFFICER PURI (WL) DIVISION**
Phone No.06752-228281 (Office) Email:dfo.puriwl@odisha.gov.in
Notice No: 02/2025-26 Dated 06.12.2025
**EOI (EXPRESSION OF INTEREST) FOR PREPARATION OF DETAILED PROJECT REPORT(DPR) FOR THE DEVELOPMENT OF PROPOSED BLUE FLAG BEACHES AT PIR JAHANIA (ASTARANG), BELESWAR BEACH AND TOURIST BEACH AT PHULPATNA BEACH, PURI, ODISHA**
**No.MM-353:**The Divisional Forest Officer, Puri Wildlife Division invites Expression of Interest (EOI) for preparation of **Detailed Project Report (DPR)** for development of proposed Blue Flag Beaches at Pir Jahania (Astarang), Beleswar Beach and a Tourist Beach at Phulpatna, Puri, Odisha. Agencies/individuals interested in applying may submit their duly filled application with complete information as required as per the EOI document. The last date for submission of bids is **15.12.2025 up to 5.30 PM.** The parties will present their detailed plan of execution before a committee on **16th December,2025** at 11.00 AM in the conference hall of the undersigned. For detailed notice and for participation, please visit the websites **www.puri.odisha.gov.in** & **www.odishaforest.in**. All queries may be emailed to **dfo.puriwl@odisha.gov.in** .
**NB: Cost of Application Form =Rs.500/- (in form of Demand Draft)**
Sd./- Divisional Forest Officer
OIPR-08140/11/0023/2526 Puri (WL) Division, Puri

**ODISHA STATE SEEDS CORPORATION LTD**
(A GOVERNMENT UNDERTAKING)
SANTARAPUR, BHUBANESWAR - 751002.
Tel- MD 0674-2340573, Email- mdosscltd456@gmail.com
**TENDERS No. - OSSC/ENGG - 137/2025**
**No.CAD-2617** : Managing Director, Odisha State Seeds Corporation Ltd. invites Item Wise Rate Tender in **Double Cover System** through **ONLINE MODE ONLY** for the works below.

| | | |
|---|---|---|
| 1 | Nature of Work | Supply of Producer Labels for the year 2025-26 |
| 2 | No. of Work | 1 job - 63,00,000 Nos. of Producer label to be purchased |
| 3 | Bid Cost | Rs.6,720/- |
| 4 | Value of Tender | Rs.39,00,000.00 (Approx without GST) |
| 5 | EMD | Rs.78,000.00 |
| 6 | Class of Contractor | Manufacturer / Supplier |
| 7 | Availability of Bid Document | 11.00 hours on dt.09.12.2025 to 17.00 hours on dt.18.12.2025 |
| 8 | Last Date of receipt of tender in the Portal | 17.00 hours on dt.18.12.2025 |
| 9 | Last date of Receipt of Sample only through Speed Post/Regd. Post | 17.00 hours on dt.18.12.2025 |
| 10 | Date / Time of Opening of Bid | 11.30 hours on dt.19.12.2025 |

Further details can be seen from the website https://tendersodisha.gov.in. Any addendum/corrigendum/cancellation can also be seen in the said website.
Sd./- Managing Director
OIPR-01045/11/0117/2526 OSSC Ltd., BBSR

**OFFICE OF THE CHIEF EXECUTIVE, RPRC, BHUBANESWAR**
(e-mail id: rprcbbsr@gmail.com), Tel.: (0674)- 2557925
No.T/40/1985/RPRC, Date:06.12.2025
REQUEST FOR PROPOSAL
Bid Identification No.RPRC/42/2025-26
No.MM-348: The Chief Executive, RPRC, Bhubaneswar on behalf of Forest, Environment & Climate Change Department, Govt. of Odisha invites RFP for "Design, Development, Supply, Installation and Commissioning of Musical Water Fountain in RPRC, Bhubaneswar" from eligible bidders through e-tendering process though two bid system. The bidders fulfilling the eligibility criteria of the RFP document can access and download the complete RFP and other details from RPRC website www.rprcbbsr.in/ e-portal https://rprc.ewizard.in. The bid calendar under the end-to-end process are.

| EMD in Rs. | Cost of Bid Document in Rs. | Availability of RFP document (online) | | Date of Opening of (Technical Bid) |
|---|---|---|---|---|
| | | From | To | |
| 35,000/- (Online) | 6,000.00 (Online) | 07.12.2025/ 10.00 AM | 22.12.2025/ 10.00 AM | 22.12.2025/ 11.30 AM |

Addendum/Corrigendum/Cancellation, if any, will be published in RPRC website and e-portal. Bidder needs to register on the portal after successful Registration and send a mail to eprochelpdesk.101@gmail.com with details (For new bidders). For any other queries regarding registration & online tender submission contact to: Mr. Shivendra Kumar, Mobile-9355030613 and Jitesh Kumar, Mobile-9355030604, e-mail: eprochelpdesk.101@gmai.com
OIPR-08004/11/0049/2526 Sd./-Chief Executive, RPRC, Bhubaneswar

**ODISHA TOURISM DEVELOPMENT CORPORATION LIMITED**
(A GOVT. OF ODISHA UNDERTAKING)
PANTHANIVAS (OLD BLOCK): LEWIS ROAD: BHUBANESWAR-14
Letter No. INVITATIONS FOR BIDS (IFB) Date:06.12.2025
No.CAD-2635: NOTICE INVITATION FOR BIDS (NIFB)
E-Procurement Notice No.BP-I/20/2025-26 dt.03.10.2025
1.Nature of Work: Civil, P.H., Interior, Electrical Works & Architech Consultant. 2. Total No. of Works: 07 Nos., 3. Value of Works: From Rs.1,88,88,000.00 to 35,00,000.00, 4. Bid Security: As per NIT., 5. Class of Contractor: As per NIT., 6. Period of Completion: 02 (Two) to 09 (Nine) Months., 7. Other details as follows:

| Procurement Officer | Bid Identification No. | Availability of Bid Online | | Date, Time & Place of Opening of Tender |
|---|---|---|---|---|
| Superintending Engineer, OTDC Ltd., Bhubaneswar | BP-I/24/2025-26 Dt.06.12.2025 | From 15.12.2025 | To 29.12.2025 | 11.30 Hours of dt.30.12.2025 in the office of the Superintending Engineer, OTDC Ltd., Bhubaneswar |

Further details can be seen from the Govt. Website www.etenderodisha.gov.in
OIPR-37002/11/0131/2526 Sd./- Superintending Engineer, O.T.D.C. Ltd., Bhubaneswar

# ଗୋଆରେ ଓଡ଼ିଆ ଦାଦନ ଶ୍ରମିକ ମୃତ

ମୋହନା,୯।୧୨(ମନ୍ମଥ ମିଶ୍ର)

ଗୋଆକୁ କାମ କରିବାକୁ ଯାଇଥିବା ଜଣେ ଯୁବକଙ୍କ ସେଠାରେ ମୃତ୍ୟୁ ହୋଇଛି। ସେ ହେଲେ ଗଜପତି ଜିଲା ମୋହନା ଥାନା ଅନ୍ତର୍ଗତ ଲିଲିଗଡ଼ ପଞ୍ଚାୟତ ଡେଙ୍ଗାଆମ୍ବ ଗ୍ରାମର ଜୟ ମଳିକ(୧୮)। ତେବେ ତାଙ୍କ ମୃତ୍ୟୁକୁ ପରିବାର ଲୋକେ ସହଜରେ ଗ୍ରହଣ କରି ନ ପାରି ହତ୍ୟା ଅଭିଯୋଗ ଆଣିଛନ୍ତି।

ଖବରରୁ ଜଣାପଡ଼ିଛି, ଡେଙ୍ଗାଆମ୍ବ ଗ୍ରାମର ଜୟ ପରିବାର ଚଳାଇବାରେ ସହଯୋଗ କରିବାକୁ ଦାଦନ ଶ୍ରମିକ ରୂପେ କାମ କରିବାକୁ ଗୋଆ ଯାଇଥିଲେ। ପୁରୁଣା ଗୋଆରେ ଥିବା ସାମ୍ଭାର ରେଷ୍ଟୁରାଣ୍ଟରେ ସେ ସପ୍ଲାଏର ଭାବେ ଦେଢ଼ ବର୍ଷ ହେଲା କାର୍ଯ୍ୟ କରୁଥିଲେ।


ଜୟ ମଳିକ।

ଶୁକ୍ରବାର ରାତିରେ ପରିବାର ଲୋକଙ୍କ ସହିତ ଜୟ କଥାବାର୍ତ୍ତା ହୋଇଥିଲେ। ତେବେ ଶନିବାର ପୂର୍ବାହ୍ନ ୧୦ଟା ବେଳେ ଜୟ ଗାଧୁଆ ଘରେ ଆତ୍ମହତ୍ୟା କରିଥିବା ରେଷ୍ଟୁରାଣ୍ଟ ମାଲିକ ପରିବାର ଲୋକଙ୍କୁ ଜଣାଇଥିଲେ। ଘଟଣା ସଂପର୍କରେ ଜୟଙ୍କ ବାପା ସନ୍ୟା ମଳିକ ଜାଣିବାକୁ ଚାହିଁବାରୁ ରେଷ୍ଟୁରାଣ୍ଟ ମାଲିକ ମୋ ସହିତ କଥା ନ ହୋଇ ପୁରୁଣା ଗୋଆ ଥାନା ପୋଲିସ ସହିତ କଥା ହେବାକୁ କହି ଫୋନ କାଟି ଦେଇଥିଲେ। ଅନ୍ୟପକ୍ଷରେ ପରିବାର ଲୋକ ପାଇଥିବା ଏକ ଫଟୋରେ ଜୟ ଗାଧୁଆ ଘରେ ବସିଥିବା ଅବସ୍ଥାରେ ତାଙ୍କ ବେକରେ ଗୋଟିଏ ବେଡଶିଟ ବନ୍ଧାଯାଇ ଥିବା ବେଳେ ଏହାର ଅନ୍ୟ ପାର୍ଶ୍ୱ ପାଣି ନଳରେ ବନ୍ଧାଯାଇଛି। ଏଥିରୁ ତାଙ୍କ ପୁଅକୁ ହତ୍ୟା କରାଯାଇ ଗାଧୁଆ ଘରେ ତାକୁ ଏପରି ବାନ୍ଧି ଏହାକୁ ଆତ୍ମହତ୍ୟା ରୂପ ଦେବାକୁ ଯୋଜନା କରାଯାଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି।

ଏନେଇ ପୁରୁଣା ଗୋଆ ଥାନାରେ ନଂ. ୬୮/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ମଙ୍ଗଳବାର ଅପରାହ୍ନରେ ଜୟଙ୍କ ମୃତଦେହ ଗାଁରେ ପହଞ୍ଚିବା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ସନ୍ୟାଙ୍କ ୩ପୁଅ ଓ ଗୋଟିଏ ଝିଅ ମଧ୍ୟରୁ ଜୟ ଥିଲେ ସାନପୁଅ। ତାଙ୍କ ମୃତ୍ୟୁରେ ପରିବାର ଲୋକେ ଭାଙ୍ଗି ପଡ଼ିଛନ୍ତି। ପରିବାରକୁ ପ୍ରଶାସନ ଆର୍ଥିକ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ନିବେଦନ କରିଛନ୍ତି। ବ୍ଲକ ପ୍ରଶାସନ ପକ୍ଷରୁ ହରିଶ୍ଚନ୍ଦ୍ର ଯୋଜନାରେ ମୃତକଙ୍କ ପରିବାରଙ୍କୁ ୩ହଜାର ଟଙ୍କା ପ୍ରଦାନ କରାଯାଇଛି। ଜିଲା ରେଡ୍‌କ୍ରସ ପକ୍ଷରୁ ସହାୟତା ପ୍ରଦାନ କରାଯିବ ବୋଲି ବିଡିଓ ରାଜୀବ ଦାସ କହିଛନ୍ତି।

## ଆନ୍ଧ୍ର ପ୍ରଦେଶରେ ଓଡ଼ିଆ ଦାଦନ ଶ୍ରମିକଙ୍କ ମୃତ୍ୟୁ ଖବର ମାସେ ପରେ ମିଳିଲା

ଦିଗପହଣ୍ଡି,୯।୧୨(ଅଶେଷ ନାଥ ମିଶ୍ର)

ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ ଅନ୍ତର୍ଗତ ବି. ତୁରୁବୁଡି ଗ୍ରାମର ବଳରାମ ଗୌଡ(୩୫) ଦାଦନ ଖଟିବାକୁ ଯାଇ ମୁମ୍ବାଇରୁ ଫେରୁଥିବା ବେଳେ ଅସୁସ୍ଥତା କାରଣରୁ ଆନ୍ଧ୍ର ପ୍ରଦେଶ ଚନ୍ଦୁର ରେଳ ଷ୍ଟେସନରେ ତାଙ୍କର ମାସେ ପୂର୍ବରୁ ମୃତ୍ୟୁ ହୋଇଥିଲା। ଗ୍ରାମର ଭଗବାନ ଗୌଡ଼ଙ୍କ ବଡ଼ପୁଅ ବଳରାମ ପରିବାର ପ୍ରତିପୋଷଣ ପାଇଁ ୧୫ ବର୍ଷ ହେଲା ମୁମ୍ବାଇ ଯାଇ ସେଠାରେ ଦାଦନ ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ। ମଝିରେ ମଝିରେ ଗାଁକୁ ଆସୁଥିଲେ। ଗତ ନଭେମ୍ବର ୭ରେ ମଧ୍ୟ ୩ ଓଡ଼ିଆ ଶ୍ରମିକଙ୍କ ସହ ବଳରାମ ବ୍ରହ୍ମପୁର ଷ୍ଟେସନକୁ ଟ୍ରେନ ଯୋଗେ ଫେରୁଥିଲେ । ୮ ତାରିଖରେ ସେ ଆନ୍ଧ୍ର ପ୍ରଦେଶର ଚନ୍ଦୁରୁ ଷ୍ଟେସନରେ ଅସୁସ୍ଥତା କାରଣରୁ ଟ୍ରେନରୁ ଓହ୍ଲାଇପଡିଥିଲେ। ସେ ଆଉ ଘରକୁ ଫେରି ନ ଥିଲେ। ପରିବାର ଲୋକେ ବଳରାମଙ୍କ ସହ ଯୋଗାଯୋଗ ପାଇଁ ବହୁ ଚେଷ୍ଟା କରିଥିଲେ ମଧ୍ୟ ତାଙ୍କ ସହ କୌଣସି ଯୋଗାଯୋଗ ହୋଇପାରି ନ ଥିଲା । ବଳରାମଙ୍କ ମୃତଦେହ ସେଠାକାର ରେଳବାଇ ପୋଲିସ ଉଦ୍ଧାର କରିଥିଲେ ମଧ୍ୟ ତାଙ୍କର ପରିଚୟ ଖୋଜିବା ପାଇଁ ଚେଷ୍ଟା ଚଳାଇଥିଲା। ମାତ୍ର ତାଙ୍କ ନିକଟରେ ଆଧାର କାର୍ଡ କିମ୍ବା ମୋବାଇଲ ଫୋନ ନ ଥିବାରୁ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ସହ ୩ ଦିନ ହସ୍ପିଟାଲରେ ରଖିଥିଲା। ତାଙ୍କ ପରିଚୟ ଜାଣିବାରେ ବିଫଳ ହେବାପରେ ଶେଷରେ ପୋଲିସ ସେଠାରେ ମୃତଦେହକୁ ପୋତି ଦେଇଥିଲା। ପରିବାର



ଲୋକେ ବ୍ୟସ୍ତ ହୋଇ ଶେଷରେ ବଳରାମଙ୍କ ସହ ଟ୍ରେନ ଯୋଗେ ଆସିଥିବା ଗଞ୍ଜାମ ଜିଲା ଜରଡ଼ା ଥାନା ଖାରିଆଗୁଡା ଅଞ୍ଚଳର ଜଣେ ଯୁବକଙ୍କ ସହ ଯୋଗାଯୋଗ କରିବାରୁ ସେ ସବୁ ଘଟଣା ପରିବାର ଲୋକଙ୍କୁ କହିଥିଲେ । ପରେ ବଳରାମଙ୍କ ସ୍ତ୍ରୀ ଓ ଭାଇ କୃଷ୍ଣ ଆନ୍ଧ୍ର ପ୍ରଦେଶର ଚନ୍ଦୁରୁ ଷ୍ଟେସନରେ ପହଞ୍ଚି ସେଠାକାର ରେଳବାଇ ପୋଲିସକୁ ବଳରାମଙ୍କ ଫଟୋ ଦେଖାଇବା ପରେ ପୋଲିସ ତାଙ୍କ ପୋଷାକ, ବ୍ୟାଗ ଦେଖାଇବା ସହ ତାଙ୍କର ମୃତ୍ୟୁ ହୋଇଥିବା କହିଥିଲେ । ମଙ୍ଗଳବାର ସନ୍ଧ୍ୟାରେ ପରିବାର ଲୋକେ ଘରକୁ ଫେରିଥିଲେ। ସନ୍ଧ୍ୟାରେ ତାଙ୍କ ମରଶରୀର ପରିବର୍ତ୍ତେ ପରିବାର ଲୋକେ ଏକ ନଡା ବିଡାକୁ ପ୍ରତୀକାତ୍ମକ ମୃତଦେହ ଭାବେ ଗ୍ରାମ ଶ୍ମଶାନକୁ ନେଇ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରିଥିବା ଜଣାପଡିଛି। ତେବେ ତାଙ୍କ ମୃତ୍ୟୁ କିଭଳି ଘଟିଲା ସେ ନେଇ ପରିବାର ଲୋକେ ସନ୍ଦେହରେ ରହିଥିବା ବେଳେ ମୃତକଙ୍କ ପରିବାର ଲୋକଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ସରପଞ୍ଚ ଲିଙ୍ଗରାଜ ଦୋରା ସ୍ଥାନୀୟ ପ୍ରଶାସନକୁ ଅନୁରୋଧ କରିଛନ୍ତି ।

## ସଂକ୍ଷେପରେ

### ହତ୍ୟା ମାମଲା, ଅଭିଯୁକ୍ତ ନିର୍ଦ୍ଦୋଷ

ବ୍ରହ୍ମପୁର,୯।୧୨(ସୁବାସ ଚନ୍ଦ୍ର ପାଢ଼ୀ):

ଗଗଞ୍ଜାମ ଜିଲା ଦୌରା ଜଜ ଅଶାନ୍ତ କୁମାର ଦାସ ମଙ୍ଗଳବାର ଏକ ହତ୍ୟା ମାମଲାର ଅଭିଯୁକ୍ତଙ୍କୁ ଉପଯୁକ୍ତ ପ୍ରମାଣ ଆଧାରରେ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ସେ ହେଲେ ସଦର ଥାନା ଅନ୍ତର୍ଗତ କୁମାରପୁର ଗ୍ରାମର ଦାମୋଦର ପ୍ରଧାନ(୩୨)। ଏକ ଘରୋଇ ଅଶାନ୍ତିରୁ ୨୦୨୨ ସେପ୍ଟମ୍ବର ୧୫ ସନ୍ଧ୍ୟାରେ ଦାମୋଦର ତାଙ୍କ ବାପା ରମେଶ ପ୍ରଧାନ(୬୦)ଙ୍କୁ କାଠ ଫାଳିଆରେ ଆକ୍ରମଣ କରିଥିଲେ। ଗୁରୁତର ଅବସ୍ଥାରେ ରମେଶଙ୍କୁ ଉଦ୍ଧାର କରାଯାଇ ଏମକେସିଜି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ରମେଶଙ୍କ ଝିଅ ନିର୍ମଳା ପ୍ରଧାନ ସଦର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ. ୪୫୯/୨୨ରେ ମାମଲା ରୁଜୁ କରିବା ସହ ବାପାଙ୍କୁ ହତ୍ୟା ଅଭିଯୋଗରେ ପୁଅ ଦାମୋଦରଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଥିଲା। ମାମଲାର ବିଚାର ବେଳେ ୧୩ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ଗିରଫ ପରଠାରୁ ବ୍ରହ୍ମପୁର ମଣ୍ଡଳ କାରାଗାରରେ ଥିବା ଦାମୋଦରଙ୍କୁ କୋର୍ଟରେ ହାଜର କରାଯାଇଥିଲା। ସାକ୍ଷୀ ମାନଙ୍କ ବୟାନ ଆଧାରରେ ଜଜ ରାୟ ପ୍ରକାଶ କରିଛନ୍ତି। ମୁଦାଲାଙ୍କ ପକ୍ଷରୁ ଆଇନଜୀବୀ ସହଦେବ ଗୌଡ଼ ଓ ବିନୋଦ ଚନ୍ଦ୍ର ମହାନ୍ତ୍ଙ୍କୁଡ ମକଦ୍ଦମା ପରିଚାଳନା କରିଥିଲେ।

### ନବବଧୂଙ୍କ ଆତ୍ମହତ୍ୟା

ଛତ୍ରପୁର,୯।୧୨(ଦିଲୀପ ସାମଲ):

ଚମାଖଣ୍ଡି ଥାନା ଅନ୍ତର୍ଗତ ନାଉଳି ଗ୍ରାମର ମୋହନ ସେଠୀଙ୍କ ସ୍ତ୍ରୀ ତୁଳସୀ ସେଠୀ (୨୦) ଘରେ କେହି ନଥିବା ବେଳେ ବେକରେ ଚୁନରୀ ଲଗାଇ ଆତ୍ମହତ୍ୟା କରିଥିବା ଜଣାପଡିଛି। ଏହି ଖବର ପାଇ ଚମାଖଣ୍ଡି ଥାନା ଏସଆଇ ଲକ୍ଷ୍ମୀପ୍ରିୟା ମଲିକ ଓ ବିଟହାଉସ ଅଧିକାରୀ ପରମେଶ୍ୱର ମଲିକ ଘଟଣାସ୍ଥଳରେ ପହଞ୍ଚି ତୁଳସୀଙ୍କ ମୃତଦେହକୁ ଜବତ କରିବା ସହିତ ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ ମେଡିକାଲକୁ ପଠାଇଛନ୍ତି। ଘଟଣାର ତଦନ୍ତ ଚାଲିଛି ବୋଲି ତଦନ୍ତ ଅଧିକାରୀ ଲକ୍ଷ୍ମୀପ୍ରିୟା ମଲିକ ସୂଚନା ଦେଇଛନ୍ତି। ଏ ନେଇ ଚମାଖଣ୍ଡି ଥାନାରେ ନଂ ୧୨/୨୦୨୫ରେ ମାମଲା ରୁଜୁ ହୋଇଛି । ସୂଚନା ଯୋଗ୍ୟ ଖଲିକୋଟ ଅଞ୍ଚଳର ତୁଳସୀ ଗତ ୬ ମାସ ତଳେ ନାଉଳି ଗ୍ରାମର ମୋହନଙ୍କୁ ପ୍ରେମ ବିବାହ କରିଥିଲେ।

### ଗାଡ଼ି ଧକ୍କାରେ ବୃଦ୍ଧ ମୃତ

ହିଞ୍ଜିଳିକାଟୁ,୯।୧୨( ଦ୍ୱିତୀକୃଷ୍ଣ ପଣ୍ଡା):

ହିଞ୍ଜିଳି ଥାନା ସାରୁ ନିକଟରେ ଥିବା ଏକ ପେଟ୍ରୋଲ ପମ୍ପ ନିକଟରେ ମଙ୍ଗଳବାର ସଂଧ୍ୟାରେ ଏକ ଅଜଣା ଗାଡ଼ି ଧକ୍କାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ପରିଚୟ ମିଳିନାହିଁ । ବୃଦ୍ଧ ଜଣଙ୍କ ଚାଲି ଚାଲି ଯାଉଥିଲେ ବୋଲି ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ଅନ୍ୟ ପକ୍ଷରେ ଯେଉଁ ଗାଡ଼ିଟି ଧକ୍କା ଦେଇଛି ସେହି ଗାଡିର ଡ୍ରାଇଭର ମଧ ଘଟଣାସ୍ଥଳରୁ ଚମ୍ପଟ ମାରିଛନ୍ତି। ଆମ୍ବୁଲାନ୍ସରେ ଘଟଣାସ୍ଥଳରୁ ବୃଦ୍ଧଙ୍କୁ ଉଦ୍ଧାର କରି ହିଞ୍ଜିଳିକାଟୁ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହକୁ ଜବତ କରି ତଦନ୍ତ ଚଳାଇଛି ।

# ବିଭିନ୍ନ ବିଭାଗର ସମୀକ୍ଷା କଲେ ଜିଲାପାଳ

ଛତ୍ରପୁର,୯।୧୨(ଦିଲୀପ ସାମଲ) :

ଛତ୍ରପୁରସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ହରଘର ଜଲ ଯୋଜନା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଗ୍ରାମୀଣ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ସହରାଞ୍ଚଳ, ମିଶନ ଇନ୍ଦ୍ରଧନୁଷ, ପୋଷଣ ୨.୦, ପିଏମ-ସୂର୍ଯ୍ୟଘର, ପିଏମ ବିଶ୍ୱକର୍ମା, ପିଏମ ମାତୃ ବନ୍ଦନା, କିଷାନ କ୍ରେଡିଟ କାର୍ଡ, ସ୍ୱାସ୍ଥ୍ୟ କାର୍ଡ ଆଦି ନେଇ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲାପାଳ ଭି.କୀର୍ତ୍ତି ଭାସନ ଅଧ୍ୟକ୍ଷତା କରି ଯୋଜନାଗୁଡିକରେ ଲୋକମାନେ କିପରି ଉପକୃତ ହେବେ ସେନେଇ ଗୁରୁତ୍ୱ ଦେଇଥିଲେ । ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା, ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାରେ ପ୍ରର୍ଯ୍ୟାୟକ୍ରମେ ୨୦ ଲକ୍ଷ ୯୬ ହଜାର ୭୪୪ଟି ସ୍ୱାସ୍ଥ୍ୟ କାର୍ଡ ଆସିଥିବା ବେଳେ ୧୩ ଲକ୍ଷ ୬୮ ହଜାର ୪୩୦୩ଟି କାର୍ଡ ଗତ ୮ତାରିଖ ସୁଦ୍ଧା ବଣ୍ଟନ ହୋଇଥିବା ସୂଚନା ମିଳିଛି। ବହୁ ସ୍ଥାନରେ ଇ-କେୱାଇସି କରାନଯାଇ ହିତାଧିକାରୀଙ୍କୁ ବଣ୍ଟନ ହୋଇଥିବାରୁ ଜିଲାପାଳ ବିରକ୍ତି ପ୍ରକାଶ କରିଥିଲେ। ଯେଉଁମାନେ ଏଭଳି ବାଣ୍ଟିବାକୁ କହିଛନ୍ତି ସେମାନଙ୍କ ବିରୋଧରେ କାରଣ ଦର୍ଶାଅ ନୋଟିସ ଜାରି କରାଯିବ। ଅନ୍ୟପକ୍ଷରେ ଯେଉଁମାନଙ୍କୁ କାର୍ଡ ପ୍ରଦାନ କରାଯାଇଛି ଘର ଘର ବୁଲି ଇ.କେୱାସି କରିବାକୁ କୁହାଯାଇଛି । ଆସନ୍ତା ୧୭ରେ ପୁଣି ବୈଠକ କରାଯିବ । ମିଶନ ଇନ୍ଦ୍ରଧନୁଷରେ ଟୀକାକରଣ ଯେପରି ଶତପ୍ରତି ହେବ ସେଥିପ୍ରତି ଜିଲାପାଳ ଗୁରୁତ୍ୱ ଦେଇଥିଲେ। ଆସନ୍ତା ସେପ୍ଟେମ୍ବର ୨୦୨୬ରେ ହର ଘର ଜଲ ଯୋଜନାରେ ୯୦ ପ୍ରତିଶତ ଘରେ ଯେପରି ପିଇବା ପାଣି ମିଳିବ ସେନେଇ ଏବେଠାରୁ ପ୍ଲାନ ପ୍ରସ୍ତୁତ କରିବାକୁ ବିଭାଗୀୟ ଅଧିକାରୀଙ୍କୁ କୁହାଯାଇଛି । ପ୍ରତିମାସରେ ଏହିପରି ସମୀକ୍ଷା ବୈଠକ କରାଯିବ, ସମସ୍ତଙ୍କ କାର୍ଯ୍ୟଦକ୍ଷତା ପରଖାଯିବ, ଲୋକଙ୍କୁ ଯେପରି ଉତ୍ତମସେବା ଯୋଗାଯିବ ସେଉପରେ ଅଧିକ ଗୁରୁତ୍ୱ ଦିଆଯାଇଛି। ବୈଠକରେ ଅତିରିକ୍ତ ଜିଲାପାଳ ସୁନିଲ କୁମାର କେର୍କେଟାଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ କୁଇଜ୍



ଅତିଥିମାନେ କାର୍ଯ୍ୟକ୍ରମ ଶୁଭାରମ୍ଭ କରୁଛନ୍ତି।

କବିସୂର୍ଯ୍ୟନଗର,୯।୧୨(କୃପାସିନ୍ଧୁ ସ୍ୱାଇଁ):

ସ୍ଥାନୀୟ ଚନ୍ଦ୍ରଶେଖର ହାଇସ୍କୁଲ ଠାରେ ମଙ୍ଗଳବାର ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଇଓ ଅଭିମନ୍ୟୁ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ସିମାଞ୍ଚଳ ପାଣି, ମୁଖ୍ୟବକ୍ତା ଏବିଇଓ ମାଧବ ଚନ୍ଦ୍ର ମାଝୀ, ସମ୍ମାନିତ ଅତିଥି ଭାବେ ବିଆରସିସି ରବିନାରାୟଣ ବେହେରା, ଦିବାକର ଶତପଥୀ, ମିହିର କୁମାର ଶତପଥୀ, ମଧୁସୂଦନ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ୩ଟି ବିଭାଗରେ ମୋଟ ୧୫୪ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । ସମସ୍ତ ପ୍ରତିଯୋଗୀଙ୍କୁ ମାନପତ୍ର ସହ ସଫଳ ପ୍ରତିଯୋଗୀଙ୍କୁ ଟ୍ରଫି ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ସିଆରସିସି ରବୀନ୍ଦ୍ର ବିଶ୍ୱାଳ, ମିହିର କାନ୍ତ ସାହୁ, ପ୍ରଭାକର ଜେନା, ରାଜୀବ ଲୋଚନ ସାହୁ, ଶ୍ରୀହର୍ଷ ପରିଡା, ଅରୁଣ କୁମାର ଚୌଧୁରୀ, ଉଜ୍ଜଳ ପାଢ଼ୀ ପ୍ରମୁଖ ସିଆରସିସି ସଂଯୋଜନା କରିଥିଲେ।

## ଜି.ଉଦୟଗିରିରେ ଶୀତ ଲହରି ଜାରି

ଜି.ଉଦୟଗିରି, ୯।୧୨(ଶିଶିର ପଟ୍ଟନାୟକ / ଚିନ୍ମୟ କୁମାର ସେଠୀ)

ଜି.ଉଦୟଗିରି ସମେତ ସାରା ରାଜ୍ୟରେ ଜାରି ରହିଛି ଶୀତ ଲହରୀ। ଏକ ସପ୍ତାହ ହେବ ହାଡ଼ ଭଙ୍ଗା ଶୀତରେ ଥରୁଛି ଜି.ଉଦୟଗିରି। ସୋମବାର ଜି.ଉଦୟଗିରିରେ ସର୍ବନିମ୍ନ ତାପମାତ୍ରା ୪.୩ଡିଗ୍ରୀ ସେଲସିୟସ ରହିଥିଲା ବେଳେ ମଙ୍ଗଳବାର ୪.୮ ଡିଗ୍ରୀ ସେଲସିୟସ ରହିଥିବା ଜାଣିବାକୁ ମିଳିଛି। ଫୁଲବାଣୀରେ ୬.୮ ଡିଗ୍ରୀ ଓ ଦାରିଙ୍ଗବାଡ଼ିରେ ୮ ଡିଗ୍ରୀ ରହିଛି। ପ୍ରବଳ ଶୀତ ଓ ଘନ କୁହୁଡ଼ି ଯୋଗୁ ଜନଜୀବନ ପ୍ରଭାବିତ ହେଉଛି। ସକାଳ ୧୦ଟା ସୁଦ୍ଧା ଘରୁ ବାହାରିବା କଷ୍ଟକର ହେଉଛି। ସନ୍ଧ୍ୟା ହେବା କ୍ଷଣି ବଜାରରେ ଗହଳି କମି ଯାଉଛି। ଶୀତରୁ ରକ୍ଷା ପାଇବା ପାଇଁ ଲୋକେ ନିଆଁ ଜାଳି ବସୁଛନ୍ତି। ଅନ୍ୟପକ୍ଷରେ ଶୀତର ମଜା ନେବା ପାଇଁ ରାଜ୍ୟବାହାରୁ ପର୍ଯ୍ୟଟକଙ୍କ ସଂଖ୍ୟା ବଢ଼ି ଚାଲିଛି। ହିଲଟପ, କଫିବଗିଚାରେ ପ୍ରବଳ ଗହଳି ଦେଖିବାକୁ ମିଳୁଛି। ଶୀତ ମହୋତ୍ସବ ପାଇଁ ମଧ୍ୟ ଇତିମଧ୍ୟରେ ପ୍ରସ୍ତୁତି ଆରମ୍ଭ ହୋଇଛି।

## ନାବାଳିକା ବଳାତ୍କାର ମାମଲା,ଅଭିଯୁକ୍ତଙ୍କୁ ୧୦ ବର୍ଷ ଜେଲ

ଫୁଲବାଣୀ,୯।୧୨(ରାକେଶ କୁମାର ରାଉତ)

ଜଣେ ନାବାଳିକା ଅପହରଣ ଓ ବଳାତ୍କାର ମାମଲାର ବିଚାର କରି ଫୁଲବାଣୀ ପୋକ୍‌ସୋ କୋର୍ଟ ବିଚାରପତି ମନୋରଞ୍ଜନ ଦାଶ ଅଭିଯୁକ୍ତଙ୍କୁ ୧୦ ବର୍ଷ ସଶ୍ରମ କାରାଦଣ୍ଡାଦେଶ ଦେଇଛନ୍ତି । ଏଥିସହ ୨୦ ହଜାର ଜରିମାନା କରିଛନ୍ତି। ଜରିମାନା ଅନାଦେୟ ଅଧିକ ୧୦ ମାସ ଜେଲ ଭୋଗିବା ପାଇଁ ରାୟରେ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତ ଜଣଙ୍କ ହେଲେ ଖଜୁରିପଡା ଥାନା ଅଞ୍ଚଳର ସୁନୀଲ କୁମାର ନାୟକ।

ଗଞ୍ଜାମ ଜିଲାର ନାବାଳିକା ଜଣଙ୍କ ୨୦୨୦ ମାର୍ଚ୍ଚରେ କନ୍ଧମାଳ ଜିଲା ଖଜୁରୀପଡା ଥାନା ଅଞ୍ଚଳରେ ଥିବା ତାଙ୍କର ଜଣେ ସମ୍ପର୍କୀୟଙ୍କ ଘରକୁ ଆସିଥିଲେ। ଏହି ସମୟରେ ସୁନୀଲ ତାଙ୍କୁ ଅପହରଣ କରିନେଇ ବଳାତ୍କାର କରିଥିବା ଅଭିଯୋଗ ହୋଇଥିଲା। ପୀଡ଼ିତାଙ୍କ ଏତଲା ଆଧାରରେ ଖଜୁରୀପଡା ପୋଲିସ ନଂ.୨୫/୨୦ରେ ମାମଲା ରୁଜୁ କରି ସୁନୀଲଙ୍କୁ ଗିରଫ କରିଥିଲା। ଏହି ମାମଲାର ବିଚାର ବେଳେ ୧୨ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ଏହା ଆଧାରରେ ବିଚାରପତି ଦଣ୍ଡାଦେଶ ଶୁଣାଇଛନ୍ତି। ଏଥିସହ ପୀଡ଼ିତାଙ୍କୁ ୫ ଲକ୍ଷ ଟଙ୍କା କ୍ଷତିପୂରଣ ଦେବା ପାଇଁ ଜିଲା ଆଇନସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ଅସୀମ ପ୍ରହରାଜ ମାମଲା ପରିଚାଳନା କରୁଥିଲେ।

## ଗୋପାଳପୁର କଲେଜରେ ଖେଳକୁଦ ପ୍ରତିଯୋଗିତା


ମିନି ଷ୍ଟାଡିୟମ ପରିସରରେ ଉପସ୍ଥିତ ଅତିଥିମାନେ।

ବ୍ରହ୍ମପୁର,୯।୧୨(ସୁବାସ ଚନ୍ଦ୍ର ପାଢ଼ୀ):

ଗୋପାଳପୁର କଲେଜ ପକ୍ଷରୁ ମଙ୍ଗଳବାର ସ୍ଥାନୀୟ ମିନି ଷ୍ଟାଡିୟମ ପରିସରରେ ୪୪ତମ ଖେଳକୁଦ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଆୟୋଜିତ ସଭାରେ କଲେଜ ଅଧକ୍ଷ ଡ଼. ରାମ ପ୍ରସାଦ ପଣ୍ଡାଙ୍କ ଅଧ୍ୟକ୍ଷତା କରିବା ସହ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ । ମୁଖ୍ୟ ଅତିଥି ଭାବେ ଗୋପାଳପୁର ଏନଏସି ଅଧକ୍ଷ ଏ. ଜାନକୀ ରାମ, ସମ୍ମାନିତ ଅତିଥି ଭାବେ ଭାରପ୍ରାପ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ପୁରୁଷୋତ୍ତମ ବେଣିଆ,ପରିବହନ ମନ୍ତ୍ରୀଙ୍କ ପ୍ରତିନିଧି ପଞ୍ଚୁ ବେହେରା ଯୋଗଦେଇ ଏହାର ଉଦଘାଟନ କରିଥିଲେ। ଛାତ୍ରୀଛାତ୍ରମାନେ ଖେଳକୁଦ କରିବା ଦ୍ୱାରା ଶାରୀରିକ, ମାନସିକ ସୁସ୍ଥ ରହିବ ବୋଲି ଅତିଥି କହିଥିଲେ । ଅବିନାଶ ମିଶ୍ର ଓ ଯୋଗେନ୍ଦ୍ର କୁମାର ସାହୁ ଉପସ୍ଥିତ ରହି ଯୁକ୍ତ ୨, ଯୁକ୍ତ ୩ ଓ ପିଜିର ଛାତ୍ର, ଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ଖେଳକୁଦ ପ୍ରତିଯୋଗିତା କରାଇଥିଲେ । କୃତୀ ପ୍ରତିଯୋଗୀଙ୍କୁ ବାର୍ଷିକ ଉତ୍ସବରେ ପୁରସ୍କାର କରାଯିବ ବୋଲି ଅଧକ୍ଷ କହିଛନ୍ତି। ଅବସରପ୍ରାପ୍ତ ପିଇଟି ଶ୍ରୀନବାସ ସାବତ କ୍ରୀଡ଼ା ପରିଚାଳନା କରିଥିବା ବେଳେ କ୍ରୀଡ଼ା ଆବାହକ ଡ଼.ଦେବୀ ପ୍ରସାଦ ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ସମସ୍ତ ଅଧାପକ, ଅଧାପିକା, କର୍ମଚାରୀ ଉପସ୍ଥିତ ରହି ସହଯୋଗ କରିଥିଲେ।

# କୋର୍ଟରେ ସିଡି ଦାଖଲ କଲା ପୋଲିସ ,୧୯ରେ ଶୁଣାଣି

ବ୍ରହ୍ମପୁର,୯।୧୨(ସୁବାସ ଚନ୍ଦ୍ର ପାଢ଼ୀ):

**ପୀତବାସ ପଣ୍ଡା ହତ୍ୟା ମାମଲା**

ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲାରେ ଜେଲରେ ଥିବା ଅଭିଯୁକ୍ତମାନଙ୍କ ମଧ୍ୟରୁ ୫ ଜଣଙ୍କ ଜାମିନ ଆବେଦନର ଶୁଣାଣି ପାଇଁ ଗତ ୩ ତାରିଖରେ ଗଞ୍ଜାମ ଜିଲା ଓ ଦୌରାଜଜ କୋର୍ଟରେ ଧାର୍ଯ୍ୟ ହୋଇଥିଲା। ଏଥିପାଇଁ କୋର୍ଟ ୯ ତାରିଖ ସୁଦ୍ଧା ସିଡି (କେସ ଡାଏରୀ) ଦାଖଲ କରିବାକୁ ତଦନ୍ତକାରୀ ଅଧିକାରୀକୁ ନିର୍ଦ୍ଦେଶ ଦେଇଥିଲେ । ପୋଲିସ ମଙ୍ଗଳବାର ଅତିରିକ୍ତ ଜିଲା ଜଜ (ଏଡିଜେ -୩) ବିବସ୍ୱତ ଗୌତମଙ୍କ କୋର୍ଟରେ ସିଡି ଦାଖଲ କରିଛି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ଭାବେ ନିୟୋଜିତ ହୋଇଥିବା କାଳୀ ଚରଣ ମିଶ୍ର ଓ ଅଭିନାଶ ପାଢ଼ୀ କୋର୍ଟରେ ହାଜର ହୋଇଥିଲେ। ଉଭୟ ପକ୍ଷ ଓକିଲଙ୍କ ମଧ୍ୟରେ ଜବାବ ସୁଆଲ ହୋଇଥିଲା। ଆସନ୍ତା ୧୨ ତାରିଖରେ ଏହାର ପରବର୍ତ୍ତୀ ଶୁଣାଣି ପାଇଁ କୋର୍ଟ ଦିନ ଧାର୍ଯ୍ୟ କରିଛନ୍ତି।

ପୀତବାସ ହତ୍ୟା ମାମଲାରେ ଜେଲରେ ଥିବା ପୂର୍ବତନ ବିଧାୟକ ବିକ୍ରମ ପଣ୍ଡା, ପୂର୍ବତନ ମେୟର ଶିବ ଶଙ୍କର ଦାଶ, ମଦନ ଦଳେଇ, ଶୂନ୍ୟ ଚନ୍ଦ୍ର ଦାସ ଓ ଓ ସୁନୀଲ ହୋତାଙ୍କ ଜାମିନ ପାଇଁ କୋର୍ଟରେ ଆବେଦନ ହୋଇଥିଲା। ବିକ୍ରମଙ୍କୁ ଗିରଫ ସମୟରେ ପୋଲିସ ସମ୍ବିଧାନର ଧାରା ୨୧ ଓ ୨୨କୁ ଉଲଂଘନ କରିଛି । ତେଣୁ ଜାମିନ ଦେବାକୁ ମୁଦ୍ଦୁଲାଙ୍କ ଓକିଲ କୋର୍ଟକୁ ଜଣାଇଥିଲେ। ବିକ୍ରମଙ୍କ ପାଇଁ ହାଇକୋର୍ଟ ବରିଷ୍ଠ ଆଇନଜୀବୀ ମାନସ ଚାନ୍ଦ, ଦୀପକ ପଟ୍ଟନାୟକଙ୍କ ସହ ବହୁ ଆଇନଜୀବୀ ଜାମିନ ଦେବାକୁ କୋର୍ଟକୁ ଅନୁରୋଧ କରିଥିଲେ। ପୋଲିସ ଅକ୍ଟୋବର ୧୫ରୁ ୨୨ ତାରିଖ ମଧ୍ୟରେ ବିଭିନ୍ନ ଲୋକଙ୍କୁ ବୈଦ୍ୟନାଥପୁର ଥାନା, ଆମ୍ବପୁଆ ରିଜର୍ଭ ଅଫିସ ଓ ଏସ ଅଫିସକୁ ଡାକି ପଚରାଉଚରା କରିଛି। ବେଆଇନ ଭାବେ ପୋଲିସ କିଛି ଲୋକଙ୍କୁ ୨୪ ଘଣ୍ଟାରୁ ଅଧିକ ସମୟ ଅଟକ ରଖି ସେମାନଙ୍କ ସାମ୍ବିଧାନିକ ଅଧିକାରକୁ କ୍ଷୁର୍ଣ୍ଣ କରିଛି । ତେଣୁ ପୋଲିସ ଉପରୋକ୍ତ ୩ଟି ଜାଗାର ୧୫ରୁ ୨୨ ତାରିଖ ମଧ୍ୟରେ ସିସିଟିଭି ଫୁଟେଜ କୋର୍ଟରେ ଦାଖଲ କରୁ ବୋଲି ଆଇନଜୀବୀ ଦୀପକ ପଟ୍ଟନାୟକ ବ୍ରହ୍ମପୁର ଏସ୍‌ଡିଜେଏମ କୋର୍ଟରେ ପିଟିଶନ କରିଥିଲେ। କୋର୍ଟ ଏହି ପିଟିଶନକୁ ଖାରଜ କରିଥିବା ଗଞ୍ଜାମ ଜିଲା ପିପି ବିଶ୍ୱଜିତ ବରାଳ ପୂର୍ବରୁ କହିଥିଲେ। ପୂର୍ବତନ ମେୟର ଶିବ ଶଙ୍କରଙ୍କ ଗିରଫକୁ ବେଆଇନ ଦର୍ଶାଇ ତାଙ୍କ ଓକିଲ ଏସଡିଜେଏମ କୋର୍ଟରେ ପିଟିଶନ କରିଥିଲେ। ଶିବଶଙ୍କରଙ୍କୁ ଗତ ଅକ୍ଟୋବର ୨୦ ତାରିଖରେ ବଳପୂର୍ବକ ତାଙ୍କ ଘରୁ ଉଠାଇ ନେଇଥିଲା ପୋଲିସ। ୨୨ ତାରିଖରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଥିବା ପିଟିଶନରେ ଦର୍ଶାଯାଇଥିଲା। ତାହା ମଧ ଖାରଜ ହୋଇଥିଲା।

# କୁକୁର ବନ୍ଧ୍ୟାକରଣରେ ବିଳମ୍ବ, ସହରରେ ବଢୁଛି ଦୌରାତ୍ମ୍ୟ

ବ୍ରହ୍ମପୁର,୯।୧୨(ସ୍ମୃତି ରଞ୍ଜନ ମହାଲିକ)

ସହରରେ କୁକୁର ବନ୍ଧ୍ୟାକରଣ ନେଇ ବ୍ରହ୍ମପୁର ମହାନଗର ନିଗମ (ବିଇଏମ୍‌ସି) ପକ୍ଷରୁ ବାଙ୍ଗାଲୋରର ଆଶ୍ରା ସଂସ୍ଥାକୁ ଟେଣ୍ଡର ଜରିଆରେ ଦାୟିତ୍ୱ ପ୍ରଦାନ କରାଯାଇଛି। ତେବେ ସଂପୃକ୍ତ ଘରୋଇ ସଂସ୍ଥା ଟେଣ୍ଡର ପାଇବାର ୧ ମାସ ବିତିଯାଇଥିଲେ ସୁଦ୍ଧା କୁକୁର ବନ୍ଧ୍ୟାକରଣ ପ୍ରକ୍ରିୟା ଆରମ୍ଭ କରିନାହିଁ। ଫଳରେ ସହରରେ ବର୍ତ୍ତମାନ ବୁଲା କୁକୁରଙ୍କ ପ୍ରାଦୁର୍ଭାବ ବୃଦ୍ଧି ପାଇଛି। ସହରରେ କୁକୁର କାମୁଡା ମଧ ବୃଦ୍ଧି ପାଇଛି। ଗତ ୧ ସପ୍ତାହ ମଧ୍ୟରେ ସହରର ଗୋସାଣୀ ନୂଆଗାଁ ଅଞ୍ଚଳରେ ୨୫ରୁ ଉର୍ଦ୍ଧ୍ୱ ଲୋକ କୁକୁର କାମୁଡାର ଶିକାର ହୋଇଛନ୍ତି। ଏ ଦିଗରେ ନିଗମ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିବା ଅଭିଯୋଗ ହୋଇଛି। ଏନେଇ ବିଇଏମସି ଡେପୁଟି କମିଶନର ଆଶୀର୍ବାଦ ପରିଡାଙ୍କୁ ପଚାରିବାରୁ ସେ କହିଛନ୍ତି, ବନ୍ଧ୍ୟାକରଣ



ପରେ କୁକୁରଙ୍କୁ ରଖିବା ପାଇଁ କେନେଲ ନିର୍ମାଣ ଚାଲିଥିବାରୁ ଏହା ବିଳମ୍ବ ହୋଇଛି। ପୂର୍ବରୁ ଜିଲା ପ୍ରାଣୀ ଚିକିତ୍ସାଳୟ ପରିସରରେ ୨୦ଟି କେନେଲ ରହିଥିଲା। ବର୍ତ୍ତମାନ ଅଧିକା ୮୦ଟି କେନେଲ ନିର୍ମାଣ ସରିଛି। ଆଗାମୀ ୨ ଦିନ ମଧ୍ୟରେ ସଂପୃକ୍ତ ସଂସ୍ଥାକୁ ଆଲୋଚନା ପାଇଁ ଡକାଯାଇଛି। ଏହା ପରେ ବୁଲା କୁକୁରଙ୍କୁ ଟ୍ୟାଗିଂ କରାଯାଇ ବନ୍ଧ୍ୟାକରଣ ପ୍ରକ୍ରିୟା ଆରମ୍ଭ ହେବ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, ଗତ ୨୦୨୧ରେ କୁକୁର ବନ୍ଧ୍ୟାକରଣ ନେଇ ବିଇଏମ୍‌ସି ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଥିଲା। ଏହି ମର୍ମରେ ପ୍ରାଥମିକ ପର୍ଯ୍ୟାୟରେ ୨୦ଟି କୁକୁର ବନ୍ଧ୍ୟାକରଣ କରାଯାଇଥିଲା। ବନ୍ଧ୍ୟାକରଣ ପରେ ନିର୍ମିତ ହୋଇଥିବା ୨୦ଟି କେନେଲରେ କୁକୁରଙ୍କୁ ରଖାଯାଇଥିଲା। ଏଥିସହ ବନ୍ଧ୍ୟାକରଣ ଟେଣ୍ଡର ନେଇଥିବା ସଂସ୍ଥା ପକ୍ଷରୁ ଖାଦ୍ୟ ଓ ଔଷଧ ପ୍ରଦାନ କରାଯାଇଥିଲା। କୌଣସି କାରଣରୁ ୨୦ଟି କୁକୁର ବନ୍ଧ୍ୟାକରଣ ପ୍ରକ୍ରିୟା ପରେ ବନ୍ଧ୍ୟାକରଣ ସଂପୂର୍ଣ୍ଣ ରୂପେ ଠପ ହୋଇଯାଇଥିଲା। ପରେ ନିଗମ ପକ୍ଷରୁ ବନ୍ଧ୍ୟାକରଣ ନେଇ ନୂଆ ଟେଣ୍ଡର ଆହ୍ୱାନ କରାଯାଇଥିଲା। କିନ୍ତୁ ଏଥିପାଇଁ କୌଣସି ସଂସ୍ଥା ଆଗ୍ରହ ପ୍ରକାଶ କରି ନ ଥିଲେ। ଫଳରେ ଦୀର୍ଘ ୩ ବର୍ଷ ପରେ ଚଳିତ ବର୍ଷ ବିଇଏମ୍‌ସି କୁକୁର ବନ୍ଧ୍ୟାକରଣ ନେଇ ପୁଣି ଆଗ୍ରହ ପ୍ରକାଶ କରିଥିଲା। କମିଶନରଙ୍କ ତତ୍ତ୍ୱାବଧାନରେ ସେପ୍ଟେମ୍ବର ୬ରେ ସ୍ୱତନ୍ତ୍ର ବୈଠକ ପରେ ୮ରେ ଟେଣ୍ଡର ଆହ୍ୱାନ କରାଯାଇଥିଲା। ଟେଣ୍ଡର ପକାଇବାର ଶେଷ ତାରିଖ ୧୫ ତାରିଖ ଧାର୍ଯ୍ୟ କରାଯାଇଥିଲା। କୁକୁର ଧରିବାଠାରୁ ଆରମ୍ଭ କରି କୁକୁରଙ୍କୁ ସେହି ସ୍ଥାନରେ ଛାଡିବା ସମେତ ଔଷଧ, ଖାଦ୍ୟ ଓ ବନ୍ଧ୍ୟାକରଣ ପାଇଁ କୁକୁର ପିଛା ୨ ହଜାର ଟଙ୍କା ଖର୍ଚ୍ଚ ପାଇଁ ଧାର୍ଯ୍ୟ କରାଯାଇଥିଲା। ଏଥିସହ ସଂପୃକ୍ତ ସଂସ୍ଥା ଜଣେ ଡାକ୍ତର, ଜଣେ ଆଟେଣ୍ଡାଣ୍ଟ ଓ ଜଣେ ଏଲଆଇ ନିଯୁକ୍ତି ପାଇଁ ନିଗମ ପକ୍ଷରୁ ନିୟମାବଳୀ କରାଯାଇଥିଲା। କିନ୍ତୁ କୌଣସି ସଂସ୍ଥା ଟେଣ୍ଡର ପକାଇ ନ ଥିଲେ। ଫଳରେ ଟେଣ୍ଡର ତାରିଖ ଅକ୍ଟୋବର ୧୪ ତାରିଖକୁ ଘୁଞ୍ଚାଯାଇଥିଲା। ପରେ ୩ଟି ସଂସ୍ଥା ଟେଣ୍ଡର ପକାଇଥିଲେ।

# ବିହାରରୁ ଗିରଫ ଅଭିଯୁକ୍ତଙ୍କୁ ଟ୍ରାଞ୍ଜିଟ୍ ରିମାଣ୍ଡରେ ଆଣୁଛି ସିବିଆଇ

**ପୋଲିସ ଏସ୍ଆଇ ପରୀକ୍ଷା ଜାଲିଆତି ମାମଲା**

- ଲିଙ୍କରେ ଥିବା ଅଶ୍ୱିନୀଙ୍କୁ ନିମାଇଁ ଓ ଅର୍ଜୁନ ସହ ମୁହାଁମୁହିଁ ଜେରା
- ର୍ୟାକେଟ ପଛରେ ଥିବା ବଡ଼ ଅଧିକାରୀଙ୍କୁ ସୁରକ୍ଷା ନେଇ ଚର୍ଚ୍ଚା

ଭୁବନେଶ୍ୱର,୯।୧୨(ତ୍ରିନାଥ ମହାନ୍ତି)

ବହୁ ଚର୍ଚ୍ଚିତ ପୋଲିସ ଏସ୍ଆଇ ପରୀକ୍ଷା ଜାଲିଆତି ମାମଲାରେ ସିବିଆଇ ତା'ର ତଦନ୍ତକୁ ତ୍ୱରାନ୍ୱିତ କରିଛି। ଏହି ବଡ଼ ନିଯୁକ୍ତି ଜାଲିଆତିର ଲିଙ୍କ୍ ବିଭିନ୍ନ ରାଜ୍ୟରେ ଥିବାରୁ ସିବିଆଇ ଟିମ୍ ଚଢ଼ାଉ କରି ପଦକ୍ଷେପ ନେଉଛି। ଇତିମଧ୍ୟରେ ସିବିଆଇ ବିହାରରୁ ଆଉଜଣେ ଅଭିଯୁକ୍ତଙ୍କୁ ଗିରଫ କରି ଟ୍ରାଞ୍ଜିଟ୍ ରିମାଣ୍ଡରେ ଭୁବନେଶ୍ୱର ଆଣୁଛି। ବିମାନ ସେବାରେ ସମସ୍ୟା ଥିବାରୁ ସିବିଆଇ ଟିମ୍ ତାଙ୍କୁ ଟ୍ରେନ୍‌ରେ ଆଣୁଥିବା ଜଣାପଡ଼ିଛି। ତାଙ୍କ ନାମ ଧର୍ମେନ୍ଦ୍ର ବୋଲି ଜଣାପଡିଛି। ତାଙ୍କୁ ପଚରାଉଚୁରା କରାଯିବା ପରେ ଅଧିକ ତଥ୍ୟ ମିଳିବ ବୋଲି ଆଶା କରାଯାଉଛି। କ୍ରାଇମବ୍ରାଞ୍ଚଠାରୁ ସିବିଆଇ ମାମଲାର ତଦନ୍ତ ଭାର ନେବା ପରେ ଏହା ହେଉଛି ଚତୁର୍ଥ ଗିରଫଦାରି।

ଅନ୍ୟପକ୍ଷରେ ଗିରଫ ଦଲାଲ ବିରଞ୍ଚି ନାରାୟଣଙ୍କ ଲିଙ୍କରେ ଥିବା ଅଶ୍ୱିନୀ ପାତ୍ର ନାମକ ଜଣେ ବ୍ୟକ୍ତିଙ୍କୁ ସିବିଆଇ ସମନ କରିଥିଲା। ଏହି ଆଧାରରେ ଅଶ୍ୱିନୀ ମଙ୍ଗଳବାର ଆବଶ୍ୟକ ଦସ୍ତାବିଜ ସହ ସିବିଆଇ ଅଫିସ୍‌ରେ ହାଜର ହେବା ପରେ ତାଙ୍କୁ ପଚରାଉଚରା କରାଯାଇଛି। ପରୀକ୍ଷାର୍ଥୀଙ୍କୁ ଆଗୁଆ ପ୍ରଶ୍ନପତ୍ର ପ୍ରସ୍ତୁତି ପାଇଁ ଡିଲ୍ କରିଥିଲା ବିରଞ୍ଚି। ତାଙ୍କୁ ସହଯୋଗ କରିଥିଲେ ଅଶ୍ୱିନୀଙ୍କ ସହ ନିମାଇଁ ସାହୁ ଓ ଅର୍ଜୁନ ନାୟକ। ନିମାଇଁ ଓ ଅର୍ଜୁନ ଗିରଫ ହୋଇଥିବାବେଳେ ତାଙ୍କୁ ରିମାଣ୍ଡରେ ଆଣି ଜେରା କରୁଛି ସିବିଆଇ। ସେମାନଙ୍କଠାରୁ ସୂଚନା ପାଇବା ପରେ ଅଶ୍ୱିନୀଙ୍କୁ ଡକାଯାଇ ମୁହାଁମୁହିଁ ଜେରା କରାଯାଉଛି। ବଡ଼କଥା ହେଲା ଗିରଫ ହୋଇଥିବା ମାଷ୍ଟରମାଇଣ୍ଡ, ଦଲାଲ ସହ ପୂରା ର୍ୟାକେଟ ପଛରେ ଜଣେ ବଡ଼ ଅଧିକାରୀଙ୍କ ହାତ ରହିଛି। ହେଲେ ଏଯାଏ ସିବିଆଇ ଅଧିକାରୀମାନେ ସେହି ବଡ଼ ଅଧିକାରୀଙ୍କ ନିକଟରେ ପହଞ୍ଚି ପାରୁନାହାନ୍ତି। ଏଥିପାଇଁ ଦୃଢ଼ ପ୍ରମାଣ ଯୋଗାଇ ଚାଲିଛି। କୌଣସି ଅଦୃଶ୍ୟ ଶକ୍ତି ଏହି ଅଧିକାରୀଙ୍କୁ ସୁରକ୍ଷା ଦେଉଥିବାରୁ ସିବିଆଇ ତାଙ୍କୁ ପଚରାଉଚରା କରିବା ପାଇଁ ସମନ କରିବାକୁ ପଛଘୁଞ୍ଚା ଦେଉଥିବା ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି।

ସୂଚନାଯୋଗ୍ୟ, ପୋଲିସ ଏସ୍ଆଇ ପରୀକ୍ଷା ପରିଚାଳନା ଲାଗି କୋଲକାତାର କେନ୍ଦ୍ରୀୟ ସରକାରୀ ସଂସ୍ଥା ଆଇଟିଆଇକୁ ଟେଣ୍ଡର ମିଳିଥିଲା। ପରେ ଏହି ସଂସ୍ଥା ହାଇଦ୍ରାବାଦର ସିଲିକନ ଟେକ୍ ଲ୍ୟାବ୍ ପ୍ରାଇଭେଟ ଲିମିଟେଡ ସଂସ୍ଥାକୁ ଦାୟିତ୍ୱ ନ୍ୟସ୍ତ କରିଥିଲା। ସିଲିକନ ଏହାକୁ ସବ୍‌ଲେଟ୍‌ରେ ବ୍ରହ୍ମପୁରର ପଞ୍ଚସଫ୍ଟକୁ ଦେଇଥିଲା। ସେଣ୍ଟର ତଦାରଖଠାରୁ ଆରମ୍ଭ କରି ପରୀକ୍ଷା ପରିଚାଳନା ପର୍ଯ୍ୟନ୍ତ ସମସ୍ତ ଦାୟିତ୍ୱ ପଞ୍ଚସଫ୍ଟକୁ ମିଳିଥିଲା। ପଞ୍ଚସଫ୍ଟକୁ ଦାୟିତ୍ୱ ମିଳିବା ପରେ ସଂସ୍ଥାର ନିର୍ଦ୍ଦେଶକ ଶଙ୍କର ପୃଷ୍ଟି ଜାଲିଆତି ପାଇଁ ଯୋଜନା କରିଥିଲେ। ଏହି ଅପରାଧ ସିଣ୍ଡିକେଟ୍‌ରେ ଦକ୍ଷିଣ ଓଡ଼ିଶାକୁ ମୁନା ମହାନ୍ତି ଓ ଉତ୍ତର ଓଡ଼ିଶାକୁ ଅରବିନ୍ଦ ଦାସ ସମ୍ଭାଳୁଥିଲେ। ଏମାନଙ୍କ ଅଧୀନରେ ୧୦ ଜଣ ଲେଖାଏ ଏଜେଣ୍ଟ ଥିଲେ। ସେମାନେ ଆଶାୟୀ ପ୍ରାର୍ଥୀଙ୍କୁ ଯୋଗାଡ଼ କରୁଥିଲେ। ଆଶାୟୀଙ୍କଠାରୁ ମୁନା ଆଗୁଆ ମୂଳ ପ୍ରମାଣପତ୍ର ହାତେଇବା ସହ ଶଙ୍କର ସହ ଯୋଗାଯୋଗ କରି ଏହାକୁ ସେ ହାଇଦ୍ରାବାଦ ସଂସ୍ଥା ପାଖକୁ ପଠାଉଥିଲା। ମୁନା ୧୧୪ ଜଣ ଆଶାୟୀଙ୍କଠାରୁ କୋଟି କୋଟି ଟଙ୍କା ଆଦାୟ ପରେ ସେମାନଙ୍କୁ ହାଇଦ୍ରାବାଦର ଏକ ସଂସ୍ଥାରେ ପ୍ରଶ୍ନପତ୍ର ସମ୍ପର୍କରେ ତାଲିମ ଦେଇଥାନ୍ତା। ଯୋଜନା ମୁତାବକ ଆଶାୟୀମାନେ ପ୍ରଥମେ ଭୁବନେଶ୍ୱରର ବିଭିନ୍ନ ହୋଟେଲରେ ରହିଥିଲେ। ଗତ ଅକ୍ଟୋବର ୨୯ରେ ଖଣ୍ଡଗିରିରୁ ୧୧୪ ଆଶାୟୀଙ୍କୁ ବସ୍ ଯୋଗେ ବିଜୟନଗରମ୍ ନିଆଯାଇଥିଲା। ୩୦ ତାରିଖରେ ବ୍ରହ୍ମପୁର ପୋଲିସ ଏହି ବସ୍‌ଟିକୁ ଜବତ କରିବା ସହ ୧୧୪ ଆଶାୟୀ ଓ ୩ ଦଲାଲଙ୍କୁ ଗିରଫ କରିବା ପରେ ଘଟଣା ପଦାକୁ ଆସିଥିଲା। ଇତିମଧ୍ୟରେ ଏହି ଗିରଫଦାରି ସଂଖ୍ୟା ୧୨୮ରେ ପହଞ୍ଚିଛି।

# ଚାଇନା ଲୋନ୍ ଆପ୍ 'ହାଇପି'ରେ କାରବାର

- ବଡ଼ବିଲରୁ ସାଇବର ଠକ ଗିରଫ
- ୪ ମୋବାଇଲ, ଲାପ୍‌ଟପ୍ ଜବତ

ବଡ଼ବିଲ,୯।୧୨(ଜୟନ୍ତୀ ରଣା)


ସାଇବର ଠକେଇ ମାମଲାରେ ଗିରଫ ଅଭିଯୁକ୍ତ, ଜବତ ମୋବାଇଲ ଓ ଲାପ୍‌ଟପ୍।

କେନ୍ଦୁଝର ଜିଲା ବଡ଼ବିଲ ପୋଲିସ ମଙ୍ଗଳବାର ଜଣେ ସାଇବର ଠକକୁ ଗିରଫକରିବା ସହ ତାଙ୍କ ନିକଟରୁ ୪ଟି ମୋବାଇଲ, ଲାପ୍‌ଟପ୍ ଓ ପେନ୍ ଡ୍ରାଇଭ୍ ଜବତ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ଏହି ଥାନା ଅଧୀନ ଶ୍ରୀରାମନଗର ଅଞ୍ଚଳର ବିଶାଲ ସାଓ। ଥାନା ଇନ୍ସପେକ୍ଟର ଅଶୋକ କୁମାର ନାୟକଙ୍କ ଉପସ୍ଥିତିରେ ଏସ୍‌ଡିପିଓ ଦେବେନ୍ଦ୍ରନାଥ ପିଙ୍ଗୁଆ ମଙ୍ଗଳବାର ଅପରାହ୍ନରେ ଏକ ଖବରଦାତା ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି।

କେନ୍ଦୁଝର ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ପୋଲିସ ସାଇବର ଠକଙ୍କୁ ଧରିବା ନିମନ୍ତେ ଛାନ୍‌ଭିନ୍ ଆରମ୍ଭ କରିଥିଲା। ବଡ଼ବିଲ ସହରାଞ୍ଚଳରେ ଥିବା ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ସହାୟତାରେ କେତେଜଣ ଗ୍ରାହକଙ୍କ କେୱାଇସି ଯାଞ୍ଚ କରିଥିଲା। ସେଥିରୁ ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ, କୋଟାକ ମହିନ୍ଦ୍ରା ବ୍ୟାଙ୍କ ଓ ଆଇସିଆଇସିଆଇ ବ୍ୟାଙ୍କର ବଡ଼ବିଲ ଶାଖାରୁ ମିଳିଥିବା ନଥିପତ୍ରରୁ ଅନେକ ମ୍ୟୁଲ୍ ଆକାଉଣ୍ଟ (ଜଣଙ୍କ ଅଜାଣତରେ ଆକାଉଣ୍ଟ ଚାଲୁ ରହିବା) ପରିଚାଳନା କରାଯିବା ସହ ୩ଟି ବିଭିନ୍ନ ଆକାଉଣ୍ଟରେ ବ୍ୟାପକ କାରବାର ହୋଇଥିବା ଜଣାପଡ଼ିଥିଲା। ଏ ନେଇ ପୋଲିସ ଗତ ୩ ତାରିଖରେ ଏକ ମାମଲା (ନଂ.୪୪୯/୨୫) ରୁଜୁକରି ତଦନ୍ତ ଆରମ୍ଭ କରିଥିଲା। ଏହିଆକାଉଣ୍ଟଗୁଡ଼ିକୁପରିଚାଳନା କରୁଥିବା ସାଇବର ଠକଙ୍କୁ ବଡ଼ବିଲ ପୋଲିସ ଠାବକରିଥିଲା। ଶ୍ରୀରାମନଗର ଅଞ୍ଚଳର ବିଶାଲ ଏହି ଆକାଉଣ୍ଟଗୁଡ଼ିକ ପରିଚାଳନା କରୁଥିବା ଜାଣିବାକୁ ପାଇ ପୋଲିସ ତାଙ୍କ ଘରେ ଚଢ଼ାଉ କରିଥିଲା। ବିଶାଲ କୌଣସି କାର୍ଯ୍ୟରେ ନିୟୋଜିତ ନ ଥିବାବେଳେ ଅଧିକାଂଶ ସମୟ ବିଭିନ୍ନ ଅଞ୍ଚଳକୁ ବୁଲିବାକୁ ଯାଉଥିବା ସ୍ଥାନୀୟ ଲୋକଙ୍କଠାରୁ ପୋଲିସ ଜାଣିବାକୁ ପାଇଥିଲା। ମଙ୍ଗଳବାର ସକାଳେ ପୋଲିସ ବିଶାଲଙ୍କୁ ଗିରଫ କରିଥିଲା। ପଚରା ଉଚରା ପରେ ବିଶାଲ ଅନଲାଇନ୍‌ରେ କାରବାର କରି ବହୁତ ଲାଭବାନ ହେଉଥିଲେ ଏବଂ କୌଶଳକ୍ରମେ ବିଭିନ୍ନ ସହଯୋଗୀଙ୍କ ସହାୟତାରେ ନଥିପତ୍ରଗୁଡ଼ିକର ନକଲ କରି ମ୍ୟୁଲ୍ ଆକାଉଣ୍ଟକରି ଟଙ୍କା ହଡ଼ପ କରୁଥିବା ସ୍ୱୀକାର କରିଥିଲେ। ଏଥିସହ 'କାଲି' ନାମକ ଏକ ଆପ୍ ଏବଂ ଏକ ଚାଇନା ଲୋନ୍ ଆପ୍ 'ହାଇପି' ଦ୍ୱାରା ଅନ୍‌ଲାଇନ ଜରିଆରେ ଠକିବାକୁ ସକ୍ଷମ ହେଉଥିଲେ ବୋଲି ପୋଲିସ କହିଛି।

ଅଭିଯୁକ୍ତ ବିଶାଲଙ୍କ ୩ଟି ବ୍ୟାଙ୍କ ଆକାଉଣ୍ଟ ସହ ପରିଚାଳନା କରୁଥିବା ୯ଟି ବ୍ୟାଙ୍କ ଆକାଉଣ୍ଟ ମଧ୍ୟରୁ ଅଧିକାଂଶ ଆକାଉଣ୍ଟକୁ ଫ୍ରିଜ୍ କରାଯାଇଥିବା ପୋଲିସ କହିଛି। ବିଶାଲ ମେକାନିକାଲ ଇଞ୍ଜିନିୟରିଂରେ ଡିପ୍ଲୋମାକରି ଜୟପୁରର ଏକ ସଂସ୍ଥାରେ କାର୍ଯ୍ୟ କରୁଥିଲେ। ଏହାପରେ ସେ ୨୦୨୩ରେ ଦିଲ୍ଲୀରେ ରହିବା ସମୟରେ ସାଇବର ଠକଙ୍କ ସଂସ୍ପର୍ଶରେ ଆସି ସେଥିରେ ନିଜକୁ ନିୟୋଜିତ କରିଦେଇଥିଲେ। ଦେଶର ବିଭିନ୍ନ ସ୍ଥାନରେ ମୋଟ ୩୭ଟି ସଇବର ଠକେଇ ନେଇ ବିଶାଲଙ୍କ ନାମରେ ମାମଲା ରହିଥିବା ପୋଲିସ କହିଛି।

# ଜୁଆ ଆଡ୍ଡା ଉପରେ ଚଢ଼ାଉ, ୧୨ ଗିରଫ

**୯ ବାଇକ୍, ୯ ମୋବାଇଲ, ଟଙ୍କା ଜବତ**

ଜଳେଶ୍ୱର, ୯।୧୨(ନବୀନ ସାହୁ)


ଗିରଫ ୧୨ ଜୁଆଡ଼ି।

ବାଲେଶ୍ୱର ଜିଲା ଜଳେଶ୍ୱର ଥାନା ଅଞ୍ଚଳରେ ଦିନକୁ ଦିନ ଜୁଆ ଖେଳ ବଢ଼ିଚାଲିଛି। ସୋମବାର ବିଳମ୍ବିତ ରାତିରେ ଖାଡ଼େଶ୍ୱରପୁର ବସ୍ତିରେ ଥିବା ମମତାଜ ଖାଁଙ୍କ ଘର ଛାତ ଉପର ଏକ ଘରେ ଜୁଆଖେଳ ଚାଲିଥିଲା ବେଳେ ଖବର ପାଇ ଜଳେଶ୍ୱର ପୋଲିସ ଚଢ଼ାଉ କରିଥିଲା। ଚଢ଼ାଉ ସମୟରେ ୧୨ ଜଣ ଜୁଆଡ଼ିଙ୍କୁ ପୋଲିସ ଗିରଫ କରିଥିଲା। ସେମାନଙ୍କ ନିକଟରୁ ୯ ବାଇକ୍ ସହିତ ୧୫ହଜାର ୯୬୦ ଟଙ୍କା, ୯ ମୋବାଇଲ ଜବତ ହୋଇଛି।

ଚଢ଼ାଉ ସମୟରେ ଜଳେଶ୍ୱର ଏସ୍‌ଡିପିଓ ସୁବ୍ରତ କୁମାର ବେହେରା, ଆଇଆଇସି ଅଶୋକ କୁମାର ବାରିକ, ଜଳେଶ୍ୱର ତହସିଲଦାର ସତ୍ୟଜିତ ମହାନ୍ତି, ଏସ୍ଆଇ ଚିରଞ୍ଜୀବ ରାଉତଙ୍କ ସହିତ ପୋଲିସର ଗୋଟିଏ ଟିମ୍ ସାମିଲ ଥିଲେ। ଏହି ଜୁଆଡିମାନଙ୍କ ମଧ୍ୟରେ ଜଳେଶ୍ୱର ଅଞ୍ଚଳର ମମତାଜ ଖାଁ ମାଷ୍ଟରମାଇଣ୍ଡ କୁହାଯାଉଥିଲା ବେଳେ ସେକ ଇରସାଦ ମହମ୍ମଦ, ସେକ ସାରୁକ, ସେକ ଗମ୍ଭିରୁଦ୍ଦିନ, ସେକ ନିଜାମୁଦ୍ଦିନ, ସେକ ଗନିରୁଦ୍ଦିନ, ସମୀର ଖାଁ, ଫିର୍ଦ୍ଦସ ଖାଁ, ସେକ ରାଜେଶ ମହମ୍ମଦ, ସେକ ହିରୋ, ସେକ ମୟିରୁଦ୍ଦିନ, ଫିରଜ ଖାଁଙ୍କୁ ପୋଲିସ ଗିରଫ କରି କୋର୍ଟହାଜତକୁ ପଠାଇ ଦେଇଛି। ଏମାନେ ବିଭିନ୍ନ ସମୟରେ ଜାତୀୟ, ଅନ୍ତର୍ଜାତୀୟସ୍ତର ଆଇପିଏଲ୍ ଖେଳରେ ଟଙ୍କା ଲଗାଉଥିବା ଅଭିଯୋଗ ରହିଛି। ତେବେ ମଙ୍ଗଳବାର ବାରବାଟୀ ଷ୍ଟାଡିୟମ୍‌ରେ ଦକ୍ଷିଣ ଆଫ୍ରିକା ଏବଂ ଭାରତ ମଧ୍ୟରେ ଟି-୨୦ କ୍ରିକେଟ ମ୍ୟାଚ୍ ହେବାକୁ ଥିବା ବେଳେ କ୍ରିକେଟ ବେଟିଂ ହେଉଥିବା ନେଇ ଅନୁମାନ କରାଯାଉଛି।

## ୫ ବର୍ଷୀୟା ଶିଶୁକନ୍ୟାଙ୍କୁ ବଳାତ୍କାର: ଅଭିଯୁକ୍ତ ଗିରଫ

ରାଜଗାଙ୍ଗପୁର, ୯।୧୨(ଅଶୋକ ପାଣି)

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ଥାନା ଅନ୍ତର୍ଗତ ଏକ ଗ୍ରାମରେ ୫ବର୍ଷର ଶିଶୁକନ୍ୟାକୁ ବଳାତ୍କାର କରାଯାଇଥିବା ନେଇ ମଙ୍ଗଳବାର ଥାନାରେ ଅଭିଯୋଗ ହୋଇଛି। ପୋଲିସ ସେହି ଗ୍ରାମର ଅଭିଯୁକ୍ତ ସୁରେଶ ଲାକ୍ରା (୪୫)ଙ୍କୁ ଗିରଫ କରିଛି। ଏନେଇ ରାଜଗାଙ୍ଗପୁର ଥାନାରେ ଏକ ମାମଲା ରୁଜୁ ହୋଇଛି। ଶିଶୁକନ୍ୟା ଜଣକ ଗାଁ ସ୍କୁଲରେ ପ୍ରଥମ ଶ୍ରେଣୀରେ ପଢ଼ନ୍ତି। ସୋମବାର ସ୍କୁଲ ଛୁଟି ପରେ ସେ ଘରକୁ ଫେରୁଥିଲେ। ଏହି ସମୟରେ ଅଭିଯୁକ୍ତ ଚକୋଲେଟ ଲୋଭ ଦେଖାଇ ଏକ ଘରକୁ ନେଇ ବଳାତ୍କାର କରିଥିଲେ। ଶିଶୁକନ୍ୟା ଘରକୁ ଫେରି ରାତିରେ ସବୁକଥା କହିଥିଲେ। ଶିଶୁକନ୍ୟାର ଘରଲୋକ ରାଜଗାଙ୍ଗପୁର ଥାନାରେ ମଙ୍ଗଳବାର ଅଭିଯୋଗ କରିଥିଲେ।

# ବାପପୁଅଙ୍କୁ ଆଜୀବନ କାରାଦଣ୍ଡ

**ଟିଁଠିପାଲି ଚୈତନ୍ୟ ରଣା ହତ୍ୟା ମାମଲା**

ସୋନପୁର,୯।୧୨(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲା ତରଭା ଥାନା ଟିଁଠିପାଲି ଗ୍ରାମର ବହୁଚର୍ଚ୍ଚିତ ଚୈତନ୍ୟ ରଣା ହତ୍ୟା ମାମଲାର ରାୟ ପ୍ରକାଶ ପାଇଛି। ସାକ୍ଷ୍ୟ ପ୍ରମାଣ ଆଧାରରେ ମାମଲାର ବିଚାରକରି ଜିଲା ଓ ଦୌରାଜଜ୍ ଧନୁର୍ଦ୍ଧର ସେନାପତି ଉକ୍ତ ଗ୍ରାମର ଡମନ ରଣା ଓ ତାଙ୍କ ପୁଅ ଗଜପତି ରଣାଙ୍କୁ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡାଦେଶ ଶୁଣାଇଛନ୍ତି। ଏଥିସହ ୧୦ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦାୟେ ଅଧିକ ୬ମାସ ସଶ୍ରମ କାରାଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାୟରେ ଦର୍ଶାଯାଇଛି। ତେବେ ଏହି ଘଟଣାରେ ଅନ୍ୟ ଜଣେ ଅଭିଯୁକ୍ତ ସନ୍ତୋଷ ରଣାଙ୍କୁ ସାକ୍ଷ୍ୟ ପ୍ରମାଣ ଅଭାବରୁ ନିର୍ଦ୍ଦୋଷରେ ଖଲାସ କରି ଦିଆଯାଇଛି।

ମୃତ ଚୈତନ୍ୟଙ୍କ ସ୍ତ୍ରୀ ତରଭା ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ, ୨୦୧୮ ମାର୍ଚ୍ଚ ୧୩ ତାରିଖ ସନ୍ଧ୍ୟାରେ ଉଭୟେ ଘରେ ଥିବାବେଳେ ଡମନ ଏବଂ ତାଙ୍କ ପୁଅ ଗଜପତି ତାଙ୍କ ଘରେ ପହଞ୍ଚିଥିଲେ। ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା ସହ ପରେ ଚୈତନ୍ୟଙ୍କୁ ଘରୁ ଟାଣି ନେଇଥିଲେ। ଡମନ ଏକ ଠେଙ୍ଗାରେ ଚୈତନ୍ୟଙ୍କ ମୁଣ୍ଡକୁ ପ୍ରହାର କରିଥିବା ବେଳେ ଗଜପତି ଏକ ଟାଙ୍ଗିଆରେ ଆକ୍ରମଣ କରିଥଲେ। ଘଟଣାସ୍ଥଳରେ ହିଁ ଚୈତନ୍ୟଙ୍କର ମୃତ୍ୟୁ ଘଟିଥିଲା। ଏ ସମ୍ପର୍କରେ ଅଭିଯୋଗ ପରେ ପୋଲିସ ଏକ ହତ୍ୟା ମାମଲା ରୁଜୁକରି ଡମନ, ଗଜପତି ଏବଂ ସନ୍ତୋଷଙ୍କୁ ଗିରଫକରି କୋର୍ଟଚାଲାଣ କରିଥିଲା। ମାମଲା ଜିଲା ଓ ଦୌରାଜଜ୍‌ଙ୍କ ଅଦାଲତରେ ବିଚାରାଧୀନ ଥିଲା। ମୋଟ ୧୨ଜଣଙ୍କ ସାକ୍ଷ୍ୟ ଗ୍ରହଣ କରାଯାଇଥିଲା।

**Business**

# 'ସ୍ଲିପ୍‌ୱେଲ୍'ମଶାଧୂପରେ ମେପରଫ୍ଲୁଥ୍ରିନ୍

- ୬୯ ଲକ୍ଷରୁ ଅଧିକ ମୂଲ୍ୟର ସାମଗ୍ରୀ ଜବତ
- ବିକ୍ରି ବନ୍ଦ କରିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର,୯।୧୨(ଅନୁରାଧା ମହାରଣା)




'ସ୍ଲିପ୍‌ୱେଲ' ମଶାଧୂପରେ ମେପରଫ୍ଲୁଥ୍ରିନ୍ ବ୍ୟବହାର କରାଯାଉଥିବାରୁ ସରକାରଙ୍କ ପକ୍ଷରୁ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଓଡ଼ିଶା, ଆନ୍ଧ୍ର ପ୍ରଦେଶ, ତେଲଙ୍ଗାନା, କର୍ଣାଟକ, କେରଳ ଏବଂ ଗୁଜରାଟ ଆଦି ରାଜ୍ୟ ସହ ସାରା ଦେଶରେ ଏହି ମଶାଧୂପ ଅନ୍‌ଲାଇନରେ ବିକ୍ରି ହେଉଥିବାବେଳେ ରାଜ୍ୟ କୃଷି ବିଭାଗର ନିର୍ଦ୍ଦେଶ ଅନୁଯାୟୀ, ଏନ୍‌ଟିଆର୍ ଜିଲାର କୃଷି ଅଧିକାରୀମାନେ ବିଜୟୱାଡ଼ାର ଗୁଣଡାଲାରେ ସାଇ ହନୁମାନ ଏଜେନ୍ସିଗୁଡ଼ିକୁ ଯାଞ୍ଚ କରିଥିଲେ। ନମୁନାଗୁଡ଼ିକୁ ପରୀକ୍ଷା ପାଇଁ ହାଇଦ୍ରାବାଦର ଜାତୀୟ ଉଦ୍ଭିଦ ସ୍ୱାସ୍ଥ୍ୟ ପରିଚାଳନା ସଂସ୍ଥା (ଏନ୍ଆଇପିଏଚ୍ଏମ)କୁ ପଠାଯାଇଥିଲା। ପରୀକ୍ଷାଗାର ଫଳାଫଳରୁ ମେପରଫ୍ଲୁଥ୍ରିନ୍ ମିଳିଥିଲା। ଏହା ଏକ ରାସାୟନିକ ପଦାର୍ଥ ଯାହା କେନ୍ଦ୍ରୀୟ କୀଟନାଶକ ବୋର୍ଡ ଏବଂ ପଞ୍ଜିକରଣ କମିଟି (ସିଆଇବିଆର୍‌ସି) ଦ୍ୱାରା ମଶା ପ୍ରତିରୋଧକରେ ବ୍ୟବହାର ପାଇଁ ଅନୁମୋଦିତ ନୁହେଁ। ଚଢ଼ାଉ କରି କର୍ତ୍ତୃପକ୍ଷ ସମ୍ପ୍ରତି ବିଜୟୱାଡ଼ାର ଏକ ସଂରକ୍ଷଣ ସୁବିଧାରୁ ୬୯ ଲକ୍ଷରୁ ଅଧିକ ମୂଲ୍ୟର ସାମଗ୍ରୀ ଜବତ କରିଛନ୍ତି ଏବଂ ଏହି ଉତ୍ପାଦଗୁଡ଼ିକର ବିକ୍ରୟ ତୁରନ୍ତ ବନ୍ଦ କରିବାକୁ ନିର୍ଦ୍ଦେଶ ଜାରି କରିଛନ୍ତି। ଓଡ଼ିଶା ସମେତ ରାଜ୍ୟଗୁଡ଼ିକରେ ମଶା ନିରୋଧକ ଭାବରେ ବଜାରକୁ ଆସୁଥିବା ଅଗରବତି କ୍ରୟ କରିବା ସମୟରେ ଲୋକଙ୍କୁ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି। କୀଟନାଶକ ନିୟନ୍ତ୍ରଣ ସଂଘ (ଏଚ୍ଆଇସିଏ) ଏହି କାର୍ଯ୍ୟାନୁଷ୍ଠାନକୁ ସ୍ୱାଗତ କରିଛି ଏବଂ ସରକାରଙ୍କୁ ନିରନ୍ତର କାର୍ଯ୍ୟାନୁଷ୍ଠାନ ଜାରି ରଖିବାକୁ ଅନୁରୋଧ କରିଛି। ସଂଘର ସଚିବ ଜୟନ୍ତ ଦେଶପାଣ୍ଡେ କହିଛନ୍ତି, ସଚେତନତା ଅଭାବରୁ, ଲୋକମାନେ ଅଜାଣତରେ ସେମାନଙ୍କର କ୍ଷତିକାରକ ପ୍ରଭାବ ନ ବୁଝି ଏପରି ଉତ୍ପାଦ କିଣନ୍ତି। ଏଚ୍ଆଇସିଏ ନାଗରିକମାନଙ୍କୁ ଏହି ଅବୈଧ ଧୂପକାଠି ବ୍ୟବହାର ବନ୍ଦ କରିବାକୁ ଏବଂ ପ୍ୟାକେଜିଂରେ 'ସିଆଇଆର'ରୁ ଆରମ୍ଭ କରି ଉପଯୁକ୍ତ ପଞ୍ଜୀକରଣ ନମ୍ବର ବହନ କରୁଥିବା କେବଳ ସରକାରୀ ଅନୁମୋଦିତ ମଶା ପ୍ରତିରୋଧକ ବାଛିବାକୁ ଦୃଢ଼ ଅନୁରୋଧ କରୁଛି।

ସୂଚନା ଥାଉକି, ଭାରତରେ ବେଆଇନ ମଶା ଧୂପକାଠି ବଜାର, ଯାହା ପ୍ରାୟତଃ ବେଆଇନ ହୋଇଥାଏ ତାହା ଭାରତୀୟ ମୂଲ୍ୟ ଅନୁସାରେ ୧୬୦୦ କୋଟି ଟଙ୍କା ମୂଲ୍ୟର ରହିଛି। ପୂର୍ବ ଭାରତରେ, ଏହା ଭାରତୀୟ ମୂଲ୍ୟ ଅନୁସାରେ ୬୦୦ କୋଟି ଟଙ୍କା ଶିଳ୍ପରେ ପରିଣତ ହୋଇଛି। ମଶା ପ୍ରତିରୋଧୀ ଧୂପକାଠିରେ ବ୍ୟବହାର ପାଇଁ ଉଦ୍ଦିଷ୍ଟ ଯେକୌଣସି ରାସାୟନିକ ପଦାର୍ଥ ଦେଶରେ ଉତ୍ପାଦନ, ଆମଦାନୀ କିମ୍ବା ବିକ୍ରୟ କରିବା ପୂର୍ବରୁ କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରଣାଳୟ ଅଧୀନରେ କେନ୍ଦ୍ରୀୟ କୀଟନାଶକ ବୋର୍ଡ ଏବଂ ପଞ୍ଜୀକରଣ କମିଟି (ସିଆଇବିଆର୍‌ସି) ସହିତ ପଞ୍ଜୀକୃତ ହେବା ଆବଶ୍ୟକ। ଏହା ବ୍ୟତୀତ, ଯେକୌଣସି ସରକାର-ଅନୁମୋଦିତ ମଶା ପ୍ରତିରୋଧୀ ସାଧାରଣତଃ ସିଆଇବିଆରସି ଦ୍ୱାରା କୌଣସି ଅନୁମୋଦନ ପୂର୍ବରୁ ଏକ ପରୀକ୍ଷଣ ପ୍ରକ୍ରିୟା ଦେଇ ଗତି କରିଥାଏ।

# ଅନନ୍ତ ଅମ୍ବାନୀଙ୍କୁ ଗ୍ଲୋବାଲ ହ୍ୟୁମାନିଟାରିୟନ ଆୱାର୍ଡ

ଭୁବନେଶ୍ୱର,୯।୧୨



ବନ୍ୟପ୍ରାଣୀ ସଂରକ୍ଷଣ ଏବଂ ପ୍ରାଣୀ କଲ୍ୟାଣ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଆମେରିକାରେ ଅନୁଷ୍ଠିତ ଏକ ଅନ୍ତର୍ଜାତୀୟ ପୁରସ୍କାର ସମାରୋହରେ ଅନନ୍ତ ଅମ୍ବାନୀଙ୍କୁ ଗ୍ଲୋବାଲ ହ୍ୟୁମାନିଟାରିୟନ ଆୱାର୍ଡ ପ୍ରଦାନ କରାଯାଇଛି। ବନ୍ତାରା ମାଧ୍ୟମରେ ପ୍ରାଣୀମାନଙ୍କର ଉଦ୍ଧାର, ଚିକିତ୍ସା, ପୁନର୍ବାସ ଏବଂ ସଂରକ୍ଷଣରେ ତାଙ୍କର ନେତୃତ୍ୱ ପାଇଁ ଏହି ସମ୍ମାନ ତାଙ୍କୁ ପ୍ରଦାନ କରାଯାଇଥିଲା। ଏହି ସଫଳତା ସହ ଅନନ୍ତ ଅମ୍ବାନୀ ଏକ ବିଶେଷ ରେକର୍ଡ ମଧ୍ୟ ସ୍ଥାପନ କରିଛନ୍ତି। ସେ ଏହି ସମ୍ମାନ ପାଇବାରେ ସବୁଠାରୁ କମ୍ ବୟସ୍କ ଏବଂ ଏସିଆରେ ପ୍ରଥମ । ପୂର୍ବରୁ ଏହି ପୁରସ୍କାର ହଲିଉଡ୍ ସେଲିବ୍ରିଟି ଏବଂ ଆମେରିକାର ରାଷ୍ଟ୍ରପତି ଜନ୍ ଏଫ୍ କେନେଡି ଏବଂ ବିଲ୍ କ୍ଲିଣ୍ଟନଙ୍କ ସମେତ ଅନେକ ବିଶ୍ୱନେତାଙ୍କୁ ପ୍ରଦାନ କରାଯାଇଛି। ପୁରସ୍କାର ଗ୍ରହଣକରି ଅନନ୍ତ ଅମ୍ବାନୀ କହିଛନ୍ତି, ଏହି ସମ୍ମାନ ମୋତେ 'ସର୍ବଭୂତ ହିତ' ପଥରେ ଆହୁରି ଦୃଢ଼ ଭାବରେ ଆଗକୁ ବଢ଼ିବାକୁ ପ୍ରେରଣା ଦେଇଛି। ପ୍ରାଣୀମାନେ ଆମକୁ ଜୀବନରେ ସନ୍ତୁଳନ ଏବଂ ସମ୍ବେଦନଶୀଳତା ଶିଖାନ୍ତି। ବନ୍ତାରା ମାଧ୍ୟମରେ, ଆମର ଲକ୍ଷ୍ୟ ହେଉଛି ପ୍ରତ୍ୟେକ ଜୀବଜନ୍ତୁଙ୍କୁ ସମ୍ମାନ, ଯତ୍ନ ଏବଂ ଏକ ଉତ୍ତମ ଜୀବନ ପ୍ରଦାନ କରିବା। ଆମ ପାଇଁ, ସଂରକ୍ଷଣ ଭବିଷ୍ୟତର ବିଷୟ ନୁହେଁ, ବରଂ ଆଜିର ଏକ ଦାୟିତ୍ୱ। ଏହି କାର୍ଯ୍ୟକ୍ରମରେ ଡ. ଜନ୍ ପଲ୍ ରୋଡ୍ରିଗ୍ୱେଜ, ମାଥ୍ୟୁ ଜେମ୍ସ, ୱିଲିୟମ ଷ୍ଟ୍ରିଟ୍, ଥମାସ ସ୍କିମଡ୍, ଡ. ମାଇକେଲ ଏଡକେସନ ଏବଂ କ୍ୟାଥ୍‌ଲିନ ଡୁଡଜିଂସ୍କିଙ୍କ ସମେତ ବନ୍ୟପ୍ରାଣୀ ସଂରକ୍ଷଣର ଅନେକ ପ୍ରମୁଖ ବ୍ୟକ୍ତି ଯୋଗ ଦେଇଥିଲେ। ଭାରତରୁ ଡ. ନୀଲମ ଖୈର, ଡ.ଭି.ବି. ପ୍ରକାଶ ଏବଂ ଡ. କେ.କେ. ଶର୍ମା ମଧ୍ୟ ଉପସ୍ଥିତ ଥିଲେ।

# ଭାରତ ମଣ୍ଡପରେ ଜନମଙ୍ଗଳ ସମ୍ମିଳନୀ




ଭୁବନେଶ୍ୱର,୯।୧୨

ନୂଆଦିଲ୍ଲୀର ଭାରତ ମଣ୍ଡପରେ ୧୨ ଓ ୧୩ ତାରିଖରେ ୨ଦିନିଆ ଜନମଙ୍ଗଳ ସମ୍ମିଳନୀ ଅନୁଷ୍ଠିତ ହେବାକୁ ଯାଉଛି। ଏହି କାର୍ଯ୍ୟକ୍ରମରେ ଯୋଗଗୁରୁ ରାମଦେବ ଓ ଜୈନ ସନ୍ଥ ଆଚାର୍ଯ୍ୟ ପ୍ରସନ୍ନ ସାଗରଙ୍କ ନେତୃତ୍ୱରେ 'ପ୍ରତି ମାସରେ ଦିନେ ଉପବାସ' ଅଭିଯାନର ଶୁଭାରମ୍ଭ ହେବ। ପ୍ରତି ମାସର ୭ ତାରିଖରେ ଏହି ଉପବାସ ରଖିବାକୁ ଆହ୍ୱାନ ଦିଆଯାଇଛି। କେବଳ ଭାରତ ନୁହେଁ ବରଂ ବିଦେଶରୁ ମଧ୍ୟ ଲକ୍ଷାଧିକ ଲୋକ ଏହି ଜନ ଆନ୍ଦୋଳନରେ ସାମିଲ ହେବେ। କାର୍ଯ୍ୟକ୍ରମରେ ଲୋକ ସଭା ବାଚସ୍ପତି ଓମ୍ ବିର୍ଲା, ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା, କେନ୍ଦ୍ରମନ୍ତ୍ରୀ ନୀତିନ୍ ଗଡ଼କରୀ, ଗଜେନ୍ଦ୍ର ସିଂହ ଶେଖାୱତ୍, ଭୂପେନ୍ଦର ଯାଦବ, ଦିଲ୍ଲୀ କ୍ୟାବିନେଟ୍ ମନ୍ତ୍ରୀ ପ୍ରଭେଶ ସାହିବ ସିଂହ, କପିଲ ମିଶ୍ର, ଏମ୍‌ପି ସୁଧାଂଶୁ ତ୍ରିବେଦୀ, ଯୋଗେନ୍ଦ୍ର ଚନ୍ଦୋଲିଆ, ଇଣ୍ଡିଆ ଟିଭି ଅଧ୍ୟକ୍ଷ ରଜତ୍ ଶର୍ମା, ଡା. ଏସ୍. କେ. ସରିନ୍, ଭାରତୀୟ ଶିକ୍ଷା ବୋର୍ଡର ଅଧ୍ୟକ୍ଷ ଏନ୍. ପି. ସିଂହ, ପତଞ୍ଜଳି ଗବେଷଣା କେନ୍ଦ୍ରର ନିର୍ଦ୍ଦେଶକ ଡା. ଅନୁରାଗ ବାଷ୍ଣେୟ ପ୍ରମୁଖ ଯୋଗଦେବେ। ବାଗେଶ୍ୱର ସରକାର ଧୀରେନ୍ଦଅ ଶାସ୍ତ୍ରୀ, ଆଚାର୍ଯ୍ୟ ବାଲକ୍ରିଷ୍ଣା, ମହାମଣ୍ଡେଳଶ୍ୱର ଜ୍ଞାନାନନ୍ଦ ଓ ମହନ୍ତ ବଲ୍କନାଥ ଯୋଗୀ ପ୍ରମୁଖ ବାର୍ତ୍ତା ଦେବେ।

# ବେଦାନ୍ତ ଲାଞ୍ଜିଗଡ଼ ପକ୍ଷରୁ ଛାତ୍ରବୃତ୍ତି ପୁରସ୍କାର

**ଡିଏଭି ବେଦାନ୍ତର ୨୨ ସମ୍ମାନିତ**

ଭୁବନେଶ୍ୱର,୯।୧୨(ଅନୁରାଧା ମହାରଣା)




ବେଦାନ୍ତ ଛାତ୍ରବୃତ୍ତି ପୁରସ୍କାର ଅଧୀନରେ ୨୦୨୪-୨୫ଶିକ୍ଷାବର୍ଷରେ ଡିଏଭି ବେଦାନ୍ତ ଇଣ୍ଟରନ୍ୟାଶନାଲ ସ୍କୁଲର ମୋଟ ୨୨ଜଣ ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କରାଯାଇଥିଲା। ଏହି ସମାରୋହରେ ଲାଞ୍ଜିଗଡ଼ର ଗୋଷ୍ଠି ଉନ୍ନୟନ ଅଧିକାରୀ ବିଡିଓ ଅନିମେଶ ପ୍ରଧାନ ଯୋଗ ଦେଇଥିଲେ। ଛାତ୍ରବୃତ୍ତି ପଦକ୍ଷେପ ଭାବେ ୯୦%ରୁ ଅଧିକ ନମ୍ବର ହାସଲ କରିଥିବା ଦଶମ ଏବଂ ଦ୍ୱାଦଶ ଶ୍ରେଣୀର ଟପ୍ପରମାନଙ୍କୁ ୧୦ହଜାର ଟଙ୍କା ଲେଖାଏଁ ପ୍ରଦାନ କରାଯାଇଥିବା ବେଳେ କୌଣସି ବିଷୟରେ ୯୦%ରୁ ଅଧିକ ନମ୍ବର ହାସଲ କରିଥିବା ଛାତ୍ରୀଛାତ୍ରମାନଙ୍କୁ ୫୦୦୦ ଟଙ୍କା ଲେଖାଏଁ ପ୍ରଦାନ କରାଯାଇଥିଲା। ଷଷ୍ଠରୁ ନବମ ଶ୍ରେଣୀ ପର୍ଯ୍ୟନ୍ତ ଟପ୍ପରମାନଙ୍କୁ ସେମାନଙ୍କ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ପ୍ରତ୍ୟେକଙ୍କୁ ୮୦୦୦ଟଙ୍କା ସହିତ ସ୍ୱୀକୃତି ପ୍ରଦାନ କରାଯାଇଥିଲା। ଏହି ଅବସରରେ ବେଦାନ୍ତ ଆଲୁମିନା ବିଜନେସର ସିଇଓ ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ କହିଛନ୍ତି, ବେଦାନ୍ତ ଛାତ୍ରବୃତ୍ତି ପୁରସ୍କାର ମାଧ୍ୟମରେ, ଆମେ ଉତ୍କର୍ଷତାକୁ ସ୍ୱୀକୃତି ଦେବା, ଲକ୍ଷ୍ୟ ହାସଲ ପାଇଁ ଅନୁପ୍ରାଣିତ କରିବା ଏବଂ ଯୁବ ମସ୍ତିଷ୍କକୁ ସଶକ୍ତ କରିବାକୁ ଲକ୍ଷ୍ୟ ରଖିଛୁ। ଲାଞ୍ଜିଗଡ଼ ବିଡିଓ ଅନିମେଶ ପ୍ରଧାନ କହିଥିଲେ, ଛାତ୍ରୀଛାତ୍ରମାନଙ୍କୁ ଶିକ୍ଷା କ୍ଷେତ୍ରରେ ଉନ୍ନତ ପ୍ରଦର୍ଶନ କରିବା ଲାଗି ଏଭଳି ପଦକ୍ଷେପ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ଶିକ୍ଷାକୁ ସମର୍ଥନ କରିବାରେ ବେଦାନ୍ତ ଲାଞ୍ଜିଗଡ଼ର ନିରନ୍ତର ପ୍ରୟାସ ଏକ ଅର୍ଥପୂର୍ଣ୍ଣ ପରିବର୍ତ୍ତନ ଆଣୁଛି।

# ସିମେଣ୍ଟ ଶିଳ୍ପରେ ହେବ ୯% ଅଭିବୃଦ୍ଧି

ଭୁବନେଶ୍ୱର,୯।୧୨(ଅନୁରାଧା ମହାରଣା)

ଆର୍ଥିକ ବର୍ଷ-୨୦୨୬ର ଦ୍ୱିତୀୟାର୍ଦ୍ଧରେ ଭାରତୀୟ ସିମେଣ୍ଟ ଶିଳ୍ପର ପରିମାଣ ୮ରୁ ୯ ପ୍ରତିଶତ ବୃଦ୍ଧି ପାଇବା ସମ୍ଭାବନା ରହିଛି। କ୍ରିସିଲ ଇଣ୍ଟେଲିଜେନ୍ସ ଏକ ରିପୋର୍ଟରେ ଏହି ଆକଳନ କରାଯାଇଛି। ଶିଳ୍ପର ମାର୍ଜିନ ୨୫୦-୩୦୦ ବିପିଏସ୍ ବୃଦ୍ଧି ପାଇବ, ଯାହାର ସହାୟତାରେ ଉଚ୍ଚ ପ୍ରାପ୍ତି, ସ୍ଥିର ମୂଲ୍ୟ, ଜିଏସ୍‌ଟି ହ୍ରାସ ଏବଂ ପରିମାଣ ବୃଦ୍ଧି ସମେତ ବିଭିନ୍ନ କାରଣ ସାହାଯ୍ୟ କରିବେ, ଯାହା ଉତ୍ପାଦକଙ୍କ ପାଇଁ ଚାପ କମ୍ କରିବ। ସ୍ଥିର ବିକ୍ରୟ ମୂଲ୍ୟ ଏବଂ ଇନ୍‌ପୁଟ ମୂଲ୍ୟ ମଧ୍ୟରେ ପରିମାଣ ଏହି ଆର୍ଥିକ ବର୍ଷରେ ସିମେଣ୍ଟ ଉତ୍ପାଦକଙ୍କ ଲାଭରେ ୨୫୦-୩୦୦ ବେସିସ୍ ପଏଣ୍ଟ (ବିପିଏସ୍) ଅଭିବୃଦ୍ଧି ଆଣିବ ବୋଲି ରିପୋର୍ଟରେ କୁହାଯାଇଛି।

# ଭାରତର ପ୍ରଥମ ନୂତନ-ଜେନ୍ ଟ୍ରାକ୍ଟର ପ୍ଲାଟଫର୍ମ ଉନ୍ମୋଚିତ

ଭୁବନେଶ୍ୱର,୯।୧୨

ଇଣ୍ଟରନ୍ୟାଶନାଲ ଟ୍ରାକ୍ଟର୍ସ ଲିମିଟେଡ (ଆଇଟିଏଲ)ର ପ୍ରମୁଖ ବ୍ରାଣ୍ଡ ସୋଲିସ ପକ୍ଷରୁ ସମ୍ପୂର୍ଣ୍ଣ ନୂତନ ସୋଲିସ ଜେପି ୯୭୫ ଉନ୍ମୋଚନ କରାଯାଇଛି। ଏକ ସମ୍ପୂର୍ଣ୍ଣ ନୂତନ ପ୍ରଯୁକ୍ତିବିଦ୍ୟା ପ୍ଲାଟଫର୍ମ ଉପରେ ବିକଶିତ, ଜେପି ୯୭୫ ପ୍ରଗତିଶୀଳ ଭାରତୀୟ କୃଷକମାନଙ୍କ ପାଇଁ ଉଚ୍ଚ-କାର୍ଯ୍ୟକ୍ଷମ, ବୁଦ୍ଧିମାନ ଏବଂ ପ୍ରୟୋଗ- ପ୍ରସ୍ତୁତ ଟ୍ରାକ୍ଟରର ଏକ ନୂତନ ଯୁଗର ଆରମ୍ଭକୁ ଚିହ୍ନିତ କରୁଛି। ଭାରତର 'ବିକଶିତ କିଷାନ୍'କୁ ସଶକ୍ତ କରିବା ପାଇଁ ନିର୍ମିତ, ସୋଲିସ୍ ଜେପି ୯୭୫ ଅତୁଳନୀୟ କାର୍ଯ୍ୟକ୍ଷମ ଆରାମ ଏବଂ ବର୍ଗ-ଅଗ୍ରଣୀ ବୈଶିଷ୍ଟ୍ୟଗୁଡ଼ିକ ପାଇଁ ଯୁଗାନ୍ତକାରୀ ପ୍ରଯୁକ୍ତିବିଦ୍ୟାକୁ ସମନ୍ୱିତ କରୁଛି । ନୂତନ ସୋଲିସ ଜେପି ୯୭୫ ଏହାର ଉନ୍ନତ ଜେପି ଟେକ୍ ୪-ସିଲିଣ୍ଡର ଇଞ୍ଜିନ୍, ଯାହା ହେଭି-ଡ୍ୟୁଟି ଅପରେସନରେ ସହଜ କାର୍ଯ୍ୟଦକ୍ଷତା ପାଇଁ ୧୦% ଅଧିକ ଟର୍କ ପ୍ରଦାନ କରେ ଯାହା ୨୦୫ ଏନଏମ ପର୍ଯ୍ୟନ୍ତ ସର୍ବାଧିକ ହୋଇଥାଏ। ଏହି ଶକ୍ତିଶାଳୀ ଏବଂ ଇନ୍ଧନ ଦକ୍ଷ ଇଞ୍ଜିନ୍ ସେଗମେଣ୍ଟରେ ଭାରତର ପ୍ରଥମ ୧୫ଏଫ + ୫ଆର ଏପିସାଇକ୍ଲିକ୍ ଟ୍ରାନ୍ସମିସନ୍ ସହିତ ଯୋଡ଼ି ହୋଇଛି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..........................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଓଡ଼ିଶା ମାଷ୍ଟର୍ସ ସୁପର ୧୦୦ ବ୍ୟାଡ୍‌ମିଣ୍ଟନ ଉଦ୍‌ଘାଟିତ

**ଭୁବନେଶ୍ୱର, ୯।୧୨ (ତପନ ସ୍ୱାଇଁ)**

କଟକର ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ମଙ୍ଗଳବାର ଓଡ଼ିଶା ମାଷ୍ଟର୍ସ ବିଡବ୍ଲ୍ୟୁଏଫ୍ ଟୁର୍ ସୁପର ୧୦୦ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଛି। କ୍ରୀଡ଼ା ସଚିବ ସଚିନ ରାମଚନ୍ଦ୍ର ଯାଦବ ପ୍ରତିଯୋଗିତାକୁ ଉଦ୍‌ଘାଟନ କରି ସମସ୍ତ ପ୍ରତିଦ୍ୱନ୍ଦ୍ୱୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଏହି ଅବସରରେ ଓଡ଼ିଶା ରାଜ୍ୟ ବ୍ୟାଡ୍‌ମିଣ୍ଟନ ଆସୋସିଏଶନ ସଭାପତି ରାଜେଶ ପାଟିଲ, ଟୁର୍ଣ୍ଣାମେଣ୍ଟ ନିର୍ଦ୍ଦେଶକ ଭେନୁଗୋପାଳ ମହାଲିଙ୍ଗମ୍, କ୍ରୀଡ଼ା ସଚିବ ୟେଦୁଲା ବିଜୟ, କଟକ ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେ ଏବଂ ଆୟୋଜକ କମିଟି ସମ୍ପାଦକ ନିଲେନ କୁମାର ପ୍ରମୁଖ ଉପସ୍ଥିତ ଥିଲେ। ଏବର୍ଷ ଓଡ଼ିଶା ମାଷ୍ଟର୍ସରେ ୧୪୭ ପୁରୁଷ ଓ ୧୩୭ ମହିଳା ଭାଗ ନେଇଛନ୍ତି। ଏମାନେ ପୁରୁଷ ସିଙ୍ଗଲ୍ସ, ମହିଳା ସିଙ୍ଗଲ୍ସ, ପୁରୁଷ ଡବଲ୍ସ, ମହିଳା ଡବଲ୍ସ ଏବଂ ମିକ୍ସଡ ଡବଲ୍ସ ଟାଇଟଲ ପାଇଁ ଲଢେଇ କରିବେ।


ଉଦ୍‌ଘାଟନୀ ଉତ୍ସବରେ ଖେଳାଳିଙ୍କ ସହ ଅତିଥି ବୃନ୍ଦ।

ପ୍ରଥମ ଦିନର ପୂର୍ବାହ୍ନରେ ୨୪ଟି କ୍ୱାଲିଫାଇଂ ମ୍ୟାଚ ହୋଇଥିବା ବେଳେ ଏଥିରୁ ୨୪ଟି ଦଳ ମୁଖ୍ୟ ଡ୍ର'କୁ ଉନ୍ନୀତ ହୋଇଛନ୍ତି । ଅପରାହ୍ନରେ ମୁଖ୍ୟ ଡ୍ରରେ ୨୦ଟି ମ୍ୟାଚ ଅନୁଷ୍ଠିତ ହୋଇଯାଇଛି । ଯୋଗ୍ୟତା ପର୍ଯ୍ୟାୟରୁ ମୁଖ୍ୟ ଡ୍ର'କୁ ଉନ୍ନୀତ ହୋଇଥିବା ଭାରତୀୟ ସିଙ୍ଗଲ୍ସ ଖେଳାଳିମାନେ ହେଲେ ଅଂଶ ବିଶାଳ ଗୁପ୍ତା, ମାନବ ଚୌଧୁରୀ, ରୋନକ ଚୌହାନ, ନୁମେର ଶେଖ, ମେଧାବୀ ନଗର, ସଂସ୍କାର ସାରସ୍ୱତ ଆଦିତ୍ୟ ଦିବାକର, ଲୋକେଶ ରେଡ୍ଡୀ, ତାଇପେଇର ଚି ୟୁନ ଚେଙ୍ଗ, ଜାପାନର ନନାମୀ ସୋମେୟା ଓ ଇଣ୍ଡୋନେସିଆର ଡାଲିଆ ଅଘନିଆ ପୁଟେରୀ। ଡବଲ୍ସରେ ଭାରତ୍‌ର ବିମଲରାଜ ଆନ୍ନାଦୁରେଇ ଓ ଶ୍ରେୟା ବାଲାଜୀ ଯୋଡି, ରୋହିତ ମାରିସ୍ୱାମୀ-ରିଧି କୌର, ଭି. ରେଡ୍ଡି-କେ. ସେଲଭାମ, ଜେନିଥ ଅବିଗେଲ-ଲିଖିତା ଶ୍ରୀବାସ୍ତବ, ଡି. ଭେଲ ମୁରୁଗାନ-ପି.ନଟରାଜାନ, ନିତିନ କୁମାର-ହର୍ଷ ରଣା, କେ. କୁମାରଭେଲ-ଆର. ମୋହନ କୁମାର, ଭି ଆର ନର୍ଦ୍ଧନା-ରିଦୁବର୍ଷିନୀ ରାମାସ୍ୱାମୀ, ଅଦିତି ଭଟ୍ଟ-ଶ୍ରାବଣୀ ବାଲେକାର, ଏନ. ଈଶ୍ୱର ମୂର୍ତ୍ତୀ-ଡି.

### ଭାଗନେଲେ ୧୬ ଦେଶର ୧୩୭ ମହିଳା ଓ ୧୪୭ ପୁରୁଷ ଖେଳାଳି

ଭେଲ ମୁରୁଗାନ, ମୁରଲୀ କ୍ରିଷ୍ଣା କନୁରୀ-ଅଭିଜିତ ମହାରଣା ଓ ସାକ୍ଷୀ ଗହ୍ଲାବତ-ତନୀଷା ସିଂ । ରିପୋର୍ଟ ପ୍ରସ୍ତୁତ ପର୍ଯ୍ୟନ୍ତ ମୁଖ୍ୟ ଡ୍ର ପ୍ରତିଯୋଗିତାରେ ଭାରତୀୟ ଖେଳାଳି କେଭିନ ଥାଙ୍ଗମ, ସାନିଥ ଦୟାନନ୍ଦ, ତୁଷାର ସୁବିର, ଇଣ୍ଡୋନେସିଆ ଖେଳାଳି ମହମ୍ମଦ ୟୁସୁଫ, ରିଚି ରିକାର୍ଡୋ ପ୍ରମୁଖ ନିଜ ନିଜ ପ୍ରତିଦ୍ୱନ୍ଦ୍ୱୀଙ୍କୁ ହରାଇ ପରବର୍ତ୍ତୀ ରାଉଣ୍ଡକୁ ଉନ୍ନୀତ ହୋଇଛନ୍ତି। ୧ ଲକ୍ଷ ୧୦ ହଜାର ଡ଼ଲାର ପୁରସ୍କାର ରାଶି ବିଶିଷ୍ଟ ଏହି ପ୍ରତିଯୋଗିତାକୁ ପରିଚାଳନା ପାଇଁ ୧୦ ଜଣିଆ ବିଡବ୍ଲ୍ୟୁଏଫ ମନୋନୀତ ଅଫିସିଆଲ ଦଳ, ୧୨ ଜଣ ଭାରତୀୟ ବ୍ୟାଡ୍‌ମିଣ୍ଟନ ସଙ୍ଘ ମନୋନୀତ ଅଫିସିଆଲ ଏବଂ ୪୬ ଜଣ ଓସବା ମନୋନୀତ ଅଫିସିଆଲ ପରିଚାଳନା କରୁଛନ୍ତି।

# ସେସା ଫୁଟ୍‌ବଲ ଏକାଡେମୀକୁ ଯୋଗ୍ୟତା

### ଇଣ୍ଡିଆନ ଓମେନ୍ସ ଲିଗ୍

**ପଣଜୀ, ୯।୧୨(ପି.ଟି.)**

ସେସା ମହିଳା ଫୁଟ୍‌ବଲ ଏକାଡେମୀ (ଏସ୍‌ଏଫ୍‌ଏ)ର ସିନିୟର ମହିଳା ଦଳ ପ୍ରଥମଥର ପାଇଁ ଇଣ୍ଡିଆନ ଓମେନ୍ସ ଲିଗ୍(ଆଇଡବ୍ଲ୍ୟୁଏଲ୍) ଲାଗି ଯୋଗ୍ୟତା ଅର୍ଜନ କରିଛି। ଗୋଆର ଏହି ଦଳ ନିକଟରେ ୩ ବର୍ଷ ପରେ ଜାତୀୟ ଲିଗ୍‌କୁ ପ୍ରତ୍ୟାବର୍ତ୍ତନ କରିଥିଲା। ଏହି ଦଳ ବର୍ତ୍ତମାନ ଆଇଡବ୍ଲ୍ୟୁଏଲ୍‌ର ୯ମ ସଂସ୍କରଣରେ ଭାଗ ନେଉଥିବା ଭାରତର ୯ ଏଲିଟ୍ ଦଳରେ ସ୍ଥାନ ପାଇଛି। ଟୁର୍ଣ୍ଣାମେଣ୍ଟ ପଶ୍ଚିମବଙ୍ଗରେ ଡିସେମ୍ବର ୨୦ରୁ ଜାନୁଆରୀ ୬ ପର୍ଯ୍ୟନ୍ତ ଖେଳାଯିବ। ଦ୍ରୋଣାଚାର୍ଯ୍ୟ ପୁରସ୍କାର ବିଜେତା ତଥା ଏସ୍‌ଏଫ୍‌ଏର ପୂର୍ବତନ କୋଚ୍ ଆର୍ମାଣ୍ଡୋ କୋଲାକୋ ଅଗାଆରେ ମହିଳା ଫୁଟ୍‌ବଲର ପୁନରୁଦ୍ଧାରକୁ ଉଚ୍ଚ ପ୍ରଶଂସା କରିଛନ୍ତି। ଇକୋସିଷ୍ଟମର ପୁନର୍ଗଠନ ନୂତନ ପିଢ଼ିର ମହିଳା ଫୁଟ୍‌ବଲରଙ୍କୁ ପ୍ରେରଣା ଯୋଗାଇଦେବ। ଏହାର ସମସ୍ତ ଶ୍ରେୟ ଏକାଡେମୀକୁ ଯିବ ବୋଲି ସେ କହିଛନ୍ତି।

# ଭାରତୀୟ ଦଳରେ କମଳିନୀ, ବୈଷ୍ଣବୀ ନୂଆ ମୁହଁ

### ଶ୍ରୀଲଙ୍କା ବିପକ୍ଷ ଟି୨୦ ସିରିଜ୍

**ନୂଆଦିଲ୍ଲୀ, ୯।୧୨(ପି.ଟି.)**

ଶ୍ରୀଲଙ୍କା ବିପକ୍ଷ ଆସନ୍ତା ୫ ମ୍ୟାଚ୍‌ବିଶିଷ୍ଟ ଅନ୍ତର୍ଜାତୀୟ ମହିଳା ଟି୨୦ କ୍ରିକେଟ୍ ଘରୋଇ ସିରିଜ୍ ପାଇଁ ମଙ୍ଗଳବାର ୧୫ଜଣିଆ ଭାରତୀୟ ଦଳ ଘୋଷଣା କରାଯାଇଛି। ଏଥିରେ ପ୍ରଥମଥର ଦୁଇ ନୂଆ ଖେଳାଳି ଗୁନାଲାନ କମଳିନୀ ଓ ବୈଷ୍ଣବୀ ଶର୍ମାଙ୍କୁ ସ୍ଥାନ ମିଳିଛି। ଡିସେମ୍ବର ୨୧ରୁ ୩୦ ପର୍ଯ୍ୟନ୍ତ ଏହି ସିରିଜ୍ ଖେଳାଯିବ। ପ୍ରଥମ ଦୁଇ ଗେମ୍ ଯଥାକ୍ରମେ ବିଶାଖାପାଟଣା ଓ ଥିରୁଭାନନ୍ତପୁରମ୍‌ରେ ଖେଳାଯିବ। ୧୭ ବର୍ଷୀୟା ଉଇକେଟ୍‌କିପର-ବ୍ୟାଟର କମଳିନୀ ମହିଳା ପ୍ରିମିୟର ଲିଗ୍(ଡବ୍ଲ୍ୟୁପିଏଲ୍)ରେ ମୁମ୍ବାଇ ଇଣ୍ଡିଆନ୍ସ ତରଫରୁ ୯ଟି ମ୍ୟାଚ୍ ଖେଳିଛନ୍ତି। ସେହିପରି ୧୯ ବର୍ଷୀୟା ବୈଷ୍ଣବୀଙ୍କ ନାମ ଅବଶ୍ୟ ଡବ୍ଲ୍ୟୁପିଏଲ୍ ନିଲାମି ତାଲିକାରେ ସ୍ଥାନ ପାଇ ନ ଥିଲା। ଗତମାସରେ ଅନ୍ତର୍ଜାତୀୟ ଦିନିକିଆ ବିଶ୍ୱକପ୍ ସଫଳତା ପାଇଥିବା ଭାରତୀୟ ଦଳର ଦୁଇ ସଦସ୍ୟା ରାଧା ଯାଦବ ଓ ଉମା ଛେତ୍ରୀଙ୍କ ସ୍ଥାନରେ କମଳିନୀ ଏବଂ ବୈଷ୍ଣବୀଙ୍କୁ ଦଳରେ ନିଆଯାଇଛି। କମଳିନୀ ଓ ବୈଷ୍ଣବୀଙ୍କୁ ଛାଡ଼ିଦେଲେ ଦଳରେ ସ୍ଥାନ ପାଇଥିବା ଅନ୍ୟ ସମସ୍ତ ହେଉଛନ୍ତି ଜଣାଶୁଣା ଖେଳାଳି। ସେମାନଙ୍କ ମଧ୍ୟରେ ଅଛନ୍ତି ହରମନପ୍ରୀତ୍ କୌର। ସେ ଦଳର ଅଧିନାୟିକତ୍ୱ କରିବେ। ସ୍ମୃତି ମନ୍ଧାନା ଉପଅଧିନାୟିକା ଦାୟିତ୍ୱ ତୁଲାଇବେ। ଅଷ୍ଟ୍ରେଲିଆ ବିପକ୍ଷ ସେମିଫାଇନାଲ ପୂର୍ବରୁ ଆଘାତପ୍ରାପ୍ତ ପ୍ରତିକା ରାୱଲଙ୍କ ସ୍ଥାନରେ ବିଶ୍ୱକପ୍ ଦଳରେ ସ୍ଥାନ ପାଇଥିବା ବିଗ୍ ହିଟର ବ୍ୟାଟର ଶେଫାଳି ବର୍ମାଙ୍କୁ ମଧ୍ୟ ଦଳରେ ନିଆଯାଇଛି। ନଭି ମୁମ୍ବାଇରେ ଜାନୁଆରୀ ୯ରୁ ଡବ୍ଲ୍ୟୁପିଏଲ୍ ଆରମ୍ଭ ପୂର୍ବରୁ ଭାରତ ଓ ଶ୍ରୀଲଙ୍କା ୫ ମ୍ୟାଚ୍‌ବିଶିଷ୍ଟ ସିରିଜ୍ ଖେଳିବେ। ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ଗତଥର ଏକ ଅନ୍ତର୍ଜାତୀୟ ଟି୨୦ ୨୦୨୪ ଅକ୍ଟୋବରରେ ବିଶ୍ୱକପ୍‌ରେ ଖେଳାଯାଇଥିଲା। ସୂଚନାଯୋଗ୍ୟ, ପ୍ରକୃତରେ ଡିସେମ୍ବରରେ ଭାରତ ଓ ବାଂଲାଦେଶ ମହିଳା କ୍ରିକେଟ ଦଳ ମଧ୍ୟରେ ଏକ ହ୍ୱାଇଟ୍ ବଲ୍ ସିରିଜ୍ ଖେଳାଯିବାର କାର୍ଯ୍ୟକ୍ରମ ଥିଲା। ମାତ୍ର ଦୁଇ ଦେଶ ମଧ୍ୟରେ ବର୍ତ୍ତମାନ ସୁସମ୍ପର୍କ ନ ଥିବାରୁ ଏହାକୁ ବାତିଲ କରାଯାଇ ଶ୍ରୀଲଙ୍କା ବିପକ୍ଷ ଟି୨୦ ସିରିଜ୍‌ର ଆୟୋଜନ କରାଯାଇଛି।

**ଭାରତୀୟ ମହିଳା ଟି୨୦ କ୍ରିକେଟ୍ ଦଳ:** ହରମନପ୍ରୀତ୍ କୌର(ଅଧିନାୟିକା), ସ୍ମୃତି ମନ୍ଧାନା(ଉପଅଧିନାୟିକା), ଦୀପ୍ତି ଶର୍ମା, ସ୍ନେହ ରାଣା, ଜେମିମା ରୋଡ୍ରିଗ୍ସ, ଶେଫାଳି ବର୍ମା, ହର୍ଲିନ ଦେଓଲ, ଅମନଜୋତ୍ କୌର, ଅରୁନ୍ଧତୀ ରେଡ୍ଡୀ, କ୍ରାନ୍ତି ଗୌଡ଼, ରେଣୁକା ସିଂ ଠାକୁର, ରିଚା ଘୋଷ୍(ଉଇକେଟ୍‌କିପର), ଜି. କମଳିନୀ (ଉଇକେଟ୍‌କିପର), ଶ୍ରୀ ଚାରନୀ ଓ ବୈଷ୍ଣବୀ ଶର୍ମା।

# ନିଲାମିରେ ଭାଗନେବେ ୩୫୦ ଖେଳାଳି

### ଆଇପିଏଲ୍ ୨୦୨୬

**ମୁମ୍ବାଇ, ୯।୧୨(ପି.ଟି.)**

ଡିସେମ୍ବର ୧୬ରେ ଆବୁଧାବିଠାରେ ଇଣ୍ଡିଆନ୍ ପ୍ରିମିୟର ଲିଗ୍(ଆଇପିଏଲ୍) ନିଲାମି ଅନୁଷ୍ଠିତ ହେବ। ଏଥିରେ ୨୪୦ ଭାରତୀୟଙ୍କ ସମେତ ମୋଟ ୩୫୦ ଖେଳାଳି ଅଂଶଗ୍ରହଣ କରିବେ। ଶେଷ ମୁହୂର୍ତ୍ତରେ ଫାଇନାଲ ଲିଷ୍ଟରେ ଆଶ୍ଚର୍ଯ୍ୟଜନକ ଭାବେ ଦକ୍ଷିଣ ଆଫ୍ରିକାର କ୍ୱିଣ୍ଟନ୍ ଡି'କକ୍‌ଙ୍କୁ ଏଥିରେ ସାମିଲ କରାଯାଇଛି। ନିକଟରେ ଅନ୍ତର୍ଜାତୀୟ ଦିନିକିଆ ଅବସରରୁ ଫେରିଥିବା ଉଇକେଟ୍‌କିପର-ବ୍ୟାଟର ଡି'କକ୍‌ଙ୍କ ବେସ୍ ପ୍ରାଇସ୍ ୧ କୋଟି ଟଙ୍କା ରଖାଯାଇଛି। ତାଲିକାରେ ଅଷ୍ଟ୍ରେଲିଆ ବ୍ୟାଟର ଷ୍ଟିଭ ସ୍ମିଥ୍‌ଙ୍କ ନାମକୁ ମଧ୍ୟ ସାମିଲ କରାଯାଇଛି। ସେ ଗତଥର ୨୦୨୧ ଖେଳାଳି ନିଲାମିରେ ତାଙ୍କ ନାମ ପଞ୍ଜୀକୃତ କରିଥିଲେ। ଖେଳାଳି ନିଲାମ ପାଇଁ ମୋଟ ୧,୩୯୦ ଜଣ ସେମାନଙ୍କ ନାମ ପଞ୍ଜୀକୃତ କରିଥିଲେ। ପ୍ରଥମେ ଏହି ତାଲିକାକୁ ୧,୦୦୫ ଏବଂ ପରେ ୩୫୦କୁ ସଂକ୍ଷିପ୍ତ କରାଯାଇଥିଲା। ୧୦ଟି ଦଳକୁ ନେଇ ବିଶ୍ୱର ଏହି ସବୁଠାରୁ ବଡ଼ ଟି୨୦ ଲିଗ୍‌ର ୧୯ତମ ସଂସ୍କରଣ ପାଇଁ ୭୭ଟି ସ୍ଥାନ ଉପଲବ୍ଧ ଅଛି। ତନ୍ମଧ୍ୟରେ ବିଦେଶୀ ଖେଳାଳିଙ୍କ ସଂଖ୍ୟା ୩୧ ରହିଛି। ପ୍ରଥମ ସେଟ୍‌ରେ ନିଲାମ ହେବାକୁଥିବା ଖେଳାଳିମାନଙ୍କ ମଧ୍ୟରେ ରହିଛନ୍ତି ମୁମ୍ବାଇ ଇଣ୍ଡିଆନ୍ ବ୍ୟାଟର ପୃଥ୍ୱୀ ଶ' ଓ ସର୍ଫରାଜ ଖାନ୍। ଉଭୟଙ୍କ ବେସ୍ ପ୍ରାଇସ୍ ୭୫ ଲକ୍ଷ ଟଙ୍କା ଲେଖାଏ ରଖାଯାଇଛି। ଶ' ୨୦୧୮ରୁ ୨୦୨୪ ପର୍ଯ୍ୟନ୍ତ ନିୟମିତ ଆଇପିଏଲ୍‌ର ଅଂଶବିଶେଷ ରହି ଆସିଛନ୍ତି। ଗତବର୍ଷ କିନ୍ତୁ ସେ ବିକ୍ରି ହୋଇପାରି ନ ଥିବାବେଳେ ସର୍ଫରାଜ ୨୦୨୧ ପରଠାରୁ ପ୍ରତିଯୋଗିତାରେ ଖେଳିନାହାନ୍ତି। ଖେଳାଳି ତାଲିକାରେ ସ୍ଥାନ ପାଇଥିବା ବିଦେଶୀ ଖେଳାଳିମାନଙ୍କ ମଧ୍ୟରେ ଦୁଇ ଅଷ୍ଟ୍ରେଲୀୟ କାମେରନ ଗ୍ରୀନ୍ ଓ ଜେକ୍ ଫ୍ରେଜର-ମ୍ୟାକ୍‌ଗୁର୍କ ପୂର୍ବତନ ଚେନ୍ନାଇ ସୁପର କିଙ୍ଗ୍ସ ଓପନର ଡେଭନ କନୱେ ଓ ଦକ୍ଷିଣ ଆଫ୍ରିକାର ଡେଭିଡ ମିଲର ଅନ୍ୟତମ ରହିଛନ୍ତି। ପ୍ରତ୍ୟେକ ଖେଳାଳିଙ୍କ ବେସ୍ ପ୍ରାଇସ୍ ୨ କୋଟି ରଖାଯାଇଛି। କୋଲ୍‌କାତା ନାଇଟ୍ ରାଇଡର୍ସ (କେକେଆର)ରୁ ରିଲିଜ୍ ହୋଇଥିବା ଭେଙ୍କଟେଶ ଆୟାରଙ୍କ ବେସ୍ ପ୍ରାଇସ ୨ କୋଟି ଟଙ୍କା ରଖାଯାଇଛି। ଚୂଡ଼ାନ୍ତ ତାଲିକାରେ ସ୍ଥାନ ପାଇଥିବା ଘରୋଇ ଖେଳାଳିମାନଙ୍କ ମଧ୍ୟରେ ଅଛନ୍ତି କୁନାଲ ଚାଣ୍ଡେଲା ଓ ଅଶୋକ କୁମାର। ସୟଦ ମୁସ୍ତାକ୍ ଅଲି ଟି୨୦ ଟ୍ରଫିରେ ଉଭୟ ଯଥାକ୍ରମେ ହେଉଛନ୍ତି ସର୍ବାଧିକ ରନ୍ ସଂଗ୍ରହକାରୀ ବ୍ୟାଟର ଓ ସର୍ବାଧିକ ଉଇକେଟ ହାସଲକାରୀ ବୋଲର। ୩ଥର ଚାମ୍ପିୟନ କେକେଆର୍ ନିଲାମିକୁ ସବୁଠାରୁ ଅଧିକ ୬୪.୩ କୋଟି ଟଙ୍କା ନେଇ ଓହ୍ଲାଇବ। ଏହା ପଛକୁ ରହିଛି ୫ଥର ଚାମ୍ପିୟନ ଚେନ୍ନାଇ ସୁପର କିଙ୍ଗ୍(ସିଏସ୍‌କେ)। ଥରେ ଆଇପିଏଲ ଟାଇଟଲ ଜିତିଥିବା ସନ୍‌ରାଇଜର୍ସ ହାଇଦ୍ରାବାଦ ତୃତୀୟ ସର୍ବାଧିକ ୨୫.୫ କୋଟି ଟଙ୍କା ନେଇ ନିଲାମିକୁ ଓହ୍ଲାଇବ। ଚୂଡ଼ାନ୍ତ ତାଲିକାରେ ସ୍ଥାନ ପାଇଥିବା ୨୧ଜଣ ଇଂଲଣ୍ଡ ଖେଳାଳିଙ୍କ ମଧ୍ୟରେ ଅଛନ୍ତି ଉଇକେଟ୍‌କିପର ବ୍ୟାଟର ଜେମି ସ୍ମିଥ୍, ପେସର ଗସ୍ ଆଟକିନ୍‌ସନ, ଲିଆମ ଲିଭିଂଷ୍ଟୋନ୍ ଏବଂ ଟେଷ୍ଟ ଓପନର ବେନ୍ ଡକେଟ। ନିଲାମିରେ ଗ୍ରୀନ୍ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି ଆଶା କରାଯାଉଛି। ତାଲିକାରେ ସ୍ଥାନ ପାଇଁ ୧୯ ଅଷ୍ଟ୍ରେଲୀୟ ଖେଳାଳିଙ୍କ ମଧ୍ୟରେ ଅଛନ୍ତି ଜୋଶ୍ ଇଂଲିଶ, ମାଥ୍ୟୁ ଶର୍ଟ, କୁପର କୋନୋଲି ଓ ବିୟୁ ୱେବଷ୍ଟର ଅନ୍ୟତମ। ଆଇପିଏଲ୍ ନିଲାମିରେ ସାମିଲ ହେବାକୁଥିବା ଦକ୍ଷିଣ ଆଫ୍ରିକାର ୧୫ ଖେଳାଳିଙ୍କ ମଧ୍ୟରେ ଅଛନ୍ତି ଫାଷ୍ଟ ବୋଲର ଏନ୍‌ରିଜ ନର୍ଜେ, ଲୁନ୍‌ଗି ଏନ୍‌ଗିଡ଼ି, ଜେରାଲ୍ଡ କୋଜି ଏବଂ ଅଲ୍‌ରାଉଣ୍ଡର ୱିଆନ ମଲ୍‌ଡର। ସେହିପରି ତାଲିକାରେ ସ୍ଥାନ ପାଇଥିବା ୯ ୱେଷ୍ଟଇଣ୍ଡିଜ ଖେଳାଳିଙ୍କ ମଧ୍ୟରେ ଅଛନ୍ତି ଫାଷ୍ଟ ବୋଲର ଅଲ୍‌ଜାରି ଯୋଶେଫ୍ ଓ ଶାମର ଜୋଶେଫ, ଆକିମ୍ ଅଗଷ୍ଟି, ଶାଇ ହୋପ୍ ଓ ରୋଷ୍ଟନ ଚେଜ୍। ଶ୍ରୀଲଙ୍କା ସ୍ପିନର ୱାନିନ୍ଦୁ ହସରଙ୍ଗା, ଦୁନିଥ ୱେଲାଲେଗ୍, ମାହିଶ ଥିକ୍‌ସାନା ଓ ଟ୍ରାଭିନ ମାଥ୍ୟୁ, ପାଥୁମ ନିଶାଙ୍କା, କୁଶାଲ ମେଣ୍ଡିସ ଓ କୁଶାଲ ପେରେରାଙ୍କ ସମେତ ୧୨ ଜଣ ଖେଳାଳି ନିଲାମିରେ ଅବତୀର୍ଣ୍ଣ ହେବେ।




**Classified Everyday**
0674-2580101, 9692975378




**BRIDE WANTED**

ଝିଅ ଆବଶ୍ୟକ: ଚାକିରି କରିଥିବା ବ୍ରାହ୍ମଣ ପୁଅ, ବୟସ- ୪୭ ବର୍ଷ, ଦ୍ୱିତୀୟ ବିବାହ ପାଇଁ ଯେକୌଣସି ଜାତିର ଝିଅ ଆବଶ୍ୟକ। ଯୋଗାଯୋଗ: 9937371168. D-2713

Wanted Brahmin B-tech bride for boy 1999/5'6", software Engineer, MNC Bangalore. 7008283078. D-2787

**GROOM WANTED**

Good Looking Bania girl 1997, 5'3", MBA, Bank PO. 9853366347. D-2775

Proposals invited from Bank officers State/ Central Govt./ psu Engineers for an Asst. manager (SBI) Brahmin bride, 27 years, 5'7". Contact No.- 8280857693. D-2776

ବ୍ରାହ୍ମଣ Govt Lab Technician, 49, ବୟସ୍କା divorce ଝିଅଙ୍କୁ ଯେକୌଣସି ଜାତିର ପୁଅ ଦରକାର। 6370471610. D-2790

34 ବୟସ୍କା ବିଧବା Govt. Lecture, ସୁନ୍ଦର, ଖଣ୍ଡାୟତ ଝିଅଙ୍କୁ ବରପାତ୍ର ଯୋଗାଯୋଗ କରନ୍ତୁ। 8249280543. D-2791


See Career Appointment on every Wednesday & Saturday




**SALE**

Retanga Railway Station ପାଖରେ 46000 Sqft. Yellowzone Gharabari Plot Sale ହେବ। Contact: 9778928492. D-74735

ଭୁବନେଶ୍ୱର ଜଟଣୀଗେଟରୁ ଅଳ୍ପ ଦୂରତାରେ 1500Sqft. ପ୍ଲଟ୍ 6,75,000ରେ ବିକ୍ରିହେବ। 9776974912. D-14




The massage felt totally professional! & comfortable at all times-7978109255. D-221

All types of physiotherapy with massage, Contact number 9556924059/ 7656969134. D-2766

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**LEGAL NOTICE**

IN THE COURT OF THE 1ST ADDL. CIVIL JUDGE, SENIOR DIVISION, BHUBANESWAR
C.S. No.1715/2019

Bishnu Mohan Dash .....Plaintiff
Versus
Jayasingh Tanka & others ...... Defendants

NOTICE U/S.5, RULE- 20 OF C.P.C.

To,
1. Jayasingh Tanka, aged about 54 years, S/o- Late Lata Tanka, Village- Bachharapatna, near Radha Krushna Temple, P.O./P.S- Jatni, Dist.- Puri (Now Khordha) (Grandson of Mithi Bai), 2. Bilasini Mallick, aged about 60 years, D/o- Rama Mallick, At- Godhisahi, P.O./P.S.- Jatni, Dist.- Puri (Now Khordha), 3. Narendra Mallick, aged about 70 years, 4. Kuntala Mallick, aged about 67 years, 5. Sutei Mallick, aged about 65 years, 6. Supa Mallick, aged about 63 years, 7. Jayanti Mallick, aged about 61 years, Sl. No.3 to 7 are son and daughter of Late Laxman Mallick respectively and residing at village- Godhi Sahi, P.O./ P.S.- Jatni, Dist.- Puri (Now Khordha).

Whereas, the plaintiff has instituted the aforesaid civil suit against you for declaration of right, title and interest over the suit land. You hereby summoned to appear in this court in person or by a pleader duly instructed and able to answer all material questions relating to the civil suit or shall accompany by some person able to answer all such question on the 27th day of January 2026 at 10.30 O' clock to answer the claim.

SCHEDULE OF PROPERTY

Mouza- Bachharapatna, Sabak Khata No. 224, Leger Khata No. 311 and Settlement Khata No. 211/5 and Khata No. 306, Plot No. 440/581, measuring an area Ac0.050 decimals, out of Ac0.500 decimals from eastern side and Mouza- Bachharapatna, Khata No. 211/4, Plot No. 440/580, measuring an area Ac0.250 decimals, out of Ac0.500 decimals, the purchase area is Ac0.085 decimals from the South-West corner of aforesaid total area Ac0.300 decimals of Sub-Registrar/Tahasil/P.O./P.S.- Jatni, Dist.- Puri now Khordha, the plot comprising of wide 42ft. means 63 kadi, length from North to South 89ft. means 135 kadi.

Given under my hand and the seal of the Court this 23rd day of October 2025.

Sd./- Dt.23.10.2025
1st Addl. Civil Judge, Senior Division, Bhubaneswar
D-2789


# ପ୍ରଥମ ଟ୍ରାନ୍ସଜେଣ୍ଡର ଫୁଟ୍‌ବଲ ଲିଗ୍

**ଜାମ୍‌ସେଦ୍‌ପୁର, ୯।୧୨(ପି.ଟି.)**

ଜାମ୍‌ସେଦ୍‌ପୁର ସୁପର ଲିଗ୍ ଅଧୀନରେ ପ୍ରଥମଥର ୭ଟି ଟ୍ରାନ୍ସଜେଣ୍ଡର ଦଳକୁ ନେଇ ଏକ ସ୍ୱତନ୍ତ୍ର ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇଛି। ଭାରତୀୟ ଫୁଟ୍‌ବଲର ଏହା ଏକ ଉଲ୍ଲେଖନୀୟ ମାଇଲଖୁଣ୍ଟ ବୋଲି କୁହାଯାଉଛି। ଫାଇଭ୍-ଏ-ସାଇଡ୍ ଫର୍ମାଟ୍‌ରେ ଖେଳାଯାଉଥିବା ଏହି ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରୁଥିବା ଦଳଗୁଡ଼ିକ ହେଲେ ଜାମ୍‌ସେଦ୍‌ପୁର ଏଫ୍‌ଟି, ଚାଇବସା ଏଫ୍‌ସି, ଚକ୍ରଧରପୁର ଏଫ୍‌ସି, ଜାମ୍‌ସେଦ୍‌ପୁର ଇନ୍ଦ୍ରନଗର ଏଫ୍‌ସି, ନାଓମୁଣ୍ଡି ଏଫ୍‌ସି, ସରାଇକେଲା ଏଫ୍‌ସି ଓ କୋଲହାନ ଟାଇଗର୍ସ ଏଫ୍‌ସି। ପ୍ରଥମେ ଏହି ଟୁର୍ଣ୍ଣାମେଣ୍ଟ ୪ ଦଳକୁ ନେଇ ଆୟୋଜନ କରିବା ଲାଗି ସ୍ଥିର ହୋଇଥିଲା। ମାତ୍ର ପରେ ନିଷ୍ପତ୍ତିରେ ପରିବର୍ତ୍ତନ କରାଯାଇଥିଲା। ଏହି ଟୁର୍ଣ୍ଣାମେଣ୍ଟ ହେଉଛି ଜାମ୍‌ସେଦ୍‌ପୁର ସୁପର ଲିଗ୍‌ର ଏକ ଅଂଶବିଶେଷ। ରବିବାର ଉଦ୍‌ଘାଟନୀ ଦିବସରେ ଜାମ୍‌ସେଦ୍‌ପୁର ଏଫ୍‌ସି ୭-୦ ଗୋଲ୍‌ରେ ଚାଇବସା ଏଫ୍‌ସିକୁ ହରାଇ ଦେଇଥିବା ବେଳେ ଚକ୍ରଧରପୁର ଏଫ୍‌ସି ବିପକ୍ଷରେ କୋଲହାନ ଟାଇଗର୍ସ ୩-୦ ଗୋଲରେ ବିଜୟଲାଭ କରିଛି। ଅନ୍ୟପକ୍ଷେ ଜାମ୍‌ସେଦ୍‌ପୁର ଇନ୍ଦ୍ରନଗର ଏଫ୍‌ସି ଓ ନୋଆମୁଣ୍ଡି ଏଫ୍‌ସି ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍ ଗୋଲ୍‌ଶୂନ୍ୟ ଭାବେ ଶେଷ ହୋଇଥିଲା।


**ମନେ ପଡ଼ନ୍ତି**

**ଏକାଦଶ ଶ୍ରାଦ୍ଧବାର୍ଷିକୀ**



**ଂ ଚକ୍ରଧର ନନ୍ଦ**

ରାଣୀପଡ଼ା, ସାଲେପୁର
ଆବିର୍ଭାବ: ୧୬।୦୩।୧୯୩୪
ତିରୋଧାନ: ୧୨।୧୨।୨୦୧୪
ତୁମ ଅମର ଆତ୍ମାର ଶାନ୍ତି ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଠାରେ ପ୍ରଣାମ ଜଣାଉଛୁ।
-:ଶୋକସନ୍ତପ୍ତ:-
ବନ୍ଧୁ ଓ ପରିବାରବର୍ଗ
ଧ-୨୭୮୮


# ପୋଡିୟମ ଫିନିଶ ଲକ୍ଷ୍ୟରେ ଭାରତ

### ଏଫ୍‌ଆଇଏଚ୍ ଜୁନିୟର ପୁରୁଷ ବିଶ୍ୱକପ୍ ହକି

**ଚେନ୍ନାଇ, ୯।୧୨(ପି.ଟି.)**

ଅନ୍ତର୍ଜାତୀୟ ହକି ମହାସଙ୍ଘ (ଏଫ୍‌ଆଇଏଚ୍) ପୁରୁଷ ଜୁନିୟର ବିଶ୍ୱକପ୍ ହକି ଟାଇଟଲ ହାସଲ କରିବାର ସ୍ୱପ୍ନ ହୁଏତ ଶେଷ ହୋଇଯାଇଥାଇପାରେ। କିନ୍ତୁ ଅତିକମ୍‌ରେ ପୋଡିୟମ ଫିନିଶ ସହ ଘରୋଇ ଦର୍ଶକଙ୍କ ମନରେ କିଛିଟା ଖୁସି ଆଣିଦେବାକୁ ଆଶା ରଖିଥିବ ନିଶ୍ଚୟ। ଭାରତ ବୁଧବାର ବ୍ରୋଞ୍ଜ୍ ପଦକ ମୁକାବିଲାରେ ଆର୍ଜେଣ୍ଟିନାକୁ ଭେଟିବ। ଭାରତ ୯ ବର୍ଷ ପୂର୍ବେ ୨୦୧୬ ଲକ୍ଷ୍ନୌ ସଂସ୍କରଣରେ ଟାଇଟଲ ବିଜୟୀ ହୋଇଥିଲା। ଦଳ ରବିବାର ସେମିଫାଇନାଲରେ ୭ଥର ଚାମ୍ପିୟନ ତଥା ଗତଥରର ଟାଇଟଲ ବିଜେତା ଜର୍ମାନୀଠାରୁ ୧-୫ ଗୋଲରେ ହାରିଯାଇଥିଲା। ମ୍ୟାଚ୍ ପରେ ଭାରତର ମୁଖ୍ୟ କୋଚ୍ ପି.ଆର୍. ଶ୍ରୀଜେଶ ସ୍ୱୀକାର କରିଥିଲେ ଯେ, ତାଙ୍କ ଦଳ ଯୋଜନା ମୁତାବକ ଖେଳିବାରେ ବିଫଳ ହୋଇଥିଲା। ଛୋଟ ଛୋଟ ତ୍ରୁଟି ଦଳ ପାଇଁ ମହଙ୍ଗା ସାବ୍ୟସ୍ତ ହୋଇଥିଲା ଏବଂ ଭାରତର ଟାଇଟଲ ଆଶା ଧୂଳିସାତ୍ ହୋଇଯାଇଥିଲା। ତୃତୀୟ ସ୍ଥାନ ପାଇଁ ମୁକାବିଲାରେ ଥିବା ଦୁଇଥର ଚାମ୍ପିୟନ ଆର୍ଜେଣ୍ଟିନା ଆୟୋଜକ ଭାରତକୁ କଡ଼ା ଟକ୍କର ଦେବ ବୋଲି ଆଶା କରାଯାଉଛି। ମ୍ୟାଚ୍ ଜିତିବାକୁ ହେଲେ ଭାରତକୁ ଦଳଗତ ଶ୍ରେଷ୍ଠ ପ୍ରଦର୍ଶନ କରିବାକୁ ପଡ଼ିବ। ୨୦୦୫ ଓ ୨୦୨୧ ଟାଇଟଲ ବିଜେତା ଆର୍ଜେଣ୍ଟିନା ଏକ ତୀବ୍ର ପ୍ରତିଦ୍ୱନ୍ଦ୍ୱିତାମୂଳକ ସେମିଫାଇନାଲ ମ୍ୟାଚ୍‌ରେ ସ୍ପେନ୍‌ଠାରୁ ଅଳ୍ପକେ ୨-୧ ଗୋଲରେ ହାରିଯାଇଥିଲା। ଏହି ପରାଜୟ ଦଳକୁ ଖୁବ୍ ଆଘାତ ଦେଇଥିବ। ଭଲ ପ୍ରଦର୍ଶନ ସହ ଟୁର୍ଣ୍ଣାମେଣ୍ଟ ଶେଷ କରିବା ଲାଗି ଦଳ ବ୍ୟାକୁଳ ରହିଥିବ ନିଶ୍ଚୟ।

## ଗେଣ୍ଡୁଫୁଲର ଉନ୍ନତ କିସମ



**ଶୀ**ତଦିନିଆ ଗେଣ୍ଡୁଫୁଲ ଚାଷ ପାଇଁ ବର୍ତ୍ତମାନ ଉପଯୁକ୍ତ ସମୟ । ଉନ୍ନତ କିସମ ବିହନ ଯଥା ଆଫ୍ରିକାନ୍ ଜାଏଣ୍ଟ ଡବଲ ୟେଲୋ, ଡବଲ ଅରେଞ୍ଜ, ଫ୍ରେଞ୍ଚ୍ କିସମ ସେରାକୋଲା, ଏନ୍‌କା ୟେଲୋ ଓ ଏନ୍‌କା ଗୋଲ୍‌ଡ ଆଦି କିସମ ବ୍ୟବହାର କରନ୍ତୁ। ଏକର ପ୍ରତି ୬୦୦ ଗ୍ରାମ୍ ବିହନ ବ୍ୟବହାରକରନ୍ତୁ କିମ୍ବା ଗଛଖଣ୍ଡରୁ ଚାରା ପ୍ରସ୍ତୁତକରି ଧାଡ଼ିକୁ ଧାଡ଼ି ୩୦ରୁ ୪୦ ସେ.ମି. ଓ ଗଛକୁ ଗଛ ୩୦ ସେ.ମି. ବ୍ୟବଧାନରେ ରଖନ୍ତୁ। ଏକର ପ୍ରତି ଶେଷ ଓଡ଼ ଚାଷ ସମୟରେ ଅନୁମୋଦିତ ୪୦ କେଜି ଯବକ୍ଷାରଜାନର ଅଧା, ୮୦ କିଗ୍ରା ଫସ୍‌ଫରସ୍ ଓ ୮୦ କେଜି ପଟାସ୍ ସାର ବ୍ୟବହାର କରନ୍ତୁ। ଗେଣ୍ଡୁ ଗଛରେ ହେଲିଓଥିସ୍ ଏବଂ ଆମେରିକୀୟ ପତ୍ର, ସୁଡଙ୍ଗକାରୀ ପୋକ ତଥା ଅଷ୍ଟପଦୀ ଲାଗିବାର ଆଶଙ୍କା ଅଛି। ଏଥିପାଇଁ ଏକର ପ୍ରତି ୪୦୦ ମିଲି ଏଣ୍ଡୋସଲ୍‌ଫାନ୍ ଏବଂ ଅଷ୍ଟପଦୀ ଦମନ ପାଇଁ ଏକର ପ୍ରତି ୬୦୦ ମିଲି ଡିକୋଫଲ୍ ସ୍ପ୍ରେ କରନ୍ତୁ।

## ଗାଁଗହଳିରେ କୁକୁଡ଼ା ପାଳନ

**ଗାଁ**ଗହଳିର ବାଡ଼ିବଗିଚାରେ ମାଂସ ଓ ଅଣ୍ଡା ପାଇଁ ବନରାଜା, ଗ୍ରାମ ପ୍ରିୟ ଓ ପଲ୍ଲୀରାଜା ପ୍ରଜାତିର କୁକୁଡ଼ା ପାଳନକରନ୍ତୁ । ବନରାଜା ବର୍ଷକୁ ୧୫୦ଟି ଅଣ୍ଡା ଦେବା ସହ ୨୦ ସପ୍ତାହରେ ଏହାର ଓଜନ ୨ ରୁ ୨.୫ କିଗ୍ରା ହୋଇଥାଏ । ଗ୍ରାମପ୍ରିୟ ବର୍ଷକୁ ୧୫୦–୧୬୦ଟି ଅଣ୍ଡା ଦେବା ସହ ୨୦ ସପ୍ତାହରେ ଏହାର ଓଜନ ୩ ରୁ ୩.୫ କେ.ଜି. ହୋଇଥାଏ । ପଲ୍ଲୀରାଜା ଏକ ରଙ୍ଗିନ ପ୍ରଜାତିର କୁକୁଡ଼ା । ଏହା ବର୍ଷକୁ ୨୦୦ଟି ଅଣ୍ଡାଦେବା ସହ ୨୦ ସପ୍ତାହରେ ଏହାର ଓଜନ ୩ ରୁ ୩.୫ କେ.ଜି. ହୋଇଥାଏ । ପ୍ରାଣୀ ଚିକିତ୍ସକଙ୍କ ପରାମର୍ଶକ୍ରମେ କୁକୁଡ଼ାଙ୍କୁ ନିୟମିତ କୁକୁଡ଼ା ମରୁଡ଼ି ରୋଗ ଓ ବସନ୍ତ ରୋଗର ଟିକା ଦିଅନ୍ତୁ।



## ଚିନାବାଦାମରେ ଜଳସେଚନ



**ଆଗରୁ** ଲଗାଯାଇଥିବା ଚିନା ବାଦାମ ୪ ସପ୍ତାହର ହୋଇଯାଇଥିଲେ କୋଡ଼ାଖୁସା କରି ଘାସ ବାଛିଦିଅନ୍ତୁ ଏବଂ ତା' ପରେ ଏକର ପ୍ରତି ୧୦୦ କି.ଗ୍ରା. ଜିପ୍‌ସମ୍ ଛାଟନ୍ତୁ। ଯଦି ଗଛ ଧାଡ଼ିର ପାର୍ଶ୍ୱରେ ଲାଇନ କରି ପକାଯାଏ, ଏକର ପ୍ରତି କେବଳ ୫୦ କି.ଗ୍ରା. ଜିପ୍‌ସମ୍ ଆବଶ୍ୟକ ହୋଇଥାଏ। ଫସ୍‌ଫରସ୍ ସାରକୁ ଆମୋନିୟମ୍ ସଲ୍‌ଫେଟ୍ କିମ୍ବା ସିଙ୍ଗଲ ସୁପର ଫସ୍‌ଫେଟ୍ ଆକାରରେ ପ୍ରୟୋଗ କରିଥିଲେ ଜିପ୍‌ସମ୍‌ର ଆବଶ୍ୟକତା ପଡ଼େ ନାହିଁ। ଜମିର ବତର ଦେଖି ଜଳସେଚନର ବ୍ୟବସ୍ଥା କରନ୍ତୁ। ରବି, ଚିନାବାଦାମ ପାଇଁ ଜମି ପ୍ରସ୍ତୁତ କରନ୍ତୁ ଓ ଉନ୍ନତ କିସମ ଯଥା ଏକେ ୧୨ – ୨୪, ସ୍ମୃତି କିମ୍ବା ଜେ.ଏଲ୍ .– ୨୪ ଆଦି ବ୍ୟବହାର କରନ୍ତୁ।

# ସମନ୍ୱିତ କୃଷି: ଏକ ସଫଳ ମଡେଲ



କେଶବ କୁମାର ମହାପାତ୍ର

**କ୍ଷୁ**ଦ୍ର ଏବଂ ନାମମାତ୍ର ଚାଷୀମାନେ ଭାରତୀୟ କୃଷି ଓ ଅର୍ଥନୀତିର ମେରୁଦଣ୍ଡ। ତଥାପି ସେମାନେ ନିମ୍ନ ଉତ୍ପାଦକତା, ଅସ୍ଥିରବଜାର, ଜଳବାୟୁ ପରିବର୍ତ୍ତନ ଏବଂ ବୃଦ୍ଧି ପାଉଥିବା କୃଷି ପାଇଁ ଆନୁଷଙ୍ଗିକ ଖର୍ଚ୍ଚ ସହ ନିରନ୍ତର ସଂଘର୍ଷ କରନ୍ତି।

ପାରମ୍ପରିକ ଏକକ ଫସଲ ଚାଷ ପ୍ରଣାଳୀ ପ୍ରାୟତଃ ସ୍ଥାୟୀ ଆୟ ସୃଷ୍ଟି କରିବାରେ ବିଫଳ ହୁଏ। ବିଶେଷକରି ସୀମିତ ଜମି ମାଲିକାନା ଥିବା ଚାଷୀଙ୍କ ପାଇଁ। ଏହି ଚ୍ୟାଲେଞ୍ଜଗୁଡ଼ିକର ସଫଳ ମୁକାବିଲା ପାଇଁ, ସମନ୍ୱିତ କୃଷି ପ୍ରଣାଳୀ କୃଷି ଲାଭ ବୃଦ୍ଧି କରିବା ପାଇଁ ଏକ ବୈଜ୍ଞାନିକ ଭାବରେ ପ୍ରମାଣିତ ଏବଂ ଆର୍ଥିକ ଦୃଷ୍ଟିରୁ ସମ୍ଭବ ପଥ ପ୍ରଦର୍ଶନ କରେ। ସମାନ ଫାର୍ମ ମଧ୍ୟରେ ପରିପୂରକ କୃଷି ଉପାଦାନଗୁଡ଼ିକୁ ମିଶ୍ରଣକରି ଚାଷୀମାନେ ସମ୍ବଳ ପୁନଃ ଚକ୍ରଣ କରିପାରିବେ। ଅପଚୟକୁ କମ୍ କରିପାରିବେ, ଆୟ ଉତ୍ସଗୁଡ଼ିକୁ ବିବିଧ କରିପାରିବେ ଏବଂ ପରିବେଶଗତ ସ୍ଥାୟିତ୍ୱ ବୃଦ୍ଧି କରିପାରିବେ। ଏହି ଆଲୋଚ୍ୟ ବିଷୟଟି ଏକ ପାଞ୍ଚ–ଉପାଦାନ ସମନ୍ୱିତ କୃଷି ମଡେଲ – କୃଷି, ଉଦ୍ୟାନକୃଷି, ମାଛଚାଷ, ପଶୁପାଳନ ଏବଂ ମହୁମାଛି ପାଳନ ଉପରେ ବିଷଦ ତଥ୍ୟ ରହିଛି।

**କୃଷି**

କୃଷି ଉପାଦାନ ସମନ୍ୱିତ କୃଷି ପ୍ରଣାଳୀର ମୂଳଦୁଆ । କ୍ଷୁଦ୍ର ଏବଂ ନାମମାତ୍ର ଚାଷୀଙ୍କ ପାଇଁ ଅମଳକୁ ସ୍ଥିର କରିବା ଏବଂ ଏକକ ଫସଲ ସହ ଜଡ଼ିତ ବିପଦକୁ ହ୍ରାସକରିବା ପାଇଁ ବିବିଧ ଫସଲ ଅତ୍ୟାବଶ୍ୟକ। ଶସ୍ୟ, ଡାଲି, ତୈଳବୀଜ ଏବଂ ପନିପରିବା ଏକତ୍ରିତ କରିବା ଦ୍ୱାରା ବର୍ଷ ସାରା ନିରନ୍ତର ଉତ୍ପାଦନ ସୁନିଶ୍ଚିତ ହୁଏ। ଡାଲିଜାତୀୟ ଫସଲ ସହ ଫସଲ ପରିବର୍ତ୍ତନ ପ୍ରାକୃତିକ ଭାବରେ ମାଟିର ଯବକ୍ଷାରଜାନକୁ ସମୃଦ୍ଧ କରିଥାଏ ଏବଂ ମହଙ୍ଗା ସାର ଉପରେ ନିର୍ଭରଶୀଳତା ହ୍ରାସ କରିଥାଏ। ମକା ସହ ବରଗୁଡ଼ି, ମଟର ସହ ଚିନାବାଦାମ କିମ୍ବା ବାଜରା ସହ ଡାଲି ଭଳି ଆନ୍ତଃ ଫସଲ ପ୍ରଣାଳୀ କୀଟପତଙ୍ଗ ଆକ୍ରମଣକୁ ହ୍ରାସ କରିବା ସହ ଜମିର ଉତ୍ପାଦକତାକୁ ଅଧିକ କରିଥାଏ। ବାଜରା, ସ୍ୱଳ୍ପକାଳୀନ ଧାନ, ମରୁଡ଼ିସହଣି ମକା ଏବଂ ଉଚ୍ଚ–ଉତ୍ପାଦନକ୍ଷମ ଡାଲି ପରି ଜଳବାୟୁ ଅନୁକୂଳ ଫସଲ ପ୍ରଚଳନ ଅନିଶ୍ଚିତ ପାଣିପାଗକୁ ମୁକାବିଲା କରିଥାଏ।

ସମନ୍ୱିତ କୃଷି ପ୍ରଣାଳୀରେ, କୃଷି ଉପ–ଉତ୍ପାଦଗୁଡ଼ିକ ଅନ୍ୟ ଉପାଦାନ ପାଇଁ ମୂଲ୍ୟବାନ୍ ଉପଯୋଗୀ ହୋଇଯାଏ। ନଡ଼ା, କୁଟା, ବୋଟି ଏବଂ ଭୁସା ପରି ଫସଲ ଅବଶିଷ୍ଟାଂଶକୁ ପଶୁପାଳନ ପାଇଁ ଖାଦ୍ୟ,କମ୍ପୋଷ୍ଟ, ଛତୁ ଶଯ୍ୟା ପ୍ରସ୍ତୁତି ସାମଗ୍ରୀ କିମ୍ବା ମାଛ ପୋଖରୀରେ ପୁଷ୍ଟିସାର ଉତ୍ସ ଭାବରେ ବ୍ୟବହାର କରାଯାଏ। ଫାର୍ମ ମଧ୍ୟରେ ଉତ୍ପାଦିତ ଜୈବିକ ଅବଶିଷ୍ଟାଂଶ ଜିଆଖତ, ଗୋବରସାର, ବାୟୋଗ୍ୟାସ୍ ସ୍ଲରି ଏବଂ ସବୁଜସାର ମାଟି ଗଠନକୁ ଉନ୍ନତ କରିଥାଏ। ଜୀବାଣୁ କାର୍ଯ୍ୟକଳାପ ବୃଦ୍ଧି କରିଥାଏ ଏବଂ ଫସଲ ପାଇଁ ପୁଷ୍ଟିସାର ଉପଲବ୍ଧତାକୁ ବୃଦ୍ଧି କରିଥାଏ। ଏହା ରାସାୟନିକ ସାର ଉପରେ ନିର୍ଭରଶୀଳତା ହ୍ରାସକରେ ଏବଂ ଦୀର୍ଘକାଳୀନ ମାଟି ସ୍ୱାସ୍ଥ୍ୟକୁ ଉନ୍ନତକରେ। ଛାଦିକରଣ, ବୁନ୍ଦା ଜଳସେଚନ, ଶୂନ୍ୟଚାଷ ଏବଂ ସମନ୍ୱିତ କୀଟପତଙ୍ଗ ପରିଚାଳନା ଭଳି ସ୍ଥାୟୀ ଅଭ୍ୟାସଗୁଡ଼ିକ କେବଳ ଆନୁଷଙ୍ଗିକ ଖର୍ଚ୍ଚ ହ୍ରାସ କରନ୍ତି ନାହିଁ ବରଂ ସମ୍ପଦ ଅବକ୍ଷୟକୁ ହ୍ରାସ କରିବାରେ ମଧ୍ୟ ସାହାଯ୍ୟ କରନ୍ତି। ତେଣୁ କୃଷି ଉପାଦାନ ସେହି ଆଧାର ଭାବରେ କାର୍ଯ୍ୟକରେ ଯାହା ଉପରେ ଅବଶିଷ୍ଟ ଉପାଦାନଗୁଡ଼ିକ ସମନ୍ୱୟ ଗଠନ କରିବାରେ ସକ୍ଷମ ହୁଅନ୍ତି।

"କୃଷି ଉପାଦାନ ସମନ୍ୱିତ କୃଷି ପ୍ରଣାଳୀର ମୂଳଦୁଆ । କ୍ଷୁଦ୍ର ଏବଂ ନାମମାତ୍ର ଚାଷୀଙ୍କ ପାଇଁ ଅମଳକୁ ସ୍ଥିରକରିବା ଏବଂ ଏକକ ଫସଲ ସହ ଜଡ଼ିତ ବିପଦକୁ ହ୍ରାସ କରିବା ପାଇଁ ବିବିଧ ଫସଲ ଅତ୍ୟାବଶ୍ୟକ। ଶସ୍ୟ, ଡାଲି, ତୈଳବୀଜ ଏବଂ ପନିପରିବା ଏକତ୍ରିତ କରିବା ଦ୍ୱାରା ବର୍ଷ ସାରା ନିରନ୍ତର ଉତ୍ପାଦନ ସୁନିଶ୍ଚିତ ହୁଏ। ଡାଲିଜାତୀୟ ଫସଲ ସହ ଫସଲ ପରିବର୍ତ୍ତନ ପ୍ରାକୃତିକ ଭାବରେ ମାଟିର ଯବକ୍ଷାରଜାନକୁ ସମୃଦ୍ଧ କରିଥାଏ ଏବଂ ମହଙ୍ଗା ସାର ଉପରେ ନିର୍ଭରଶୀଳତା ହ୍ରାସ କରିଥାଏ।"



**ଉଦ୍ୟାନ କୃଷି**

ଉଦ୍ୟାନ କୃଷି ଉପାଦାନ ଉଚ୍ଚ–ମୂଲ୍ୟର ଫଳ, ପନିପରିବା ଏବଂ ବୃକ୍ଷରୋପଣ ଫସଲଯୋଡ଼ି କୃଷି ଆୟକୁ ଉଲ୍ଲେଖନୀୟ ଭାବରେ ବୃଦ୍ଧି କରେ। ଉଦ୍ୟାନକୃଷି ପାଇଁ ଉତ୍ସର୍ଗୀକୃତ ଏକ ଛୋଟ କ୍ଷେତ୍ର ମଧ୍ୟ ନିୟମିତ ନଗଦ ଆୟ ଏବଂ ପୁଷ୍ଟିକର ସୁରକ୍ଷା ପ୍ରଦାନ କରିପାରିବ। ଆମ୍ବ, ଗୁଆ,ଅମୃତଭଣ୍ଡା, କଦଳୀ, ସଜନା, ଲେମ୍ବୁ ଏବଂ ସୀତାଫଳ ପରି ଫଳଗଛ ଦୀର୍ଘକାଳୀନ, ସ୍ଥିର ଆୟ ପ୍ରଦାନ କରେ ଏବଂ ଅପେକ୍ଷାକୃତ କମ୍ ରକ୍ଷଣାବେକ୍ଷଣ ଆବଶ୍ୟକ କରେ। ଉଚ୍ଚ–ଘନତାରୋପଣ ପ୍ରଣାଳୀ ଏବଂ ବହୁସ୍ତରୀୟ ଉଦ୍ୟାନ ଚାଷୀମାନଙ୍କୁ ସୀମାନ୍ତ ଜମିରେ ମଧ୍ୟ ବିବିଧ ଫଳଫସଲ ଚାଷ କରିବାକୁ ଅନୁମତି ଦିଏ। ଏହା ସହ ପନିପରିବା ଚାଷ – ବିଲାତି, ଭେଣ୍ଡି, କଖାରୁ, ସବୁଜ ପତ୍ରଯୁକ୍ତ ପରିବା,ବିନ୍ସ ପ୍ରତ୍ୟେକ ଋତୁରେ ଭଲ କାରବାର ସୁନିଶ୍ଚିତ କରେ, ଯାହା ଚାଷୀମାନଙ୍କୁ ବର୍ଷସାରା ଆୟ ଅର୍ଜନ କରିବାକୁ ସକ୍ଷମ କରିଥାଏ।

ଉଦ୍ୟାନ କୃଷି ଏବଂ ଅନ୍ୟାନ୍ୟ ଉପାଦାନ ମଧ୍ୟରେ ସମନ୍ୱୟ ସମନ୍ୱିତ କୃଷିର ଏକ ପ୍ରମୁଖ ଶକ୍ତି। ପଡ଼ିଥିବା ଫଳ, ଚୋପା ଏବଂ ବଜାରରେ ଅଯୋଗ୍ୟ ପନିପରିବା ପଶୁପାଳନ ପାଇଁ ଉତ୍କୃଷ୍ଟ ଖାଦ୍ୟ କିମ୍ବା ଜିଆସାର ପାଇଁ ପ୍ରସ୍ତୁତି ଉପାଦାନ ଭାବରେ କାର୍ଯ୍ୟକରେ। ଫାର୍ମରେ ଉତ୍ପାଦିତ ପୁଷ୍ଟିକର ଭରପୂର ଜିଆଖତ ଉଦ୍ୟାନ ଫସଲର ବୃଦ୍ଧି, ଅମଳ ଏବଂ ଗୁଣବତ୍ତା ଉନ୍ନତ କରେ, ସାର ଖର୍ଚ୍ଚ ହ୍ରାସ କରେ। ବଗିଚାରେ ସ୍ଥାପିତ ବୁନ୍ଦାଜଳସେଚନ ପ୍ରଣାଳୀ ପ୍ରାୟତଃ ନିକଟବର୍ତ୍ତୀ ପନିପରିବା ଜମି ସହ ପାଣି ବାଣ୍ଟିଥାଏ, ଯାହା ଜଳ ବ୍ୟବହାର ଦକ୍ଷତା ବୃଦ୍ଧି କରେ। ବଗିଚାରେ ପନିପରିବା, ଔଷଧୀୟ ଗଛ କିମ୍ବା ଯବକ୍ଷାରଜାନ ବିବନ୍ଧନକାରୀ ବୃକ୍ଷ ଆନ୍ତଃ ଫସଲ କରିବା ଦ୍ୱାରା ମାଟିର ଉର୍ବରତା ଏବଂ ଆୟ ଆହୁରି ବୃଦ୍ଧି ହୁଏ। ଉଦ୍ୟାନ କୃଷିକୁ ସମନ୍ୱିତ କରି ଚାଷୀମାନେ କେବଳ ଶସ୍ୟ–କୃଷି ତୁଳନାରେ ପ୍ରତି ୟୁନିଟ୍ କ୍ଷେତ୍ରରେ ୨–୩ ଗୁଣ ଅଧିକ ଲାଭ ହାସଲ କରିପାରିବେ। ତାହା ଆୟ ଦ୍ୱିଗୁଣିତ କରିବାପାଇଁ ଏକ ରଣନୈତିକ କୌଶଳ ଭାବରେ ପ୍ରତିଷ୍ଠିତ କରିଥାଏ।

**ମାଛଚାଷ**

ମତ୍ସ୍ୟଚାଷ (ମାଛଚାଷ) ସମନ୍ୱିତ କୃଷିରେ ଏକ ଜଳୀୟ ଉପାଦାନ ଏବଂ ସମ୍ପଦ ପୁନଃ ଚକ୍ରଣ କରି ଅଧିକ ଆୟ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। ବିଶେଷଭାବରେ ପୋଖରୀ, ନିମ୍ନଭୂମି କିମ୍ବା ଋତୁକାଳୀନ ଜଳାଶୟ ଥିବା ଚାଷୀଙ୍କ ପାଇଁ। ରୋହି, ଭାକୁଡ଼, ମିରିକାଳି, ଘାସକାର୍ପ, ରୁପାକାର୍ପ ଏବଂ ଜାପାନୀ କଉ ପରି ମଧୁର ଜଳ ମାଛ ପ୍ରଜାତିଗୁଡ଼ିକ ତୁଳନାତ୍ମକ ଭାବରେ କମ୍ ପରିଚାଳନା ଖର୍ଚ୍ଚରେ ଉଚ୍ଚ ଲାଭ ପ୍ରଦାନ କରନ୍ତି। ପଶୁପାଳନ ଏବଂ କୃଷି ସହ ସମନ୍ୱିତ ହେଲେ ମାଛ ଚାଷ ଦକ୍ଷ ଏବଂ ସ୍ଥାୟୀ ହୁଏ। ଉଦାହରଣ ସ୍ୱରୂପ ମାଛ ପୋଖରୀକୁ ସାର ଦେବା ପାଇଁ ମାପ ପରିମାଣରେ ପୁଷ୍ଟିକର ପଦାର୍ଥଯୁକ୍ତ ଗାଈ ଗୋବର କିମ୍ବା କୁକୁଡ଼ା ଖତ ବ୍ୟବହାର କରାଯାଏ, ଯାହା ପ୍ରାକୃତିକ ପ୍ଲାଙ୍କଟନ ବୃଦ୍ଧିକୁ ପ୍ରୋତ୍ସାହିତ କରେ, ଯାହା ମାଛ ଖାଦ୍ୟ ଭାବରେ କାର୍ଯ୍ୟକରେ। ଯେପରି ସମୟ ସହ ଜମାହେଉଥିବା ପୋଖରୀ ପଙ୍କ ଫସଲ ଏବଂ ଫଳଗଛ ପାଇଁ ଏକ ମୂଲ୍ୟବାନ୍ ଜୈବିକ ସାର ହୋଇଯାଏ। (କ୍ରମଶଃ...)

ମଧୁବାବୁ କମ୍ପ୍ଲେକ୍ସ, ଖନ୍ତାପଡ଼ା, ବାଲେଶ୍ୱର, ମୋ : ୯୪୩୭୧୧୭୪୦୬

## ଆଳୁରେ ହୁଡ଼ା ଦେଉଥିଲେ...



**ଆଳୁ** ଲଗାଇବାର ୩ ସପ୍ତାହ ହୋଇଯାଇଥିଲେ କିମ୍ବା ଗଛ ୧୦–୧୨ ସେ.ମି. ହୋଇଥିଲେ ପ୍ରଥମେ ହୁଡ଼ା ଦିଅନ୍ତୁ। ପ୍ରଥମେ ଭଲଭାବରେ କୋଡ଼ାଖୁସା କରି ଘାସ ବାଛନ୍ତୁ। ଏହାଦ୍ୱାରା ଆଳୁଗଛ ମୂଳର ମାଟି ହାଲୁକା ହୋଇଯିବ। ତା'ପରେ ଜମିରେ କିସମ ଦେଖି ବଳକା ୩୦–୪୫କି.ଗ୍ରା. ଯବକ୍ଷାରଜାନ ସାରକୁ ଆଳୁ ଗଛ ଧାଡ଼ର ୨ ପାଖରେ ୩–୪ସେ.ମି. ଦୂରତାରେ ୨–୩ସେ.ମି. ଗଭୀରରେ ହୁଡ଼ା ଦିଅନ୍ତୁ। ୧ଏକର ଜମିରେ ଆଳୁ ଲଗାଇବା ଲାଗି ୬–୮କୁଇଣ୍ଟାଲ(୨୫ଗ୍ରାମ୍ ଓଜନର ବିହନ ଆଳୁ) ସଂଗ୍ରହ କରି ଅନ୍ଧାରରେ ୭ଦିନ ଚଟାଣରେ ରଖି ଦିଅନ୍ତୁ। ପରେ ଲଗାଇବା ପୂର୍ବରୁ ବିହନକୁ ୧୦ଲିଟର ପାଣିରେ ୨୦ଗ୍ରାମ୍ ମାଙ୍କୋଜେବ୍ ସହ ୧ ଗ୍ରାମ୍ ଷ୍ଟ୍ରେପ୍‌ଟୋସାଇକ୍ଲିନ୍ ମିଶାଇ ଦ୍ରବଣ ପ୍ରସ୍ତୁତକରି ୩୦ମିନିଟ୍ ଭିଜାଇ ଛାଇରେ ଶୁଖାଇ ଦିଅନ୍ତୁ। ଜମି ପ୍ରସ୍ତୁତି ବେଳେ ସାଧାରଣ ଜମି ପାଇଁ ଏକର ପ୍ରତି ୮ଟନ୍ କମ୍ପୋଷ୍ଟ ଓ ନଈବାଲିରେ ୧୦ଟନ୍ କମ୍ପୋଷ୍ଟ ପ୍ରୟୋଗ କରନ୍ତୁ। ସାଧାରଣ ଜମି ପାଇଁ ଅନୁମୋଦିତ ସାର ଯଥା: ୬୦–୩୦–୪୦ଯବକ୍ଷାରଜାନ, ଫସ୍‌ଫରସ୍ ଓ ପଟାସ ଏବଂ ନଈବାଲିରେ ୯୦–୪୫–୬୦ଯବକ୍ଷାରଜାନ, ଫସ୍‌ଫରସ୍ ଓ ପଟାସ ପ୍ରୟୋଗ କରନ୍ତୁ। ଆଳୁ ଲଗାଇବା ବେଳେ ସବୁତକ ଫସ୍‌ଫରସ୍ ଓ ପଟାସ ଏବଂ ଅଧା ଯବକ୍ଷାରଜାନ ସାର ପ୍ରୟୋଗ କରନ୍ତୁ। ତା' ସହ ଏକର ପ୍ରତି ୫ କି.ଗ୍ରା. ବ୍ଲିଚିଂ ପାଉଡର ଓ ୪କି.ଗ୍ରା. ଫୋରେଟ୍ ପ୍ରୟୋଗକଲେ ପ୍ରାଥମିକ ଅବସ୍ଥାରେ ପୋକ ଝାଉଁଳା, ଯାଦୁରା ରୋଗ ଦମନ ହୋଇଥାଏ।


## ପିଆଜ ଲଗାଉଥିଲେ...



ପିଆଜ ତଳିଗୁଡିକ ୧୨–୧୫ସେ.ମି. ଉଚ୍ଚା ହୋଇଗଲେ ସେଗୁଡ଼ିକୁ ଉପରବେଳା ଉପାଡ଼ି ଲଗାନ୍ତୁ। ଶୀତଦିନରେ ୮–୧୦ସପ୍ତାହର ଚାରା ଲଗାନ୍ତୁ। ଛୋଟ ତଳି ଲଗାଇଲେ ଜମିରେ ଗଛ ଦୁର୍ବଳ ରହେ ଓ ବଡ଼ ତଳି ଲଗାଇଲେ ଶୀଘ୍ର ଶଣ୍ଢା ବାହାରିପଡ଼େ। ଜମିକୁ ଭଲଭାବରେ ୪–୫ଥର ଚାଷକରି ମାଟି ଗୁଣ୍ଡକରି ଦିଅନ୍ତୁ। ପାଣି ମଡ଼େଇବାର ସୁବିଧା ଦେଖି ୨ ମିଟର ଓସାରର ଛୋଟ ଛୋଟ ପଟାଳିକରି ଖତସାର ଦେଇ ଜମି ସମତୁଲ କରିଦିଅନ୍ତୁ। ପଟାଳି ପ୍ରସ୍ତୁତି ସମୟରେ ଏକର ପ୍ରତି ୧୦କି.ଗ୍ରା. କ୍ଲୋରୋପାଇରିଫସ୍ ଗୁଣ୍ଡ ପ୍ରୟୋଗ କରନ୍ତୁ। ଏହାଦ୍ୱାରା ଉଇ ବା କଟାପୋକ ହେବେ ନାହିଁ। ଧାଡ଼ିକୁ ଧାଡ଼ି ୧୫ସେ.ମି. ଓ ଗଛକୁ ଗଛ ୧୦ସେ.ମି. ବ୍ୟବଧାନରେ ଚାରା ଲଗାନ୍ତୁ। ଏକର ପ୍ରତି ୮–୧୨ ଟନ ଶଢ଼ା ଗୋବରଖତ ଗୁଣ୍ଡ ତଳି ଲଗେଇବାର ୧ ସପ୍ତାହ ପୂର୍ବରୁ ଜମିରେ ପକାଇ ଭଲଭାବେ ମାଟିରେ ମିଶାଇ ଦିଅନ୍ତୁ। ପିଆଜ ଚାଷ ଲାଗି ଏକର ପ୍ରତି ୪୮କି.ଗ୍ରା. ଯବକ୍ଷାରଜାନ, ୨୪କି.ଗ୍ରା. ଫସ୍‌ଫରସ୍ ଓ ୨୪କି.ଗ୍ରା. ପଟାସ ସାର ଆବଶ୍ୟକ। ଅଧା ଯବକ୍ଷାରଜାନ, ସମୁଦାୟ ଫସ୍‌ଫରସ୍ ଓ ଅଧା ପଟାସ ସାରକୁ ମୂଳସାର ରୂପେ ତଳି ରୋଇବାର ୨ ଦିନ ଆଗରୁ ମାଟିରେ ମିଶେଇ ଦିଅନ୍ତୁ।

## ପନିପରିବା ଚାଷ

**ଲ**ଙ୍କା ଫସଲରେ ଉଙ୍କୁଣିଆ ପୋକ ଲାଗିଥିଲେ ୫ ଗ୍ରାମ୍ ଏସିଟାମିପ୍ରିଡ୍ ୨୦ ଏସ୍‌ପିକୁ କିମ୍ବା ୧୫ ମି.ଲି. ଆବାମେକ୍ଟିନ୍ ୧୫ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ସହଳ କିସମ ଫୁଲକୋବିରେ ଶୁଁବାଳୁଆ ଲାଗିଲେ ୪ ମି.ଲି. ନିମ ତେଲ ୦.୧୫%କୁ ୧ ଲିଟର ପାଣିରେ ମିଶାଇ ସପ୍ତାହେ ଅନ୍ତରରେ ୨ଥର ସିଞ୍ଚନ କରନ୍ତୁ। ଅତ୍ୟଧିକ ବର୍ଷା କିମ୍ବା ବନ୍ୟା ଦ୍ୱାରା କ୍ଷତିଗ୍ରସ୍ତ ଢିପ ତଥା ମଝିଆଳି ଜମିରେ ବିଭିନ୍ନ ପ୍ରକାର ପନିପରିବା ଯଥା– ଶାଗ, ଧନିଆପତ୍ର, ବାଇଗଣ, ଲଙ୍କା, ଟମାଟୋ ଆଦି ଲଗାଇବାର ବନ୍ଦୋବସ୍ତ କରନ୍ତୁ । ପାଳଙ୍ଗ, ଧନିଆ, କୋଶଳା ଆଦି ଶାଗଚାଷ କଲେ ଅଧିକ ଲାଭ ମିଳିପାରିବ। ପିଆଜ ତଳି ପ୍ରସ୍ତୁତି ପାଇଁ ଉଦ୍ୟମ ଆରମ୍ଭ କରନ୍ତୁ। ଏକର ପ୍ରତି ୪ କିଗ୍ରା ହିସାବରେ ଏଗ୍ରିଫାଉଣ୍ଡ ଲାଇଟ୍ ରେଡ୍, ଆର୍କ ନିକେତନ୍ ଏଗ୍ରିଫାଉଣ୍ଡ୍ ଡାର୍କରେଡ୍, ଭୀମା ସୁପର ଓ ଭୀମା ଶକ୍ତି ବିହନ କିସମ ସଂଗ୍ରହକରି ତଳି ପକାନ୍ତୁ। ଆଳୁ ପାଇଁ ହେକ୍ଟର ପ୍ରତି ୨୦ ରୁ ୨୫ କୁଇଣ୍ଟାଲ ବିହନ ଦରକାର ହୁଏ। ହେକ୍ଟର ପ୍ରତି ୧୮୦ କେ.ଜି. ଯବକ୍ଷାରଜାନ, ୮୦ କିଗ୍ରା ଫସ୍‌ଫେଟ୍ ଓ ୧୦୦ କେ.ଜି. ପଟାସ୍ ସାର ବ୍ୟବହାର କରନ୍ତୁ ଓ ଆଳୁ ଲଗାଇ ଦିଅନ୍ତୁ। ବିଲାତି ବାଇଗଣ ଓ ବାଇଗଣର ଝାଉଁଳା ରୋଗ ପାଇଁ ୨୫ ଗ୍ରାମ୍ କପର ଅକ୍ସିକ୍ଲୋରାଇଡ୍ ସହ ୧.୫ ଗ୍ରାମ୍ ଷ୍ଟ୍ରେପ୍ଟୋସାଇକ୍ଲିନ୍ ୧୦ ଲିଟର ପାଣିରେ ମିଶାଇ ଗଛ ମୂଳକୁ ଭିଜାନ୍ତୁ।



# ଶୀତକାଳୀନ ମାଛଚାଷ ପୋଖରୀର ପରିଚାଳନା



ଚିନ୍ମୟୀ ଷଡ଼ଙ୍ଗୀ

**ଶୀ**ତଦିନରେ ବିଶେଷତଃ ପୋଖରୀ ପାଣି ଗୋଳିଆ ହେବା ସହ ଦଳସବୁ ସ୍ଥିରହୋଇ ଉପରେ ଏକ ଚାଦର ଭଳି ବସିଯାଏ । ଏହା ଫଳରେ ମାଛମାନେ ଅନବରତ ଭାବେ ପାଣିରେ ଭଲଭାବେ ଓ ଚଳପ୍ରଚଳ କରିବାରେ ଅସୁବିଧା ହୋଇଥାଏ । ଏଣୁ ଅନେକ ଥର ଆମେ ଦେଖୁ ଯେ, ଶୀତଦିନେ ପୋଖରୀରେ ମାଛସବୁ ମରି ଭାସୁଥାନ୍ତି। ଏଭଳି ସ୍ଥିତିରେ ପୋଖରୀଗୁଡ଼ିକରେ ମାଛଚାଷ ସମୟରେ ପାଣିର ଉପଯୁକ୍ତ ପରିଚାଳନା ଆବଶ୍ୟକ ହୋଇଥାଏ। ଏହା ସହ ଅଧିକ ଶୀତ ପଡ଼ିଲେ ମଧ୍ୟ ପାଣିର ତାପମାତ୍ରା ଓ ଅମ୍ଳଜାନ ସାଧାରଣ ଦିନଠୁ କମିଯାଉଥିବାରୁ ମାଛମାନଙ୍କ ଉପରେ ଏକପ୍ରକାର ଚାପ ସୃଷ୍ଟିହୁଏ । ଫଳରେ ମାଛମାନଙ୍କୁ ବିଭିନ୍ନ ପ୍ରକାର ରୋଗ ହେବା ଦ୍ୱାରା ସେମାନେ ମରିଯିବା ସମ୍ଭାବନା ରହିଥାଏ।

**ଶୀତକାଳୀନ ମାଛଚାଷ ପାଇଁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ**

ଶୀତଦିନରେ ପୋଖରୀ ପାଣିର ଗଭୀରତା ଅତିକମ୍‌ରେ ୬ ଫୁଟ ରଖିବା ଆବଶ୍ୟକ। ଏହିଦିନରେ ମାଛମାନଙ୍କର ଖାଦ୍ୟର ଆବଶ୍ୟକତା କମ୍ ଥାଏ। ସେଥିପାଇଁ ସାଧାରଣ ଖାଦ୍ୟ ପରିମାଣରୁ ୫୦–୭୫ ଭାଗ କମ୍ ଖାଦ୍ୟ ଦେବା ଆବଶ୍ୟକ । ଗୋବର, କୁକୁଡ଼ାମଳ, ପିଡ଼ିଆ ଭଳି ଜୈବିକ ଖାଦ୍ୟପୋଖରୀରେ ପକାନ୍ତୁ ନାହିଁ। କାରଣ ଏହା ପାଣିର ଗୁଣବତ୍ତା ହ୍ରାସ କରିଥାଏ। ଶୀତକାଳରେ କାର୍ପମାଛରେ ଅଲ୍ସର, ଫଙ୍ଗସ, ଗିଲ୍ରୋଟ ଅଧିକ ଦେଖାଯାଏ। ଏହା ସହ ଅନ୍ୟାନ୍ୟ ରୋଗ ମଧ୍ୟ ହୋଇଥାଏ। ଶୀତଦିନିଆ ରୋଗର ପ୍ରତିକାର ପାଇଁ ଶୀତଋତୁ ପୂର୍ବରୁ ଏକର ପିଛା ସିଫାକ୍ସ ୪୦୦ମି.ଲି., ପୋଟାସିୟମ ପରମଙ୍ଗାନେଟ (KMNO୪ ) ୧–୨ କି.ଗ୍ରା. କିମ୍ବା ଚୂନ (LIME ) ୫୦–୧୦୦ କି.ଗ୍ରା. ପୋଖରୀରେ ପ୍ରୟୋଗ କରନ୍ତୁ । ଏକର ପିଛା ୧୦୦ କି.ଗ୍ରା. ହାରରେ ସାଧାରଣ ଲୁଣ ପ୍ରୟୋଗ କରିବା ଦ୍ୱାରା ମଧ୍ୟ ମାଛର ଚାପ କମେ ଓ ପରଜୀବୀ ନିୟନ୍ତ୍ରଣରେ ସହାୟକ ହୋଇଥାଏ। ପୋଖରୀ ପାଣିର ସର୍ବଦା ଉତ୍ତମ ଗୁଣବତ୍ତା ଓ ପରିଷ୍କାର ରଖିବା ଆବଶ୍ୟକ । ଏଥିପାଇଁ DO, PH ଓ ପାଣିର ଧୂଳିକଣା ସମୟ ସମୟରେ ପରୀକ୍ଷା କରାଇବା ଉଚିତ । ଶୀତରେ ମାଛକୁ ବେଶି ଜଲ ଲଗାଇ ଧରିବା କିମ୍ବା ଅନାବଶ୍ୟକ ଚଳାଚଳ ଉପରେ ବାରଣ କରନ୍ତୁ । ପାଣିରେ ଅମ୍ଳଜାନର ପରିମାଣ ବଢ଼ାଇବା ପାଇଁ ସାଧାରଣ ଏରଟର୍/ପ୍ୟାଡଲ୍‌ୱିଲ୍ ବ୍ୟବହାରକରନ୍ତୁ।

**ଖାଦ୍ୟ ପରିଚାଳନା**

➤ଥଣ୍ଡାରେ ମାଛ ଖାଇବା କମାଇ ଦେଇଥାଏ,ତେଣୁ ଖାଦ୍ୟ ୫୦–୭୫ % କମାଇବା ଉଚିତ।

➤ଖାଦ୍ୟର ଉପଯୁକ୍ତ ବ୍ୟବହାର, ପାଣିର ଗୁଣବତ୍ତା ଠିକ୍ ରଖିବା ଏବଂ ଖାଦ୍ୟ ନଷ୍ଟକୁ ରୋକିବାକୁ ସକାଳ ୧୦ଟା ପରଠୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଖାଦ୍ୟ ଦେବା ଭଲ।

➤ଅତ୍ୟଧିକ ଖାଦ୍ୟ ଦେଲେ ପାଣି ଦୂଷିତ ହୋଇ ମାଛ ମରିଯିବା ସମ୍ଭାବନା ରହିଥାଏ।

ଶୀତକାଳରେ ମାଛର ବୃଦ୍ଧି କମ୍ ହୋଇଥାଏ,କିନ୍ତୁ ଠିକ୍ ପୋଖରୀ ପରିଚାଳନା ଦ୍ୱାରା ମାଛ ମୃତ୍ୟୁ,ରୋଗ ଓ ଉତ୍ପାଦନ କ୍ଷତିକୁ ରୋକାଯାଇପାରେ। ଖାଦ୍ୟ, ପାଣିର ଗୁଣବତ୍ତା ରକ୍ଷା, ଅକ୍ସିଜେନ୍ ଓ ରୋଗ ନିୟନ୍ତ୍ରଣ–ଏହି ଚାରିଟି ହିଁ ଶୀତ ପରିଚାଳନାର ମୂଳ ଆଧାର।



–ମତ୍ସ୍ୟବିଜ୍ଞାନ ଅଧିକାରୀ, ଓୟୁଏଟି,ଭୁବନେଶ୍ୱର
ମୋ : ୯୪୩୯୯୧୪୯୯୧

ଧରିତ୍ରୀ DHARITRI 52 Years
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ବୁଧବାର, ଡିସେମ୍ବର ୧୦/୨୦୨୫ Bhubaneswar, Wednesday, December 10/ 2025

# ବାରବାଟୀରେ ଟି୨୦ ଉତ୍ସାହ

**ବାରବାଟୀ ଷ୍ଟାଡିୟମରେ ମଙ୍ଗଳବାର ଅନୁଷ୍ଠିତ ହୋଇଛି ଭାରତ-ଦକ୍ଷିଣ ଆଫ୍ରିକା ଟି୨୦ କ୍ରିକେଟ ମ୍ୟାଚ। ଏହି ଅନ୍ତର୍ଜାତୀୟ ମ୍ୟାଚଲାଗି ଦର୍ଶକଙ୍କ ମନରେ ନାହିଁ ନ ଥିବା ଉତ୍ସାହ ପରିଲକ୍ଷିତ ହୋଇଛି।**




ଭାରତ-ଦକ୍ଷିଣ ଆଫ୍ରିକା ମ୍ୟାଚ ପୂର୍ବରୁ ଦୁଇ ଦଳର ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଓ ଏଡେନ ମାରକ୍ରମଙ୍କ ସହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କ୍ରୀଡ଼ା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଓ ଅନ୍ୟମାନେ।

## ମ୍ୟାଚ୍ ଦେଖିଲେ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ

ମ୍ୟାଚ୍ ଦେଖିବା ପାଇଁ ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) ପକ୍ଷରୁ ଗେଷ୍ଟ ଲାଉଞ୍ଜର ବ୍ୟବସ୍ଥା କରାଯାଇଥିଲା। ଏଥିରେ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ସହିତ ରାଜ୍ୟର ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ବସି ମ୍ୟାଚ୍ ଉପଭୋଗ କରିଥିଲେ।



ମ୍ୟାଚ ଅବସରରେ ଷ୍ଟାଡିୟମରେ ଉପସ୍ଥିତ ଦର୍ଶକ।

## ଭାରତ-ଦକ୍ଷିଣ ଆଫ୍ରିକା ସ୍କୋର ବୋର୍ଡ

**ଭାରତ ଇନିଂସ**
ଅଭିଷେକ ଶର୍ମା-କ-ଜାନସେନ୍-ବୋ-ସିପାମ୍ଲା-୧୭
ଶୁବମନ ଗିଲ୍-କ-ଜାନସେନ-ବୋ-ଏନ୍‌ଗିଡ଼ି-୪
ସୂର୍ଯ୍ୟକୁମାର ଯାଦବ-କ-ମାରାକ୍ରମ-ବୋ-ଏନ୍‌ଗିଡ଼ି-୧୨
ତିଲକ ବର୍ମା-କ-ଜାନସେନ୍-ବୋ-ଏନ୍‌ଗିଡ଼ି-୨୬
ଅକ୍ଷର ପଟେଲ-କ-ଫେରିରା-ବୋ-ସିପାମ୍ଲା-୨୩
ହାର୍ଦ୍ଦିକ ପାଣ୍ଡ୍ୟା- ନଟ୍ ଆଉଟ୍-୫୯
ଶିବମ ଦୁବେ-ବୋ-ଫେରିରା-୧୧
ଜିତେଶ ଶର୍ମା-ନଟ୍ ଆଉଟ୍-୧୦
**ଅତିରିକ୍ତ**-୧୩
**ମୋଟ:** (୨୦ ଓଭର/୬ ଉଇକେଟ) ୧୭୫।
**ଉଇକେଟ ପତନ:**
୧/୫, ୨/୧୭, ୩/୪୮, ୪/୭୮,୫/୧୦୪,୬/୧୩୭।
**ବୋଲିଂ (ଦକ୍ଷିଣ ଆଫ୍ରିକା)**
ଲୁନ୍‌ଗି ଏନ୍‌ଗିଡ଼ି ୪-୦-୩୧-୩
ମାର୍କୋ ଜାନସେନ୍ ୪-୦-୨୩-୦
ଲୁଥୋ ସିପାମ୍ଲା ୪-୦-୩୮-୨
ଏନରିଚ ନର୍କିଆ ୪-୦-୪୧-୦
କେଶବ ମହାରାଜ ୨-୦-୨୫-୦
ଡୋନୋଭାନ ଫେରିରା ୨-୦-୧୩-୧।
**ଦକ୍ଷିଣ ଆଫ୍ରିକା ଇନିଂସ**
କ୍ୱିଣ୍ଟନ ଡି'କକ୍-କ-ଅଭିଷେକ-ବୋ-ଅର୍ଶଦୀପ-୦
ଏଡେନ ମାରକ୍ରମ-ବୋ-ଅକ୍ଷର-୧୪
ଷ୍ଟ୍ରିଷ୍ଟାନ ଷ୍ଟବ୍ସ-କ-ଜିତେଶ-ବୋ ଅର୍ଶଦୀପ-୧୪
ଡିୱାଲ୍ଡ ବ୍ରେଭିସ୍-କ-ସୂର୍ଯ୍ୟକୁମାର-ବୋ-ବୁମ୍‌ରା-୨୨
ଡେଭିଡ୍ ମିଲର-କ-ଜିତେଶ-ବୋ-ହାର୍ଦ୍ଦିକ-୧
ଡୋନୋଭାନ୍ ଫେରିରା-କ-ଜିତେଶ-ବୋ-ବରୁଣ-୫
ମାର୍କୋ ଜାନସେନ-ବୋ-ବରୁଣ-୧୨
କେଶବ ମହାରାଜ-କ-ଜିତେଶ-ବୋ-ବୁମ୍‌ରା-୦
ଏନ୍‌ରିଚ ନର୍କିଆ-ବୋ-ଅକ୍ଷର-୧
ଲୁଥୋ ସୁପାମ୍ଲା-କ-ଅଭିଷେକ-ବୋ-ଦୁବେ-୨
ଲୁନ୍‌ଗି ଏନ୍‌ଗିଡ଼ି-ନଟ୍ ଆଉଟ୍-୨
ଅତିରିକ୍ତ-୧
ମୋଟ: (୧୨.୩ ଓଭର/୧୦ ଉଇକେଟ) ୭୪।
ଉଇକେଟ ପତନ: ୧/୦, ୨/୧୬, ୩/୪୦, ୪/୪୫, ୫/୫୦, ୬/୬୮, ୭/୬୮, ୮/୭୦, ୯/୭୨, ୧୦/୭୪।
**ବୋଲିଂ (ଭାରତ)**
ଅର୍ଶଦୀପ ସିଂ ୨-୦-୧୪-୨
ଯଶପ୍ରୀତ୍ ବୁମ୍‌ରା ୩-୦-୧୭-୨
ବରୁଣ ଚକ୍ରବର୍ତ୍ତୀ ୩-୦-୧୯-୨
ଅକ୍ଷର ପଟେଲ ୨-୦-୭-୨
ହାର୍ଦ୍ଦିକ ପାଣ୍ଡ୍ୟା ୨-୦-୧୬-୧
ଶିବମ ଦୁବେ ୦.୩-୦-୧-୧।




ଭିନ୍ନଭିନ୍ନ ବାର୍ତ୍ତାନେଇ ବାରବାଟୀରେ ଉପସ୍ଥିତ ଉଲ୍ଲସିତ ଦର୍ଶକ। (ଫଟୋ: ରାଜକିଶୋର ମହାନ୍ତି)

## ମହାପ୍ରଭୁଙ୍କ ଆଶୀର୍ବାଦ ନେଲେ ଭାରତୀୟ ଖେଳାଳି ଓ କୋଚ୍

**ପୁରୀ, ୯।୧୨(ଅଜିତ୍ କୁମାର ମହାନ୍ତି)**

କଟକର ବାରବାଟୀ ଷ୍ଟାଡିୟମରେ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ପ୍ରଥମ ଟି୨୦ ମ୍ୟାଚ୍ ମଙ୍ଗଳବାର ଅନୁଷ୍ଠିତ ହୋଇଛି। ଏହି ମୁକାବିଲା ପୂର୍ବରୁ ଭୁବନେଶ୍ୱରରୁ ପୁରୀ ଆସି ମହାପ୍ରଭୁଙ୍କ ଆଶୀର୍ବାଦ ନେଇଛନ୍ତି ଭାରତୀୟ ଖେଳାଳି ଓ ସପୋର୍ଟ ଷ୍ଟାଫ୍। ଟିମ୍ ଇଣ୍ଡିଆ ଅଧିନାୟକ ଏବଂ କୋଚ୍‌ଙ୍କ ସମେତ ଅନ୍ୟ କେତେଜଣ ଖେଳାଳି ମଙ୍ଗଳବାର ପୂର୍ବାହ୍ନରେ କଡ଼ା ସୁରକ୍ଷା ମଧ୍ୟରେ ପୁରୀ ଆସି ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କ ଦର୍ଶନକରି ଆଶୀର୍ବାଦ ନେଇଛନ୍ତି। ଟିମ୍ ଇଣ୍ଡିଆ କୋଚ୍ ଗୌତମ ଗମ୍ଭୀର, ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଏବଂ ତାଙ୍କ ସ୍ତ୍ରୀ ଦେଭିସା ଶେଟ୍ଟି,, ତିଲକ ବର୍ମା, ଜିତେଶ ଶର୍ମାଙ୍କ ସମେତ ଅନ୍ୟାନ୍ୟ ସପୋର୍ଟ ଷ୍ଟାଫ୍ କଡ଼ା ସୁରକ୍ଷା ବଳୟ ମଧ୍ୟରେ ଆସି ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ କରିଥିଲେ। ସିଂହଦ୍ୱାର ସମ୍ମୁଖରେ ଟିମ୍ ଇଣ୍ଡିଆ ସଦସ୍ୟ ପହଞ୍ଚିବା ପରେ ଜିଲା ପ୍ରଶାସନ, ଶ୍ରୀମନ୍ଦିର ପ୍ରଶାସନ, ସେବାୟତ ମାନଙ୍କ ପକ୍ଷରୁ ସ୍ୱାଗତ କରାଯାଇଥିଲା। ପରେ ସମସ୍ତେ ବାଇଶିପାହାଚ ଦେଇ ଶ୍ରୀମନ୍ଦିର ଯାଇ ରତ୍ନ ସିଂହାସନାରୂଢ଼ ଶ୍ରୀବିଗ୍ରହମାନଙ୍କ ଦର୍ଶନ କରିଥିଲେ। ଏହି ଅବସରରେ କୋଚ୍ ଗମ୍ଭୀର ଓ ଅଧିନାୟକ ସୂର୍ଯ୍ୟକୁମାରଙ୍କୁ ସେବାୟତ ମହାପ୍ରଭୁଙ୍କ ନିକଟରୁ ଫୁଲମାଳ ଆଣି ପ୍ରଦାନ କରିଥିଲେ।



ମହାପ୍ରଭୁଙ୍କ ଦର୍ଶନପରେ ଟିମ୍ ଇଣ୍ଡିଆ କୋଚ୍ ଗୌତମ ଗମ୍ଭୀର, ତିଲକ ବର୍ମା ଓ ଅନ୍ୟମାନେ।

ମହାପ୍ରଭୁଙ୍କ ଦର୍ଶନକରି କିଛି ସମୟ ମନ୍ଦିର ପରିସରରେ ଅତିବାହିତ କରିବାପରେ ପ୍ରସ୍ଥାନ କରିଥିଲେ। ଶ୍ରୀମନ୍ଦିର ବାହାରେ ଖେଳାଳି ଓ ସମସ୍ତ ଷ୍ଟାଫ୍‌ଙ୍କୁ ମହାପ୍ରଭୁଙ୍କ ଶ୍ରୀଅଙ୍ଗଲାଗି ଖଣ୍ଡୁଆ ପ୍ରଦାନ କରାଯାଇଥିଲା। ଏହି ଅବସରରେ ପୁରୀ ଜିଲାପାଳ ଓ ଏସ୍‌ପି, ଶ୍ରୀମନ୍ଦିର ପ୍ରଶାସନିକ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

ଭାରତୀୟ ଖେଳାଳି ଓ ସପୋର୍ଟ ଷ୍ଟାଫ୍‌ଙ୍କ ଗସ୍ତକୁ ଦୃଷ୍ଟିରେ ରଖି ପ୍ରଶାସନ ଓ ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ମନ୍ଦିର ପରିସର ଏବଂ ସିଂହଦ୍ୱାରରେ ଅତିରିକ୍ତ ଫୋର୍ସ ମୁତୟନ କରାଯାଇଥିଲା। ଏ ଅବସରରେ ଓସିଏ କର୍ମକର୍ତ୍ତା ରବି ଶଙ୍କର ପ୍ରତିହାରୀ କହିଛନ୍ତି, ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ କରିଛନ୍ତି ଭାରତୀୟ କ୍ରିକେଟ ଟିମ୍‌ର ଅଧିନାୟକଙ୍କ ସହ କୋଚ୍ ଏବଂ ବରିଷ୍ଠ ଖେଳାଳିମାନେ। ଭାରତ ମାଟିରେ ଭାରତର ଟେକ ରଖିବା ପାଇଁ ମହାପ୍ରଭୁଙ୍କ ଶରଣ ଯାଇ ଆଶୀର୍ବାଦ ଭିକ୍ଷା କରିଛନ୍ତି। ଜୟ ବିଜୟ ଦ୍ୱାର ନିକଟରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ଦର୍ଶନ କରି ସମସ୍ତେ ଭାବବିହ୍ୱଳ ହୋଇପଡ଼ିଥିଲେ ବୋଲି ପ୍ରତିହାରୀ କହିଛନ୍ତି। ଏନେଇ ଏସ୍‌ପି ପ୍ରତୀକ ସିଂ କହିଛନ୍ତି, ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ଖେଳାଳିମାନଙ୍କୁ ମନ୍ଦିର ଭିତରେ ଜିଲା ପ୍ରଶାସନ ଓ ମନ୍ଦିର ପ୍ରଶାସନ ତରଫରୁ ଦର୍ଶନ ବ୍ୟବସ୍ଥା କରାଇଥିଲେ। ସମସ୍ତେ ଭଲରେ ମହାପ୍ରଭୁଙ୍କ ଦର୍ଶନ କରିଛନ୍ତି। ଭକ୍ତମାନେ ମଧ୍ୟ ଏଥିରେ ସହଯୋଗ କରିଛନ୍ତି ବୋଲି ଏସ୍‌ପି ସିଂ ପ୍ରକାଶ କରିଛନ୍ତି।

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ